# ଧରିତ୍ରୀ
DHARITRI



ଭୁବନେଶ୍ୱର, ଶୁକ୍ରବାର, ନଭେମ୍ବର ୧୫/୨୦୨୪ (୧୮ ପୃଷ୍ଠା) | Bhubaneswar, Friday, November 15/2024 | Page 18 | ₹ 7.00 | SAMBALPUR

୫୦ଶ ଭାଗ ୩୫୦ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 350 | ମୂଲ୍ୟ ₹୭/-



# ଭୂମିକା ଚକ୍ଷୁ ପ୍ରତିଷ୍ଠାନ

## ରାଜ୍ୟ ବାସୀଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ



ଶ୍ରୀଯୁକ୍ତ ମୋହନ ଚରଣ ମାଝୀ
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା





ଡ଼ଃ ଭୀଷ୍ମ ପ୍ରସାଦ ରଥ
ଅଧକ୍ଷ, ଭୂମିକା ଚକ୍ଷୁ ପ୍ରତିଷ୍ଠାନ



ଡ଼ଃ ଭୂମିକା ରଥ
ନିର୍ଦ୍ଦେଶକ, ଭୂମିକା ଚକ୍ଷୁ ପ୍ରତିଷ୍ଠାନ

## ଭୁବନେଶ୍ୱରଠାରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀ ଭୂମିକା ଚକ୍ଷୁ ଚିକିତ୍ସା ପ୍ରତିଷ୍ଠାନକୁ ଉଦ୍‌ଘାଟନ କରୁଛନ୍ତି ।










କଟକ ପୁରୀ ବାଇପାସ୍ ଜାତୀୟ ରାଜପଥ ୩୧୬ ଭୁବନେଶ୍ୱରର କୋରଡ଼ କଣ୍ଟାଠାରେ ବୁଧବାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀଙ୍କ ଦ୍ୱାରା ଭୂମିକା ଚକ୍ଷୁ ଚିକିତ୍ସା ପ୍ରତିଷ୍ଠାନ ଉଦ୍‌ଘାଟିତ ହେବା ସହ ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ଉର୍ତ୍ସଗୀକୃତ କରିଛନ୍ତି । ରାଜ୍ୟର କୋଟି କୋଟି ଜନ ସାଧାରଣ ଏହି ଚକ୍ଷୁ ଚିକିତ୍ସା ପ୍ରତିଷ୍ଠାନ ଦ୍ୱାରା ଚିକିତ୍ସା ସୁବିଧା ପାଇପାରିବେ ।









BHOOMIKA
EYE INSTITUTE

# ଭୂମିକା ଚକ୍ଷୁ ପ୍ରତିଷ୍ଠାନ

# BHOOMIKA EYE INSTITUTE

"SINCE 2009 | COMMITTED TO EYE CARE"

N.H.-316, Puri by-pass, Koradakanta, Bhubaneswar, Odisha, Mob: 9777050048

"ଚକ୍ଷୁ ଚିକିତ୍ସା କ୍ଷେତ୍ରରେ ଦୀର୍ଘ ୧୫ବର୍ଷ ଧରି ଓଡ଼ିଶା ବାସୀଙ୍କ ସେବାରେ"

ଧରିତ୍ରୀ
DHARITRI
ଧରିତ୍ରୀ 50 Years
ଭୁବନେଶ୍ୱର, ଶୁକ୍ରବାର, ନଭେମ୍ବର ୧୫/୨୦୨୪ | Bhubaneswar, Friday, November 15/2024

# ଆଜିଠୁ କଟକ ବାଲିଯାତ୍ରା



ବାଲିଯାତ୍ରା ପାଇଁ ତଳପଡ଼ିଆରେ ନିର୍ମିତ ବାରବାଟୀ ଦୁର୍ଗ ତୋରଣ।

**କଟକ,୧୪।୧୧ (ଶିଳ୍ପା ପ୍ରିୟଦର୍ଶିନୀ)**

**■ ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ**
**■ ମିଳିପାରେ ଅନ୍ତର୍ଜାତୀୟ ମାନ୍ୟତା**

ଏସିଆ ମହାଦେଶର ସର୍ବବୃହତ ମୁକ୍ତାକାଶ ମେଳା ତଥା ଐତିହାସିକ କଟକ ବାଲିଯାତ୍ରା ଶୁକ୍ରବାରଠାରୁ ଆରମ୍ଭ ହେବ। ଅପରାହ୍ନ ୫ଟାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ବାଲିଯାତ୍ରା ମହୋତ୍ସବ-୨୦୨୪କୁ ଉଦ୍‌ଘାଟନ କରିବେ। ଏଥିସହ ୧୩ ରାଷ୍ଟ୍ରର ରାଷ୍ଟ୍ରଦୂତ ଏବଂ ହାଇକମିଶନରଙ୍କ ସମେତ ଅନ୍ୟ ଅତିଥିମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ବାଲିଯାତ୍ରା ୨୨ ତାରିଖ ପର୍ଯ୍ୟନ୍ତ ୮ଦିନ ଧରି ଚାଲିବ। ପ୍ରଥମ ଥର ବାଲିଯାତ୍ରା ପଡ଼ିଆରେ ପିଠା ମହୋତ୍ସବ ଆୟୋଜନ ହେବ। ବାଲିଯାତ୍ରା ମହୋତ୍ସବକୁ ଅନ୍ତର୍ଜାତୀୟ ମାନ୍ୟତା ବା ୟୁନେସ୍କୋ ସାର୍ଟିଫିକେଶନ୍ ହାସଲ କରିବା ଲକ୍ଷ୍ୟ ରଖାଯାଇ ଜିଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ଆରମ୍ଭ ହୋଇଛି ବୋଲି ଗୁରୁବାର ବାଲିଯାତ୍ରା ଉପର ପଡ଼ିଆଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ କହିଛନ୍ତି।

ଏନେଇ ଜିଲାପାଳ ଅଧିକ ସୂଚନା ଦେଇ କହିଛନ୍ତି, ଅତିଥିମାନେ ସିଲଭରସିଟି ବୋଟ କ୍ଲବଠାରୁ ୪ଟି ବୋଇତ ସଦୃଶ ବୋଟରେ ମଞ୍ଚ ନିକଟକୁ ଆସିବାର ☞ପୃଷ୍ଠା-୯

**ଆଜିର ସମ୍ପାଦକୀୟ** ଚାଇନା ଡରାଉଛି

# ମଧ୍ୟାହ୍ନଭୋଜନ ମୂଲ୍ୟରେ ୧ ଟଙ୍କା ବଢ଼ିଲା

**ମୁଖ୍ୟମନ୍ତ୍ରୀଙ୍କ ଘୋଷଣା**

**ଆଦର୍ଶ ବିଦ୍ୟାଳୟ ଛାତ୍ରାବାସ ହେଲା ମାଗଣା**

**ଭୁବନେଶ୍ୱର,୧୪।୧୧ (ଅନିଲ ଦାସ)**

ରାଜ୍ୟ ସରକାର ସ୍କୁଲ ପିଲାଙ୍କ ମଧ୍ୟାହ୍ନଭୋଜନ ଖର୍ଚ୍ଚକୁ ପ୍ରତି ପିଲା ପିଛା ଦୈନିକ ୧ ଟଙ୍କା ବୃଦ୍ଧି କରିଛନ୍ତି । ସେହିପରି ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଛାତ୍ରାବାସରେ ରହୁଥିବା ଛାତ୍ରୀଛାତ୍ରଙ୍କ ମାସିକ ୨ହଜାର ଟଙ୍କା ଖର୍ଚ୍ଚକୁ ମଧ ସମ୍ପୂର୍ଣ୍ଣ ଛାଡ଼ କରିଛନ୍ତି। ଆଦର୍ଶ ବିଦ୍ୟାଳୟ ଛାତ୍ରାବାସରେ ଛାତ୍ରୀଛାତ୍ରମାନେ ମାଗଣାରେ ରହିପାରିବେ। ରାଜ୍ୟ ସରକାର ସେମାନଙ୍କ ହଷ୍ଟେଲ ଖର୍ଚ୍ଚ ବହନ କରିବେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର କ୍ୟାପିଟାଲ ହାଇସ୍କୁଲ ପଡ଼ିଆରେ ଆୟୋଜିତ ରାଜ୍ୟସ୍ତରୀୟ ଶିଶୁ ଦିବସ ସମାରୋହ 'ସୁରଭି'ରେ ଯୋଗଦେଇ ଏହି ଘୋଷଣା କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ସ୍କୁଲ ଓ ଐତିହ୍ୟ ସ୍କୁଲ ଯୋଜନାର ଶୁଭାରମ୍ଭ କରିବା ସହ ମଧ୍ୟାହ୍ନ ଭୋଜନ ଖର୍ଚ୍ଚ ପ୍ରତି ପିଲାଙ୍କ ପିଛା ୧ ଟଙ୍କା ବୃଦ୍ଧି ଘୋଷଣା କରିଛନ୍ତି। ରାଜ୍ୟର ପ୍ରାୟ ୫୦ହଜାରରୁ ଊର୍ଦ୍ଧ୍ୱ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ପ୍ରାଥମିକ ଓ ଉଚ୍ଚପ୍ରାଥମିକ ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପଢୁଥିବା ପ୍ରାୟ ୪୩ଲକ୍ଷ ଛାତ୍ରୀଛାତ୍ର ଏହାଦ୍ୱାରା ଉପକୃତ ହେବେ। ଏବେ ପ୍ରତ୍ୟେକ ପ୍ରାଥମିକ ସ୍କୁଲ ଛାତ୍ରୀଛାତ୍ରଙ୍କ ମଧ୍ୟାହ୍ନଭୋଜନ ଖର୍ଚ୍ଚ ବାବଦରେ ରାଜ୍ୟ ସରକାର ଦୈନିକ ୫.୯୦ଟଙ୍କା ଓ ଉଚ୍ଚପ୍ରାଥମିକ ସ୍କୁଲ ଛାତ୍ରୀଛାତ୍ରଙ୍କ ପାଇଁ ୮.୮୨ଟଙ୍କା ଖର୍ଚ୍ଚ କରୁଛନ୍ତି। ବଜାର ଦରବୃଦ୍ଧିକୁ ଦୃଷ୍ଟିରେ ରଖି ସରକାର ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କ ପାଇଁ ଦୈନିକ ମଧ୍ୟାହ୍ନଭୋଜନ ଖର୍ଚ୍ଚରେ ୧ ଟଙ୍କା ବୃଦ୍ଧି କରିଛନ୍ତି। ଏଥିସହିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରାବାସରେ ରହୁଥିବା ଛାତ୍ରୀଛାତ୍ରଙ୍କଠୁ ନିଆଯାଉଥିବା ମାସିକ ୨ ହଜାର ଟଙ୍କା ଲେଖାଏ ଖାଇବା ଖର୍ଚ୍ଚକୁ ସମ୍ପୂର୍ଣ୍ଣ ଛାଡ଼ କରିବାକୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଅଭିଭାବକମାନଙ୍କ ଅନୁରୋଧକୁ ରକ୍ଷାକରି ସରକାର ଏହି ମାସିକ ଖର୍ଚ୍ଚ ବହନ କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟର ୩୧୪ ବ୍ଲକରେ ଓଡ଼ିଶା ଆଦର୍ଶ ସ୍କୁଲ ☞ପୃଷ୍ଠା-୯



ଭୁବନେଶ୍ୱର ୟୁନିଟ୍ -୩ କ୍ୟାପିଟାଲ ହାଇସ୍କୁଲରେ ଆୟୋଜିତ ରାଜ୍ୟସ୍ତରୀୟ ଶିଶୁ ଦିବସ ସମାରୋହରେ ଗୁରୁବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଛାତ୍ରୀଛାତ୍ରଙ୍କ ସହ ଆଲୋଚନାରତ। ନିକଟରେ ଅଛନ୍ତି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ଅନ୍ୟ ଅତିଥିମାନେ।

# ଫେବୃଆରୀ ୨୧ରୁ ମାଟ୍ରିକ୍ ପରୀକ୍ଷା

**କଟକ,୧୪।୧୧ (କାର୍ତ୍ତିକ ସାହୁ)**

**ଏକସଙ୍ଗେ ମଧ୍ୟମା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା**

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ (ମାଟ୍ରିକ) ପରୀକ୍ଷା-୨୦୨୫ ଆଗାମୀ ଫେବୃଆରୀ ୨୧ରୁ ଆରମ୍ଭ ହୋଇ ମାର୍ଚ୍ଚ ୬ତାରିଖରେ ଶେଷ ହେବ। ଉଭୟ ରେଗୁଲାର ଓ ଏକ୍ସ-ରେଗୁଲାର ପରୀକ୍ଷାର୍ଥୀଙ୍କ ନିମନ୍ତେ ଗୋଟିଏ କାର୍ଯ୍ୟସୂଚୀ ଓ ସମାନ ପ୍ରଶ୍ନପତ୍ର କରାଯାଇଥିବା ବୋର୍ଡ ପକ୍ଷରୁ ଗୁରୁବାର ବିଜ୍ଞପ୍ତି ପ୍ରକାଶ ପାଇଛି। ପ୍ରତ୍ୟେକ ପରୀକ୍ଷା ପୂର୍ବାହ୍ନ ୯ଟାରୁ ଆରମ୍ଭ ହୋଇ ୧୧ଟା ୩୦ରେ ସରିବ। କେବଳ ଗଣିତ ପରୀକ୍ଷାରେ ୧୫ ମିନିଟ ସମୟ ଅଧିକ ଦିଆଯିବ ଏବଂ ଉକ୍ତ ପରୀକ୍ଷା ୧୧ଟା ୪୫ରେ ସରିବ।

କାର୍ଯ୍ୟସୂଚୀ ଅନୁଯାୟୀ, ଫେବୃଆରୀ ୨୧ ତାରିଖ ଶୁକ୍ରବାର ପ୍ରଥମ ଭାଷା ଓଡ଼ିଆ, ବଙ୍ଗଳା, ହିନ୍ଦୀ, ଉର୍ଦ୍ଦୁ ଓ ତେଲୁଗୁ, ୨୪ ତାରିଖ ସୋମବାର ଦ୍ୱିତୀୟ ଭାଷା ଇଂଲିଶ, ହିନ୍ଦୀ, ପରିବେଶ ଓ ଜନସଂଖ୍ୟା ଶିକ୍ଷା (କେବଳ ମୂକ-ବଧିର ପରୀକ୍ଷାର୍ଥୀଙ୍କ ପାଇଁ), ୨୫ ତାରିଖ ମଙ୍ଗଳବାର ଟିଏଲ୍‌ଭି ପ୍ରାକ୍ଟିକାଲ, ୨୭ ତାରିଖ ଗୁରୁବାର ☞ପୃଷ୍ଠା-୯

# ଖଣିରେ ବେଆଇନ ଭାବେ ପଶି ଫସିଛନ୍ତି ୪,୦୦୦ ଶ୍ରମିକ

**ଜୋହାନ୍ସବର୍ଗ,୧୪।୧୧**

ଦକ୍ଷିଣ ଆଫ୍ରିକାର ଉତ୍ତରପଶ୍ଚିମ ପ୍ରଦେଶରେ ଥିବା ଏକ ଖଣିରେ ୪,୦୦୦ ବେଆଇନ ଖନନକାରୀ ଫସିରହିଛନ୍ତି। ବେଆଇନ ଖଣି ଖନନ ରୋକିବା ପଦକ୍ଷେପ ସ୍ୱରୂପ ସେମାନଙ୍କ ପାଖକୁ ମୌଳିକ ଆବଶ୍ୟକତା ପଠାଇବା ବନ୍ଦ କରିଦିଆଯାଇଛି। ଦକ୍ଷିଣ ଆଫ୍ରିକା ସରକାର ସେମାନଙ୍କୁ ସହାୟତା କରିବେ ନାହିଁ ବୋଲି କହିଛନ୍ତି। ଷ୍ଟିଲ୍‌ଫୋଣ୍ଟାଇନ୍‌ଠାରେ ଥିବା ଉକ୍ତ ଖଣିର ପ୍ରବେଶପଥକୁ ପୋଲିସ ବନ୍ଦ କରିଦେଇଛି। ସେଠାକୁ ବାହାରୁ କୌଣସି ସାମଗ୍ରୀ ଯାଇପାରୁ ନ ଥିବାରୁ ଶ୍ରମିକମାନେ ଖାଦ୍ୟ, ପାନୀୟ ଜଳ ଅଭାବର ସମ୍ମୁଖୀନ ହୋଇଛନ୍ତି। ଅତ୍ୟାବଶ୍ୟକ ସାମଗ୍ରୀ ନ ମିଳିଲେ, ଶ୍ରମିକମାନେ ବାହାରକୁ ପଳାଇଆସିବାକୁ ବାଧ୍ୟ ହେବେ ଏବଂ ସେମାନଙ୍କୁ ଗିରଫ କରାଯିବ ବୋଲି ପୋଲିସ କହିଛି। ୩ ଜଣଙ୍କୁ ଖଣିରୁ ବାହାର କରାଯାଇଥିବାବେଳେ ଭୂଗର୍ଭରେ ପ୍ରାୟ ୪,୦୦୦ ଶ୍ରମିକ ରହିଥିବା ସେମାନେ ସୂଚନା ଦେଇଛନ୍ତି। ☞ପୃଷ୍ଠା-୯



ଧରିତ୍ରୀ 50 Years

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ନଭେମ୍ବର ୧୫/୨୦୨୪ Bhubaneswar, Friday, November 15/2024



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- କୁଆଖାଇ ବୋଇତ ବନ୍ଦାଣ ମହୋତ୍ସବ, ସ୍ଥାନ: କାଳୀଘାଟ, କୁଆଖାଇ ସେତୁ, ପାଣ୍ଡରା, ସମୟ: ପ୍ରାତଃ ୪ଟା।
- କଳିଙ୍ଗ ସଂସ୍କୃତି ଓ ଐତିହ୍ୟ ସୁରକ୍ଷା ମଞ୍ଚ ପକ୍ଷରୁ ବୋଇତ ବନ୍ଦାଣ ଉତ୍ସବ, ସ୍ଥାନ: ଲିଙ୍ଗିପୁର-ନାଥପୁର ଘାଟ, ସମୟ: ପ୍ରାତଃ ୪ଟା ୩୦।
- ବାରଙ୍ଗ ମହୋତ୍ସବ କମିଟି ପକ୍ଷରୁ ବନ୍ଦାଣ ଉତ୍ସବ, ସ୍ଥାନ: ପୁରୀ ମୁଖ୍ୟ କେଲାନ, ବାରଙ୍ଗ ବ୍ଲକ ସମ୍ମୁଖ, ସମୟ: ପ୍ରାତଃ ୫ଟା।
- କୁଶଭଦ୍ରା ବୋଇତ ବନ୍ଦାଣ ଉତ୍ସବ, ସ୍ଥାନ: ବାଲିଅନ୍ତା ଶ୍ରୀନିକୁଞ୍ଜ ବିହାରୀ ମନ୍ଦିର ନିକଟ କୁଶଭଦ୍ରା ନଦୀ କୂଳ, ସମୟ: ସକାଳ ୮ଟା।
- ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ବିପ୍ଳବୀ ଶହୀଦ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ଅବସରରେ ଶ୍ରଦ୍ଧାଞ୍ଜଳି, ସ୍ଥାନ: ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତି, ଜାଭିୟର ମାର୍ଗ, ମୈତ୍ରୀ ବିହାର, ସମୟ: ସକାଳ ୮ଟା ୩୦।
- ଶ୍ରୀ ଗୁରୁ ନାନକ ଦେବଙ୍କ ଜନ୍ମଦିବସ, ସ୍ଥାନ: ଗୁରୁଦ୍ୱାର ସିଂ ସଭା, ଜନପଥ, ଖାରବେଳ ନଗର, ସମୟ: ସକାଳ ୯ଟା।
- ଶହୀଦ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ସମାରୋହ, ସ୍ଥାନ: ଜନତା ମଇଦାନ, ସମୟ: ପୂର୍ବାହ୍ନ ୧୦ଟା।
- ବୋଇତ ବନ୍ଦାଣ ଉତ୍ସବ ତଥା ସମ୍ରାଟ ଖାରବେଳଙ୍କ ଜୟନ୍ତୀ, ସ୍ଥାନ: ପାଛିକା ମଣ୍ଡପ, ଖଣ୍ଡଗିରି-ଉଦୟଗିରି ଐତିହ୍ୟ କ୍ଷେତ୍ର, ସମୟ: ପୂର୍ବାହ୍ନ ୧୦ଟା।
- ୱାଇଜ୍ ମହିଳା ସାମାଜିକ ଅନୁଷ୍ଠାନ ଭୁବନେଶ୍ୱରର ୯ମ ବାର୍ଷିକୋତ୍ସବ, ସ୍ଥାନ: ବୁଲନ ଭାଇ ସେବା ସଦନ, ସମୟ: ଅପରାହ୍ନ ୧ଟା ୧୫।
- ୪ର୍ଥ ନୃତ୍ୟସୁଧା ନୃତ୍ୟ ମହୋତ୍ସବ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ଅପରାହ୍ନ ୩ଟା।
- କବି ଧୀରେନ ଆଚାର୍ଯ୍ୟଙ୍କ ଗୀତି କବିତା ଉନ୍ମୋଚନ, ସ୍ଥାନ: କେଦାରନାଥ ଗବେଷଣା ପ୍ରତିଷ୍ଠାନ, ସମୟ: ଅପରାହ୍ନ ୫ଟା।
- ୧୨ତମ ଓଡ଼ିଶା ରାଗ ମହୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- କାର୍ତ୍ତିକେୟ ପୂଜା ଅବସରରେ କମିଟି ପକ୍ଷରୁ ଅପେରା ପାର୍ଟିର ନାଟକ ପରିବେଷଣ, ସ୍ଥାନ: ରୁଦ୍ରପୁର-ସୁନ୍ଦରାପାଟଣା ଗ୍ରାମ କ୍ଲବ ପଡ଼ିଆ, ସମୟ: ରାତି ୧୧ଟା।

## ପୁରୀ

- ସଙ୍ଗମ ଚାରିଟେବଲ ଟ୍ରଷ୍ଟ ଓ ବୋଇତ ବନ୍ଦାଣ ପରିଚାଳନା କମିଟି ପକ୍ଷରୁ ବୋଇତ ବନ୍ଦାଣ ଉତ୍ସବ ଓ ସଭା, ସ୍ଥାନ: ଦୁର୍ଗା ମଣ୍ଡପ ପଡ଼ିଆ, ନିମାପଡ଼ା, ସମୟ: ପ୍ରାତଃ ୪ଟା।
- କାର୍ତ୍ତିକ ପୂର୍ଣ୍ଣମୀ ଅବସରରେ ସାକ୍ଷୀଗୋପାଳଙ୍କ ସ୍ୱତନ୍ତ୍ର ନୀତିକାନ୍ତି ଓ ସୁନାବେଶ, ସ୍ଥାନ: ସାକ୍ଷୀଗୋପାଳ ମନ୍ଦିର, ସ୍ଥାନ: ସାକ୍ଷୀଗୋପାଳ, ସମୟ: ପ୍ରାତଃ ୫ଟା।
- ବିଂଶତମ ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ଶ୍ରୀ ଗୋପୀନାଥ ଦେବ ମନ୍ଦିର ଶ୍ରୀରାମଚନ୍ଦ୍ରପୁର, ସାକ୍ଷୀଗୋପାଳ, ସମୟ: ସନ୍ଧ୍ୟା ୬ଟା।
- ପଞ୍ଚକ ଅବସରରେ ଶରତ ରାହାସ ପୂର୍ଣ୍ଣାହୁତି, ସ୍ଥାନ: ପତିତପାବନ ମନ୍ଦିର ସମ୍ମୁଖ ଯଜ୍ଞ ମଣ୍ଡପ, ନିମାପଡ଼ା, ସମୟ: ସନ୍ଧ୍ୟା ୬ଟା।

## ଖୋର୍ଦ୍ଧା

- ବୋଇତ ବନ୍ଦାଣ ଉତ୍ସବ, ସ୍ଥାନ: ବେଗୁନିଆ ଦାଶ ଗାଡ଼ିଆ ପୋଖରୀ, ସମୟ: ସକାଳ ୯ଟା।
- ୩୬ତମ ଗୀତଯଜ୍ଞ ଶ୍ରୀମଦ୍ ଭାଗବତ ସପ୍ତାହ ଓ ପୁରାଣ ପାଠ ଉଦ୍‌ଯାପନୀ, ସ୍ଥାନ: ତାରେଶ୍ୱରଦେବ ମନ୍ଦିର ପରିସର, ଜଟଣୀ, ସମୟ: ଅପରାହ୍ନ ୪ଟା ୪୫।

## ବାଲେଶ୍ୱର

- ବୋଇତ ବନ୍ଦାଣ ଉତ୍ସବ ଓ ସୁବର୍ଣ୍ଣରେଖା ନଦୀ ଆଳତୀ, ସ୍ଥାନ: ବେଣାପୁରା ବାରୁଣୀ ପଡ଼ିଆ, ରାଜଘାଟ, ବସ୍ତା, ସମୟ: ପ୍ରାତଃ ୫ଟା।
- ଐତିହାସିକ ଶୂନ୍ୟମଣ୍ଡପରେ ପଞ୍ଚକ ମେଳା, ସ୍ଥାନ: ଶୂନ୍ୟମଣ୍ଡପ ପରିସର, କୁପାରୀ, ଖଇରା, ସମୟ: ପ୍ରାତଃ ୫ଟା।
- ଭଗିଆଶୁଣୀଙ୍କ ପୀଠରେ ମହାମନ୍ତ୍ର ନାମଯଜ୍ଞ, ସ୍ଥାନ: ଭଗିଆ, ସିମୁଳିଆ, ସମୟ: ଦିବସବ୍ୟାପୀ।
- ଜିଲାସ୍ତରୀୟ ନୃତ୍ୟ ପ୍ରତିଯୋଗିତା, ସ୍ଥାନ: ସାଇ ନୃତ୍ୟ ସଙ୍ଗୀତ ମହାବିଦ୍ୟାଳୟ, ବାଲେଶ୍ୱର, ସମୟ: ସକାଳ ୯ଟା।
- ପିପିଲି ସାହାବନ୍ଦର ବୋଇତ ବନ୍ଦାଣ ଓ ଉତ୍ସବ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଆରୁହାବୃତ୍ତି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଭୋଗରାଇ, ସମୟ: ଅପରାହ୍ନ ୩ଟା।
- ବାଲେଶ୍ୱର ଜିଲା ବ୍ୟାଡମିଣ୍ଟନ ଲିଗ୍ ସିଜନ୍-୧ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡ଼ିୟମ, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା।
- କମର୍ଦ୍ଦା ଥାନା ଦୁଡ଼ପଳଠାରେ ବର୍ଣ୍ଣାଢ୍ୟ ରାହସ ଉତ୍ସବ, ସ୍ଥାନ: ଦୁଡ଼ପଳ, ଭୋଗରାଇ, ସମୟ: ସନ୍ଧ୍ୟା ୭ଟା।
- ୨୦ତମ ରାସ ପୂର୍ଣ୍ଣିମା ମହୋତ୍ସବ ଘଟୋ ଉତ୍ତୋଳନ, ସ୍ଥାନ: ରାଉତପଡ଼ା ରାଧାକୃଷ୍ଣ ମନ୍ଦିର ପରିସର, ରୂପସା, ସମୟ: ରାତି ୮ଟା।

## ଭଦ୍ରକ

- ବୋଇତ ବନ୍ଦାଣ ଉତ୍ସବ, ସ୍ଥାନ: ବସନ୍ତିଆ, ବନ୍ତ, ସମୟ: ଭୋର ୪ଟା।
- ରାଧାକୃଷ୍ଣଙ୍କ ପୂଜା ଉତ୍ସବ, ସ୍ଥାନ: ବେଗନା, ବନ୍ତ, ସମୟ: ପ୍ରାତଃ ୫ଟା।
- ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: ତିହିଡ଼ି ବଜାର, ସମୟ: ସକାଳ ୬ଟା।
- ୧୭ତମ ବାର୍ଷିକ ସାଗର ସାଥୀ ବୋଇତ ବନ୍ଦାଣ ମହୋତ୍ସବ-୨୦୨୪, ସ୍ଥାନ: ଶାଶୁଭୁଆଣୁଣୀ, ଚୁଡ଼ାମଣି ଘାଟ, ବାସୁଦେବପୁର, ସମୟ: ସକାଳ ୭ଟା।
- ବୋଇତ ବନ୍ଦାଣ ଉତ୍ସବ, ସ୍ଥାନ: ବସନ୍ତିଆ, ବନ୍ତ, ସମୟ: ସକାଳ ୭ଟା।
- ବୋଇତ ବନ୍ଦାଣ, ସ୍ଥାନ: ଆଡ଼ିଆ, ବନ୍ତ, ସମୟ: ସକାଳ ୭ଟା।
- ବୋଇତ ବନ୍ଦାଣ ଉତ୍ସବ, ସ୍ଥାନ: କାନପୁର, ପୀରହାଟ, ତିହିଡ଼ି, ସମୟ: ସକାଳ ୮ଟା।
- ରଙ୍ଗୋଲି ପ୍ରତିଯୋଗିତା, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ତିହିଡ଼ି, ସମୟ: ସକାଳ ୯ଟା।
- ଗୀତା ଜ୍ଞାନଯଜ୍ଞ, ସ୍ଥାନ: ଭୈରବପୁର ରାଧାକୃଷ୍ଣ ମନ୍ଦିର ପରିସର, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ବୋଇତ ବନ୍ଦାଣ ଉତ୍ସବ, ସ୍ଥାନ: ଗଙ୍ଗାମାତା ପଡ଼ିଆ, ଧାମରା, ସମୟ: ପୂର୍ବାହ୍ନ ୧୧ଟା।
- ୨୪ତମ ଭଦ୍ରକ ପୁସ୍ତକ ମେଳା ଉଦ୍‌ଘାଟନ, ସ୍ଥାନ: ମନମୋହନ ସଙ୍ଗୀତ ପଡ଼ିଆ, ଭଦ୍ରକ, ସମୟ: ଅପରାହ୍ନ ୪ଟା।
- କାର୍ତ୍ତିକେଶ୍ୱର ପୂଜା, ସ୍ଥାନ: ଗୋବିନ୍ଦପୁର, ବନ୍ତ, ସମୟ: ରାତି ୧୨ଟା।

## କେନ୍ଦୁଝର

- ବୋଇତ ବନ୍ଦାଣ ଉତ୍ସବ, ସ୍ଥାନ: ରାଜନଗର ବୈତରଣୀ ନଦୀ ଶୈଯ୍ୟା, କାବେରୀ ଘାଟ, ପାଟଣା, ସମୟ: ପ୍ରାତଃ ୪ ଟା।
- 'ଧରତୀ ଅବା' ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ ତମ ଜନ୍ମଜୟନ୍ତୀ, ସ୍ଥାନ: କେନ୍ଦୁଝର ଧରଣୀଧର ବିଶ୍ୱବିଦ୍ୟାଳୟ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ସ୍ୱପ୍ନେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଭଜନ ସନ୍ଧ୍ୟା, ସ୍ଥାନ: ବଡ଼ରମ୍ପାସ, ଟୁକୁଣା ଛେନାପଦି, ସମୟ: ସନ୍ଧ୍ୟା ୬ ଟା।

## ମୟୂରଭଞ୍ଜ

- ସଦଗୋପ ସମାଜ ପକ୍ଷରୁ ଷୋହଳ ପ୍ରହର ନାମଯଜ୍ଞର ନାମାରମ୍ଭ, ସ୍ଥାନ: ଜୁବୁଲି ଲାଇବ୍ରେରୀ, ବାରିପଦା, ସମୟ: ପ୍ରାତଃ ୫ଟା।
- ମା'ଭୈରବୀ ମନ୍ଦିରର ବାର୍ଷିକୋତ୍ସବ, ସ୍ଥାନ: ଭୈରବୀ ମନ୍ଦିର ପ୍ରାଙ୍ଗଣ, ମୋରଡ଼ା ବ୍ଲକ ଅଧୀନ, ଚିତ୍ରଡ଼ା, ସମୟ: ସକାଳ ୬ଟା।
- ମା'କୀଚକେଶ୍ୱରୀଙ୍କ ସୁନାବେଶ, ସ୍ଥାନ: ରରୁଆଁ ବ୍ଲକ ଅଧୀନ ଖିଚିଂ ମନ୍ଦିର, ସମୟ: ସକାଳ ୭ଟାରୁ ଅପରାହ୍ନ ୩ଟା।
- ଚିନ୍ମୟ ମିଶନ ଆନୁକୂଲ୍ୟରେ ମହାଭାରତ ଜ୍ଞାନ ଯଜ୍ଞ, ସ୍ଥାନ: ଜୁବୁଲି ଲାଇବ୍ରେରୀ ପଡ଼ିଆ, ବାରିପଦା, ସମୟ: ସକାଳ ୭ଟାରୁ ୮ଟା।
- ରାଧାକୃଷ୍ଣ ପୂଜା ଓ ଷୋହଳ ପ୍ରହର ନାମଯଜ୍ଞର ନାମାରମ୍ଭ, ସ୍ଥାନ: ହାତୀମଡ଼ା, ବଡ଼ସାହି ବ୍ଲକ, ସମୟ: ସକାଳ ୮ଟା।

## ବ୍ରହ୍ମପୁର

- ବ୍ରହ୍ମପୁର ଅନ୍ତର୍ଜାତୀୟ ଟ୍ରେଡ ଫେୟାର, ସ୍ଥାନ: ୟୁସିପି ଇଞ୍ଜିନିୟରିଂ ସ୍କୁଲ ଖେଳପଡିଆ, ସମୟ: ସନ୍ଧ୍ୟା ୫ଟା ୩୦।

## ଗଞ୍ଜାମ

- ଅଷ୍ଟପ୍ରହର ନାମ ସଂକୀର୍ତ୍ତନ, ସ୍ଥାନ: ବୁଗୁଡା ବିରଞ୍ଚିପୁର, ସମୟ: ସକାଳ ୭ଟା।
- କାର୍ତ୍ତିକ ପୂର୍ଣ୍ଣମୀ ଉତ୍ସବ, ସ୍ଥାନ: ବୁଗୁଡା ବୁଦ୍ଧଖୋଲ, ସମୟ: ସକାଳ ୮ଟା।
- ବୋଇତ ବନ୍ଦାଣ ଉତ୍ସବରେ ରାମାୟଣ ନାଟକ, ସ୍ଥାନ: ଖଲ୍ଲିକୋଟ ସକଳେଶ୍ୱର ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ବୋଇତ ବନ୍ଦାଣ ମହୋତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଗୋପାଳପୁର ବେଳାଭୂମି ମୁହାଣ, ସମୟ: ପୂର୍ବାହ୍ନ ୧୦ଟାରୁ ଆରମ୍ଭ।

## କନ୍ଧମାଳ

- ଜନଜାତୀୟ ଗୌରବ ଦିବସ ପାଳନ, ସ୍ଥାନ: ଫୁଲବାଣୀ ବିଟିମି ପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- 'ଆମେ ଜାଣିବା ଆମେ ଜିଣିବା' କାର୍ଯ୍ୟକ୍ରମ, ସ୍ଥାନ: ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଦାରିଙ୍ଗବାଡି, ସମୟ: ପୂର୍ବାହ୍ନ ୧୦ଟା।
- ବିର୍ସାମୁଣ୍ଡାଙ୍କ ଜୟନ୍ତୀରେ ସଭା, ଶୋଭାଯାତ୍ରା, ସ୍ଥାନ: ସାରିଙ୍ଗିଇର୍ପି ସଭା ପଡିଆ, ଦାରିଙ୍ଗବାଡି, ସମୟ: ପୂର୍ବାହ୍ନ ୧୦ଟା।

## ଢେଙ୍କାନାଳ

- ସନ୍ଧ୍ୟାତାରା ପକ୍ଷରୁ ବୋଇତ ବନ୍ଦାଣ ଉତ୍ସବ, ସ୍ଥାନ: ଭାଗୀରଥୀ ସାଗର(ନୂଆ ପୋଖରୀ), ସମୟ: ପ୍ରାତଃ ୫ଟା୩୦।
- କପିଳାସ ମହୋତ୍ସବ ଉଦ୍‌ଘାଟନ ସମାରୋହ, ସ୍ଥାନ: କପିଳାସ ଶୈବପୀଠ, ସମୟ: ସକାଳ ୯ଟା।
- ଜନଜାତୀୟ ଗୌରବ ଦିବସ, ସ୍ଥାନ: ମିନି ଷ୍ଟାଡିୟମ ଢେଙ୍କାନାଳ, ସମୟ: ସକାଳ ୯ଟା ୧୫।
- ବୋଇତ ବନ୍ଦାଣ ଉତ୍ସବ , ସ୍ଥାନ: ସରାଙ୍ଗ ଅନନ୍ତ ଶୟନ, ପରଜଙ୍ଗ, ସମୟ: ପୂର୍ବାହ୍ନ ୧୦ଟା।

## ଜଗତ୍‌ସିଂହପୁର

- ହନୁମାନ ଉପାସନା ସମିତି ପକ୍ଷରୁ କାର୍ତ୍ତିକ ପୂର୍ଣ୍ଣିମା ଯଜ୍ଞ ସମାପନ ଉତ୍ସବ, ସ୍ଥାନ: ହନୁମାନ ମନ୍ଦିର ବେଳାଭୂମି ରାସ୍ତା ପାରାଦୀପ, ସମୟ: ସକାଳ ୬ଟା।
- ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ବନ୍ଦର ଦିବସ ଓ ବୋଇତ ବନ୍ଦାଣ ଉତ୍ସବ, ସ୍ଥାନ: ମେରାଇନ ଜେଟି, ନିଷିଦ୍ଧାଞ୍ଚଳ, ପାରାଦୀପ, ସମୟ: ସକାଳ ୭ଟା୩୦।
- ଦଶମ ବାର୍ଷିକ ବୋଇତ ବନ୍ଦାଣ ଉତ୍ସବ, ନାଉଗାଁ ମହୋତ୍ସବ, ସ୍ଥାନ: ଶିଖର ଘାଟ ବାଲିଯାତ୍ରା ପଡ଼ିଆ, ନାଉଗାଁ, ସମୟ: ସକାଳ ୮ଟା।
- ଟେଙ୍ଗିତୋଳ ବୋଇତ ବନ୍ଦାଣ ଉତ୍ସବ, ସ୍ଥାନ: ମହାନଦୀ ତାରତୋଲ ପୋଲ ସନ୍ନିକଟ, ସମୟ: ସକାଳ ୮ଟା।

## କେନ୍ଦ୍ରାପଡ଼ା

- ଗରାପୁରସ୍ଥ ଦିବ୍ୟ ଜୀବନ ସଂଘ ପକ୍ଷରୁ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ, ସ୍ଥାନ: ଇଚ୍ଛାପୁର ରଥଦାଣ୍ଡ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୬ଟା।
- ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ପକ୍ଷରୁ ବୋଇତ ବନ୍ଦାଣ ଉତ୍ସବ, ସ୍ଥାନ: ପତ୍ରପୁର ସେତୁ, ପଟ୍ଟାମୁଣ୍ଡାଇ, ସମୟ: ସକାଳ ୮ଟା।।
- ଜିଲାସ୍ତରୀୟ ଜନଜାତୀୟ ଗୌରବ ଦିବସ, ସ୍ଥାନ: ସଂସ୍କୃତି ଭବନ, ଉଦୟନଗର, ଡେରାବିଶ, ସମୟ: ୧୧ଟା।
- ଶ୍ରୀ ଭାଗବତ ପାରାୟଣ ଉପଲକ୍ଷେ ବାବା ବଳିଆଙ୍କ ଦିବ୍ୟ ପ୍ରବଚନ, ସ୍ଥାନ: ମା'ମଙ୍ଗଳା ଭାଗବତ ଟୁଙ୍ଗି, ବଡକୂଳ, ଦଶମୌଜି, ମହାକାଳପଡା, ସମୟ: ସନ୍ଧ୍ୟା ୬ଟା।
- କାର୍ତ୍ତିକେଶ୍ୱରଙ୍କ ଭସାଣି ଉତ୍ସବ, ସ୍ଥାନ: ତାଳସଙ୍ଗା, ମାର୍ଶାଘାଇ, ସମୟ- ସନ୍ଧ୍ୟା ୬ଟା।

## ଯାଜପୁର

- କଳାକାର ଓଡ଼ିଶା ପକ୍ଷରୁ ୩୬ତମ ବୋଇତ ବନ୍ଦାଣ ଉତ୍ସବ ପାଳନ, ସ୍ଥାନ: ବଡ଼ଚଣା ବ୍ଲକ ଅନ୍ତର୍ଗତ ଖଡ଼ଗପୁର ବିରୂପା ନଦୀକୂଳ, ସମୟ: ସକାଳ ୮ଟା।
- ଅଖିଳ ଚକ୍ର ପକ୍ଷରୁ ବୋଇତ ବନ୍ଦାଣ ଉତ୍ସବ, ସ୍ଥାନ : ବିଞ୍ଝାରପୁର ବରୁଣେଶ୍ୱର ମନ୍ଦିର ନିକଟ, ସମୟ : ସକାଳ ୮ଟା।
- ଜିଲା ପ୍ରଶାସନ ପକ୍ଷରୁ ଜନଜାତୀୟ ଗୌରବ ଦିବସ, ସ୍ଥାନ: ସୁକିନ୍ଦା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ବନ୍ଦେ ଉତ୍କଳ ଜନନୀ ପକ୍ଷରୁ ବୋଇତ ବନ୍ଦାଣ, ସ୍ଥାନ: ଧର୍ମଶାଳା ବ୍ଲକର ଶ୍ୟାମସୁନ୍ଦର ଜୀଉ ପୁଷ୍କରିଣୀ, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱଶାନ୍ତି ରୁଦ୍ର ମହାଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ଧର୍ମଶାଳା ବ୍ଲକ ନିଳାଦେଇପୁର ଗ୍ରାମସ୍ଥିତ ଜ୍ଞାନେଶ୍ୱର ମହାଦେବ ପୀଠ, ସମୟ ରାତି ୮ଟା।

## ନୟାଗଡ଼

- ବୋଇତ ବନ୍ଦାଣ ଉତ୍ସବର ଉଦ୍‌ଯାପନ ଉତ୍ସବର ସାଂସ୍କୃତିକ କାର୍ଯ୍ୟକ୍ରମରେ ଡଅପୋଇ, ସ୍ଥାନ:ନୟାଗଡ଼ ସହର ମା'ଦକ୍ଷିଣ କାଳୀଙ୍କ ଯାତ୍ରା ପଡ଼ିଆ, ସମୟ:ସକାଳ ୭ଟା ୩୦।
- କାର୍ତ୍ତିକେଶ୍ୱର ପୂଜା, ସ୍ଥାନ: ନୟାଗଡ଼ ପୁରୁଣା ମନ୍ଦିର ସମ୍ମୁଖ ଜଗନ୍ନାଥ ମନ୍ଦିର, ସମୟ: ସକାଳ ୮ଟା।
- ପଞ୍ଚୁକ ଅବସରରେ ମାଗଣା ପ୍ରସାଦ ବଣ୍ଟନର ୫ମ ଦିବସ, ସ୍ଥାନ: ନୟାଗଡ଼ ସହର ୧୬ନଂ. ୱାର୍ଡ ମଧୁସୂଦନ ବିହାରର ଶ୍ୟାମାକାଳୀ ଠାକୁରାଣୀ ମନ୍ଦିର , ସମୟ:ଅପରାହ୍ନ ୧ଟା।
- ରାସୋତ୍ସବର ଷଷ୍ଠ ଦିବସରେ ପଶା ଖେଳ ଓ ରାଇ ପୂଜା, ସ୍ଥାନ:ଦଶପଲ୍ଲା ସହର ଶ୍ରୀଶ୍ରୀ ଗୋପୀନାଥ ଜୀଉ ସାତପାଟଣା ମନ୍ଦିର, ସମୟ:ରାତି ୮ଟା।

## ରାୟଗଡ଼ା

- ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ଉପଲକ୍ଷେ ଜନଜାତୀୟ ଗୌରବ ଦିବସ ସମାରୋହ କାର୍ଯ୍ୟକ୍ରମ, ସ୍ଥାନ: ସେଫାଳି ପାହାଡ଼ ରାସ୍ତା ତହସିଲ ପଡିଆ, ଗୁଣପୁର, ସମୟ: ସକାଳ ୯ଟା।
- କାର୍ତ୍ତିକ ପର୍ଣ୍ଣିମା ଅବସରରେ ଅଷ୍ଟ ପ୍ରହରୀ ନାମ ସଙ୍କୀର୍ତ୍ତନ, ସ୍ଥାନ: ବଂଶଧାରା ତ୍ରିବେଣୀ ପୁଷ୍କର ଘାଟ, ଗୁଡାରି, ସମୟ: ସନ୍ଧ୍ୟା ୭ ଟା।

## ନବରଙ୍ଗପୁର

- ଜିଲାସ୍ତରୀୟ ଜନଜାତୀୟ ଗୌରବ ଦିବସ, ସ୍ଥାନ: ଆର୍‌ସିଡି ହାଇସ୍କୁଲ ପଡ଼ିଆ, ସମୟ: ପୂର୍ବାହ୍ନ ୯ଟା।
- ଜନଜାତିୟ ଗୌରବ ବର୍ଷ ପାଳନ ଅବସରରେ ସ୍ୱତନ୍ତ୍ର ଗ୍ରାମସଭା, ତାଲିମ କାର୍ଯ୍ୟକ୍ରମ, ସ୍ଥାନ: ଡାବୁଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଗଣଧାରଣା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ମଧ୍ୟାହ୍ନ ୧୨ଟା।

## କୋରାପୁଟ

- ଶାବର ଶ୍ରୀକ୍ଷେତ୍ରରେ ବୋଇତ ବନ୍ଦାଣ ଉତ୍ସବ, ସ୍ଥାନ: ନରେନ୍ଦ୍ର ପୁଷ୍କରିଣି, କୋରାପୁଟ, ସମୟ: ଭୋର ୫ଟା।
- ଜିଲାସ୍ତରୀୟ ଜନ ଜାତୀୟ ଗୌରବ ଦିବସ ପାଳନ, ସ୍ଥାନ: କୋରାପୁଟ ପୋଲିସ ପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ଏକଲବ୍ୟ ମଡେଲ ଆବାସିକ ସ୍କୁଲ ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ପାଡୁଆ, ନନ୍ଦପୁର ବ୍ଲକ୍, ସମୟ : ପୂର୍ବାହ୍ନ ୧୧ ଟା।
- ପଞ୍ଚାୟତସ୍ତରୀୟ ପରବ ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ଭିତରଗଡ ଗ୍ରାମ, ଲକ୍ଷ୍ମୀପୁର ବ୍ଲକ୍, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର

- ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ : ଅଇଁଠାପାଲିସ୍ଥିତ ବୀର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତି, ସମୟ : ସକାଳ : ୮ଟା।
- ବିର୍ସା ମୁଣ୍ଡା ଜୟନ୍ତୀ ଉପଲକ୍ଷେ ଜିଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ସାଂସ୍କୃତିକ ଶୋଭାଯାତ୍ରା, ସ୍ଥାନ : ସାକ୍ଷୀପଡା, ସମୟ : ଅପରାହ୍ନ ୩ଟା।
- ଫାଇନ ଆର୍ଟ ଏକକ ପ୍ରଦର୍ଶନୀ, ସ୍ଥାନ: ଗୌରିଶଙ୍କର ପାର୍କ ସ୍ଥିତ ଆଞ୍ଚଳିକ ଆର୍ଟ ଗ୍ୟାଲେରି, ସମୟ : ପୂର୍ବାହ୍ନ ୧୧ଟାରୁ ରାତି ୭ଟା ୩୦।
- ରାତ୍ରିକାଳୀନ ପ୍ରବଚନ କାର୍ଯ୍ୟକ୍ରମ, ରାମଜୀ ମନ୍ଦିର ନିକଟସ୍ଥ ଗୀତା ଗୁଡ଼ି, ସମୟ : ସନ୍ଧ୍ୟା ୬ଟା ୩୦।

## ବଲାଙ୍ଗୀର

- ଜିଲାସ୍ତରୀୟ ଜନଜାତୀୟ ଗୌରବ ଦିବସ, ସ୍ଥାନ: କୋଶଳ କଳାମଣ୍ଡଳ ପଡିଆ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।

## ସୁବର୍ଣ୍ଣପୁର

- କାର୍ତ୍ତିକ ପୂର୍ଣ୍ଣମୀରେ ସ୍ୱତନ୍ତ୍ର ଆଳତୀ, ସ୍ଥାନ: ଅମରପାଲି ଭାଗବତ ମନ୍ଦିର, ବୀରମହାରାଜପୁର ବ୍ଲକ, ସମୟ: ସକାଳ ୬ଟା।
- କାର୍ତ୍ତିକ ପୂର୍ଣ୍ଣମୀ ଅବସରରେ ଅଷ୍ଟ ପ୍ରହର ନାମଯଜ୍ଞ ଶୁଭାରମ୍ଭ, ସ୍ଥାନ: ସୋନପୁର ଛନ୍ଛାନ୍ ଡୁଙ୍ଗୁରିସ୍ଥିତ ଯୋଗେଶ୍ୱର ମନ୍ଦିର, ସମୟ: ସକାଳ ୭ଟା।
- ୯୨ତମ ଚବିଶ ପ୍ରହର ନାମଯଜ୍ଞ ସମାପନ, ସ୍ଥାନ: ସୋନପୁର ଗଙ୍ଗାଧର ମେହେର ଛକ, ସମୟ: ସକାଳ ୮ଟା।
- ଅଷ୍ଟ ପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ବାଘମାରୀ, ବୀରମହାରାଜପୁର ବ୍ଲକ, ସମୟ: ସକାଳ ୮ଟା।
- ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପନୀ, ସ୍ଥାନ: ଚମ୍ପାମାଳ, ବୀରମହାରାଜପୁର ବ୍ଲକ, ସମୟ: ସକାଳ ୮ଟା।
- ଅଷ୍ଟ ପ୍ରହର ନାମଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ଚମ୍ପାପୁର, ବୀରମହାରାଜପୁର ବ୍ଲକ, ସମୟ: ସକାଳ ୮ଟା।
- ଅଷ୍ଟପ୍ରହର ନମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ରଥିପଡା,ବୀରମହାରାଜପୁର ବ୍ଲକ, ସମୟ: ସକାଳ ୯ଟା।
- ଅଷ୍ଟ ପ୍ରହର ନାମଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ହନୁମାନପାଲି, ସମୟ:ସକାଳ ୯ଟା,
- ଅଷ୍ଟ ପ୍ରହର ନାମଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ନୂଆଁଗଡ, ବୀରମହାରାଜପୁର ବ୍ଲକ, ସମୟ: ସକାଳ ୯ ଟା।
- କାର୍ତ୍ତିକ ପୂର୍ଣ୍ଣମୀ ଅବସରରେ ନୂଆପଡା ନାମଯଜ୍ଞ କମିଟି ପକ୍ଷରୁ ନଗର କିର୍ତ୍ତନ, ସ୍ଥାନ: ନୂଆପଡା(ବଡବଜାର), ସମୟ: ପୂର୍ବାହ୍ନ ୯ଟା।
- ୫୧୨୦ତମ ନିମ୍ବାର୍କ ଜୟନ୍ତୀ, ସ୍ଥାନ: ବୀରମହାରାଜପୁର ମିନି ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।
- ଅଖଣ୍ଡ ନାମଯଜ୍ଞ, ସ୍ଥାନ: ଖୁଣ୍ଟୁଲାପାଲି,ଉଲୁଣ୍ଡା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀମଦ୍ ଭାଗବତ ସପ୍ତାହ ପାରାୟଣ ଓ ପ୍ରବଚନ ସମାପନ, ସ୍ଥାନ: ସୋନପୁର ଭଗବତୀ ପ୍ଲଟ ସ୍ଥିତ ଅଗ୍ରସେନ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ପାତାଳି ଶ୍ରୀକ୍ଷେତ୍ରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଲକ୍ଷ୍ମୀନୃସିଂହ ବେଶ, ସ୍ଥାନ: କୋଟସମଲାଇ ପାତାଳି ଶ୍ରୀକ୍ଷେତ୍ର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଭାଗବତ ପାଠାଗାର ପକ୍ଷରୁ କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ବାଳକ ଭୋଜନ ସମାରୋହ, ସ୍ଥାନ: ସୋନପୁର ତେନ୍ତୁଲିଘାଟ, ସମୟ: ପୂର୍ବାହ୍ନ ୧୧ଟା ୪୫।
- ରାଜ୍ୟସ୍ତରୀୟ ନୌକାଚାଳନା ପ୍ରତିଯୋଗିତା, ସ୍ଥାନ: ସୋନପୁର ନିକଟସ୍ଥ ମହାନଦୀର ଲଙ୍କେଶ୍ୱରୀ ଗଣ୍ଡ, ସମୟ: ଅପରାହ୍ନ ୪ଟା ୩୦।
- ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଭାଗବତ ମନ୍ଦିର, ଦାଦରପାଲି, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- ଭାଗବତ ପାରାୟଣ, ସ୍ଥାନ: ଲୁଡୁରପଙ୍କ ଜଗନ୍ନାଥ ମନ୍ଦିର, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- ନୃସିଂହ ପୁରାଣ ପଠନ, ସ୍ଥାନ: ଭାଲୁଡୁଙ୍ଗୁରି ଭାଗବତ ମନ୍ଦିର, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- କାର୍ତ୍ତିକ ପୂର୍ଣ୍ଣମୀ ଉପଲକ୍ଷେ ସଙ୍ଗମ ଆଳତୀ ସମାରୋହ, ସ୍ଥାନ: ସୋନପୁର ସହର ରାମେଶ୍ୱର ସଙ୍ଗମ ସ୍ଥଳ, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼

- କୁଚ୍ ବିହାର ଟ୍ରଫି, ସ୍ଥାନ: କ୍ରୀଷ୍ଟା ବିକାଶ ଗ୍ରାଉଣ୍ଡ, ବରଗଡ଼, ସମୟ: ସକାଳ ୯ଟା।
- ସ୍ୱାଧୀନତା ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ସମାରୋହ, ସ୍ଥାନ: ଅଗ୍ରଗାମୀ ଯୁବକ ସଂଘ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱାଧୀନତା ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ସମାରୋହ, ସ୍ଥାନ: ଘେଁସ୍ ହାଇସ୍କୁଲ ପଡ଼ିଆ, ସୋହେଲା, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ଖୁଣ୍ଟପାଲି ବାଲିଯାତ୍ରା ପ୍ରାଙ୍ଗଣ, ବରଗଡ଼, ସମୟ: ଅପରାହ୍ନ ୨ଟା।
- ଓଡ଼ିଶୀ ସଙ୍ଗୀତର ବିଶେଷ କାର୍ଯ୍ୟକ୍ରମ ଆଳାପ, ସ୍ଥାନ: ରାଜାଜୀ ଟାଉନ ହଲ, ପଦ୍ମପୁର, ସମୟ: ଅପରାହ୍ନ ୫ଟା।

## ଝାରସୁଗୁଡ଼ା

- ଭାଗବତ ପରାୟଣ, ସ୍ଥାନ: କୁକୁରଜଙ୍ଗା ଜଗନ୍ନାଥ ମନ୍ଦିର, ସମୟ: ସକାଳ ୯ଟା।
- ଚତୁର୍ଦ୍ଦଶୀ ବ୍ରତ ପାଳନ, ସ୍ଥାନ: ବୃନ୍ଦାମାଲ ଶିବ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ଚର୍ତୁର୍ଦ୍ଦଶୀ ବ୍ରତ ପାଳନ, ସ୍ଥାନ: ପୁରୁଣାବସ୍ତି ଝଡେଶ୍ୱର ଶିବ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ବୀର୍ସା ମୁଣ୍ଡାଙ୍କ ଜୟନ୍ତୀ ସମାରୋହ, ସ୍ଥାନ: ନବ ଦାସ ଅଡିଟୋରିୟମ୍, ସମୟ: ପୂର୍ବାହ୍ନ ୧୧ଟା।

## ସୁନ୍ଦରଗଡ଼

- ବର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ଅବସରରେ ଜିଲା ସ୍ତରୀୟ ଜନଜାତୀୟ ଗୌରବ ଦିବସ, ସ୍ଥାନ: ଭବାନୀପୁର ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ,ସମୟ: ପୂର୍ବାହ୍ନ ୧୦ଟା।
- ବୀର ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତି ଅନାବରଣ, ସ୍ଥାନ: ନାରୀ କଲ୍ୟାଣ କେନ୍ଦ୍ର ସମ୍ମୁଖ ଛକ,ସମୟ: ସକାଳ ୯ଟା।
- ବୀର ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ସମାରୋହ, ସ୍ଥାନ: ସଂସ୍କୃତି ଭବନ, ସୁନ୍ଦରଗଡ, ସମୟ: ପୂର୍ବାହ୍ନ ୧୨ଟା।
- ଜିଲା କ୍ରୀଡା ସଂସଦ ଓ ଓଡିଶା କ୍ରିକେଟ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଜାତୀୟ ସ୍ତରୀୟ କର୍ଣ୍ଣେଲ ସି କେ ନାଇଡୁ ଟ୍ରଫି କ୍ରିକେଟ ଉଦ୍‌ଘାଟନୀ ସମାରୋହ, ସ୍ଥାନ: ସୁନ୍ଦରଗଡ ଷ୍ଟାଡିୟମ, ସମୟ: ସକାଳ ୮ଟା ୩୦।

## ରାଉରକେଲା

- କାର୍ତ୍ତିକ ପୂର୍ଣ୍ଣିମା ପାଳନ, ସ୍ଥାନ: ସେକ୍ଟର ୩ ଜଗନ୍ନାଥ ମନ୍ଦିର, ସମୟ: ସକାଳ ୬ଟା।
- ବିର୍ସା ମୁଣ୍ଡା ଛକରେ ବିର୍ସା ମୁଣ୍ଡା ଜୟନ୍ତୀ ପାଳନ, ସ୍ଥାନ: ରାଉରକେଲା ବିଶ୍ରା ଛକ, ସମୟ: ସକାଳ ୯ଟା।
- ଆର୍‌ଏସ୍‌ପି ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ରୌପ୍ୟ ଜୟନ୍ତୀ, ସ୍ଥାନ: କୋଏଲ ନଗର, ସମୟ: ପୂର୍ବାହ୍ନ ୧୧ଟା।
- ମାଧବ ଆଶ୍ରମରେ ଭାଗବତ ସପ୍ତାହ ଉଦ୍‌ଯାପିତ, ସ୍ଥାନ: ବାସନ୍ତୀ କଲୋନୀ, ସମୟ: ମଧ୍ୟାହ୍ନ୧୨ଟା।
- ଉଦିତନଗର ସାଂସ୍କୃତିକ ପରିଷଦ ପକ୍ଷରୁ ବୋଇତ ବନ୍ଦାଣ ଉତ୍ସବ ଉଦ୍‌ଯାପିତ, ସ୍ଥାନ: ଉଦିତନଗର ଆରଏମ୍‌ସି ପଡ଼ିଆ, ସମୟ: ରାତି ୯ଟା।

## ଦେବଗଡ଼

- କାର୍ତ୍ତିକ ମାସ ଅବସରରେ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ: ମଠ ସାହି ଛକ, ସମୟ: ପ୍ରାତଃ ୫ଟା।
- ଆନ୍ତଃ କ୍ଲବ କ୍ରିକେଟ ପ୍ରତିଯୋଗିତା, ସ୍ଥାନ: ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ୍, ଦେବଗଡ଼, ସମୟ: ସକାଳ ୯ଟା।
- ଶହୀଦ ବୀର୍ସା ମୁଣ୍ଡାଙ୍କ ଜୟନ୍ତୀ ଅବସରରେ ଜନଜାତି ଗୌରବ ବର୍ଷ ଉଦ୍‌ଘାଟନ, ସ୍ଥାନ: ଇନ୍‌ଡୋର ଷ୍ଟାଡିୟମ୍, ଦେବଗଡ଼, ସମୟ: ପୂର୍ବାହ୍ନ ୧୧ଟା।
- ଶହୀଦ ବୀର୍ସା ମୁଣ୍ଡାଙ୍କ ଜୟନ୍ତୀ ଅବସରରେ ଜନଜାତି ଗୌରବ ଦିବସ ପାଳନ, ସ୍ଥାନ: ତିଲେଇବଣି ବ୍ଲକ, ପାଲକୁଦର୍ ଗ୍ରାମ, ସମୟ: ପୂର୍ବାହ୍ନ ୧୧ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।

## କଳାହାଣ୍ଡି

- ଜିଲାସ୍ତରୀୟ ଜନଜାତି ଗୌରବ ଦିବସ, ସ୍ଥାନ: ଭବାନୀପାଟଣା ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।

## ନୂଆପଡ଼ା

- ରାଧାମାଧବ ପୂଜା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ ତରବୋଡ଼ କଲୋନି ଓ ବଙ୍ଗଳାପଡ଼ା, ସମୟ: ରାତ୍ର ୧୦ଟା।
- ରାଧାକୃଷ୍ଣ ପୂଜା ଉପଲକ୍ଷେ ପୁରାଣପାଠ, ସ୍ଥାନ: କୋମନା ବ୍ଲକ ବୃନ୍ଦିକୋମନା ପଞ୍ଚାୟତ ଡୋଙ୍ଗରିପାଲି ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।
- ରାଧାକୃଷ୍ଣ ପୂଜା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ ଝଗ୍ରାହୀ ପଞ୍ଚାୟତ କୋଟ୍ରିବାହାଲି ଗାଁ, ସମୟ: ରାତ୍ର ୯ଟା ୩୦।
- ଲକ୍ଷ୍ମୀନାରାୟଣ ପୂଜା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ ସିଆଲଟି ପଞ୍ଚାୟତ ଭାଲୁକୋନା ଗାଁ, ସମୟ: ରାତ୍ର ୯ଟା।

## ବୌଦ୍ଧ

- ଶ୍ରୀ ପୁରୁଷୋତ୍ତମ ଦିବ୍ୟଧାମ ଦାରୁବିଗ୍ରହ ଓ ପ୍ରତିଷ୍ଠା ଉତ୍ସବ ପାଳନ, ସ୍ଥାନ: ଶ୍ରୀ ପୁରୁଷୋତ୍ତମ ଦିବ୍ୟଧାମ ଠିକିଯୋର, ଚାରିଛକ, ହରଭଙ୍ଗା, ସମୟ: ସକାଳ ୭ଟା
- କରଡି ଚମ୍ପେଶ୍ୱର ମହାଦେବ ମନ୍ଦିରରେ ନବାହ୍ନ ପାରାୟଣ ପୂର୍ଣ୍ଣାହୁତି, ସ୍ଥାନ: କରଡି ମହାଦେବ ମନ୍ଦିର ପ୍ରାଙ୍ଗଣ, ହରଭଙ୍ଗା, ସମୟ: ସକାଳ ୮ଟା।
- ଅଖଣ୍ଡ ବିଶ୍ୱଶାନ୍ତି ଗୀତା ମହାଯଜ୍ଞ ଓ ଅଷ୍ଟପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ଟୁଟୁପାଲି ଜଗନ୍ନାଥ ମନ୍ଦିର, ସମୟ: ସକାଳ ୮ଟା।
- ବୌଦ୍ଧ ଜଗନ୍ନାଥ ମନ୍ଦିରରେ ନବାହ୍ନ ପାରାୟଣ ପୂର୍ଣ୍ଣାହୁତି, ସ୍ଥାନ: ଜଗନ୍ନାଥ ମନ୍ଦିରପ୍ରାଙ୍ଗଣ, ବୌଦ୍ଧ, ସମୟ : ସକାଳ ୯ଟା
- ବିଶ୍ୱଶାନ୍ତି ବସ୍ତୁ ମହାଯଜ୍ଞ ଓ ସନ୍ଥ ସମ୍ମିଳନୀର ପୂର୍ଣ୍ଣାହୁତି ସ୍ଥାନ: ଉମ୍ବରଗାଡ (କଙ୍କଳା), ବୌଦ୍ଧ, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ଜନଜାତୀୟ ଗୌରବ ଦିବସ, ସ୍ଥାନ: କଟେରି ଖେଳ ପଡିଆ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା।




# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସାହାଯ୍ୟ ସାଙ୍ଗକୁ ଆର୍ଥିକ ସ୍ଥିତି ମଜଭୁତ ରହିବାରୁ ଉତ୍ସାହିତ ହେବେ। ସାଧାରଣ ଘଟଣାକୁ କେନ୍ଦ୍ରକରି ବନ୍ଧୁ, ପରିବାର କ୍ଷେତ୍ରରେ ତିକ୍ତତା ସୃଷ୍ଟି ହୋଇପାରେ। ଆଲୋଚନା, ସଭାସମିତି, କଳା-ସାହିତ୍ୟ, ଗବେଷଣା କାର୍ଯ୍ୟରୁ ପ୍ରଶଂସିତ ହେବେ। ଆଶା କରିଥିବା କାମକୁ ହାସଲ କରିବାର ପ୍ରଯତ୍ନ କରିପାରନ୍ତି।

**ବୃଷ** ବନ୍ଧୁ ପରିସ୍ଥିତି ଚାପରେ ପଡ଼ି ଦୂରେଇଯିବାରୁ ମନରେ ଅସ୍ଥିରତା ସୃଷ୍ଟି ହୋଇପାରେ। ରାଜନୀତି ଓ ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ଜମିଜମା, ଯାନବାହନ, ପ୍ରେସ୍, ପବ୍ଲିକେଶନ ସ୍ତରରେ ରହିଥିବା ସମସ୍ୟା ଦୂରୀଭୂତ ହୋଇଯିବ। ପିଲାମାନଙ୍କୁ କେନ୍ଦ୍ରକରି ରହିଥିବା ସମସ୍ୟା ଦୁଶ୍ଚିନ୍ତାର କାରଣ ହୋଇପାରେ।

**ମିଥୁନ** ସାଥୀମେଳରେ ସମୟ କଟାଇବା ସହ ଅନାବଶ୍ୟକ ଖର୍ଚ୍ଚ କରିବାକୁ ବାଧହେବେ। ଘରର ବରାଦ ଅନୁଯାୟୀ ଫେରିବା ବାଟରୁ କିଛି ନୂଆ ଜିନିଷ ଘରକୁ ଆଣିପାରନ୍ତି। ପ୍ରଶାସନ, ପ୍ରକାଶନ, ସଂଗଠନ, ରାଜନୀତି, କଳା, ସାହିତ୍ୟ କ୍ଷେତ୍ରରେ ଶୁଭଫଳ ପାଇବେ। ସଚେତନତା ଅଭାବରୁ ସ୍ୱାସ୍ଥ୍ୟରେ ଅବନତି ପରିଲକ୍ଷିତ ହେବାର ଆଶଙ୍କା ରହିଛି।

**କର୍କଟ** ଗୁରୁକ୍ଷେତ୍ରସ୍ଥ ଶୁକ୍ର ହେତୁ ସାମାଜିକସ୍ତରରେ ନିଜର ଲୋକଙ୍କୁ ମନେଇ କାର୍ଯ୍ୟ ସାଧନ କରିବେ। ଆଜି ବଜାର ସଉଦା କରିବାରେ ସତର୍କ ନ ହେଲେ ଠକାମିରେ ପଡ଼ିପାରନ୍ତି। ସଭାସମିତି, ପରିବହନ, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରୁ ସୁଫଳ ମିଳିବ। ବନ୍ଧୁଙ୍କ ସହ ଆଲୋଚନା ପରିସରରେ ସାଧାରଣ କଥାକୁ କେନ୍ଦ୍ରକରି ଝଡ଼ ଉଠିପାରେ।

**ସିଂହ** କର୍ମାଧିପ ଦ୍ୱାଦଶସ୍ଥ ଯୋଗୁ ଅଟକିଥିବା କାମଟିକୁ ପୂର୍ଣ୍ଣାଙ୍ଗ ରୂପଦେବାରେ ବିଫଳ ହେବେ। ପାରିବାରିକ ସମସ୍ୟାର ସମାଧାନ ଘଟିବ, ଏ ଦିଗରେ ଜଣେ ବନ୍ଧୁଙ୍କ ସାହାଯ୍ୟ କାମକୁ ଆସିବାର ସମ୍ଭାବନା ରହିଛି। ଆର୍ଥିକ ଅନଟନଜନିତ ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟିବ। ବହୁତ ଦିନରୁ ଲାଗିରହିଥିବା ସ୍ୱାସ୍ଥ୍ୟସମସ୍ୟା ନେଇ ଚିନ୍ତିତ ରହିପାରନ୍ତି।

**କନ୍ୟା** ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ପରିବାରରେ ସମସ୍ୟା ବଢ଼ିପାରେ। ବିଭିନ୍ନ ବାଧାବିଘ୍ନ ଓ ସମସ୍ୟା ଲାଗିରହୁଥିବା କାରଣରୁ ନେଗେଟିଭ୍ ଚିନ୍ତାଧାରା ମନକୁ ଆକ୍ରାନ୍ତ କରିବ। ପରିବହନ ଓ ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। କର୍ମକ୍ଷେତ୍ରରେ ଆଶା ପୂରଣ ହେବାରେ ଜଣେ ବନ୍ଧୁ ସାହାଯ୍ୟ କରିବେ।

**ତୁଳା** ଚିତ୍ରା ନକ୍ଷତ୍ରର କର୍ମକ୍ଷେତ୍ରରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇପାରେ। ନିର୍ଦ୍ଦିଷ୍ଟ ଦିଗରେ ଖର୍ଚ୍ଚ କରିବାକୁ ରଖିଥିବା ଟଙ୍କା ଭିନ୍ନବାଟରେ ଖର୍ଚ୍ଚ ହୋଇଯିବ। ଆତ୍ମୀୟଙ୍କ ସ୍ୱାର୍ଥ ହାସଲ ହୋଇ ନ ପାରିବାରୁ ସେମାନେ ସମାଲୋଚନା କରିପାରନ୍ତି। ବହୁଦିନରୁ ଆଶା କରିଥିବା କାମଟିରେ ସୁଯୋଗ ପାଇଲେ ମଧ୍ୟ ସଦ୍‌ବ୍ୟବହାର କରିବା କଷ୍ଟ ହେବ।

**ବିଛା** କୌଣସି ନୀଚଜାତିର ବ୍ୟକ୍ତି ସମାଲୋଚନା କରି ପାରନ୍ତି। ସାହିତ୍ୟ, ସାମ୍ବାଦିକତା, ରାଜନୀତି, ପ୍ରକାଶନ, ପ୍ରଶାସନିକ ସ୍ତରରେ ଅଭୀଷ୍ଟ ସିଦ୍ଧି ଘଟିବ। ଆନୁଷ୍ଠାନିକ କ୍ଷେତ୍ରରେ ଆକସ୍ମିକ ଭାବେ ଉଚ୍ଚ ସମ୍ମାନ ଓ ବସ୍ତ୍ରଭୂଷଣ ପ୍ରାପ୍ତି ଯୋଗ ରହିଛି। ନିଜର ଅସାବଧାନତା କାରଣରୁ କୌଣସି ଜିନିଷ ହରାଇ କ୍ଷୋଭ ପ୍ରକାଶ କରିପାରନ୍ତି।

**ଧନୁ** ଯୋଜନାବଦ୍ଧ ଭାବେ ବନ୍ଧୁଙ୍କ ସହ ଭ୍ରମଣ ଓ କାର୍ଯ୍ୟସିଦ୍ଧି ଯୋଗୁ ମନ ପ୍ରଫୁଲ୍ଲ ରହିବ। ପଡ଼ୋଶୀ କିମ୍ବା ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ। ଉତ୍ତମ ବୁଝାମଣା କାରଣରୁ ପାରିବାରିକ ପରିସ୍ଥିତି ଠିକ୍ ରହିବ। ହୋଟେଲ, ଦୋକାନ, ବ୍ୟବସାୟ, ବାଣିଜ୍ୟ ପ୍ରଭୃତିରୁ ଆଶା କରୁଥିବା ଫଳ ଅବଶ୍ୟ ପାଇବେ।

**ମକର** କର୍ମକ୍ଷେତ୍ରରେ ମତଭେଦ କାରଣରୁ କୌଣସି ଅଘଟଣ ଘଟିପାରେ। ଘରୋଇ କଥାରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କଲେ ଭଲ। ପ୍ରତ୍ୟେକ କ୍ଷେତ୍ରରେ ସଜାଗ ରହି କାମ କରନ୍ତୁ, କାରଣ ଗୁପ୍ତ ଶତ୍ରୁମାନଙ୍କର ସକ୍ରିୟତା ବୃଦ୍ଧି ପାଇବ। ଅର୍ଥ ସମ୍ପର୍କ, ବନ୍ଧୁଙ୍କୁ ଭଲ ପାଇବା, ଆଇନ ଅଦାଲତ କ୍ଷେତ୍ରରେ ସଫଳତା ନିଶ୍ଚିତ।

**କୁମ୍ଭ** କର୍ମକ୍ଷେତ୍ରରେ ନିଜ ପ୍ରାଧାନ୍ୟକୁ ଜାହିର କରିବାକୁ ଯାଇ ଅପଦସ୍ଥ ହୋଇପାରନ୍ତି। ସତ୍‌ସଙ୍ଗ ପ୍ରତି ମନ ବଳିବ ଏବଂ ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରୁ ସୁଫଳ ପାଇବେ। ଗୃହ ନିର୍ମାଣ, ଗାଡ଼ିକିଣା, କରଜ ଦେବା କାମରେ ମନ ଦେଇପାରନ୍ତି। ପରିବହନ, ପ୍ରଶାସନ ସ୍ତରରେ କାର୍ଯ୍ୟ ସାଧନ କିମ୍ବା ଆଶା ପୂରଣ ହେବାରେ ଜଣେ ବନ୍ଧୁ ସାହାଯ୍ୟ କରିବେ।

**ମୀନ** ପାରିବାରିକ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ ପାଇଁ ଦିନଟି ବହୁତ ଶୁଭଙ୍କରୀ ହେବାର ସୂଚନା ରହିଛି। ହଠାତ୍ ହଜିଯାଇଥିବା ବ୍ୟକ୍ତି, ଚୋରି ଯାଇଥିବା ଜିନିଷର ଖୋଜଖବର ପାଇପାରନ୍ତି। କେତେକ କ୍ଷେତ୍ରରେ ନିଜର ଅସହାୟତା ପ୍ରକାଶ କରି ଆତ୍ମଗ୍ଲାନି ଅନୁଭବ କରିପାରନ୍ତି।

ଆଜି କାର୍ତ୍ତିକ ପୂର୍ଣ୍ଣିମା ଶୁକ୍ରବାର, କାର୍ତ୍ତିକ ବ୍ରତ ଉଦ୍‌ଯାପନ, ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ରାଜରାଜେଶ୍ୱର ବେଶ ବା ଶ୍ରୀଲକ୍ଷ୍ମୀନୃସିଂହ ବେଶ ବା ଡାଳକିଆ ବେଶ, କାର୍ତ୍ତିକେଶ୍ୱର ପୂଜା, କେଦାର ବ୍ରତ, ବାଲିଯାତ୍ରା, ମାସାନ୍ତ, ପୂର୍ଣ୍ଣିମା ବିହିତ ଚନ୍ଦ୍ରୋପବାସ, ନଭେମ୍ବର ୧୫ ତାରିଖ, ଗୁରୁ ନାନକ ଜୟନ୍ତୀ, ବିର୍ସା ମୁଣ୍ଡା ଜୟନ୍ତୀ, ରାଶି ନକ୍ଷତ୍ର-ଦ୍ୱିଜା/ମେଷ, ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୫୯ମି. ଗତେ ଘ.୦୭।୪୩ମି. ମଧ୍ୟେ, ଘ.୦୭।୨୭ମି. ଗତେ ଘ.୦୮।୪୫ମି. ମଧ୍ୟେ ଶୁଦ୍ଧ ଶୁଭବେଳା ॥ ଦିବା ଘ.୧୦।୦୮ମି. ଗତେ ଘ.୧୧।୩୧ମି. ମଧ୍ୟେ ରାହୁକାଳ ॥

ଧରିତ୍ରୀ
DHARITRI
ଧରିତ୍ରୀ 50 Years



# ନେତାଙ୍କ ବ୍ୟବହାର ଉଦାହରଣ ହେବା ଆବଶ୍ୟକ: ସୁପ୍ରିମକୋର୍ଟ

## ଜୟନାରାୟଣ ମିଶ୍ରଙ୍କ ଆଗୁଆ ଜାମିନ ଖାରଜ

ନୂଆଦିଲ୍ଲୀ, ୧୪।୧୧(ପି.ଟି.)

ନେତାଙ୍କ ବ୍ୟବହାର ଅନ୍ୟମାନଙ୍କ ପାଇଁ ଉଦାହରଣ ହେବା ଆବଶ୍ୟକ। ସେମାନେ ଲୋକମାନଙ୍କ ପ୍ରତି ଉଚିତ୍ ବ୍ୟବହାର ପ୍ରଦର୍ଶନ କରିବା ଜରୁରୀ ବୋଲି ସୁପ୍ରିମକୋର୍ଟ ଗୁରୁବାର ଟିପ୍ପଣୀ ଦେଇଛନ୍ତି। ଏଥିସହିତ ଜଣେ ମହିଳା ପୋଲିସ ଅଧିକାରୀଙ୍କୁ ଚାପୁଡ଼ା ମାରିବା ମାମଲାରେ ସମ୍ବଲପୁର ବିଧାୟକ ତଥା ଭାଜପା ନେତା ଜୟନାରାୟଣ ମିଶ୍ରଙ୍କ ଆଗୁଆ ଜାମିନ ଆବେଦନକୁ ଖାରଜ କରିଛନ୍ତି। ପୂର୍ବରୁ ସୁପ୍ରିମକୋର୍ଟ ଜୟନାରାୟଣଙ୍କୁ ଅନ୍ତରୀଣ ଜାମିନ ପ୍ରଦାନ କରିବା ସହିତ ଓଡ଼ିଶା ସରକାରଙ୍କଠାରୁ ଏହି ଘଟଣାରେ ମତ ଲୋଡ଼ିଥିଲେ। ଗୁରୁବାର ବିଚାରପତି ହୃଷୀକେଶ ରାୟ ଏବଂ ଏସ୍‌ଭିଏନ୍ ଭାଟିଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଜାମିନ ଆବେଦନର ଶୁଣାଣି କରି ରାଜ୍ୟ ସରକାରଙ୍କ ନରମ ମନୋଭାବ ପୋଷଣ ନୀତିକୁ ସମାଲୋଚନା କରିଥିଲେ। ଏଥିସହିତ ସରକାର ବଦଳି ଗଲେ ଜଣେ ଅଧିକାରୀଙ୍କ ୟୁନିଫର୍ମ ବଦଳେ ନାହିଁ ବୋଲି କହିଥିଲେ। ସର୍ବୋଚ୍ଚ ଅଦାଲତଙ୍କ ଏଭଳି ଟିପ୍ପଣୀ ଉପରେ ଜୟନାରାୟଣ କହିଛନ୍ତି, ସେ କୋର୍ଟଙ୍କ ଅର୍ଡର ବିଷୟରେ ଅବଗତ ନାହାନ୍ତି। ତତ୍କାଳୀନ ବିଜେଡି ସରକାର ତାଙ୍କ ବିରୋଧରେ ଜାଣିଶୁଣି ମିଥ୍ୟା ମାମଲା ରୁଜୁ କରିଥିଲା। ତାଙ୍କ ବିରୋଧରେ ଆସିଥିବା ଅଭିଯୋଗର କୌଣସି ସତ୍ୟତା ନାହିଁ ବୋଲି ଜୟନାରାୟଣ କହିଛନ୍ତି। ୨୦୨୩ ଫେବୃଆରୀ ୧୫ରେ ଭାଜପା କର୍ମୀମାନେ ସମ୍ବଲପୁର ☞ପୃଷ୍ଠା-୯

# ପାଇକାରୀ ମୁଦ୍ରାସ୍ଫୀତି ୨.୩୬%କୁ ବୃଦ୍ଧି

ନୂଆଦିଲ୍ଲୀ, ୧୪।୧୧(ପି.ଟି.)

୨୦୨୪ ଅକ୍ଟୋବରରେ ଭାରତରେ ଖୁଚୁରା ମୁଦ୍ରାସ୍ଫୀତି ୧୪ ମାସର ରେକର୍ଡ ଭାଙ୍ଗି ୬.୨୧% ଛୁଇଁଥିଲା। ସେପ୍ଟେମ୍ବରରେ ଏହା ୫.୪୯% ଥିଲା। ସେହିପରି ଅକ୍ଟୋବରରେ ପାଇକାରୀ ମୁଦ୍ରାସ୍ଫୀତି ମଧ୍ୟ ୪ ମାସ ମଧ୍ୟରେ ସର୍ବାଧିକ ୨.୩୬ ପ୍ରତିଶତକୁ ବୃଦ୍ଧି ପାଇଛି। ସେପ୍ଟେମ୍ବରରେ ଏହା ୧.୮୪ ପ୍ରତିଶତ ରହିଥିଲା। ତେବେ ଖାଦ୍ୟ ସାମଗ୍ରୀ ବିଶେଷକରି ପନିପରିବା ଦର ଅତ୍ୟଧିକ ବଢ଼ିଥିବାରୁ ଦେଶର ପାଇକାରୀ ମୁଦ୍ରା ସୂଚକାଙ୍କ ଆଧାରିତ ମୁଦ୍ରାସ୍ଫୀତି ବୃଦ୍ଧି ପାଇଛି। ଅକ୍ଟୋବରରେ ହୋଲ୍‌ସେଲ୍ ଖାଦ୍ୟସାମଗ୍ରୀ ଦର ୧୩.୫୪ ପ୍ରତିଶତକୁ ବୃଦ୍ଧି ପାଇଛି, ଯାହାକି ପୂର୍ବ ମାସରେ ୧୧.୫୩ ପ୍ରତିଶତ ରହିଥିଲା ବୋଲି ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ତଥ୍ୟରୁ ଜଣାପଡ଼ିଛି। ଏହାବ୍ୟତୀତ ଶିଳ୍ପ ଉତ୍ପାଦିତ ସାମଗ୍ରୀ ଦର ମଧ୍ୟ ସାମାନ୍ୟ ବଢ଼ିଛି। ଆଳୁ ଦର ୭୮.୭୩ ପ୍ରତିଶତ ବଢ଼ିଥିବାବେଳେ ପନିପରିବା ୬୩.୦୪%, ଗହମ ୮.୦୪% ଏବଂ ଫଳ ଦର ୧୩.୫୫% ବଢ଼ିଛି। ଅନ୍ୟପକ୍ଷରେ ଖାଦ୍ୟଶସ୍ୟ ଦର ୭.୯୧%, ଡାଲି ୯.୭୪% ହ୍ରାସ ପାଇଛି।

# ତେଲେଙ୍ଗିରି ଜଳଭଣ୍ଡାରରେ ଫାଟ

## ଲିକ୍ ହେଉଛି ପାଣି, ଫସଲ ପ୍ରଭାବିତ ହେବା ଆଶଙ୍କା

**କୋରାପୁଟ ଜିଲା ଜୟପୁର ବ୍ଲକ୍ ରାଣୀଗଡ଼ସ୍ଥିତ ତେଲେଙ୍ଗିରି ଜଳଭଣ୍ଡାରର ଏକ ସ୍ଲୁଇସ୍ ଗେଟ୍ ନିକଟରେ ବଡ଼ଧରଣର ଫାଟ ସୃଷ୍ଟି ହୋଇଛି। ଉକ୍ତ ଫାଟ ଦେଇ ଏତେ ମାତ୍ରାରେ ଜଳ ନିଷ୍କାସନ ହେଉଛି ଯେ, ସ୍ଥାନୀୟ ଚାଷୀମାନେ ଭୟଭୀତ ହୋଇଯାଇଛନ୍ତି। ତୁରନ୍ତ ଏହାର ପ୍ରତିକାର ବ୍ୟବସ୍ଥା କରା ନ ଗଲେ ଏହା ବ୍ୟାପକ ଅଞ୍ଚଳର ରବି ଫସଲକୁ ପ୍ରଭାବିତ କରିବା ଆଶଙ୍କା ଦେଖାଦେଇଛି। ଉଦ୍‌ଘାଟନର ପ୍ରାୟ ସାଢ଼େ ୫ବର୍ଷ ପରେ ଜଳଭଣ୍ଡାରର ଏଭଳି ଅବସ୍ଥାକୁ ନେଇ ଚାଷୀମାନେ ନିମ୍ନମାନର କାମକୁ ଦାୟୀ କରିଛନ୍ତି। ୨୦୧୯ ନିର୍ବାଚନ ପୂର୍ବରୁ ତରବରିଆ ଭାବେ ଏହାକୁ ଉଦ୍‌ଘାଟନ କରାଯାଇଥିବାରୁ ବୃହତ୍ ଜଳସେଚନ ପାଇଁ ଉଦ୍ଦିଷ୍ଟ ଏହି ଜଳଭଣ୍ଡାର ୧୫ ପଞ୍ଚାୟତର ଚାଷୀମାନଙ୍କ ପାଇଁ ଯେକୌଣସି ସମୟରେ ବିପଦ ସାଜିପାରେ ବୋଲି କୁହାଯାଉଛି।**

ଜୟପୁର/ବୋରିଗୁମ୍ମା, ୧୪।୧୧
(ପବନ ପାଣିଗ୍ରାହୀ/ବିଜୟ ସାହୁ)

କୋରାପୁଟ ଜିଲାରେ ଜଳସେଚନ ଲକ୍ଷ୍ୟ ନେଇ ଇନ୍ଦ୍ରାବତୀର ଉପନଦୀ ତେଲେଙ୍ଗିରିକୁ ନେଇ ଜୟପୁର ବ୍ଲକ ରାଣୀଗଡ଼ରେ ଏକ ଜଳଭଣ୍ଡାର ନିର୍ମାଣ ପାଇଁ ୨୦୦୪ ସାଧାରଣ ନିର୍ବାଚନ ପୂର୍ବରୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶିଳାନ୍ୟାସ କରିଥିଲେ। ୨ ବର୍ଷରେ କାମ ସାରିବାକୁ ୨୦୦ କୋଟି ଟଙ୍କା ବ୍ୟୟବରାଦ ରହିଥିଲା। କିନ୍ତୁ ଏହି କାମ ପ୍ରାୟ ୧୫ ବର୍ଷ ଚାଲିଥିଲା। ୨୦୧୯ରେ ଉଦ୍‌ଘାଟନ ବେଳକୁ ବଜେଟ୍ ପ୍ରାୟ ୧ ହଜାର କୋଟି ଟଙ୍କାରେ ପହଞ୍ଚି ଥିଲା। ଡ୍ୟାମ୍ ନିର୍ମାଣ ହେବା ପରେ ୯୯୫୨ ହେକ୍ଟର ଜମିକୁ ଜଳସେଚନ କରୁଛି। ସେଥିରୁ ଜୟପୁର ବ୍ଲକର ୬୦୦ ହେକ୍ଟର ଏବଂ ବାକି ବୋରିଗୁମ୍ମା ବ୍ଲକ ଚାଷଜମିକୁ ଜଳସେଚନ ହେଉଛି। ଜଳଭଣ୍ଡାରର ମୋଟ ୩ଟି ସ୍ଲୁଇସ୍ ଗେଟ୍ ରହିଛି। ଏବେକାର ସ୍ଥିତିକୁ ଦେଖି ସ୍ଥାନୀୟ ଚାଷୀମାନେ କ୍ଷୋଭ ପ୍ରକାଶ କରି କହିଛନ୍ତି ଯେ, ଭୋଟ ରାଜନୀତି ପାଇଁ ନିମ୍ନମାନର ନିର୍ମାଣ ହୋଇଥିବା ଡ୍ୟାମ୍‌କୁ ତରବରିଆ ଭାବେ ଉଦ୍‌ଘାଟନ କରାଯାଇଥିଲା। ରାଜନୈତିକ ସ୍ୱାର୍ଥ ହାସଲ ହେଲା ସତ, କିନ୍ତୁ ଚାଷୀକୁଳ ନିରାଶ ହେଲା। ଏହି ଡ୍ୟାମ୍ ଯୋଗୁ ଉପରମୁଣ୍ଡର ଚାଷୀଙ୍କୁ ସୁବିଧା ହୋଇଥିବାବେଳେ ତଳମୁଣ୍ଡର ଚାଷୀଙ୍କ ଜମିକୁ ପାଣି ମିଳିଲା ନାହିଁ। ବର୍ତ୍ତମାନ ସମୟରେ ଏହି ଡ୍ୟାମ୍ ଲୋକଙ୍କ ପାଇଁ ବରଦାନଠାରୁ ଅଧିକ ଅଭିଶାପ ପାଲଟିଯାଇଛି। ନିମ୍ନମାନର କାମ ଲାଗି ଏବେ ଡ୍ୟାମ୍ ଫାଟିଥିବା ଚାଷୀଙ୍କ ସହ ସ୍ଥାନୀୟ ବାସିନ୍ଦା କହିଛନ୍ତି। ରାଣୀଗଡ଼ର ପୂର୍ବତନ ସରପଞ୍ଚ ଭାଗୀରଥି ନାୟକ କହିଛନ୍ତି, ଡ୍ୟାମ୍ ନିର୍ମାଣ କାମ ନିମ୍ନମାନର ହୋଇଥିଲା। ଡ୍ୟାମ୍‌ରେ ଫାଟ ହେବ ବୋଲି ପୂର୍ବରୁ ଆଶଙ୍କା କରୁଥିଲୁ। ଡ୍ୟାମ୍‌ରୁ ପାଣି ନିଷ୍କାସନ ହେଉଥିବାରୁ ଫସଲ ପ୍ରଭାବିତ ହେବ। ଚାଷୀକୁଳ ହତାଶ ହେବେ। ସେହିଭଳି ରାଣୀଗଡ଼ ବାସିନ୍ଦା ପଦଲାମ ହରିଜନ କହିଛନ୍ତି, ବୁଧବାର ଜଣେ ସମ୍ପର୍କୀୟଙ୍କ ମୃତ୍ୟୁ ହୋଇଥିଲା। ମୃତଦେହ ସତ୍କାର ପାଇଁ ନେଇ ଯାଉଥିବାବେଳେ ହଠାତ୍ ପାଣି ଆସିଯାଇଥିଲା। ପାଣିର ବେଗ ଏତେ ପ୍ରଖର ଥିଲା ଯେ ଏଥିରେ ମୃତଦେହ ଭାସିଯାଇଥିଲା।

ଘଟଣା ସମ୍ପର୍କରେ ତେଲେଙ୍ଗିରି ଜଳସେଚନ ପ୍ରକଳ୍ପ ଅଧୀକ୍ଷଣ ଯନ୍ତ୍ରୀ ବିକାଶ ପ୍ରଧାନଙ୍କୁ ପଚାରିବାରୁ ଡ୍ୟାମ୍‌ର ୩ଟି ଗେଟ୍ ଅଛି । ପ୍ରଥମ ଗେଟ୍‌ରେ ଏପରି ☞ପୃଷ୍ଠା-୯



ଜଳଭଣ୍ଡାରରେ ସୃଷ୍ଟି ହୋଇଥିବା ଫାଟ (ବୃତ୍ତ ଚିହ୍ନିତ)



# ଚାଇନା ଡରାଉଛି



ବ୍ରହ୍ମ ଚେଲାନି

ଚାଇନା ୧ ଦଶନ୍ଧରୁ ଅଧିକ ସମୟ ଧରି ଦକ୍ଷିଣ ଚାଇନା ସାଗରରେ ନିଜର ଶକ୍ତି ଏବଂ ପ୍ରଭାବ ବଢ଼ାଇବା ପାଇଁ ଆକ୍ରମଣାତ୍ମକ ରଣନୀତି ପ୍ରୟୋଗ କରିଆସୁଛି। ଦେଖିବାକୁ ଗଲେ ଆମେରିକାର ରାଷ୍ଟ୍ରପତି ଭାବେ ଡୋନାଲ୍ଡ ଟ୍ରମ୍ପ ନିର୍ବାଚିତ ହେବା ପରେ ଆଗକୁ ଏହାର ମୁକାବିଲା ହିଁ ତାଙ୍କ ପ୍ରଶାସନ ପାଇଁ ଏକ ଆହ୍ୱାନ ହେବ।

ବିଶ୍ୱରେ ପ୍ରାଧାନ୍ୟ ବିସ୍ତାର ପାଇଁ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍ ଯେଉଁ ସ୍ୱପ୍ନ ଦେଖୁଛନ୍ତି, ତାହା ଚାଇନା ସାଗରରେ ପ୍ରାଧାନ୍ୟ ବିସ୍ତାରକରିବା ସହ ବିଶ୍ୱର ଅର୍ଥନୈତିକ ତଥା ଭୂ-ରାଜନୈତିକ କେନ୍ଦ୍ର ପାଲଟିଥିବା ଭାରତ-ପ୍ରଶାନ୍ତ ମହାସାଗରରେ ଆମେରିକାର ପ୍ରଭାବକୁ ଶେଷକଲେ ସମ୍ଭବ ହେବ। ଏହି ଉଦ୍ଦେଶ୍ୟଗୁଡ଼ିକ ପୂରଣ କରିବା ଲାଗି ଚାଇନା ବଳପୂର୍ବକ କୌଶଳ ପ୍ରୟୋଗ କରିବାକୁ ପଛାଉନାହିଁ। ଗତ ବର୍ଷେ ଦୁଇ ବର୍ଷ ମଧ୍ୟରେ ଫିଲିପାଇନ୍ସ ଏବଂ ଭିଏତ୍‌ନାମ ଯେଉଁ ଅଞ୍ଚଳକୁ ନିଜର ବୋଲି ଦାବି କରୁଛନ୍ତି ଚାଇନା ତାହାକୁ ଅଗ୍ରାହ୍ୟ କରୁଛି। ଏପରିକି ସେହି ଦେଶଗୁଡ଼ିକର ଡଙ୍ଗାଗୁଡ଼ିକୁ ଚାଇନାର ବୋଟ୍ ଅଟକାଇବା ସହ ଧକ୍କା ମାରୁଛି। ଡଙ୍ଗାଗୁଡ଼ିକୁ ୱାଟର କ୍ୟାନନ୍ ଓ ଅସ୍ତ୍ରଶସ୍ତ୍ରରେ ମଧ୍ୟ ଆକ୍ରମଣ କରାଯାଇଛି। ସମୁଦ୍ର ମଧ୍ୟରେ ଶକ୍ତି ଉତ୍ପାଦନ ଓ ପରିବହନ କାର୍ଯ୍ୟକ୍ରମଗୁଡ଼ିକରେ ଅସୁବିଧା ସୃଷ୍ଟି କରୁଛି। ଏହିପରି ହିଂସାତ୍ମକ କାର୍ଯ୍ୟ ଆଞ୍ଚଳିକ ତିକ୍ତତା ବଢ଼ାଇ ଦେଇଛି ଏବଂ ପ୍ରଶାନ୍ତ ଏବଂ ଭାରତ ମହାସାଗରକୁ ସଂଯୋଗ କରୁଥିବା ଏକ ଗୁରୁତ୍ୱପୂର୍ଣ୍ଣ କରିଡରରେ ସ୍ଥିରତାକୁ କ୍ଷୁଣ୍ଣ କରିଛି।

ବିଶେଷକରି ଫିଲିପାଇନ୍ସ ସହ ଆମେରିକାର ମିଳିତ ପ୍ରତିରକ୍ଷା ଚୁକ୍ତିକୁ ଦୃଷ୍ଟିରେ ରଖି ଆମେରିକା ହିଁ ଚାଇନାର ଆଚରଣରେ ସୁଧାର ଆଣିପାରିବ ବୋଲି ଆଶା କରାଯାଏ। ତଥାପି କ୍ରମାଗତ ଭାବେ ୩ ଜଣ ରାଷ୍ଟ୍ରପତି ଯଥା ବାରାକ୍ ଓବାମା,ଡୋନାଲ୍ଡ ଟ୍ରମ୍ପ ଏବଂ ଜୋ ବାଇଡେନ୍ ସହଯୋଗ ଏବଂ ପଦକ୍ଷେପର କଥା କହିବା ବ୍ୟତୀତ ଅନ୍ୟ କିଛି କରିପାରି ନାହାନ୍ତି। ୨୦୧୨ ରେ ଫିଲିପାଇନ୍ସରୁ ବିବାଦୀୟ ସ୍କାର୍ବୋରୋ ଶୋଆଲକୁ ଚାଇନା ଦଖଲ କରିବାବେଳେ ଓବାମା କୌଣସି ପଦକ୍ଷେପ ନେଇ ନ ଥିଲେ ବରଂ ଏଥିପାଇଁ ଚାଇନାକୁ ଅନୁମତି ଦେଇଥିଲେ। ଫିଲିପାଇନ୍ସକୁ ଦେଇଥିବା ପ୍ରତିରକ୍ଷା ପ୍ରତିଶ୍ରୁତି ପାଳନ କରିବାରେ ଆମେରିକା ପ୍ରଥମ ଥର ବିଫଳ ହେଲା। ୧୯୯୫ରେ ଫିଲିପାଇନ୍ସର ପାଲାୱାନ୍ ଦ୍ୱୀପଠାରୁ ମାତ୍ର ୧୨୯ ନୌଟିକାଲ ମାଇଲ ଦୂରରେ ଅବସ୍ଥିତ ମିସ୍‌ଚିଫ୍ ରିଫ୍‌କୁ ଚାଇନାର ଜବରଦଖଲ କରିବାକୁ ଚେଷ୍ଟା କରିଥିଲା। ଏହାକୁ ରୋକିବା ପାଇଁ ଆମେରିକାର ସହାୟତା ମାଗିଥିଲା ଫିଲିପାଇନ୍ସ। ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନ୍ ସାହାଯ୍ୟ କରିବାକୁ ମନା କରିଦେଇଥିଲେ। ଫଳରେ ମିସ୍‌ଚିଫ୍ ରିଫ୍ ବର୍ତ୍ତମାନ ଚାଇନାର ଏକ ଗୁରୁତ୍ୱପୂର୍ଣ୍ଣ ସାମରିକ ଘାଟି ହୋଇଯାଇଛି।



ଚାଇନା ଉପରେ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ତାହା ଭୟଶୂନ୍ୟ ହୋଇଯାଇଛି। ସ୍କାର୍ବୋରୋ ଶୋଆଲକୁ ଦଖଲକରିବା ପରେ ଶି ଦକ୍ଷିଣ ଚାଇନା ସାଗରରେ ୭ଟି କୃତ୍ରିମ ଦ୍ୱୀପ ସମେତ ୧,୩୦୦ ହେକ୍ଟର (୩,୨୦୦ ଏକର) ପରିମିତ ଜାଗା ସୃଷ୍ଟି କରିଛନ୍ତି ଯାହା ବର୍ତ୍ତମାନ ଫର୍‌ୱାର୍ଡ ଅପରେଟିଂ ବେସ୍ ଭାବରେ କାର୍ଯ୍ୟ କରୁଛି । ବିବାଦୀୟ ଦ୍ୱୀପପୁଞ୍ଜରେ ଚାଇନା ୨୭ଟି ସାମରିକ ଆଉଟ୍‌ପୋଷ୍ଟ ନିର୍ମାଣ କରିଛି। ଏଠାରେ ବର୍ତ୍ତମାନ ସ୍ୱଳ୍ପ ଦୂରଗାମୀ କ୍ଷେପଣାସ୍ତ୍ର, ଶତ୍ରୁର ଉପସ୍ଥିତି ଠାବ କରିବା ପଦ୍ଧତି , ରାଡାର ସିଷ୍ଟମ ଏବଂ ଲେଜର ଏବଂ ଜାମିଂ ଉପକରଣ ରଖାଯାଇଛି। ଏହାର ବୃହତ୍ ଦ୍ୱୀପପୁଞ୍ଜରେ ଯୁଦ୍ଧବିମାନ ମରାମତି ତଥା ନିର୍ମାଣ ଓ ରଖିବା କେନ୍ଦ୍ର , ରନ୍‌ୱେ ଏବଂ ଗଭୀର ବନ୍ଦର ମଧ୍ୟ ଅଛି। ଦକ୍ଷିଣ ଚାଇନା ସାଗରର ଭୌଗୋଳିକ ମାନଚିତ୍ରକୁ ଏକପାଖିଆ ଭାବରେ ପୁନଃ ଚିତ୍ରଣକରି ଚାଇନା ନିଶ୍ଚିତ କରୁଛି ଯେ ଏହି ଅଞ୍ଚଳରେ ତାହାର ସ୍ୱତନ୍ତ୍ର ସ୍ଥାନ ଅଛି।

ଚାଇନା କ୍ରମାଗତ ଭାବେ ଫିଲିପାଇନ୍ସର ସୁରକ୍ଷାକୁ କ୍ଷତିକରି ଏହାର ଏକ୍ସକ୍ଲୁସିଭ ଇକୋନୋମିକ ଜୋନ୍ ବା ବିଶେଷ ଅର୍ଥନୈତିକ ଜୋନ୍ (ଇଇଜେଡ୍) ମଧ୍ୟରେ ଫିଲିପାଇନ୍ସ ନିୟନ୍ତ୍ରଣାଧୀନ ଅଞ୍ଚଳକୁ ଅନ୍ତର୍ଭୁକ୍ତ କରିଚାଲିଛି। ଗତ ବର୍ଷ ଶେଷରେ ବାଇଡେନ୍ ପ୍ରଶାସନ ନିଶ୍ଚିତ କରିଥିଲା ଯେ ଫିଲିପାଇନ୍ସର ସାମରିକ, ତଟରକ୍ଷୀ ବାହିନୀ, ବିମାନ କିମ୍ବା ସର୍ବସାଧାରଣ ଜାହାଜ ବିରୋଧରେ ଦକ୍ଷିଣ ଚାଇନା ସାଗରର ଯେକୌଣସି ସ୍ଥାନରେ କୌଣସି ସଶସ୍ତ୍ର ତୃତୀୟ ପକ୍ଷର ଆକ୍ରମଣ ଆମେରିକା-ଫିଲିପାଇନ୍ସ ଚୁକ୍ତି ପରିସରଭୁକ୍ତ ହେବ। ତଥାପି ଚାଇନା ପ୍ରତି କୌଣସି ଦଣ୍ଡବିଧାନ ହୋଇନାହିଁ କି ଏଭଳି କାର୍ଯ୍ୟ ବନ୍ଦ କରିନାହିଁ।

କେବଳ କହିବା ଏବଂ ପଦକ୍ଷେପ ନ ନେବା ପଛରେ ଅନେକ କାରଣ ରହିଛି। ସର୍ବପ୍ରଥମେ ଆମେରିକା ଯୁଦ୍ଧକୁ ଭୟକରେ। କାରଣ ୟୁକ୍ରେନ୍ ଏବଂ ମଧ୍ୟପ୍ରାଚ୍ୟରେ ଲାଗିଥିବା ଯୁଦ୍ଧରେ ଏହା ସଂସାଧନକୁ ବିନିଯୋଗ କରିବା ସହ ଏହା ଉପରେ ସମ୍ପୂର୍ଣ୍ଣ ଧ୍ୟାନ ରହୁଛି। ତେବେ ଦକ୍ଷିଣ ଚାଇନା ସାଗରରେ ସାର୍ବଭୌମତ୍ୱ ବିବାଦ ଉପରେ ପଶିବାକୁ ଆମେରିକା ଚାହୁଁନାହିଁ, ଯେଉଁଠାରେ ତାହାର ନିଜସ୍ୱ କୌଣସି ଅଞ୍ଚଳ ନାହିଁ। ଏପରିକି ଜାପାନ ଅଧୀନରେ ଥିବା ସେନ୍‌କାକୁ ଦ୍ୱୀପପୁଞ୍ଜର ସାର୍ବଭୌମତ୍ୱ ଉପରେ ଏହା କୌଣସି ଆଭିମୁଖ୍ୟ ଗ୍ରହଣ କରିନାହିଁ, ଯାହାକୁ ଚାଇନା ନିଜର ବୋଲି ଦାବି କରିଛି। ତେବେ ଆମେରିକା ସ୍ପଷ୍ଟ କରିଛି ଯେ, ଜାପାନ ସହ ଏହାର ସୁରକ୍ଷା ଚୁକ୍ତି ମଧ୍ୟରେ ଏହି ଦ୍ୱୀପପୁଞ୍ଜ ଅଛି ଏବଂ ଜାପାନର ପ୍ରଶାସନକୁ ଅଣଦେଖାକରି ଯେକୌଣସି ଏକପାଖିଆ ପଦକ୍ଷେପ ନ ନେବାକୁ ଚେତାବନୀ ଦେଇଛି। ଫିଲିପାଇନ୍ସ କ୍ଷେତ୍ରରେ ଆମେରିକା ଏଭଳି କରିବା ଉଚିତ। ନିଃସନ୍ଦେହରେ କହିବା ଉଚିତ ଯେ, ଫିଲିପାଇନ୍ସ ସହ ଏହାର ଚୁକ୍ତି ପ୍ରତିବଦ୍ଧତା ସେକେଣ୍ଡ ଥୋମାସ ଶୋଆଲ ସମେତ ନିୟନ୍ତ୍ରଣରେ ଥିବା ଅଞ୍ଚଳଗୁଡ଼ିକୁ ବାଧ୍ୟକରି ପରିବର୍ତ୍ତନ କରିବାର କୌଣସି ପ୍ରୟାସକୁ ଅନ୍ତର୍ଭୁକ୍ତ କରେ। ଉଲ୍ଲେଖନୀୟ ଯେ ଯାହା ଚାଇନା ସେକେଣ୍ଡ ଥୋମାସ ଶୋଆଲକୁ ଦଖଲ କରିବାକୁ ଚେଷ୍ଟା କରୁଛି।

ଏହି ଆଭିମୁଖ୍ୟକୁ ସମର୍ଥନକରି ଆମେରିକା ଏକ ଅନ୍ତର୍ଜାତୀୟ ଆର୍ବିଟ୍ରେସନ ଟ୍ରିବ୍ୟୁନାଲ ଦ୍ୱାରା ୨୦୧୬ର ନିଷ୍ପତ୍ତିକୁ ଦର୍ଶାଇପାରେ ଯେ ଦକ୍ଷିଣ ଚାଇନା ସାଗର ଅଞ୍ଚଳକୁ ଚାଇନା ନିଜର ବୋଲି ଦାବି କରିବାର କୌଣସି ଆଇନଗତ ଆଧାର ନାହିଁ ଏବଂ ଫିଲିପାଇନ୍ସ ଇଇଜେଡ୍ ମଧ୍ୟରେ ଚାଇନାର କାର୍ଯ୍ୟକଳାପ ଫିଲିପାଇନ୍ସର ସାର୍ବଭୌମତ୍ୱକୁ ଉଲ୍ଲଂଘନ କରିଛି। କିନ୍ତୁ ଏହି ନିଷ୍ପତ୍ତିକୁ ଚାଇନା ଖୋଲାଖୋଲି ଭାବେ ଅବମାନନା କରିବାରୁ ଜଣାପଡ଼ୁଛି ଯେ, ଦକ୍ଷିଣ ଚାଇନା ସାଗରର ଭବିଷ୍ୟତ ଅନ୍ତର୍ଜାତୀୟ ଆଇନ ଦ୍ୱାରା ସ୍ଥିରହେବାର କୌଣସି ଆଶା ଦେଖାଯାଉ ନାହିଁ, ଯେଉଁଥିପାଇଁ ଆମେରିକା ଚୁକ୍ତିକୁ ସମର୍ଥନକରି କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରସ୍ତୁତ ହେବା ଆବଶ୍ୟକ। ଯଦି ଆମେରିକା ତା'ର ଚୁକ୍ତିଭୁକ୍ତ ସହଯୋଗୀ ପାଇଁ ଛିଡ଼ାହୁଏ, ତେବେ ଏହା ଗତ ୧ ଦଶନ୍ଧିରେ ଫିଲିପାଇନ୍ସର ୯ଟି ନୌସେନା ଏବଂ ବାୟୁସେନା ଯେଭଳି ଲାଭ ପାଇଥିଲା ସେଭଳି ପାଇପାରେ। ଏହି ଘାଟି ମଧ୍ୟରୁ ଦୁଇଟି ତାଇୱାନ ଏବଂ ଦକ୍ଷିଣ ଚାଇନା ନିକଟରେ ଅବସ୍ଥିତ । ଯଦି ଏହା ସହଯୋଗ ନ କରେ, ତେବେ ଦକ୍ଷିଣ ଚାଇନା ସାଗର ଉପରେ ଚାଇନା ନିଜର ପ୍ରାଧାନ୍ୟକୁ ଦୃଢ଼ କରିଚାଲିବ। ଫଳରେ ଶକ୍ତି ଓ ମତ୍ସ୍ୟ ସମ୍ପଦରେ ସମୃଦ୍ଧ ଅଞ୍ଚଳ ପ୍ରତି ବିପଦ ସୃଷ୍ଟିହେବ। ଏହା ସହ ଯୋଗାଣ ଶୃଙ୍ଖଳରେ ବାଧାଦେବା ସହ ଭଲ ସମ୍ପର୍କ ନ ଥିବା ଦେଶଗୁଡ଼ିକୁ ଅସୁବିଧାରେ ପକାଇବାର କ୍ଷମତା ହାସଲ କରିବ ।

ଦକ୍ଷିଣ ଚାଇନା ସାଗରରେ ଚାଇନା ସୀମିତ ରହିବ ନାହିଁ। ଶି'ଙ୍କ ନେତୃତ୍ୱରେ ଚାଇନା ସମାନ ପ୍ରକାର ପ୍ରତାରଣା, ଧମକ ବା ଭୟ, ଉତ୍ପୀଡ଼ନ ଆଦିକୁ ବ୍ୟବହାର କରି ପୂର୍ବ ଚାଇନା ସାଗରଠାରୁ ହିମାଳୟ ପର୍ଯ୍ୟନ୍ତ ଯେକୌଣସି ଅଞ୍ଚଳକୁ ନିଜର ବୋଲି ଦାବିକରି ସୀମା ବିସ୍ତାର କରିବାକୁ ଚେଷ୍ଟା କରିଛି । ଏପରିକି କ୍ଷୁଦ୍ର ଦେଶ ଭୁଟାନକୁ ମଧ୍ୟ ବାଦ୍ ଦେଇନାହିଁ। ଚାଇନାର ଏଭଳି ଡରାଣକୁ ରୋକିବା ପାଇଁ ଏକମାତ୍ର ଉପାୟ ହେଉଛି ଏକ ବିଶ୍ୱସନୀୟ ଚ୍ୟାଲେଞ୍ଜର ବା ମୁକାବିଲାକାରୀ ଦେଶ କେବଳ ଏହାକୁ ବିରୋଧ କରିପାରିବ। ଆମେରିକା ନିଶ୍ଚିତ ଭାବରେ ସେହି ଚ୍ୟାଲେଞ୍ଜର ହେବ ଏବଂ ଫିଲିପାଇନ୍ସକୁ ରକ୍ଷାକରି ଏହା ଆରମ୍ଭ କରିବା ଦରକାର।

**ପ୍ରଫେସର ଏମେରିଟସ୍ ଅଫ୍ ଷ୍ଟ୍ରାଟେଜିକ୍ ଷ୍ଟଡିଜ୍, ସେଣ୍ଟର ଫର୍ ପଲିସି ରିସର୍ଚ୍ଚ (ନୂଆଦିଲ୍ଲୀ)**

# ବାଲିଯାତ୍ରା



ବିପିନ ବିହାରୀ ରାଉତ

ହଜାରେ ବର୍ଷର ସହର କଟକରେ ବାଲିଯାତ୍ରା ରୂପକ ଯାତ୍ରାର ବୟସ ବି ପାଞ୍ଚଶହ ବର୍ଷରୁ ଅଧିକ ବୋଲି ଇତିହାସ କହେ। ଗୋଟିଏପଟେ ଉତ୍କଳୀୟ ନୌବାଣିଜ୍ୟ ପରମ୍ପରା, ସାଧବପୁଅ ସଂସ୍କୃତି ଓ ଐତିହ୍ୟର ଜୟଗାନ, ଅନ୍ୟପଟେ ବିନ୍ଦାସ୍ ମଜା, ମଜଲିସ୍, ବୁଲାବୁଲି, ଖିଆପିଆ, ମନୋରଞ୍ଜନର ଐକ୍ୟତାନ। ଏ ଦୁଇଟିଯାକ ସମାନ୍ତର ଟ୍ରାକ୍ ଉପରେ ଗତି କରୁଥିବା ଯାତ୍ରା ବା ମହୋତ୍ସବର ନାଁ ହେଉଛି ବାଲିଯାତ୍ରା। ବାଲିଯାତ୍ରାର ସବୁଠୁ ବଡ଼ ବୈଶିଷ୍ଟ୍ୟ ହେଲା ଏହାର ବିଶାଳ ଆକାର ଓ ବିପୁଳ ସମ୍ଭାର। କଟକ ବାଲିଯାତ୍ରା ନିଜ ସାଜସଜ୍ଜା, ଗହଳ, ରଙ୍ଗଢ଼ଙ୍ଗ ଆଉ ଆକାର ପ୍ରକାର ସବୁ ଯାତ୍ରାଠାରୁ ଭିନ୍ନ। ମନୋରଞ୍ଜନ ଓ ମହୋତ୍ସବର ମହଲ ହେଉଛି କଟକ ବାଲିଯାତ୍ରା। ଦିନରେ ବାଲିଯାତ୍ରାରେ ପହଡ଼, ରାତିକି ଭିଡ଼ । ଏହା ନ ଦେଖିଲେ ମନ ବୁଝେନା। ଥରେ ବୁଲିଆସିଲେ ଆଉ ଯିବାକୁ ବି ଇଚ୍ଛା ହୁଏନାହିଁ। ନୂଆ ଲୋକଟି ଗଳିର ସହର କଟକରେ ବାଟବଣା ହୁଏ ଅଥଚ ବାଲିଯାତ୍ରା ଠିକଣା ହଜାଏନାହିଁ। ଆଖୁ କିଆରିରେ ପଶିବା ଭଳି ଲାଗେ। ବହୁତ କିଣିବାକୁ ଇଚ୍ଛାକରି କିଛି କିଣିପାରେନା।

ଖ୍ରୀଷ୍ଟୀୟ ପଞ୍ଚମ ଶତାବ୍ଦୀରେ ଚାଇନା ଓ ଉତ୍କଳ ରାଜାଙ୍କ ମଧ୍ୟରେ ଉପଢ଼ୌକନ ବିନିମୟ ହେଉଥିବା ଲଳିତ ବିସ୍ତର ଓ ସିୟୁକି ପ୍ରଭୃତି ବୌଦ୍ଧ ଗ୍ରନ୍ଥମାନଙ୍କରେ ଉଲ୍ଲେଖ ରହିଛି। ରୋମ୍ ସାମ୍ରାଜ୍ୟ ସହିତ ମଧ୍ୟ କଳିଙ୍ଗର ନୌବାଣିଜ୍ୟ ସମ୍ପର୍କ ପ୍ରତିଷ୍ଠିତ ହୋଇଥିଲା। କଳିଙ୍ଗର ସୂକ୍ଷ୍ମବସ୍ତ୍ର ବ୍ୟତୀତ ସମ୍ବଲପୁର ହୀରା ସେଠାରେ ବିଶେଷ ଆଦରଲାଭ କରିଥିଲା। ସମ୍ରାଟ୍ ଖାରବେଳଙ୍କ ରାଜତ୍ୱକାଳରେ ପାରସ୍ୟ ଉପକୂଳରେ କଳିଙ୍ଗର ବାଣିଜ୍ୟ କାରବାର ଚାଲୁଥିବା କଥା ଜୟସ୍ୱାଲ ପ୍ରମାଣ କରିଛନ୍ତି । କାର୍ତ୍ତିକ ପୂର୍ଣ୍ଣିମା ପ୍ରତ୍ୟୁଷରୁ କଳିଙ୍ଗର ସାଧବପୁଅ ପାଲଟଣା ବୋଇତ ମାନଙ୍କରେ ସ୍ୱଦେଶୀ ରେଶମୀ ପାଟ, ସୂକ୍ଷ୍ମବସ୍ତ୍ର, ବିଭିନ୍ନ ସୁଗନ୍ଧ ଦ୍ରବ୍ୟ, କାରିଗର ଶିଳ୍ପସାମଗ୍ରୀ ଓ ସମ୍ବଲପୁର ଅଞ୍ଚଳର ବିଖ୍ୟାତ ହୀରା ନେଇ ଜାଭା, ସୁମାତ୍ରା, ବୋର୍ଣ୍ଣିଓ ଓ ବାଲିଦ୍ୱୀପ ପ୍ରଭୃତିକୁ ଯାତ୍ରା କରୁଥିଲେ। ଏ ପ୍ରାଚୀନକାଳରେ କଳିଙ୍ଗ ବାଣିଜ୍ୟ, ବ୍ୟବସାୟ, ସ୍ଥାପତ୍ୟ, ଶିଳ୍ପକଳା, ସଭ୍ୟତା ଓ ସଂସ୍କୃତି କ୍ଷେତ୍ରରେ ଚରମସୀମାରେ ଉପନୀତ ହୋଇଥିଲା। ସେହି ଗୌରବକୁ ସ୍ମରଣ କରିବା ସକାଶେ ଏବେ ପାରାଦୀପ ଓ ଚାନ୍ଦବାଲି ଠାରେ ବୋଇତବନ୍ଦାଣ ଉତ୍ସବ ପାଳିତ ହେଉଛି। ସେଦିନର ସତ୍ୟ ଆଜିର ସ୍ମୃତିରେ ପରିଣତ ହୋଇ କେବଳ ବାଲିଯାତ୍ରା ଓ ବୋଇତବନ୍ଦାଣ ମାଧ୍ୟମରେ ଆମମାନଙ୍କୁ ସାମାନ୍ୟ ଆନନ୍ଦ ଦେଉଛି।

ବାଲିଯାତ୍ରାର ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥାଏ ଓରମାସ ଷ୍ଟଲ୍। ଚଳିତବର୍ଷ କୋଣାର୍କ ମନ୍ଦିର ଶୈଳୀରେ ଏହାର ପ୍ରବେଶ ପଥଟି ହୋଇଛି। ଚଳିତ ବର୍ଷର କୋଣାର୍କ ମନ୍ଦିରର ମୁଖଶାଳା ସମଗ୍ର ବିଶ୍ୱରେ ଓଡ଼ିଶାର ସ୍ଥପତି ଓ ଭାସ୍କର୍ଯ୍ୟର ମହାନ୍ ଗାଥାକୁ ଆହୁରି ଉଚ୍ଚ ସୋପାନକୁ ନେଇଯିବ। ଏହାବ୍ୟତୀତ ଚଳିତବର୍ଷ ସମଗ୍ର ଭାରତର ୨୨ଟି ରାଜ୍ୟ ଓ ଓଡ଼ିଶାର ସମସ୍ତ ୩୦ଟି ଜିଲାରୁ ବିଭିନ୍ନ ଷ୍ଟଲ୍ ସାମିଲ ହେବେ। ସେମାନଙ୍କ ସହ ମିଶନ ଶକ୍ତି, ନାବାର୍ଡ, ଟେକ୍ସଟାଇଲ ଓ ବିଭିନ୍ନ ଶିଳ୍ପକେନ୍ଦ୍ରର ଷ୍ଟଲ୍ ବଡ଼ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିବେ। କେବଳ ଓଡ଼ିଶା ଖାଦ୍ୟ ନୁହେଁ, ଗୁଜରାଟ, ରାଜସ୍ଥାନ, ପଞ୍ଜାବ ଓ ପଶ୍ଚିମବଙ୍ଗର ଖାଦ୍ୟସବୁ ମଧ୍ୟ ଏହି ଷ୍ଟଲ୍‌ରେ ଉପଲବ୍ଧର ବ୍ୟବସ୍ଥା ରହିଛି। ଓଡ଼ିଶାରେ ଚଳିତବର୍ଷ ବିଶ୍ୱ ମିଲେଟ୍ କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଥିବାରୁ ଏବଂ ଲୋକମାନଙ୍କ ଭିତରେ ମିଲେଟ୍ ପ୍ରତି ଦୁର୍ବଳତା ଦିନକୁଦିନ ବଢ଼ୁଥିବାରୁ ଚାରୋଟି ଷ୍ଟଲ୍‌ରେ କେବଳ ମାଣ୍ଡିଆରୁ ପ୍ରସ୍ତୁତ ଖାଦ୍ୟସାମଗ୍ରୀ ମିଳିବା ସହ ଅନ୍ୟ ୨୫ ପ୍ରକାର ମାଣ୍ଡିଆ ପ୍ରସ୍ତୁତ ଖାଦ୍ୟ ମଧ୍ୟ ମିଳିବ।

ହଜାର ବର୍ଷର ପରିଚୟରେ ସମୃଦ୍ଧ କଟକ ସହରର ବାଲିଯାତ୍ରା ସମୟରେ ସହର ଓ ସହର ଆଖପାଖ ଅଞ୍ଚଳର ଝିଅ ଝିଆରୀମାନେ ବାପ ଘରକୁ ଆସିଥାନ୍ତି କେବଳ ବାଲିଯାତ୍ରା ପାଇଁ। ବନ୍ଧୁଘର ସଜ ହେଉ ବା ଝିଅ ବାହାଣୀ ପାଇଁ ଘର ଯୋଗାଡ଼ ଜିନିଷ, ମାଛଜାଲ ହେଉ ବା ହରେକ୍ ରକମର କାଠସାମଗ୍ରୀ, ଲୁଗାପଟାଠାରୁ ସବୁକିଛି ଏଇଠି ପାଇବେ। ଓଡ଼ିଶା ସରକାର ବାଲିଯାତ୍ରାର ବିଶ୍ୱସ୍ତରୀୟ ପ୍ରଚାର ପ୍ରସାର କରିବା ସହ ଏହାର ପୃଷ୍ଠପୋଷକତା ମଧ୍ୟ କରୁଛନ୍ତି। ରଙ୍ଗବେରଙ୍ଗ ଆଲୋକର ମେଖଳା ଭିତରେ ଦୂର ଅତୀତର ଗୌରବମୟ ଉତ୍କଳୀୟ ନୌବାଣିଜ୍ୟ ପରମ୍ପରାର ସ୍ମୃତିବିଜଡ଼ିତ ପଦଚିହ୍ନ ବେଶ୍ ଭାବଗର୍ଭକ।

**ତୁଳସୀପୁର, କଟକ**
**ମୋ:୯୪୩୭୬୬୬୪୫୩**

## ଏଇ ଭାରତରେ

ଘରଚଟିଆ ବଂଶ ଲୋପ ପାଇଯାଉଥିବା ବେଳେ ଏମାନଙ୍କ ସୁରକ୍ଷା ଦିଗରେ ଚେନ୍ନାଇର ଏକ ଦମ୍ପତିଙ୍କ ପ୍ରୟାସ ପ୍ରଶଂସନୀୟ। ଗଣେଶନ ଡି. ଓ ତାଙ୍କ ସ୍ତ୍ରୀ ଶାନ୍ତିନୀ ଚେନ୍ନାଇର ସ୍କୁଲଗୁଡ଼ିକରେ ଘରଚଟିଆଙ୍କ ପାଇଁ କାଠର ବାକ୍ସ ଲଗାଉଛନ୍ତି। ଏହି କାଠବାକ୍ସ ଲଗାଇବା ସହ ପକ୍ଷୀମାନଙ୍କର ଯତ୍ନ ନେବାରେ ପିଲାମାନେ ସହଯୋଗ କରୁଛନ୍ତି। 'କୁଡୁଗାଲ ନେଷ୍ଟ' ଏନ୍‌ଜିଓ ମାଧ୍ୟମରେ ସେମାନେ ଏହି କାର୍ଯ୍ୟ କରୁଛନ୍ତି। ଗଣେଶନ ମେକାନିକାଲ ଇଞ୍ଜିନିୟରିଂରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି। ପ୍ରଥମେ ଏସ୍‌ଆର୍‌ଏମ୍ ବିଶ୍ୱବିଦ୍ୟାଳୟରେ ପ୍ରାଧ୍ୟାପକ ଭାବେ କାମ କରିବା ପରେ ଆଇଟି କ୍ଷେତ୍ରରେ କୋଡା ଟେକ୍‌ନୋଲୋଜି ସଲ୍ୟୁଶନରେ ଡୋମେନ ସ୍ପେଶିଆଲିଟି ଭାବେ କାମ କରୁଛନ୍ତି। ଏଥିରୁ ସମୟ ବାହାର କରି ସେ ଘରଚଟିଆ ବଂଶ ସୁରକ୍ଷା ଦିଗରେ କାମ କରୁଛନ୍ତି। ପ୍ରଥମେ ଧନଲକ୍ଷ୍ମୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ୧୫ଟି ବାକ୍ସ ବସାଇଥିଲେ। ଏବେ ସବୁ ସ୍କୁଲକୁ ୧୦,୦୦୦ କାଠ ବାକ୍ସ ବାଣ୍ଟି ସାରିଲେଣି। ସେମାନେ ଏବେ ସୁଦ୍ଧା ସ୍କୁଲଗୁଡ଼ିକରେ ୧୦୦ରୁ ୨୦୦ ଘରଚଟିଆ ରହିଲା ଭଳି କାଠବାକ୍ସ ଲଗାଉଛନ୍ତି। କାଠବାକ୍ସ ତିଆରି କରିବା ଲାଗି ସେ ସ୍କୁଲ ପିଲାଙ୍କୁ ପ୍ରଶିକ୍ଷଣ ଦେଇଛନ୍ତି। ଏହାବ୍ୟତୀତ ଏହି କାର୍ଯ୍ୟରେ ଲୋକଙ୍କୁ ମଧ୍ୟ ସାମିଲ କରିଛନ୍ତି। ଫଳରେ ଶସ୍ତାରେ ବସା ତିଆରି ହୋଇପାରୁଛି। ଏହା ବ୍ୟତୀତ ପରିବାରଗୁଡ଼ିକୁ ଏଥିରେ ସାମିଲ କରିବାର ଲକ୍ଷ୍ୟ ରଖିଛନ୍ତି ଗଣେଶନ। ଏହି କାର୍ଯ୍ୟ ପାଇଁ ବହୁ ସଂସ୍ଥା ଓ ବ୍ୟକ୍ତି ଆର୍ଥିକ ସହଯୋଗ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୧୫ ନଭେମ୍ବର ୧୯୭୫**

- ଶିଶୁ ସାହିତ୍ୟର ବିକାଶ ପାଇଁ ପଞ୍ଜାବ ସରକାର ରାଜ୍ୟରେ ଏକ ବୁକ୍ ଟ୍ରଷ୍ଟ ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି କରିଛନ୍ତି।
- ପାଟଣା ବିଶ୍ୱବିଦ୍ୟାଳୟର ଅଧ୍ୟାପକ ପ୍ରଫେସର ଆର୍.ପି. ରାୟ ଏବଂ ରାଜସ୍ଥାନର ଲୋକ ସାହିତ୍ୟ ପ୍ରତିଷ୍ଠାନର ନିର୍ଦ୍ଦେଶକ କୋମଳ କୋଠାରୀଙ୍କୁ ଜବାହରଲାଲ ନେହେରୁ ଫେଲୋସିପ୍ ପୁରସ୍କାର ପ୍ରଦାନ।

## su | do | ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 9 | | | | 5 | | | | 6 |
| | | | | | 8 | 1 | | |
| | 4 | | | 2 | | | 5 | |
| | 6 | | | | 4 | 5 | | 3 |
| | 1 | | 8 | 7 | | | | |
| | | 9 | | | 2 | | | 1 |
| | | | | 8 | 1 | | 7 | |
| | 2 | | | 6 | | | | |
| | | 5 | | | 7 | | | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 9 | 7 | 8 | 4 | 2 | 3 | 1 | 6 |
| 8 | 1 | 4 | 3 | 7 | 6 | 5 | 2 | 9 |
| 6 | 2 | 3 | 9 | 1 | 5 | 7 | 8 | 4 |
| 2 | 8 | 5 | 7 | 9 | 3 | 6 | 4 | 1 |
| 3 | 6 | 1 | 4 | 5 | 8 | 9 | 7 | 2 |
| 7 | 4 | 9 | 6 | 2 | 1 | 8 | 5 | 3 |
| 1 | 7 | 2 | 5 | 3 | 9 | 4 | 6 | 8 |
| 4 | 3 | 8 | 2 | 6 | 7 | 1 | 9 | 5 |
| 9 | 5 | 6 | 1 | 8 | 4 | 2 | 3 | 7 |

ଗତକାଲିର ଉତ୍ତର

# ଓଡ଼ିଶାରେ ଦାଦନ ସମସ୍ୟା



ସୁଧାଂଶୁ ରଞ୍ଜନ ଦାସ

ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗଗୁଡ଼ିକର ସମ୍ମିଳିତ ପ୍ରୟାସରେ ରାଜ୍ୟର ଦାଦନ ଶ୍ରମିକମାନଙ୍କୁ କିପରି ରାଜ୍ୟରେ ଜୀବିକା ଅର୍ଜନ କରିବା ପାଇଁ ସୁଯୋଗ ସୃଷ୍ଟି କରାଯିବ ସେଥିପାଇଁ ରାଜ୍ୟ, ବ୍ଲକ ଓ ଜିଲା ସ୍ତରରେ କମିଟିଗଠନ କରାଯାଇ ରାଜ୍ୟର ଏଗାରଟି ଜିଲା ଯଥା ବରଗଡ଼, ବଲାଙ୍ଗୀର, ନୂଆପଡ଼ା, କଳାହାଣ୍ଡି, କୋରାପୁଟ, ନବରଙ୍ଗପୁର, ଗଜପତି, କନ୍ଧମାଳ, ରାୟଗଡ଼ା, ମାଲକାନଗିରି ଓ ସୁବର୍ଣ୍ଣପୁର ଜିଲାରେ ଦାଦନ ଶ୍ରମିକମାନଙ୍କୁ ଚିହ୍ନଟ କରାଯିବ ବୋଲି ରାଜ୍ୟ ସରକାର ନିର୍ଣ୍ଣୟ ନେଇଛନ୍ତି। ଦାଦନ ପରିବାରମାନଙ୍କୁ ବିଭିନ୍ନ ସରକାରୀ ଯୋଜନାର ସୁବିଧା ଦିଆଯିବା ସଙ୍ଗେ ସଙ୍ଗେ ଶ୍ରମଭିତ୍ତିକ କାର୍ଯ୍ୟକ୍ରମରେ ଜଡ଼ିତ କରାଯାଇ ବର୍ଷକୁ ୨୦୦ରୁ ୩୦୦ ଦିନ କାମ ଦିଆଯିବ ବୋଲି ରାଜ୍ୟର ଏକ ଉଚ୍ଚସ୍ତରୀୟ ବୈଠକରେ ଆଲୋଚନା ହୋଇଛି। ଆଶ୍ଚର୍ଯ୍ୟର ବିଷୟ ସରକାର ମାଗଣା ଖାଦ୍ୟ ପଦାର୍ଥ, ବିଭିନ୍ନ ପ୍ରକାର ସବ୍‌ସିଡି, କୃଷି ଋଣ ଛାଡ ଓ ବିଭିନ୍ନ ଯୋଜନାରେ ଗରିବ ଲୋକଙ୍କ ପାଖକୁ କୋଟି କୋଟି ଟଙ୍କା ବିତରଣ କଲା ପରେ ମଧ୍ୟ ରାଜ୍ୟରୁ ଦାଦନ ଶ୍ରମିକମାନେ ଦୂର ଦୂରାନ୍ତ ରାଜ୍ୟକୁ ରୋଜଗାର ପାଇଁ ଚାଲି ଯାଉଛନ୍ତି। ଏହି ଦୁର୍ଭାଗ୍ୟପୂର୍ଣ୍ଣ ଦାଦନ ସମସ୍ୟାର ସମାଧାନ ପାଇଁ ସରକାର ବିଶେଷ ଆଲୋଚନାଚକ୍ର ନ କରି କେତେକ ସରଳ ଉପାୟ ଅବଲମ୍ବନ କରିବା ଉଚିତ।

ପ୍ରଥମେ ସରକାର ରାଜ୍ୟର ବିଭିନ୍ନ ବିକାଶ ବିଭାଗରେ ଥିବା ବରିଷ୍ଠ ଓ ଅଭିଜ୍ଞ ଅଧିକାରୀମାନଙ୍କୁ ବରଗଡ଼, ବଲାଙ୍ଗୀର, ନୂଆପଡ଼ା, କଳାହାଣ୍ଡି, କୋରାପୁଟ, ନବରଙ୍ଗପୁର, ଗଜପତି, କନ୍ଧମାଳ, ରାୟଗଡ଼ା, ମାଲକାନଗିରି ଓ ସୁବର୍ଣ୍ଣପୁର ଜିଲାଗୁଡ଼ିକରେ ଲମ୍ବା ସମୟ ପୋଷ୍ଟିଂ କରି ଏହି ଜିଲାଗୁଡ଼ିକର ବିକାଶ କରିବା ପାଇଁ ସମ୍ପୂର୍ଣ୍ଣ ସୁଯୋଗ ଦେବା ଉଚିତ। ଏହି ଅଭିଜ୍ଞ ଅଧିକାରୀମାନେ ଭୁବନେଶ୍ୱରରେ ରହି ଦାଦନ ପ୍ରପୀଡ଼ିତ ଜିଲାଗୁଡ଼ିକର ବିକାଶ କରିବା ସମ୍ଭବ ନୁହେଁ। ଏହି ଅଧିକାରୀମାନେ ସେମାନଙ୍କର ଅଭିଜ୍ଞତା ଓ ପାରଦର୍ଶିତା ଦେଖାଇ ଜିଲାଗୁଡ଼ିକରେ ରୋଜଗାରର ସମ୍ଭାବନା ସୃଷ୍ଟି କରିପାରିବେ।

ସରକାର ଏହି ଦାଦନ ପ୍ରପୀଡ଼ିତ ଅଞ୍ଚଳଗୁଡ଼ିକରେ ଖର୍ଚ୍ଚ ହେଉଥିବା ଧନରାଶି ଯେପରି ବାଟମାରଣା ନ ହୋଇ ପ୍ରକୃତ ପ୍ରପୀଡ଼ିତ ଲୋକଙ୍କ ପାଖରେ ପହଞ୍ଚେ ସେଥିପାଇଁ ଧ୍ୟାନକେନ୍ଦ୍ରିତ କରିବା ଉଚିତ। ଏହି ଜିଲାଗୁଡ଼ିକରେ ସରକାର ଦୁର୍ନୀତିଗ୍ରସ୍ତ ଅଧିକାରୀ ଓ ସଂସ୍ଥାଗୁଡ଼ିକ ପ୍ରତି "ଜିରୋ ଟଲେରାନ୍ସ"ନୀତି ଅବଲମ୍ବନ କରିବା ଉଚିତ। ଏହି ଦାଦନ ପ୍ରପୀଡ଼ିତ ଜିଲାଗୁଡ଼ିକରେ ଗଣମାଧ୍ୟମର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସରକାରୀ ସୁବିଧା, ବ୍ୟାଙ୍କ ଋଣ, ସ୍କୁଲ ଶିକ୍ଷା ଓ ସ୍ୱାସ୍ଥ୍ୟସେବାଗୁଡ଼ିକର ଯେପରି ସଦୁପଯୋଗ ହୁଏ ସେଥିପାଇଁ ଗଣମାଧ୍ୟମ ଧ୍ୟାନ ଦେବା ଉଚିତ। ଏହି ଜିଲାଗୁଡ଼ିକରେ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକର ଗୁଣାତ୍ମକ ମାନର ପରୀକ୍ଷା ନିରୀକ୍ଷା କରାଯିବା ନିହାତି ଦରକାର। ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକର ଗୁଣାତ୍ମକ ମାନକୁ ଯାଞ୍ଚ କରିବା ପାଇଁ ସେବାନିବୃତ୍ତ ଅଧିକାରୀମାନଙ୍କୁ ନିୟୋଜିତ ନ କରି ଶିକ୍ଷିତ ଯୁବପିଢ଼ିଙ୍କୁ ନିୟୋଜିତ କରିବା ଉଚିତ। ଅନେକ ସେବାନିବୃତ୍ତ ଅଧିକାରୀ କଣ୍ଟ୍ରାକଟର, ନେତା ଓ ଅସାଧୁ ଅଧିକାରୀଙ୍କ ସହିତ ମିଶି ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକର ଯାଞ୍ଚ କରିବାରେ ତ୍ରୁଟି ରଖିଥାନ୍ତି। ଉତ୍ତମ ମାନରେ ହୋଇଥିବା



ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକ ଜିଲାଗୁଡ଼ିକରେ ରୋଜଗାର ସୃଷ୍ଟି କରି ଦାଦନ ସମସ୍ୟାକୁ ଲାଘବ କରିବ। ଜିଲାଗୁଡ଼ିକରେ ଦୁର୍ନୀତିଗ୍ରସ୍ତ ଅଧିକାରୀମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ବହିଷ୍କାର କରାଯିବା ଦରକାର। କାରଣ ଦୁର୍ନୀତି ହିଁ ଦାଦନ ଶ୍ରମିକ ସୃଷ୍ଟି କରିଥାଏ।

ଏହି ଜିଲାଗୁଡ଼ିକରେ ସାହୁକାରମାନେ ଗରିବ ଓ ଅଶିକ୍ଷିତ ଶ୍ରେଣୀର ଲୋକମାନଙ୍କୁ ଋଣ ଜାଲରେ ପକାଇ ସେମାନଙ୍କ ଜମି ନେଇଯାଉଥିବାର ଦେଖାଯାଉଛି। ସଚ୍ଚୋଟ ଓ ଦକ୍ଷ ପୋଲିସ, ନ୍ୟାୟ ପାଳିକା, ସରକାରୀ ଅଧିକାରୀ, ବୁଦ୍ଧିଜୀବୀ ଓ ଯୁବପିଢ଼ି ଏହି ସମସ୍ୟାର ସମାଧାନ କରିପାରିବେ। ବାହାର ରାଜ୍ୟରୁ ଆସୁଥିବା ଜମି ମାଫିଆମାନେ ଓ ଦୁର୍ନୀତିଗ୍ରସ୍ତ ଅଧିକାରୀମାନେ ଏହି ଜିଲାଗୁଡ଼ିକରେ ହଜାର ହଜାର ଏକର ଜମି ଦଖଲ କରିସାରିଲେଣି। ଫଳରେ ଦାଦନ ଶ୍ରମିକ ସମସ୍ୟା ଆହୁରି ତୀବ୍ରତର ହୋଇଛି। ସରକାର ଏହି ଜମି ମାଫିଆମାନଙ୍କ ପ୍ରାଦୁର୍ଭାବକୁ ସମ୍ପୂର୍ଣ୍ଣ ନଷ୍ଟ କରିଦେବା ଉଚିତ।

ରାଜ୍ୟ ସରକାରଙ୍କ କୃଷି ବିଭାଗ, ପର୍ଯ୍ୟଟନ ବିଭାଗ, ଜଳଧନ ବିକାଶ ବିଭାଗ, ହସ୍ତଶିଳ୍ପ ବିକାଶ ବିଭାଗ, ଅର୍ଥ ବିଭାଗ, ପଞ୍ଚାୟତିରାଜ ବିଭାଗ ଓ ଜଙ୍ଗଲ ବିକାଶ ବିଭାଗର ଅଭିଜ୍ଞ ଅଧିକାରୀମାନେ ଏହି ଏଗାରଟି ଜିଲାରେ ଥିବା ଜଳାଶୟ, କୃଷି କ୍ଷେତ୍ର, ଫସଲ ବିବିଧତା, ପର୍ଯ୍ୟଟନ ସ୍ଥଳ, ଆଦିବାସୀମାନଙ୍କର ହସ୍ତକଳା କୌଶଳ, ବୁଣାକାରମାନଙ୍କର ସାମାଜିକ ଓ ଆର୍ଥିକ ସ୍ଥିତି, ଜଙ୍ଗଲଜାତ ଦ୍ରବ୍ୟ, ବନ୍ୟଜନ୍ତୁମାନଙ୍କର ସୁରକ୍ଷା, ତୀର୍ଥ ପର୍ଯ୍ୟଟନ ସ୍ଥଳୀ ଓ ପଶୁଧନର କିଭଳି ସୁରକ୍ଷା ଓ ବିକାଶ ହେବ ସେଥିପାଇଁ ଧ୍ୟାନକେନ୍ଦ୍ରିତ କରିବା ଉଚିତ। ଏହି ଆର୍ଥିକ ଗତିବିଧିଗୁଡ଼ିକ ଉପରେ ଏକ ଗବେଷଣାମୂଳକ ତଥ୍ୟ ପୁଞ୍ଜି ତିଆରି ହେବା ଦରକାର। ଅଧିକାରୀମାନେ ଇଣ୍ଟରନେଟ୍ ଡାଟା କିମ୍ବା ପୂର୍ବ ପ୍ରକାଶିତ ତଥ୍ୟ ପୁଞ୍ଜିକୁ ନକଲ ନ କରି ନିଜ ପରିଶ୍ରମରେ ଏକ ନିର୍ଭୁଲ ତଥ୍ୟ ପୁଞ୍ଜି ତିଆରି କରିବା ଦରକାର। ନିର୍ଭୁଲ ତଥ୍ୟ ପୁଞ୍ଜି ବିନା ଏହି ଜିଲାଗୁଡ଼ିକର ବିକାଶ ସମ୍ଭବ ନୁହେଁ।

ବିଡ଼ମ୍ବନାର ବିଷୟ ଏହି ଜିଲାଗୁଡ଼ିକରେ ରୋଜଗାର ପାଇଁ ଅନେକ ସମ୍ଭାବନା ଥାଇ ମଧ୍ୟ ଦାଦନ ସମସ୍ୟା ଦିନକୁ ଦିନ ବଢ଼ି ଚାଲିଛି। ଏହି ଜିଲାଗୁଡ଼ିକରୁ ହଜାର ହଜାର ସଂଖ୍ୟାରେ ଦାଦନ ବାହାର ରାଜ୍ୟକୁ ଯାଇ ଏକ ଅନିଶ୍ଚିତ ଜୀବନ ଅତିବାହିତ କରୁଛନ୍ତି। ସରକାର ସେମାନଙ୍କୁ ଉଦ୍ଧାର କରିବା ସଙ୍ଗେ ସଙ୍ଗେ ଏହି ଜିଲାଗୁଡ଼ିକରେ ଥିବା ସୂକ୍ଷ୍ମ ଆର୍ଥିକ ଗତିବିଧିଗୁଡ଼ିକୁ ସକ୍ରିୟ କରିବା ଉଚିତ। ଏଥିପାଇଁ ତୃଣମୂଳ ସ୍ତରରେ ଇଚ୍ଛାଶକ୍ତିର ଅତ୍ୟନ୍ତ ଆବଶ୍ୟକତା ଅଛି।

ଏହି ଦାଦନ ପ୍ରପୀଡ଼ିତ ଜିଲାଗୁଡ଼ିକରେ ବିଭିନ୍ନ ଋଣ ବିତରଣକାରୀ ସଂସ୍ଥା ଓ ସାହୁକାରମାନେ ଲୋକଙ୍କୁ ବାର୍ଷିକ ୬୦% ହାରରେ ଋଣ ଦେଉଥିବାର ଦେଖିବାକୁ ମିଳୁଛି। ଅତ୍ୟଧିକ ସୁଧ ହାର ଦାଦନ ସମସ୍ୟାର ଏକ ପ୍ରମୁଖ କାରଣ। ଓଡ଼ିଶା ସରକାର ଏହି ଋଣ ବିତରଣକାରୀ ସଂସ୍ଥା ଓ ସାହୁକାରମାନଙ୍କର ଉପଦ୍ରବକୁ ତୁରନ୍ତ ବନ୍ଦ କରିବା ଉଚିତ। ବ୍ୟାଙ୍କମାନେ ଋଣର ଉପଯୁକ୍ତ ବିନିଯୋଗ ପାଇଁ ଏହି ଜିଲାଗୁଡ଼ିକରେ ସ୍ୱୟଂ ସହାୟକ ସଂସ୍ଥା ଓ କୃଷକ କ୍ଲବ ଅଧିକ ସଂଖ୍ୟାର କରିବା ଉଚିତ। ଏହି ସଂସ୍ଥାଗୁଡ଼ିକର ଯେପରି ରାଜନୀତୀକରଣ ନ ହୁଏ ସେଥିପାଇଁ ଧ୍ୟାନ ଦେବା ଉଚିତ। ବିଭିନ୍ନ ରାଜନୈତିକ ଦଳମାନେ ଏହି ଜିଲାଗୁଡ଼ିକରେ ନିର୍ବାଚନ ଟିକେଟ ବିତରଣ କଲାବେଳେ ପ୍ରାର୍ଥୀମାନଙ୍କର ସମାଜ, ପରିବେଶ ଓ ଆର୍ଥିକ ବିକାଶ ପ୍ରତି ଅବଦାନକୁ ଅନୁଧ୍ୟାନ କରିବା ଉଚିତ। ଦକ୍ଷ ଓ ସଚ୍ଚୋଟ ରାଜନେତା ହିଁ ଏହି ଦାଦନ ସମସ୍ୟାର ସମାଧାନ କରିପାରିବେ।

**ମୋ: ୭୭୦୨୩୮୩୮୦**

## ପାଠକ ଶ୍ରେଷ୍ଠ ବିଚାରକ

### ଗୋପବନ୍ଧୁ ମେମୋରିଆଲ ହାଇସ୍କୁଲ ନାମ ବଦଳାଯାଉ

ମହାଶୟ,

ଉତ୍କଳମଣି ଗୋପବନ୍ଧୁଙ୍କ ମୁଠାଏ ମାଟି ଉପରେ ୧୯୧୯ରେ ଗଢ଼ିଉଠିଥିଲା ଆଜିର ଗୋପବନ୍ଧୁ ମେମୋରିଆଲ ହାଇସ୍କୁଲ, ଦାଣ୍ଡମୁକୁନ୍ଦପୁର। ଏହି ଶିକ୍ଷାନୁଷ୍ଠାନର ନାମ ପରିବର୍ତ୍ତନ କରି ଗୋପବନ୍ଧୁ ସ୍ମୃତି ଉଚ୍ଚ ବିଦ୍ୟାଳୟ ଭାବେ ନାମିତ କରିବା ପାଇଁ ଦାବି କରାଯାଉଛି । ଗତ ଅକ୍ଟୋବର ୯ରେ ବିଦ୍ୟାଳୟ ପରିସରରେ ଆୟୋଜିତ ଜୟନ୍ତୀ ଉତ୍ସବରେ ଏ ସମ୍ପର୍କରେ ଆଲୋଚନା ଓ ଦାବି କରାଯାଇଥିଲା। ସ୍ଥାନୀୟ ଜନସ୍ୱାର୍ଥ ସୁରକ୍ଷା ସମିତିର ସଂଯୋଜକ ଶିକ୍ଷାବିତ୍ ସନ୍ତୋଷ କୁମାର ମିଶ୍ର, ବିଭିନ୍ନ ସଙ୍ଗଠନର ସଭ୍ୟ, ସଭ୍ୟା ଓ ଉପସ୍ଥିତ ସାମ୍ବାଦିକମାନେ ଏହି ନାମ ପରିବର୍ତ୍ତନ ଦାବିକୁ ସମର୍ଥନ କରିଥିଲେ। ବର୍ତ୍ତମାନ ସରକାର ଓଡ଼ିଆ ଅସ୍ମିତା, ଓଡ଼ିଆ ଭାଷା, ସାହିତ୍ୟର ସୁରକ୍ଷା ଓ ସମୃଦ୍ଧି ପାଇଁ ବଦ୍ଧପରିକର। ତେଣୁ ମେମୋରିଆଲ ହାଇସ୍କୁଲ ପରି ୨ଟି ଇଂରାଜୀ ଶବ୍ଦ, ଯାହାର ଅର୍ଥ ସାଧାରଣ ଜନତାଙ୍କ ପାଇଁ ଏବେ ବି ଅବୁଝା। ଗୋପବନ୍ଧୁଙ୍କ ପ୍ରତିଷ୍ଠିତ ଏହି ଶତାୟୁ ଶିକ୍ଷାନୁଷ୍ଠାନର ନାମ ପରିବର୍ତ୍ତନ କଲେ ତାଙ୍କର ଓଡ଼ିଆ ଭାଷା ଓ ସାହିତ୍ୟ ପାଇଁ ଅତୁଳନୀୟ ଅବଦାନ ପ୍ରତି ଯଥେଷ୍ଟ ସମ୍ମାନ ପ୍ରଦର୍ଶନ କରିବ । ଏଥିପାଇଁ ବିଦ୍ୟାଳୟ କର୍ତ୍ତୃପକ୍ଷ, ଶିକ୍ଷା ବିଭାଗ ଏ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରନ୍ତୁ ।

**–ଅର୍ଜୁନ ଘଡ଼େଇ, ଦାଣ୍ଡମୁକୁନ୍ଦପୁର, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ବିଶ୍ୱର ତପତ ଶ୍ୱାସ
ଜାଳଇ ଅନଳ,
ଜାଗଇ ବିରାଟ ତୃଷା
ଭୁବନେ କେବଳ।
–(ଚିରନ୍ତନ କୁହୁ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଓଡ଼ିଶାର ସବୁଜ ସ୍ୱର


ଅଙ୍କିତା ଦାଶ, ଅଭିନେତ୍ରୀ


ଆକାଶ ଦାସନାୟକ, ଅଭିନେତା


କାଜଲ ଶତପଥୀ, ଅଭିନେତ୍ରୀ


ଦୀପକ ଶର୍ମା, ବ୍ୟବସାୟୀ

ସବୁଜ ଓଡ଼ିଶା ଲାଗି ନିରନ୍ତର ପ୍ରଚେଷ୍ଟାରେ ଧରିତ୍ରୀ ଓ ରାଜ୍ୟ ଯୁବଶକ୍ତି ସହ ମୁଁ ବି ସାମିଲ...

# ସବୁଜ ଓଡ଼ିଶା ପାଇଁ ଯୁବଶକ୍ତି


ଗଙ୍ଗାଧର ମେହେର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସମ୍ବଲପୁର


ଆଇଆର୍‌ସି ଭିଲେଜ ସରକାରୀ ଉଚ୍ଚ ବିଦ୍ୟାଳୟ, ଭୁବନେଶ୍ୱର


ପ୍ରିନ୍ସ କଲେଜ, ବାରିପଦା


ଘଡ଼େଇ ଆବାସିକ ସାଇନ୍ସ କଲେଜ, ମାଲକାନଗିରି

ସବୁଜ ଓଡ଼ିଶା ପାଇଁ ପ୍ରତିଶ୍ରୁତିବଦ୍ଧ ଧରିତ୍ରୀ ସହ ଆମେ...






## ଧାନକିଣାରେ ଚାଷୀଙ୍କୁ ଠକିଲେ କାର୍ଯ୍ୟାନୁଷ୍ଠାନ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୪।୧୧(ଅନିଲ ଦାସ)



### ୭୧ତମ ନିଖିଳ ଭାରତ ସମବାୟ ସପ୍ତାହ ପାଳନ

ଆସନ୍ତା ସପ୍ତାହକ ପରେ ରାଜ୍ୟରେ ଖରିଫ ଧାନକିଣା ଆରମ୍ଭ ହେବ। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ୨୩୦୦ ଟଙ୍କା ସହିତ ରାଜ୍ୟ ସରକାରଙ୍କ ତରଫରୁ ଇନ୍‌ପୁଟ ସହାୟତା ୮୦୦ ଟଙ୍କା ମିଶାଇ ଚଳିତବର୍ଷ ଧାନକିଣା ଦର କୁଇଣ୍ଟାଲ ପ୍ରତି ୩୧୦୦ ଟଙ୍କା ଧାର୍ଯ୍ୟ କରାଯାଇଛି। ଚାଷୀମାନେ ଯେପରି ଧାନ ବିକ୍ରି କରିବାରେ କୌଣସି ଅସୁବିଧାର ସମ୍ମୁଖୀନ ନ ହେବେ ସେଥିପତି ରାଜ୍ୟ ସରକାର ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ସରକାରୀ ନିୟମ ଅନୁଯାୟୀ ସମବାୟ ସମିତିଗୁଡ଼ିକ ରାଜ୍ୟରେ ଧାନ କ୍ରୟ କରିବେ। ଚାଷୀଙ୍କୁ ଠକିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚେତାବନୀ ଦେଇଛନ୍ତି।

ଗୁରୁବାର ଭୁବନେଶ୍ୱରସ୍ଥିତ ସମବାୟ ଭବନ ପରିସରରେ ୭୧ତମ ନିଖିଳ ଭାରତ ସମବାୟ ସପ୍ତାହ ପାଳନର ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ସପ୍ତାହେ ପରେ ଧାନକିଣା କାର୍ଯ୍ୟକ୍ରମ ଆରମ୍ଭ ହେବ। ଏହାର ସମ୍ପୂର୍ଣ୍ଣ ଦାୟିତ୍ୱ ସମବାୟ ବିଭାଗ ଉପରେ ନ୍ୟସ୍ତ ହୋଇଛି। ବିଭାଗ ଅଧୀନରେ ଥିବା ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ) ଏବଂ ବୃହତ୍ ଆଦିବାସୀ ବହୁମୁଖୀ ସମବାୟ ସମିତି(ଲାମ୍ପ୍ସ)ଗୁଡ଼ିକ ରାଜ୍ୟରେ ଥିବା ୪ ହଜାରରୁ ଊର୍ଦ୍ଧ୍ୱ ଧାନ ସଂଗ୍ରହ କେନ୍ଦ୍ର ପରିଚାଳନା କରିବେ। ଚାଷୀମାନେ ଯେପରି ସ୍ୱଚ୍ଛ, ସରଳ ଓ ପାରଦର୍ଶୀ ପ୍ରକ୍ରିୟାରେ ସେମାନଙ୍କର ଧାନ ବିନା କଟ୍‌ନୀ ଛଟ୍‌ନୀରେ ସରକାରଙ୍କୁ ବିକ୍ରୟ କରିପାରିବେ ଏବଂ ସେମାନଙ୍କ ପ୍ରାପ୍ୟ ୪୮ ଘଣ୍ଟା ମଧ୍ୟରେ ପାଇବେ ସେଥିପ୍ରତି ଯତ୍ନର ସହ ନିୟମ ମାନି କାର୍ଯ୍ୟ କରିବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ସମବାୟ ଭବନ ପରିସରରେ ସମବାୟ ପତାକା ଉତ୍ତୋଳନ କରିଥିଲେ ଏବଂ ମାର୍ଗଦର୍ଶିକା ପୁସ୍ତିକା ଉନ୍ମୋଚନ କରିଥିଲେ। ରାଜ୍ୟ ସମବାୟ, ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଯୋଗଦେଇ 'ସମବାୟ ଗ୍ରାମ୍ୟ ବିକାଶର ଏକ ବଳିଷ୍ଠ ମାଧ୍ୟମ ବୋଲି କହିଛନ୍ତି। ବିଭାଗୀୟ କମିଶନର ତଥା ଶାସନ ସଚିବ ରାଜେଶ ପ୍ରଭାକର ପାଟିଲ ରାଜ୍ୟରେ ନୂଆ ସରକାର ଆସିବା ପରେ ବିଭାଗ ପକ୍ଷରୁ ନିଆଯାଇଥିବା ବିଭିନ୍ନ କଲ୍ୟାଣକାରୀ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶା ରାଜ୍ୟ ସମବାୟ ୟୁନିୟନ ସଭାପତି ପ୍ରବାସିନୀ ଷଡ଼ଙ୍ଗୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମବାୟ ସମିତି ସମୂହ ନିବନ୍ଧକ ପ୍ରଭୁ କଲ୍ୟାଣ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ଏହି ସମବାୟ ସପ୍ତାହ ନଭେମ୍ବର ୧୪ରୁ ୨୦ ତାରିଖ ପର୍ଯ୍ୟନ୍ତ ପାଳନ କରାଯିବ।



## ସଂକ୍ଷେପରେ

### ଖାଦ୍ୟ ନିରାପତ୍ତା ବିଭାଗର ଚଢ଼ାଉ

ଖଡ଼ିଆଳ,୧୪।୧୧ (ସୁଜିତ କୁମାର ପ୍ରଧାନ): ନୂଆପଡ଼ା ଜିଲା ଖଡ଼ିଆଳ ସହରର ବିଭିନ୍ନ ହୋଟେଲ ଓ ରାସ୍ତା ପାର୍ଶ୍ୱରେ ଖାଇବା ସାମଗ୍ରୀ ବିକ୍ରି କରୁଥିବା ଦୋକାନ ଉପରେ ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ବିଭାଗର ଏସ୍ଆଇ କୃଷ୍ଣପ୍ରିୟା ସାହୁ, ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱାଧୀନ କେତନ ମହାରଣାଙ୍କ ତତ୍ତ୍ୱାବଧାନରେ ଚଢ଼ାଉ ହୋଇଥିଲା। ସ୍ୱଚ୍ଛତା ଅବଲମ୍ବନ କରୁ ନ ଥିବା ୨୦ ଦୋକାନୀଙ୍କଠାରୁ ୧୨,୬୦୦ ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଅଧିକାରୀମାନେ ଖାଦ୍ୟ ତିଆରିକରି ସିନ୍ଥେଟିକ୍ ରଙ୍ଗ ବ୍ୟବହାର, ଖବରକାଗଜରେ ଖାଇବା ସାମଗ୍ରୀ ବିକ୍ରି କରିବା, ଦୋକାନ ପରିବେଶ ସ୍ୱଚ୍ଛ ନ ରଖିବା ଆଦି ଯାଞ୍ଚ କରିଥିଲେ। ପଞ୍ଜୀକରଣ ନ କରି ବ୍ୟବସାୟ କରୁଥିବା ଦୋକାନୀମାନଙ୍କୁ ଜରିମାନା ଲାଗୁ କରାଯାଇଛି। ଆଗାମୀ ଦିନରେ ଯାଞ୍ଚ ଜାରିରହିବ ବୋଲି କୁହାଯାଇଛି।

### ଆଦର୍ଶ ବିଦ୍ୟାଳୟରେ ହଷ୍ଟେଲ ଖୋଲିବା ବିଳମ୍ବ ନେଇ ଅସନ୍ତୋଷ

ଖଡ଼ିଆଳ,୧୪।୧୧ (ସୁଜିତ କୁମାର ପ୍ରଧାନ): ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ୍ ବାଦୀଠାରେ ୨୦୧୬ରୁ ଆଦର୍ଶ ବିଦ୍ୟାଳୟ ସ୍ଥାପନ କରାଯାଇଛି। ଏଠାରେ ଷଷ୍ଠରୁ ଯୁକ୍ତ୨ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କୁ ଇଂରାଜୀ ମାଧ୍ୟମରେ ପାଠ ପଢାଇବା ବ୍ୟବସ୍ଥା ରହିଛି। ପ୍ରତିବର୍ଷ ଷଷ୍ଠ ଶ୍ରେଣୀରେ ୮୦ଜଣ ଛାତ୍ରୀଛାତ୍ର ନାମ ଲେଖାଇ ପାଠ ପଢିବାକୁ ଆସୁଛନ୍ତି। ୧୦୦ ସିଟ୍ ବିଶିଷ୍ଟ ଛାତ୍ରୀନିବାସ ଚଳିତ ଶିକ୍ଷାବର୍ଷ ଅର୍ଥାତ୍ ଜୁଲାଇ ୧ରୁ କାର୍ଯ୍ୟକାରୀ ହେବା କଥା। କିନ୍ତୁ ହଷ୍ଟେଲ ଖୋଲିବାରେ ବିଳମ୍ବ ହେବାରୁ ଦୂରଦୂରାନ୍ତରୁ ଆସୁଥିବା ଛାତ୍ରୀମାନେ ବର୍ଷାଦିନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ଏନ୍ଏଚ୍ ୫୫ରୁ ଆଦର୍ଶ ବିଦ୍ୟାଳୟ ଯିବା ରାସ୍ତାରେ ବର୍ଷାଦିନେ ଆଣ୍ଠୁଏ ପାଣି ଜମୁଛି। ଏହି ସମସ୍ୟାର ସମାଧାନ ପାଇଁ ଅଭିଭାବକମାନେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଆଲୋଚନା ପରେ ଜିଲାପାଳ ବହୁ ଶୀଘ୍ର ଏହାର ସମାଧାନ ହେବ ବୋଲି ପ୍ରକାଶ କରିଥିଲେ।

### ବାଲୁକାକଳାରେ ବିର୍ସା ମୁଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି




କର୍ଲାମୁଣ୍ଡା,୧୪।୧୧ (ପ୍ରଦୀପ କୁମାର ସାହୁ): ଗୁରୁବାର ହେଉଛି ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ। ଏହି ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀଙ୍କ ପୁଣ୍ୟ ତିଥିରେ ଅନ୍ତର୍ଜାତୀୟ ବାଲୁକାଶିଳ୍ପୀ ଓମ୍ ପ୍ରକାଶ ସାହୁ ବାଲୁକାରେ ତାଙ୍କ ପ୍ରତିକୃତି ନିର୍ମାଣକରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍ ଗଜବାହାଲ ପଞ୍ଚାୟତ ଡଙ୍ଗରମୁଣ୍ଡା ଗ୍ରାମର ଓମ୍ପ୍ରକାଶ ଜଣେ ବାଲୁକା ଶିଳ୍ପୀ ଭାବେ ଅଞ୍ଚଳରେ ପରିଚିତ।

# ରାସ୍ତାରେ ଗଛ ପକାଇ ଅବରୋଧ

ଭବାନୀପାଟଣା/ଥୁଆମୂଳ ରାମପୁର,୧୪।୧୧ (ଉତ୍ତମ କୁମାର ଦାଶ/ଦୁର୍ଗା କୀର୍ତ୍ତି)

ସିଜିମାଳୀ ଖଣି ଖନନକୁ ବିରୋଧ କରି ଗୁରୁବାର କଳାହାଣ୍ଡି ଜିଲାର ଥୁଆମୂଳ ରାମପୁର ବ୍ଲକ ଓ କାଶୀପୁର ବ୍ଲକର ପ୍ରଭାବିତ ଅଞ୍ଚଳବାସୀ ଗଛ କାଟି ରାସ୍ତା ଅବରୋଧ କରିଥିଲେ। ମିଳିଥିବା ସୂଚନା ଅନୁଯାୟୀ, ଗୁରୁବାର ରାୟଗଡାରେ ସିଜିମାଳୀ ତୁରନ୍ତ ଚାଲୁ କରିବା ପାଇଁ ସପକ୍ଷବାଦୀ ଏକଜୁଟ ହୋଇ ଶୋଭାଯାତ୍ରା କରିବା କାର୍ଯ୍ୟକ୍ରମ ରହିଥିଲା। ଏହି କାର୍ଯ୍ୟକ୍ରମରେ ସାମିଲ ହେବାକୁ ବିସ୍ଥାପିତ ଅଞ୍ଚଳର ଲୋକଙ୍କୁ ନେବା ଲାଗି ଭବାନୀପାଟଣା–ରାୟଗଡାଠାରୁ ବସ୍ ବ୍ୟବସ୍ଥା କରାଯାଇଥିଲା। ହେଲେ



ଗଛ ପକାଇ ରାସ୍ତା ଅବରୋଧ କରାଯାଇଛି।

**ଖଣି ଖନନକୁ ବିରୋଧ**

ବିପକ୍ଷବାଦୀ ତଥା ସିଜିମାଳୀ ସୁରକ୍ଷା କମିଟି ଓ ମା' ମାଳି ସୁରକ୍ଷା କମିଟିର ସଦସ୍ୟମାନେ ରାସ୍ତାରୋକୋ କରିବା ସହ କୌଣସି ଲୋକଙ୍କୁ ମଧ୍ୟ ଛାଡି ନ ଥିଲେ। ଥୁଆମୂଳ ରାମପୁର–ଭବାନୀପାଟଣା ମୁଖ୍ୟ ରାସ୍ତା ସାଇସୁରନି ପାଖରେ ବଡ଼ ବଡ଼ ଗଛ କାଟି ରାସ୍ତା ଅବରୋଧ କରିଥିଲେ। ସେହିପରି କେରପାଇ ତଳ ଆମପଦର ନାକରୁଣ୍ଡିରେ ମୁଖ୍ୟ ରାସ୍ତା ଓ ଭବାନୀପାଟଣା କାଶୀପୁରକୁ ସଂଯୋଗ କରୁଥିବା ରାଜ୍ୟ ରାଜପଥକୁ ମଧ୍ୟ ଅବରୋଧ କରିବା ସହ ଲୋକଙ୍କୁ ନ ଯିବା ପାଇଁ ନିବେଦନ କରିଥିବା ସୂଚନା ମିଳିଛି। ଏ ପଟେ ରାସ୍ତା ଅବରୋଧ ଦ୍ୱାରା ପଥିକ ତଥା ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧା ଭୋଗିଥିବା ଦେଖିବାକୁ ମିଳିଥିଲା। ଖବର ପାଇ ଘଟଣା ସ୍ଥଳକୁ ଥୁଆମୂଳ ରାମପୁର ଥାନା ଅଧିକାରୀ ଓ କର୍ଲାପାଟ ଥାନା ଅଧିକାରୀ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା। ଏହାପରେ ଉକ୍ତ ରାସ୍ତାରେ ଯାତାୟାତ ସ୍ୱାଭାବିକ ହୋଇଥିଲା।

# ୧୧ ଦାଦନ ଶ୍ରମିକ ଉଦ୍ଧାର

ଗୋଲାମୁଣ୍ଡା,୧୪।୧୧(ବଟକୃଷ୍ଣ ପଣ୍ଡା)

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ପୋଲିସ ବୁଧବାର ନକଟିକାନୀ ଗାଁରେ ଚଢ଼ାଉକରି ୬ ଶିଶୁ ସହ ୧୧ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଛି। ଏହି ଘଟଣାରେ ପୋଲିସ ଦାଦନ ସର୍ଦ୍ଦାରଙ୍କ ୩ ସହଯୋଗୀଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଉଗ୍ରେ ଶବର, ଗିରିଧାରୀ ବାଗ ଓ ପବିତ୍ର ତାଣ୍ଡି। ସୂଚନାମତେ ଦାଦନ ସର୍ଦ୍ଦାର ପଡ଼ୋଶୀ ବଲାଙ୍ଗୀର ଓ ବରଗଡ଼ ଜିଲାର ଶ୍ରମିକମାନଙ୍କୁ ପ୍ରଲୋଭନ ଦେଖାଇ ତେଲଙ୍ଗାନା ରାଜ୍ୟର ସିକନ୍ଦରାବାଦ ସହରର ଏକ ଇଟାଭାଟିରେ ନିୟୋଜିତ କରିବା ପାଇଁ ଚାଲାଣ କରୁଥିଲେ। ପ୍ରଥମେ ବାଉନମାଲରୁ ଦେଉଳଗାଁ ଜଙ୍ଗଲକୁ ନେଇଥିବାବେଳେ ସେଠାରୁ ଆଣି ନକଟିକାନୀ ଗ୍ରାମରେ ଲୁଚାଇ

**ଦାଦନ ସର୍ଦ୍ଦାରଙ୍କ ୩ ସହଯୋଗୀ କୋର୍ଟ ଚାଲାଣ**

ରଖିଥିଲେ। କୌଣସି ସୂତ୍ରରୁ ଖବର ପାଇ ପୋଲିସ ଗ୍ରାମରେ ପହଞ୍ଚି ଶିଶୁ ସହ ୧୧ଜଣ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଛି। ଏହା ଜାଣିବା ପରେ ମୁଖ୍ୟ ଦାଦନ ସର୍ଦ୍ଦାର ଫେରାରଥିବା ଜଣାପଡିଛି। ଅନ୍ୟପଟେ ପୋଲିସ ଅନୁକମ୍ପା ଦେଖାଇ ସେମାନଙ୍କୁ ଖସାଇଦେଇଥିବା ଅଭିଯୋଗ ହେଉଛି। ଏ ନେଇ ଗୋଲାମୁଣ୍ଡା ଥାନାଧିକାରୀ ଶ୍ୱେତାପଦ୍ମା ସେଠଙ୍କୁ ପଚାରିବାରୁ ପ୍ରଥମେ ୩ଜଣଙ୍କ ନାଁରେ ଅଭିଯୋଗ ଆସିବା ମାତ୍ରେ ଗିରଫକରି କୋର୍ଟ ଚାଲାଣ କରିଛୁ। ଅନ୍ୟମାନଙ୍କ ନାଁରେ ଅଭିଯୋଗ ଆସିଛି ଓ ଖୁବ୍ଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି କହିଥିଲେ।

# ରବି ଋତୁରେ ଜଳସେଚନ ନେଇ ଦାବିପତ୍ର

ଧର୍ମଗଡ଼,୧୪।୧୧ (ଆକାଶ କୁମାର ଜଗତ)

ଜଳସ୍ତର କମ ଥିବାରୁ ଇନ୍ଦ୍ରାବତୀ ଉଠା ଜଳ ସେଚନ ପ୍ରକଳ୍ପ ଚଳିତ ୨୦୨୪–୨୫ ରବି ଚାଷ ପାଇଁ ଜଳସେଚନ ବନ୍ଦ ରହିବା ନେଇ ଉପର ଇନ୍ଦ୍ରାବତୀ ବାମ କେନାଲ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହାକୁ ନେଇ ଗୁରୁବାର ଧର୍ମଗଡ ବ୍ଲକର କାଶିବାହାଲ, ତାଲପଦର, ରାହୁଁରା ହଳଦୀ, ମଜେନପଦର ଆଦି ଗାଁର ଚାଷୀ ସ୍ଥାନୀୟ ଚାରିଛକରୁ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଶୋଭାଯାତ୍ରା କରିଥିଲେ। ପରେ ଧର୍ମଗଡ଼ ଉପଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ଉପଜିଲାପାଳ ଉପସ୍ଥିତ ନ ଥିବାରୁ ଏହାକୁ ଅତିରିକ୍ତ ଉପଜିଲାପାଳ ଅଜୟ କୁମାର ତୀର୍କି ଗ୍ରହଣ କରିଥିଲେ। ଦାବିପତ୍ର ପ୍ରଦାନ ସମୟରେ ଚାଷୀ ସନ୍ତୋଷ ପାଢ଼ୀ, ଡାକେଶ୍ୱର ଲହଜଳ ସୁନୀଲ ସାହୁ, ଅରୂପା ମାଝି, ଦିଲୀପ ପୂଜାରୀ, ଅଭିରାମ ଭୋଇ, ଦୁଷ୍ମନ୍ତ ପୂଜାରୀ, ନାର୍ଣ୍ଣ ମାଝି, ଜଳଧର ଭୋଇ, ହୃଷୀକେଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଜିଲାସ୍ତରୀୟ ଧାନ ସଂଗ୍ରହ ବୈଠକ ସ୍ଥଗିତ

ବଲାଙ୍ଗୀର,୧୪।୧୧ (ବୀରେନ୍ଦ୍ର କୁମାର ଝାଙ୍କର): ବଲାଙ୍ଗୀର ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଗୁରୁବାର ସ୍ଥାନୀୟ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ବସିବାର ଥିଲା। ଏନେଇ ସମସ୍ତ କମିଟି ସଦସ୍ୟଙ୍କୁ ବିଧିବଦ୍ଧ ପୂର୍ବ ସୂଚନା ଦିଆଯାଇଥିଲା। ତେବେ ହଠାତ୍ ଗୁରୁବାର ସକାଳୁ ଏହି ଧାନ ସଂଗ୍ରହ କମିଟି ବୈଠକ ସ୍ଥଗିତ ହେଲା ବୋଲି ସୂଚନା ଦିଆଗଲା। ତେବେ କେଉଁ କାରଣରୁ ଏହି ବୈଠକ ସ୍ଥଗିତ କରାଗଲା ସେନେଇ କିଛି କୁହାଯାଇନାହିଁ। ଏନେଇ ଜିଲା ଯୋଗାଣ ଅଧିକାରୀ ବେଣୁଧର ପାଣିଗ୍ରାହୀଙ୍କୁ ପଚାରିବାରୁ ବୈଠକ ସ୍ଥଗିତ ସଂକ୍ରାନ୍ତରେ ସୂଚନା ଆସିଛି ବୋଲି କହିଥିଲେ। ଏହି ବୈଠକ ସ୍ଥଗିତ ପ୍ରସଙ୍ଗରେ ବଲାଙ୍ଗୀର ବିଧାୟକ କଲିକେଶ ନାରାୟଣ ସିଂଦେଓ କହିଛନ୍ତି, ବୈଠକ ହେବ ବୋଲି ସେ ଦିଲ୍ଲୀରୁ ଆସି ବଲାଙ୍ଗୀରରେ ପହଞ୍ଚିଥିଲେ। ତେବେ ସକାଳେ ବୈଠକ ସ୍ଥଗିତ ହେବାର ସୂଚନା ପାଇଲେ। ସ୍ଥଗିତ ହେବାର କାରଣ କିନ୍ତୁ କହିନାହାନ୍ତି। ସେ ଅନେକ କଥା ଶୁଣୁଛନ୍ତି। ଚାଷୀଙ୍କ ଧାନ କୁଇଣ୍ଟାଲ ପିଛା ୩୧ ଶହ ଟଙ୍କା ହେବା କଥା କୁହାଯାଉଛି। ତେବେ ମିଲର୍ସ ପ୍ରସଙ୍ଗ ଏବେ ଚର୍ଚ୍ଚାରେ ରହିଛି ବୋଲି କହିଛନ୍ତି।

# ଦୃଢ଼ ମନୋବଳ ଓ ଅଧ୍ୟବସାୟ ସଫଳତା ଦେଇଥାଏ



ଭାରପ୍ରାପ୍ତ କୁଳପତିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

ଭବାନୀପାଟଣା,୧୪।୧୧(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ସରକାରୀ ମହିଳା ମହାବିଦ୍ୟାଳୟଠାରେ ଚାଲିଥିବା ତ୍ରିଦିବସୀୟ ଜିଲାସ୍ତରୀୟ ଯୁବ ରେଡ୍କ୍ରସ୍ ପ୍ରଶିକ୍ଷଣ ଶିବିର ବୁଧବାର ଉଦ୍ଯାପିତ ହୋଇଯାଇଛି। ଜିଲା ଯୁବ ରେଡ୍କ୍ରସ୍ ଆବାହକ ସଞ୍ଜୀବ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଯୁବ ରେଡ୍କ୍ରସ୍ ସ୍ୱେଚ୍ଛାସେବୀମାନେ ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇ କୃତିତ୍ୱ ଲାଭ କରିଛନ୍ତି। ଶିକ୍ଷା ବିଭାଗର ତୃତୀୟ ବର୍ଷର ଛାତ୍ରୀ ଖୁଲଣା ପଧାନ ତର୍କରେ ପ୍ରଥମ, ଓଡ଼ିଆ ଭାଷା ସାହିତ୍ୟ ବିଭାଗର ତୃତୀୟ ବର୍ଷର ଛାତ୍ରୀ ଡି.ଏସ୍. ରଚନା ସାହୁ ଚିତ୍ରାଙ୍କନରେ ପ୍ରଥମ ଓ ସାଧାରଣ

**ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଯୁବ ରେଡ୍କ୍ରସ୍ ସ୍ୱେଚ୍ଛାସେବୀଙ୍କ ସଫଳତା**

ଜ୍ଞାନରେ ତୃତୀୟ ସ୍ଥାନ, ଓଡ଼ିଆ ଭାଷା ସାହିତ୍ୟ ବିଭାଗର ତୃତୀୟ ବର୍ଷର ଛାତ୍ରୀ ରୁଚି ଭୋଇ ପ୍ରବନ୍ଧ ଲିଖନରେ ତୃତୀୟ ଓ ରାଜନୀତି ବିଜ୍ଞାନ ବିଭାଗର ଛାତ୍ର ଠଣ ସୁନ୍ଦର ଚଣ୍ଡି ସାଧାରଣ ବିଜ୍ଞାନ ବିଭାଗରେ ଦ୍ୱିତୀୟ ସ୍ଥାନ ଲାଭ କରି ବିଶ୍ୱବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ଏହି ସଫଳତା ପାଇଁ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥ, ରେଜିଷ୍ଟ୍ରାର ପୀତାମ୍ବର ଭୋଇ, ଡେପୁଟି ରେଜିଷ୍ଟ୍ରାର ଜୟଦେବ ସାହୁ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇବା ସହ ଦୃଢ଼ ମନୋବଳ ଓ ଅଧ୍ୟବସାୟ ସଫଳତା ପ୍ରଦାନ କରିଥାଏ ବୋଲି କହିଥିଲେ।

# ଟ୍ରେନ୍ ଧକ୍କାରେ ଯୁବକଙ୍କ ଗୋଡ଼ କଟିଲା



ଆନ୍ଦୋଳନରେ ସାମିଲ ଗ୍ରାମବାସୀ।

ଲାଞ୍ଜିଗଡ, ୧୪।୧୧(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଚମ୍ପାଦେଇପୁର ପଞ୍ଚାୟତ ଚନ୍ଦନପୁର ନିକଟ ଆମ୍ବାଦଳାରୁ ଲାଞ୍ଜିଗଡ ବେଦାନ୍ତ ଲିମିଟେଡ଼କୁ ଯାଉଥିବା ମାଲବାହୀ ଟ୍ରେନ୍ ଧକ୍କାରେ ଜଣେ ଯୁବକଙ୍କ ଗୋଡ଼ କଟିଯାଇଛି। ଯୁବକ ଜଣକ ହେଲେ ବଡ଼ଜାମକି ହେଜୁ ଗାଁର ଚନ୍ଦ୍ର ମାଝୀ। ଚନ୍ଦ୍ର ନିଜ ବଡ଼ମା ଘର ଚନ୍ଦନପୁରରେ ରହି ମଜୁରି କରି ଚଳୁଥିଲେ। ଗୁରୁବାର ସକାଳୁ ସେ ଟ୍ରେନ ଲାଇନ ପାର

**ଲାଲ କପଡ଼ା ଟାଣି ରେଳରୋକୋ**

ହେଉଥିବାବେଳେ ବେଦାନ୍ତ ପ୍ରକଳ୍ପକୁ ଯାଉଥିବା ଟ୍ରେନ୍ ତାଙ୍କୁ ଧକ୍କା ଦେଇ ଘୋଷାରିନେବାରୁ ତାଙ୍କ ବାମଗୋଡ଼ ଆଣ୍ଠୁ ତଳୁ ସମ୍ପୂର୍ଣ୍ଣ ଛିଣ୍ଡି ଅଲଗା ହୋଇଯାଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ସେଠାରୁ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏହାକୁ ନେଇ କ୍ଷତିପୂରଣ ଦାବିରେ ଚନ୍ଦନପୁର ଗାଁର ଉତ୍ତ୍ୟକ୍ତ ଲୋକେ ଲାଲ କପଡ଼ା ଟାଣି ରେଳରୋକୋ କରିଥିଲେ। ଚନ୍ଦ୍ର ମାଝୀଙ୍କ ମେଡ଼ିକାଲ ଖର୍ଚ୍ଚ ବାବଦକୁ ବେଦାନ୍ତ ପକ୍ଷରୁ ୩୦ ହଜାର ଟଙ୍କା ପ୍ରଦାନ ସହ ପ୍ରତି ମାସରେ ୧୧ହଜାର ୭୦୦ ଟଙ୍କା ଓ ୧୨ ବର୍ଷର ସାନ ଭାଇଙ୍କୁ ୧୮ବର୍ଷ ହେଲେ କମ୍ପାନୀ ପକ୍ଷରୁ ଚାକିରି ଦିଆଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଲୋକେ ଧାରଣାରୁ ଓହରିଥିବା ବ୍ଲକ ଉପାଧ୍ୟକ୍ଷ ସଞ୍ଜୀବ କୁମାର ନାୟକ ଓ ସରପଞ୍ଚ ନରେନ୍ଦ୍ର ମାଝୀ ପ୍ରକାଶ କରିଛନ୍ତି।

### ଜାତୀୟ ରାଜପଥରେ ଲୁଟପାଟ୍: ୨ ଲୁଟେରା ଗିରଫ

ସଇଁତଲା,୧୪।୧୧ (ରାଖାଲ ପ୍ରସାଦ ଶତପଥୀ): ସଇଁତଲା ଥାନା ଅନ୍ତର୍ଗତ ରୁଣିମହୁଲ ଛକ ନିକଟ ୨୬ ନମ୍ବର ଜାତୀୟ ରାଜପଥରେ ବୁଧବାର ସନ୍ଧ୍ୟାରେ ଲୁଟ ହୋଇଥିବା ଅଭିଯୋଗ ଉଠିଥିଲା। ଏହି ଘଟଣାରେ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଜଣେ ନାବାଳକଙ୍କୁ ଅଟକ ରଖିଛି। ଅଭିଯୁକ୍ତଙ୍କ ଠାରୁ ଏକ ବାଇକ୍ ଜବତ ହୋଇଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ସଇଁତଲା ଥାନା ଅନ୍ତର୍ଗତ ଡେଙ୍ଗ ଗ୍ରାମର ବ୍ୟବସାୟୀ ଏସ ବି ଇମର୍ସନ୍ ଗତ ୧୩ ତାରିଖ ସନ୍ଧ୍ୟାରେ ବଲାଙ୍ଗୀରରୁ ଗାଁକୁ ଫେରୁଥିବା ବେଳେ କନ୍ଧକେଲଗାଁ ଗ୍ରାମପଞ୍ଚାୟତ ଅନ୍ତର୍ଗତ ରୁଣିମହୁଲ ଛକ ନିକଟରେ ସୁଦର୍ଶନ ସାଗର (୧୯), ନିଳେଶ ମହାନନ୍ଦ (୧୯) ଏବଂ ଜଣେ ନାବାଳକ ଏକ ନମ୍ବର ବିହୀନ ବାଇକ୍ରେ ଆସି ଲୁହା ରଡ ଧରି ବ୍ୟବସାୟୀଙ୍କୁ ଆକ୍ରମଣ କରି ଟଙ୍କା ଲୁଟି ନେଇଥିଲେ। ବ୍ୟବସାୟୀ ଜଣକ ଘଟଣା ସମ୍ପର୍କରେ ସଇଁତଲା ଥାନାରେ ଅଭିଯୋଗ କରିଥିଲେ। ଥାନା ଅଧିକାରୀ ସୁଶାନ୍ତ ବଡେଇଙ୍କ ନେତୃତ୍ୱରେ ଏସଆଇ ରାଜେଶ ବେହେରା ଓ ଅନ୍ୟ ପୋଲିସ କର୍ମଚାରୀ ଜାତୀୟ ରାଜପଥରେ ଲୁଟପାଟ କରି ଆତଙ୍କ ଖେଳାଉଥିବା ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛନ୍ତି। ଅଟକ ନାବାଳକଙ୍କୁ ଜୁଭେନାଲ କୋର୍ଟକୁ ପଠାଇ ଦିଆଯାଇଛି।

# ଡିଏଭି ବେଦାନ୍ତ ଅନ୍ତର୍ଜାତୀୟ ବିଦ୍ୟାଳୟରେ ଶିଶୁଦିବସ

ଲାଞ୍ଜିଗଡ଼,୧୪।୧୧(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ଡିଏଭି ବେଦାନ୍ତ ଅନ୍ତର୍ଜାତୀୟ ବିଦ୍ୟାଳୟରେ ଶିଶୁ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ଅଧକ୍ଷ ସଦାନନ୍ଦ ହୋତା ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ ସହ ଦୀପ ପ୍ରଜ୍ୱଳନକରି ଉତ୍ସବର ଶୁଭାରମ୍ଭ କରିଥିଲେ। ଉଦ୍ଘାଟନୀ ଉତ୍ସବର ପ୍ରଥମ ଅଧିବେଶନରେ ବେଦାନ୍ତ ଲିମିଟେଡ୍ ସିଏସ୍ଆର୍ ମୁଖ୍ୟ ଶିଶିର କୁମାର ତରଫଦାର, ଦ୍ୱିତୀୟ ଅଧିବେଶନରେ ବେଦାନ୍ତ ଲିମିଟେଡ୍ର ମୁଖ୍ୟ ସିଏଫ୍ଓ ଏସ. ସୁରେଶ ଓ ଶେଷ ଅଧିବେଶନରେ ମୁଖ୍ୟ ଅତିଥି ରୂପେ ବେଦାନ୍ତ ଲିମିଟେଡ୍ର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ପରେ ବିଦ୍ୟାର୍ଥୀମାନଙ୍କ ପାଇଁ ନୀତିଶିକ୍ଷାମୂଳକ ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସମେତ କର୍ମଚାରୀ ସହଯୋଗ କରିଥିଲେ।

# ନିଆଁରେ ପୋଡ଼ି ୨ ଭାଇଙ୍କୁ ମାରିବାକୁ ଉଦ୍ୟମ

ନୂଆପଡ଼ା,୧୪।୧୧ (ମକାରୁ ବେମାଲ)

ନୂଆପଡ଼ା ଜିଲା କୋମନା ଥାନା ଅନ୍ତର୍ଗତ ଗଣ୍ଡମର ପଞ୍ଚାୟତ ଦାନୋଝଲା ଗାଁରେ ଦୁଇ ଭାଇଙ୍କୁ ନିଆଁରେ ପୋଡ଼ି ମାରିଦେବାକୁ ଉଦ୍ୟମ ହୋଇଛି। ଦୁଇଭାଇ କୌଶଳ କ୍ରମେ ଜୀବନ ରକ୍ଷା କରିଛନ୍ତି। ସେମାନେ ହେଲେ ଉକ୍ତ ଗାଁର ବୁଦ୍ଧଦେବ ନାଗ (୧୫) ଓ ଭୀଷ୍ମ ନାଗ (୭)। ସୂଚନା ଅନୁଯାୟୀ ଗତ ମଙ୍ଗଳବାର ଅପରାହ୍ଣରେ ଦୁଇ ଭାଇ ଘରେ ଥିବାବେଳେ ସାନ ଭାଇ ଭୀଷ୍ମ ଶୌଚ ଯାଉଛି କହି ଗାଁ ପୋଖରୀ ପଟକୁ



ଚିକିତ୍ସିତ ହେଉଥିବା ଦୁଇଭାଇ।

ଯାଉଥିଲେ। ସେ ସମୟରେ ଗାଁର ଦୁଇ ଯୁବକ କୌଣସି କାରଣରୁ ମାଡ଼ ମାରି ଏକ ପାଳଗଦାକୁ ଠେଲିଦେଇ ନିଆଁ ଲଗାଇ ଦେଇଥିଲେ। ବଡଭାଇ ବୁଦ୍ଧଦେବ ପହଞ୍ଚି ସାନ ଭାଇକୁ ବଞ୍ଚାଇବା ଉଦ୍ୟମ କରିଥିବା ବେଳେ ତାଙ୍କୁ ମଧ୍ୟ ସମ୍ପୃକ୍ତ ଦୁଇ ଯୁବକ ମାଡ଼ ମାରି ଜଳୁଥିବା ପାଳଗଦାକୁ ଫିଙ୍ଗି ଦେଇ ଚାଲିଆସିଥିଲେ। ଦୁଇ ଭାଇ ବହୁ କଷ୍ଟରେ ନିଆଁରୁ ବାହାରି ଜୀବନ ବଞ୍ଚାଇଥିଲେ। ପରେ ପରିବାର ଲୋକେ ଗୁରୁତର ଅବସ୍ଥାରେ ଦୁଇ ଭାଇଙ୍କୁ କୋମନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରୁ ଉଭୟଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏ ନେଇ କୋମନା ଥାନାରେ ଏକ ମାମଲା ରୁଜୁ କରି ତଦନ୍ତ ଚାଲିଥିବା ତଦନ୍ତକାରୀ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି।

# ଶିଶୁ ଦିବସରେ ଶିଶୁଙ୍କ ଆନ୍ଦୋଳନ

ଜୟପାଟଣା,୧୪।୧୧(ଓମ୍ ପ୍ରକାଶ ବୈଠାରୁ)

କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ଅନ୍ତର୍ଗତ ମୁଖିଗୁଡା ଉପର ଇନ୍ଦ୍ରାବତୀ ଯୋଜନା ଉଚ୍ଚ ବିଦ୍ୟାଳୟଠାରେ ଦୀର୍ଘଦିନ ହେବ ଶିକ୍ଷକ ଅଭାବ ସମସ୍ୟା ଲାଗିରହିଛି। ଫଳରେ ଛାତ୍ରୀଛାତ୍ର ଉପଯୁକ୍ତ ଶିକ୍ଷା ପାଇବାରୁ ବଞ୍ଚିତ ହେଉଛନ୍ତି। ଏହି ପରିପ୍ରେକ୍ଷୀରେ ଶିକ୍ଷକ ପଦବୀ ପୂରଣ ଦାବି ନେଇ ଗୁରୁବାର ଶିଶୁ ଦିବସରେ ସ୍ଥାନୀୟ ଛାତ୍ରୀଛାତ୍ର ମୁଖିଗୁଡା ପାୱାର ହାଉସ ରାସ୍ତା ଅବରୋଧ କରି ଆନ୍ଦୋଳନ କରିଥିଲେ। ଏହି ଉଚ୍ଚ ବିଦ୍ୟାଳୟରେ ୩୦୬ ଛାତ୍ରୀଛାତ୍ର ଥିବାବେଳେ ସେମାନଙ୍କୁ ପଢାଇବା ପାଇଁ ମାତ୍ର ୩ଜଣ ଶିକ୍ଷକ ନିଯୁକ୍ତି ହୋଇଛନ୍ତି। ଘଟଣାସ୍ଥଳରେ ଜୟପାଟଣା ବିଡ଼ିଓ ଧର୍ମରାଜ ମାଝୀ ପହଞ୍ଚି ଆନ୍ଦୋଳନରତ ଛାତ୍ରୀଛାତ୍ରଙ୍କୁ ୪ଦିନ ଭିତରେ ୩ଜଣ ଶିକ୍ଷକ ନିଯୁକ୍ତି ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

# ମିଳିଲାନି ମହାପ୍ରୟାଣ ଗାଡ଼ି | ବାଇକ୍ରେ ବୁହାହେଲା ମୃତଦେହ

ଲାଞ୍ଜିଗଡ଼,୧୪।୧୧(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ଏକ ଅଭାବନୀୟ ଚିତ୍ର ସାମ୍ନାକୁ ଆସିଛି। ଚିକିତ୍ସାଧୀନ ଅବସ୍ଥାରେ ଜଣେ ରୋଗୀଙ୍କ ମୃତ୍ୟୁ ଘଟିବା ପରେ ମହାପ୍ରୟାଣ ଗାଡି ନ ମିଳିବାରୁ ବାଇକ୍ରେ ପରିବାର ଲୋକେ ଗାଁକୁ ମୃତଦେହ ନେଇଥିଲେ। ସୂଚନା ଅନୁସାରେ ଲାଞ୍ଜିଗଡ଼ ବ୍ଲକ କୁମଖାଲ ଗ୍ରାମପଞ୍ଚାୟତ ଅଧୀନ ପୁନିଗୁଡ଼ା ଗାଁର ନନ୍ଦ ମାଝିଙ୍କ ଝିଅ ସନ୍ଧ୍ୟା ମାଝି (୧୨) କୌଣସି ରୋଗରେ ଆକ୍ରାନ୍ତ ପରେ ତାଙ୍କୁ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ହୋଇଥିଲା। ପରିବାର ଲୋକେ ମୃତଦେହ ଘରକୁ ନେବା ପାଇଁ ଆମ୍ବୁଲାନ୍ସ କିମ୍ବା



ବାଇକ୍ରେ ମୃତଦେହ ନିଆଯାଉଛି।

ମହାପ୍ରୟାଣ ଗାଡ଼ି ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ଅର୍ଥ ଅଭାବରୁ ସେମାନେ କୌଣସି ବେସରକାରୀ ଯାନବାହନ ବ୍ୟବସ୍ଥା ମଧ୍ୟ କରିପାରି ନ ଥିଲେ। ଶେଷରେ ବାଇକ୍ ଯୋଗେ ମୃତଦେହକୁ ପ୍ରାୟ ୧୨ କିଲୋମିଟର ଦୂର ଗାଁକୁ ନେଇଥିଲେ। ସ୍ୱାସ୍ଥ୍ୟ କେନ୍ଦ୍ରରେ ଶବ ବାହକ ଗାଡ଼ିଟିଏ ନ ଥିବାରୁ ସ୍ଥାନୀୟ ଲୋକେ ଅନେକ ସମୟରେ ଅସୁବିଧାର ସମ୍ମୁଖୀନ ହେଉଥିବା କହିଛନ୍ତି। ଜିଲା ସ୍ୱାସ୍ଥ୍ୟ ବିଭାଗ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ବିଭିନ୍ନ ମହଲରେ ଦାବି ହେଉଛି।

# ପୁରାତନ ଛାତ୍ର ସଂଘର ଉଦ୍ବେଗ

ଭବାନୀପାଟଣା,୧୪।୧୧(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ବିଭିନ୍ନ ସମସ୍ୟାକୁ ନେଇ ପୁରାତନ ଛାତ୍ର ସଂଘ ଗୁରୁବାର ସ୍ଥାନୀୟ ଏକ ହୋଟେଲଠାରେ ଖବରଦାତା ସମ୍ମିଳନୀ କରି ଉଦ୍ବେଗ ପ୍ରକାଶ କରିଛି। ସଂଘର ଉପଦେଷ୍ଟା ଜଗନ୍ନାଥ ମୁଣ୍ଡଙ୍କ ସଭାପତିତ୍ୱରେ ହୋଇଥିବା ସମ୍ମିଳନୀରେ ଆବାହକ ଡ. ଅଜୟ ମିଶ୍ର, ଉପସଭାପତି ଭବେନ୍ଦ୍ର ପଣ୍ଡା, ସମ୍ପାଦକ ଅବିନାଶ ଠାକୁର, ଆଇନଜୀବୀ ନିମାଞ୍ଚଳ ନାଏକ, ପୂର୍ବତନ ନଗରପାଳ ଆଦିତ୍ୟ ନନ୍ଦ, ସୁମନ ରଥ, ପୂର୍ବତନ ଛାତ୍ରସଂସଦ ସଭାପତି ଅଜିତ ସାହୁ, ଆଦିବାସୀ ନେତା ପରମାନନ୍ଦ ମାଝି ପ୍ରମୁଖ ଯୋଗଦେଇ ବିଶ୍ୱବିଦ୍ୟାଳୟର ବିଭିନ୍ନ ସମସ୍ୟା, ଛାତ୍ରଙ୍କ ପ୍ରତି ହେଉଥିବା




ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି ପୁରାତନ ଛାତ୍ର।

ଅବହେଳା ସମ୍ପର୍କରେ ଅବଗତ କରିଥିଲେ। ଏହା ମଧ୍ୟରେ ବିଭିନ୍ନ ପରୀକ୍ଷା ପ୍ରଶ୍ନପତ୍ରରେ ତ୍ରୁଟି, ୟୁଜିସି ନିୟମ ଅନୁସାରେ ଠିକ୍ ସମୟରେ ପରୀକ୍ଷା ନ ହେବା, ଫଳାଫଳ ପ୍ରକାଶରେ ବିଳମ୍ବ, ବୋର୍ଡ ଅଫ ଷ୍ଟଡିଜ ନିୟମ ଅନୁଯାୟୀ ନ ବସିବା, ସିଣ୍ଡିକେଟର କ୍ଷମତାକୁ ଜାଣିଶୁଣି ସଙ୍କୁଚିତ କରାଯିବା, ପିଏଚ୍ଡ଼ି ନାମ ପଞ୍ଜୀକୃତ ପାଇଁ ଜିଲାର ଯୋଗ୍ୟ ପ୍ରାର୍ଥୀଙ୍କୁ ସୁଯୋଗ ନ ଦେବା ଆଦି ଅନ୍ୟତମ। ଏପରି କି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦିବସ ପାଳନ କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ସଂଘ ତଥା ଜିଲାର ପ୍ରତିଷ୍ଠିତ ବ୍ୟକ୍ତି ବିଶେଷଙ୍କୁ ସାମିଲ ନ କରିବା ଘଟଣାକୁ

**ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ସମସ୍ୟା**

ସଂଘ ତରଫରୁ ନିନ୍ଦା କରାଯାଇଛି। ବିଶ୍ୱବିଦ୍ୟାଳୟର କୁଳପତିଙ୍କ ଦୀର୍ଘଦିନର ଅନୁପସ୍ଥିତି ପାଇଁ ପିଜି କାଉନସିଲ ଅଧ୍ୟକ୍ଷ ଡ଼. ନିବେଦିତା ନାଥଙ୍କୁ ଭାରପ୍ରାପ୍ତ କୁଳପତି ଭାବେ ସରକାର ଦାୟିତ୍ୱ ଦେଇଛନ୍ତି। ଏଣୁ ନୂତନ ସ୍ଥାୟୀ କୁଳପତି ନିଯୁକ୍ତି ସହିତ ବିଶ୍ୱବିଦ୍ୟାଳୟର ବିଭିନ୍ନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ତଥା ପରୀକ୍ଷା ନିୟନ୍ତ୍ରଣ ବିଭାଗକୁ ପୁନର୍ଗଠନ କରିବାକୁ ପୁରାତନ ଛାତ୍ରସଂଘ ଦାବି କରିଛି। ଏସବୁ ଘଟଣାକୁ ନେଇ ଖୁବ୍ଶୀଘ୍ର ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବ ବୋଲି ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

**ପୁଣି ଗଞ୍ଜେଇ ଚାଷ ନଷ୍ଟ କଲା ପୋଲିସ**

ବୌଦ୍ଧ,(ଅଜିତ କୁମାର ବାରିକ)- ବୌଦ୍ଧ ପୋଲିସ ପକ୍ଷରୁ ବୌଦ୍ଧ ଓ ମନମୁଣ୍ଡା ଥାନା ଅଞ୍ଚଳର ଆଭ୍ୟନ୍ତରୀଣ ଜଙ୍ଗଲରେ ଲଗାତାର ଭାବରେ ତୃତୀୟ ଦିନ ବିପୁଳ ପରିମାଣର ଗଞ୍ଜେଇ ଚାଷ ନଷ୍ଟ କରାଯାଇଥିବା ଜଣାପଡିଛି। ସୂଚନା ମୁତାବକ, ବୌଦ୍ଧ ଏସ୍‌ପି ନାଗରାଜ ଦେୱରକୋଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ବୌଦ୍ଧ ଥାନାର ବଏଲବେଡା ଏବଂ ଝାରମୁଣ୍ଡା ଗ୍ରାମ ନିକଟସ୍ଥ ଜଙ୍ଗଲରେ ଚଢାଉ କରାଯାଇ ୭୧ ଏକର ଅଞ୍ଚଳରେ ହୋଇଥିବା ଗଞ୍ଜେଇ ଚାଷ ନଷ୍ଟ କରାଯାଇଛି। ସେହିପରି ମନମୁଣ୍ଡା ଥାନା ଶଗଡା ଫାଣ୍ଡି ଅଞ୍ଚଳର ସିଗାଡି ଗ୍ରାମ ନିକଟସ୍ଥ ଜଙ୍ଗଲ ଉପରେ ଚଢାଉ କରାଯାଇ ୪୧.୨୦ ଏକର ଅଞ୍ଚଳରେ ହୋଇଥିବା ଗଞ୍ଜେଇ ଚାଷକୁ ନଷ୍ଟ କରାଯାଇଛି।

## ସଂକ୍ଷେପରେ

### ମୁକୁଳା ପଡ଼ିଛି ଟ୍ରାନ୍ସଫର୍ମର



ସୁବଳୟା, ୧୪।୧୧ (ଜୟାନନ୍ଦ ରଥ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କମିରା ଗ୍ରାମ ପ୍ରବେଶ ପଥରେ ମୁକୁଳା ହୋଇ ପଡି ରହିଛି ବିଦ୍ୟୁତ୍ ଟ୍ରାନ୍ସଫର୍ମର। ରାସ୍ତାକୁ ଲାଗି କରିଥିବା ଟ୍ରାନ୍ସଫର୍ମର ଚତୁଃପାର୍ଶ୍ୱରେ ପାଚେରି ନ ଥିବାରୁ ମଣିଷ ଓ ପ୍ରାଣୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିଛି। ପ୍ରାୟ ୩ ଫୁଟ ଉଚ୍ଚତାରେ ଥିବା ଏହି ଟ୍ରାନ୍ସଫର୍ମର ଗାଁର ଛୋଟ ପିଲାଙ୍କ ପାଇଁ ବିପଦର କାରଣ ସାଜିଛି। ବାରମ୍ବାର ଅଭିଯୋଗ ପରେ ବି ବିଦ୍ୟୁତ୍ ବିଭାଗ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହୋଇଛି। କୌଣସି ଅଘଟଣ ଘଟିଲେ ବିଭାଗ ଦାୟୀ ରହିବ ବୋଲି ଗ୍ରାମବାସୀ କହିଛନ୍ତି।

### ବାଇକ୍ ଚୋରି ରାକେଟ ସକ୍ରିୟ

ଅମରପାଲି, ୧୪।୧୧ (ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଅଞ୍ଚଳରେ ବାଇକ ଚୋରି ରାକେଟ ସକ୍ରିୟ ରହିଛନ୍ତି। ରାଜ୍ୟର ବିଭିନ୍ନ ଅଞ୍ଚଳରୁ ବାଇକ ଚୋରି କରି ଆଣି ଏଠାରେ କମ୍ ଦାମରେ ବିକ୍ରି ହେଉଛି। ନକଲି ନମ୍ବର ପ୍ଲେଟ ଓ କାଗଜ ପତ୍ର ବଳରେ ଏସବୁ ଚାଲୁଛି। ବିଭିନ୍ନ ସମୟରେ ପୋଲିସ ଚେକିଂ କରୁଥିଲେ ମଧ୍ୟ ବାଇକ ଲୁଟେରା ପୋଲିସକୁ ଚେକମେଟ ଦେଇ ଫେରାର ହୋଇ ଯାଉଛନ୍ତି। ରାଜ୍ୟର ବିଭିନ୍ନ ସ୍ଥାନର ବାଇକ ଚୋରି ରାକେଟ ସହିତ ବୀରମହାରାଜପୁର ଅଞ୍ଚଳର ବାଇକ ଚୋରଙ୍କ ଲିଙ୍କ ରହିଛି। ଗତ ମଙ୍ଗଳବାର ବିଳମ୍ବିତ ରାତିରେ ପୋଲିସ ବୀରମହାରାଜପୁର ଅଞ୍ଚଳର କେତେକ ସ୍ଥାନରେ ଚଢାଉ କରି କେତେକ ଚୋରି ବାଇକ ଜବତ କରିଛି। ସମ୍ବଲପୁର ଅଞ୍ଚଳରେ ଏକ ବାଇକ ଚୋରି ରାକେଟର ବୀରମହାରାଜପୁର ଲିଙ୍କ ଥିବା ଜଣା ପଡିଥିଲଶ। ସମ୍ବଲପୁର ପୋଲିସ ସ୍ଥାନୀୟ ବୀରମହାରାଜପୁର ପୋଲିସ ସହଯୋଗରେ ୫ ବାଇକ ଜବତ କରିଥିଲା। ବୀରମହାରାଜପୁର ଥାନା ଅଧିକାରୀ ଶୋଭକର୍ ସେଠଙ୍କୁ ଏନେଇ ପଚାରିବାରୁ ସମ୍ବଲପୁର ପୋଲିସ ଆସି ଆମ ସହଯୋଗ ନେଇଥିଲା। କେତେ ବାଇକ ଜବତ ହୋଇଛି ଓ କେତେଜଣଙ୍କୁ ଗିରଫ କରାଯାଇଛି ତାହା ଆମକୁ ସୂଚନା ଦିଆଯାଇନାହିଁ ବୋଲି କହିଛନ୍ତି।

### ମା’, ଶିଶୁଙ୍କୁ ନିମ୍ନମାନର ଖାଦ୍ୟ ବଣ୍ଟନ, ବିଡିଓଙ୍କୁ ଫେରାଦ



ଡୁଙ୍ଗୁରିପାଲି, ୧୪।୧୧ (ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ବୌଦୁପାଲି ଅଙ୍ଗନୱାଡି କେନ୍ଦ୍ର ନମ୍ବର(ଗ)ରେ ମାତୃ ଓ ଶିଶୁଙ୍କୁ ନିମ୍ନମାନର ଖାଦ୍ୟ ବଣ୍ଟନ କରାଯାଉଛି। କେନ୍ଦ୍ରରେ ପଢୁଥିବା ଶିଶୁ ଶ୍ରେୟାସ ପୋଢ଼ଙ୍କ ବାପା ବୀରେନ୍ଦ୍ର ପୋଢ଼ ଏ ନେଇ ବିଡ଼ିଓ ବିପିନ ବିହାରୀ ଦୀପଙ୍କ ନିକଟରେ ଫେରାଦ ହୋଇଛନ୍ତି। ଅଭିଯୋଗରେ ସେ ଦର୍ଶାଇଛନ୍ତି ଯେ, ପୁଷ୍ଟିକର ଯୋଜନାରେ ଗତ ୧୧ ତାରିଖ ତାଙ୍କ ପୁଅକୁ ଖାଦ୍ୟ ପ୍ରଦାନ କରାଯାଇଥିଲା। ପ୍ରଦତ୍ତ ସୁଜି ହାଲୁଅରେ ପୋକ ସାଲୁବାଲୁ ଥିବା ଦେଖାଯାଇଥିଲା। ଖାଦ୍ୟ ସାମଗ୍ରୀର ମାନ ପରୀକ୍ଷା କରି ମାତୃ ଓ ଶିଶୁମାନଙ୍କୁ ଉପଯୁକ୍ତ ପୁଷ୍ଟିକର ଆହାର ଯୋଗାଇ ଦେବା ପାଇଁ ଅଭିଯୋଗ ପତ୍ରରେ ସେ ଦର୍ଶାଇଛନ୍ତି। ଅଭିଯୋଗ ପତ୍ରର ନକଲ ଜିଲାପାଳ ଓ ବିଭାଗୀୟ ମନ୍ତ୍ରୀଙ୍କୁ ପ୍ରେରଣ କରିଥିବା ଅଭିଯୋଗକାରୀ ଦର୍ଶାଇଛନ୍ତି। ଏ ନେଇ ସିଡିପିଓ ସୁକାନ୍ତି ବେହେରାଙ୍କୁ ପଚାରିବାରୁ ଅକ୍ଟୋବର ଓ ନଭେମ୍ବର ମାସରେ ପ୍ରସ୍ତୁତି କରୁଥିବା ସଂସ୍ଥା ଖାଦ୍ୟ ବଣ୍ଟନ କରିନାହିଁ। ପ୍ରଦାନ କରାଯାଇଥିବା ଖାଦ୍ୟ କେଉଁ ମାସର ମୁଁ ବି ଜାଣିନାହିଁ ବୋଲି କହିଛନ୍ତି। ବିଡ଼ିଓ ଦୀପଙ୍କୁ ପଚାରିବାରୁ ସିଡିପିଓ ବେହେରା ଓ ବିଏସ୍ଏସ୍ଓ କ୍ଷୀରୋଦ ଭୂଷଣ ରାଏ ସମ୍ପୃକ୍ତ କେନ୍ଦ୍ରକୁ ଯାଇ ତଦନ୍ତ ପୂର୍ବକ ୩ ଦିନ ମଧ୍ୟରେ ରିପୋର୍ଟ ଦେବାକୁ ଆଦେଶ ଦେଇଥିବା କହିଛନ୍ତି।

# ଶିଶୁଙ୍କ ସୁରକ୍ଷା, ଶିକ୍ଷା ସାମାଜିକ ଦାୟିତ୍ୱ

ସୋନପୁର, ୧୪।୧୧ (ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ଶିଶୁ ଦିବସ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ ଏଥିରେ ସଭାପତିତ୍ୱ କରିଥିଲେ। ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଶିଶୁଙ୍କ ସୁରକ୍ଷା ଓ ଶିକ୍ଷା ହେଉଛି ସାମାଜିକ ଦାୟିତ୍ୱ। ଶିଶୁମାନଙ୍କୁ ସ୍ନେହ ଶ୍ରଦ୍ଧା କରିବା ସହ ସେମାନଙ୍କୁ କର୍ତ୍ତବ୍ୟନିଷ୍ଠ ଓ ପରିଶ୍ରମୀ ହେବାକୁ ଉତ୍ସାହିତ କରିବା ଉଚିତ ବୋଲି ପ୍ରଧାନ ମତପ୍ରକାଶ କରିଥିଲେ।

ସମ୍ମାନିତ ଅତିଥି ଭାବେ ଡିଏସ୍‌ପି ପ୍ରତାପ କୁମାର ରଣା, ଜିଲା ପଞ୍ଚାୟତ ଅଧିକାରୀ ଅର୍ଜୁନ ମାଝି ଓ ଶିଶୁ ମଙ୍ଗଳ କମିଟି ଅଧକ୍ଷ ଶଙ୍କର୍ଷଣ ପଣ୍ଡା ଯୋଗଦେଇ ଶିଶୁ ଦିବସର ମହତ୍ତ୍ୱ ଓ ଶିଶୁ ଅଧିକାର ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ୫ଜଣ ଅସହାୟ ଶିଶୁ ସୋନପୁର ବ୍ଲକର ସମ୍ପିତ ଦାସ, ବୀରମହାରାଜପୁର ବ୍ଲକର ଲୋକେଶ ସିଂ, ଉଲୁଣ୍ଡା ବ୍ଲକର ଆଶୁତୋଷ ମହାପାତ୍ର, ତରଭା ବ୍ଲକର ସୁଜିତ ସାହୁ ଓ ଡୁଙ୍ଗୁରିପାଲି ବ୍ଲକର ଦୀପ୍ତି ପ୍ରଧାନ ପ୍ରତ୍ୟେକଙ୍କୁ ୪ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ଏଥି ସହିତ ଜିଲାର ମୋଟ ୭୪ଜଣ ସିଏନ୍‌ସିପି ଶିଶୁଙ୍କୁ ୪୦୦୦ଟଙ୍କାର ଆର୍ଥିକ ସହଯୋଗ ମୋଟ ୨ ଲକ୍ଷ ୯୬ ହଜାର ଟଙ୍କା ରିଲିଜ ହେଇଥିଲା। ଆସନ୍ତା ୧ ବର୍ଷ ପାଇଁ ୧୪ ଜଣ ଶିଶୁଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ ଓ ଟିଉସନ ଅର୍ଥ ଅନୁମୋଦନ ପାଇଁ ପ୍ରସ୍ତାବ ପଠାଯାଇଥିଲା। ଏହି ଅବସରରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ସ୍କୁଲ ବ୍ୟାଗ ବଣ୍ଟନ କରାଯାଇଥିଲା। ପରେ ଶିଶୁମାନଙ୍କ ଅଭିଭାବକ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଥିଲା। ଜିଲା ଶିଶୁ ସୁରକ୍ଷା ବିଭାଗର ଅନୁଷ୍ଠାନ ଅଧିକାରୀ ବିଜୟ ବିଶ୍ୱାଳ ଶିଶୁ ଯତ୍ନ ଓ ସୁରକ୍ଷା, ବାଲ୍ୟ ବିବାହ ନିରାକରଣ ପରାମର୍ଶଦାତା ଅକ୍ଷୟ କୁମାର ସିଂହ ସାମାଜିକ କୁସଂସ୍କାର ଓ ନିରାକରଣ, ଗ୍ରମୋଥାନ ଅନୁଷ୍ଠାନ ସଭାପତି ପ୍ରତାପ ପ୍ରଧାନ ଶିକ୍ଷା ଓ ଅଭିଭାବକଙ୍କ ଦାୟିତ୍ୱ ସମ୍ପର୍କରେ ପରାମର୍ଶ ପ୍ରଦାନ କରିଥିଲେ। ଚାଇଲ୍ଡ ଲାଇନ ଜିଲା ପ୍ରକଳ୍ପ ସଂଯୋଜକ ୧୦୯୮ ନମ୍ବର ବ୍ୟବହାର ଓ ସହଯୋଗିତା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଉତ୍କଳ ବଳଶ୍ରମର ଶିଶୁମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିବା ବେଳେ ଜିଲା ଶିଶୁ ସୁରକ୍ଷା ବିଭାଗର ଥବିର କାଲେସେ, ସ୍ୱାଗତ ରାଜ ମିଶ୍ର, ସରିତା ସୁନା, ରୁଦ୍ର ପ୍ରସନ୍ନ ମିଶ୍ର, ସୁଜାତା ବେହେରା, ଧର୍ମେନ୍ଦ୍ର ଦାସ ଓ ପ୍ରଶାନ୍ତ ମହାକୁଡ ସହଯୋଗ କରିଥିଲେ।



ମୁଖ୍ୟ ଅତିଥି ଜଣେ ଛାତ୍ରୀଙ୍କୁ ସହଯୋଗ ରାଶି ପ୍ରଦାନ କରୁଛନ୍ତି।

**ସୁବର୍ଣ୍ଣପୁରରେ ଶିଶୁ ଦିବସ ପାଳିତ**

# ଜିଲାସ୍ତରୀୟ ସମବାୟ ସପ୍ତାହ ପାଳିତ

ବୌଦ୍ଧ, ୧୪।୧୧ (ଅଜିତ କୁମାର ବାରିକ)

ସର୍ବଭାରତୀୟ ସମବାୟ ସପ୍ତାହ ଅବସରରେ ବୌଦ୍ଧରେ ଜିଲାସ୍ତରୀୟ ସମବାୟ ସପ୍ତାହ ବୁଟୁପାଲିସ୍ଥିତ ଏକ କଲ୍ୟାଣ ମଣ୍ଡପଠାରେ ଗୁରୁବାର ଦିନ ପାଳିତ ହୋଇଯାଇଛି। ବୌଦ୍ଧ ଉପନିବନ୍ଧକ ସମବାୟ ସମିତି ସମୂହ ହାଡିବନ୍ଧୁ ମହାଖୁଡଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲାପାଳ ସୁବ୍ରତ କୁମାର ପଣ୍ଡା ଯୋଗଦେଇ ସମସ୍ତ ସମବାୟ ସମିତିର କର୍ମକର୍ତ୍ତା, କର୍ମଚାରୀ ତଥା ସଦସ୍ୟା ସଦସ୍ୟମାନଙ୍କୁ ବହୁବିଧ କାର୍ଯ୍ୟ ମାଧ୍ୟମରେ ପ୍ରଗତି କରିବା ପାଇଁ ସମିତିଗୁଡିକ ଠିକ ଭାବେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ସହକାରୀ ନିର୍ଦ୍ଦେଶକ ବୟନ ଶିଳ୍ପ ବୌଦ୍ଧର ପ୍ରଗତି ପାଇଁ ବୌଦ୍ଧର ତନ୍ତୁବାୟ ସମିତି ଗୁଡିକର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ବୈଠକରେ ଉପଖଣ୍ଡ ପ୍ରାଣୀଧନ ଅଧିକାରୀ ଓ ଅତିରିକ୍ତ ଜିଲା ମତ୍ସ୍ୟ ଅଧିକାରୀ ଦୁଗ୍ଧ ସମବାୟ ସମିତି ଓ ମତ୍ସ୍ୟ ସମବାୟ ସମିତି ଗଠନ ଉପରେ ଗୁରୁତ୍ୱାରୋପ କରିଥିଲେ। ବୌଦ୍ଧ କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ସଭାପତି ଅରୁଣ କୁମାର ପ୍ରଧାନ ସାମୁହିକ ବିକାଶ ପାଇଁ ବ୍ୟାଙ୍କ ର ଭୂମିକା ଉପରେ ଆଲୋକପାତ କରିଥିଲେ। ଉତ୍ସବରେ ମୁଣ୍ଡିପଦର ପ୍ରାଥମିକ କୃଷି ସମବାୟ ସମିତି ଓ ବାଉଁଶୁଣୀର ଗଜାନନ ତନ୍ତୁବାୟ ସମିତିକୁ ସୁପରିଚାଳନା ପାଇଁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ସମବାୟ ସପ୍ତାହ ପାଳନ ଉପଲକ୍ଷେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ତର୍କ ଓ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

# କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଅଷ୍ଟ ପ୍ରହର ନାମଯଜ୍ଞ

ସୋନପୁର, ୧୪।୧୧ (ମୃତ୍ୟୁଞ୍ଜୟ ଶତପଥୀ)

କାର୍ତ୍ତିକ ପୂର୍ଣ୍ଣିମାକୁ ରାହାସ ପୂର୍ଣ୍ଣିମା ଭାବେ ପାଳନ କରାଯାଏ। ରାଧାକୃଷ୍ଣ ଯୁଗଳ ମୂର୍ତ୍ତିଙ୍କୁ ବିଭିନ୍ନ ସ୍ଥାନରେ ପୂଜା କରାଯାଇଥାଏ। ସୋନପୁର ସହର ପଟାଭାଡିରେ ଅଷ୍ଟ ପ୍ରହର ନାମଯଜ୍ଞ ଗୁରୁବାର ସକାଳଠାରୁ ଆରମ୍ଭ ହେଇଛି। ଏକାଧିକ କୀର୍ତ୍ତନ ଦଳ ଏଥିରେ ସାମିଲ ହୋଇଛନ୍ତି। ଏଥିପାଇଁ ଶତାଧିକ ମହିଳାଙ୍କୁ ନେଇ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ନାମ ଯଜ୍ଞରେ କର୍ତ୍ତା ଭାବେ ମନୋଜ ମେହେର ଓ ତାଙ୍କ ଧର୍ମ ପତ୍ନୀ ସୁମତୀ ମେହେର ଦାୟିତ୍ୱ ନିର୍ବାହ କରୁଛନ୍ତି। ପୂଜକ ବୀରବର ମିଶ୍ର ଓ ଡୁଗୁ ମିଶ୍ରଙ୍କ ମନ୍ତ୍ର ଧ୍ୱନୀରେ ମହିଳା ମାନେ ବାବାଜୀ ବନ୍ଧକୁ ଯାଇ ଗଙ୍ଗା ମାତାଙ୍କୁ ବରଣ କରି ୨୨୧ଶୁଭ କଳସରେ ଜଳ ପୂର୍ଣ୍ଣ କରିଥିଲେ। ପ୍ରଥମେ ବାବା ଲୋକନାଥଙ୍କୁ ଦର୍ଶନ କରି ଶଙ୍ଖ, ଘଣ୍ଟ, ତାଳ, ଢୋଲ ଓ ନାମ ସଂକୀର୍ତ୍ତନ କରି ଯଜ୍ଞ ମଣ୍ଡପରେ କଳସ ସ୍ଥାପନ କରିଥିଲେ। ଯଜ୍ଞ ମଣ୍ଡପରେ ନାମ ସଂକୀର୍ତ୍ତନ୍ୟ ଚାଲୁ ରହିବା ସହିତ ପୂର୍ଣ୍ଣିମାରେ ରାଧା କୃଷ୍ଣଙ୍କ ପୂଜା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।



ପଟାଭାଡ଼ିରେ ବାହାରିଥିବା କଳସ ଯାତ୍ରା।

# ବୌଦ୍ଧ ଆନ୍ତଃ କ୍ଲବ ସିନିୟର କ୍ରିକେଟ ଟୁର୍ନାମେଣ୍ଟ: ଡିଷ୍ଟ୍ରିକ୍ଟ ସ୍ପୋର୍ଟିଂ ବିଜୟୀ

ବୌଦ୍ଧ, ୧୪।୧୧ (ଅଜିତ କୁମାର ବାରିକ)

ଜିଲା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଜିଲା ଷ୍ଟାଡିୟମ ପଡିଆରେ ଚାଲିଥିବା ଆନ୍ତଃ କ୍ଲବ କ୍ରିକେଟ ଟୁର୍ନାମେଣ୍ଟର ଗୁରୁବାର ତ୍ରୟୋଦଶ ଦିନରେ ଡିଷ୍ଟ୍ରିକ୍ଟ ସ୍ପୋର୍ଟିଂ ବୌଦ୍ଧ ଓ ଗ୍ରାମ୍ୟ ବିକାଶ ପରିଷଦ ଜହ୍ନାପଙ୍କ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଇନିଂସ୍‌ରେ ଡିଷ୍ଟ୍ରିକ୍ଟ ସ୍ପୋର୍ଟିଂ ବୌଦ୍ଧ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ୩୮.୧ ଓଭରରେ ସମସ୍ତ ଉଇକେଟ ହରାଇ ୨୦୭ ରନ୍ ସଂଗ୍ରହ କରିଥିଲା। ଦଳ ତରଫରୁ ତୁଷାରସେନ ଗୁପ୍ତା ୭୬ ରନ୍ ଓ ଆଶୁତୋଷ ପଟ୍ଟନାୟକ ୪୧ ରନ କରିଥିଲେ। ଗ୍ରାମ୍ୟ ବିକାଶ ପରିଷଦ ତରଫରୁ ରାମକୃଷ୍ଣ ପାଳ ଓ ତନୁଷ ଦେ ଉଭୟ ୩ଟି ଲେଖାଏ ଉଇକେଟ ନେଇଥିଲେ। ଦ୍ୱିତୀୟ ଇନିଂସରେ ଗ୍ରାମ୍ୟ ବିକାଶ ପରିଷଦ ଜହ୍ନାପଙ୍କ ୨୮.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୫୦ ରନ୍ କରିଥିଲା। ଫଳରେ ୫୭ ରନରେ ଡିଷ୍ଟ୍ରିକ୍ଟ ସ୍ପୋର୍ଟିଂ ବିଜୟୀ ହୋଇଥିଲା। ଦଳ ତରଫରୁ ରଜତ କୁମାର ପାଳ ୩୯ରନ ଓ ସୌରଭ ତ୍ରିପାଠୀ ୩୬ ରନ୍ କରିଥିଲେ। ସ୍ପୋର୍ଟିଂ ଦଳ ପକ୍ଷରୁ ଶୋଭନଦେବ ବେହେରା ୫ଟି ଓ ଆଲୋକ କୁମାର ୩ଟି ଉଇକେଟ ନେଇଥିଲେ। ମ୍ୟାଚ୍‌ରେ ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ଶୋଭନଦେବ ବେହେରାଙ୍କୁ ପୁରସ୍କୃତ କରାଯାଇଥିଲା। ଶୁକ୍ରବାର ଦିନ ଜୟ ଭୈରବୀ କ୍ଲବ ଓ ଗ୍ରାମ୍ୟ ବିକାଶ ପରିଷଦ ଜହ୍ନାପଙ୍କ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ।

# ଗୋକୁଳାଷ୍ଟମୀ ମହୋତ୍ସବ ପାଇଁ ଶୁଭସ୍ତମ୍ଭ ସ୍ଥାପନ

ବିନିକା, ୧୪।୧୧ (ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ସହରାଞ୍ଚଳ କଂସାରୀ ପଡାରେ ଗୁରୁବାର ଗୋକୁଳାଷ୍ଟମୀ ମହୋତ୍ସବ ପାଇଁ ଶୁଭସ୍ତମ୍ଭ ସ୍ଥାପନ କରାଯାଇଛି। ରୀତିନୀତି ଅନୁଯାଇ ପୂର୍ଣ୍ଣବାସୀ ମନ୍ଦିରରୁ ସ୍ତମ୍ଭକୁ ବିଧି ଅନୁସାରେ ପୂଜା ପାଠ ସହ ନାଟ୍ୟ ମଣ୍ଡପକୁ ଆଣି ସ୍ଥାପନ କରାଯାଇଥିଲା। ମହୋତ୍ସବ କମିଟି ସଭାପତି ସୀତାରାମ ଦାସ, ସମ୍ପାଦକ ସଞ୍ଜୟ ଦାସ, ସଦସ୍ୟ ରଘୁନାଥ ମାହାଣା, ସଞ୍ଜୟ ଦାସ, ଦିପୁନ ଦାସ, ମନୋଜ ଦାସ, ରାମଚନ୍ଦ୍ର ଦାସ, ଈଶ୍ୱର ମାହାଣା, ଘଡିଗୋପାଳ ଦାସ, ରମାକାନ୍ତ ଦାସ, ବିଶ୍ୱଜିତ ମାହାଣା, ଦେବାଂଶୁ ସାହୁ, ବାବୁଲୁ ସାହୁ, ସବ୍ୟସାଚୀ ମାହାଣା, ସୂର୍ଯ୍ୟ ଦାସ ପରିଚାଳନା କରିଥିଲେ।



ଶୁଭସ୍ତମ୍ଭ ସ୍ଥାପନ ଅବସରରେ ପୂଜାର୍ଚ୍ଚନା କରାଯାଉଛି।

# ଶିଶୁ ମହୋତ୍ସବ ମୁକୁର



ଶିଶୁ ମହୋତ୍ସବରେ ଅତିଥି ଓ ଶିକ୍ଷକମାନେ।

ସୋନପୁର, ୧୪।୧୧ (ମୃତ୍ୟୁଞ୍ଜୟ ଶତପଥୀ)

ସୋନପୁର ପିପିଲିପାଲିସ୍ଥିତ ବିଶ୍ୱ ଭାରତୀ ଚିନ୍ତନ ଶିକ୍ଷା ନିକେତନଠାରେ ଶିଶୁ ମହୋତ୍ସବ ମୁକୁର ଗୁରୁବର୍ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଅକ୍ଷୟ କୁମାର ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ସୋନପୁର ମହାବିଦ୍ୟାଳୟ ଦର୍ଶନ ଶାସ୍ତ୍ର ବିଭାଗ ଅଧ୍ୟାପକ ଡ ଦେବେନ୍ଦ୍ର କୁମାର ପ୍ରଧାନ, ମୁଖ୍ୟବକ୍ତା ସିଆରସିସି ବ୍ରତାନନ୍ଦ ଭୋଇ, ସମ୍ମାନୀତ ଅତିଥି ଶିଶୁ ପତ୍ରିକା ପୁଲକ ସମ୍ପାଦକ ରାଜୀବ ନାୟକ ଓ ଅନ୍ୟତମ ସମ୍ମାନିତ ଅତିଥି ଚଳଚ୍ଚିତ୍ର ଅଭିନେତା ପ୍ରଦ୍ୟୁମ୍ନ କୁମାର ସାହୁ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ସାହୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଶିକ୍ଷକ ଲୋକନାଥ ଠେଲା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପ୍ରବନ୍ଧ, ସଙ୍ଗୀତ, ଚିତ୍ରାଙ୍କନ, ବକ୍ତୃତା, ନୃତ୍ୟ, ଏକକ ଅଭିନୟ ଓ ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶିକ୍ଷକ ଚିତ୍ତରଞ୍ଜନ ଭୋଇ ସଭା ପରିଚାଳନା କରି ଥିଲେ। ଚଳଚ୍ଚିତ୍ର ଅଭିନେତା ପ୍ରଦ୍ୟୁମ୍ନ କୁମାର ସାହୁଙ୍କୁ ବିଦ୍ୟାଳୟ ତରଫରୁ ଭାରତୀ ସମ୍ମାନରେ ସମ୍ମାନିତ କରାଯାଇଥିଲା।

**ଅଭିନେତା ପ୍ରଦ୍ୟୁମ୍ନଙ୍କୁ ଭାରତୀ ସମ୍ମାନ**

### ୧୮ରୁ କୁଷ୍ଠ ନିରୂପଣ ଅଭିଯାନ ଆରମ୍ଭ

ବୌଦ୍ଧ, ୧୪।୧୧ (ଅଜିତ କୁମାର ବାରିକ)

ବୌଦ୍ଧ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାପାଳ ସୁବ୍ରତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ ସମନ୍ୱୟ କମିଟି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୧୮ ତାରିଖରୁ ୩୦ ତାରିଖ ପର୍ଯ୍ୟନ୍ତ ଜିଲା ବ୍ୟାପି କୁଷ୍ଠରୋଗ ଚିହ୍ନଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଆଶାକର୍ମୀମାନେ ଘର ଘର ବୁଲି କୁଷ୍ଠରୋଗୀଙ୍କୁ ଚିହ୍ନଟ କରିବେ। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଜିଲାପାଳ ପଣ୍ଡା ଜିଲାବାସୀଙ୍କୁ ଆହ୍ୱାନ କରିଛନ୍ତି। ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ପାଠ ପଢୁଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ କୁଷ୍ଠର ଲକ୍ଷଣ ଥିଲେ ଚିହ୍ନଟ କରିବା ପାଇଁ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ଏହି ବୈଠକରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ଜୟକୃଷ୍ଣ ମିଶ୍ର, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା.କିଶୋର ଚନ୍ଦ୍ର ପଟ୍ଟନାୟକ, ଡା. ସଂଘମିତ୍ରା ପଣ୍ଡା, ଜିଲା କାର୍ଯ୍ୟକ୍ରମ ପରିଚାଳକ ରୁପକ କୁମାର ମହାପାତ୍ର, ଜିଲା କୁଷ୍ଠ ପରାମର୍ଶଦାତା ଡା. ଅମରେନ୍ଦ୍ର ମହାପାତ୍ରଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

### ନବବଧୂଙ୍କୁ ନିର୍ଯାତନା ଅଭିଯୋଗ: ଥାନାରେ ମାମଲା

ବୌଦ୍ଧ, ୧୪।୧୧ (ଅଜିତ କୁମାର ବାରିକ)

ଜଣେ ନବବଧୂଙ୍କୁ ଶାଶୁଘର ଲୋକ ନିର୍ଯାତନା ଦେଉଥିବା ନେଇ ବୌଦ୍ଧ ଥାନାରେ ଗୁରୁବାର ଦିନ ଅଭିଯୋଗ ହୋଇଛି। ଅଭିଯୋଗରୁ ପ୍ରକାଶ ଯେ, ହରଭଙ୍ଗା ବ୍ଲକ ଅନ୍ତର୍ଗତ ଗାନ୍ଧୀ ଗ୍ରାମର ସତ୍ୟ ନାରାୟଣ ବେହେରାଙ୍କ ଝିଅ ସରିତା ଗତ ଜୁଲାଇ ମାସରେ ହରଭଙ୍ଗା ଗ୍ରାମର ହଟବର ପ୍ରଧାନଙ୍କ ପୁଅ ଗୌରୀଶଙ୍କର ପ୍ରଧାନଙ୍କୁ ବିବାହ କରିଥିଲେ। ବିବାହ ପରେ ଶାଶୁଘର ଲୋକ ଅଧିକ ଯୌତୁକ ଦାବି କରି ସରିତାଙ୍କୁ ଶାରିରୀକ ଓ ମାନସିକ ନିର୍ଯାତନା ଦେଇ ଆସୁଥିଲେ। ଏନେଇ ଝିଅର ପରିବାର ପକ୍ଷରୁ ବୌଦ୍ଧ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଜଣାଯାଇଛି।

# ଶିଶୁ ଦିବସରେ ପୁରାତନ ଛାତ୍ରଙ୍କୁ ସମ୍ବର୍ଦ୍ଧନା

ଅମରପାଲି, ୧୪।୧୧ (ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟରେ ନିଆରା ଢଙ୍ଗରେ ଶିଶୁଦିବସ ପାଳନ କରାଯାଇଛି। ପରମ୍ପରା ହିସାବରେ ଏହି ଦିନରେ ପୁରାତନ ଛାତ୍ରଙ୍କୁ ଅତିଥିଭାବେ ନିମନ୍ତ୍ରିତ କରି ସମ୍ବର୍ଦ୍ଧିତ କରାଯାଇଥିଲା। ବୀରମହାରାଜପୁର ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ସେବା ନିବୃତ୍ତ ବିଭାଗୀୟ ମୁଖ୍ୟ କୁଞ୍ଜବନ ମେହେର, ବୌଦ୍ଧ ଜୁଭେନାଇଲ ଜଷ୍ଟିସ ବୋର୍ଡ ସଦସ୍ୟ ଆଇନଜୀବୀ ରାଧାକାନ୍ତ ବାଘ, ସ୍ଥାନୀୟ ଉପଜିଲାପାଳ କାର୍ଯ୍ୟାଳୟ କର୍ମଚାରୀ ଗିରିଧାରୀ ହୋତା, ରାଜ୍ୟସ୍ତରରେ ବେଷ୍ଟ ସିଆରସିସିଭାବେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଥିବା ଶିକ୍ଷକ ମନୋଜ ଦାଶ ଅତିଥିଭାବେ ଯୋଗଦେଇ ଛାତ୍ରମାନଙ୍କୁ ବିଦ୍ୟାଳୟ ସହ ଜଡ଼ିତ ସେମାନଙ୍କର ଅନୁଭୂତିର ସ୍ମୃତିଚାରଣ କରିଥିଲେ। ପ୍ରଧାନଶିକ୍ଷକ ନିରଞ୍ଜନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଶିକ୍ଷକ ବୈକୁଣ୍ଠ ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ସାଂସ୍କୃତିକ ପ୍ରମୁଖ ଜ୍ୟୋତି ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଉପସ୍ଥିତ ପୁରାତନ ଛାତ୍ରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦେଇ ସ୍ମୃତିଚାରଣ କରାଯାଇଥିଲା।

# ବିକାଶ ଆବାସିକ ବିଦ୍ୟାଳୟରେ ଶିଶୁ ଦିବସ



ପଣ୍ଡିତ ଜବାହରଲାଲ ନେହେରୁଙ୍କ ଫଟୋଚିତ୍ରରେ ଦୀପ ପ୍ରଜ୍ୱଳନ କରାଯାଉଛି।

ବରଗଡ଼, ୧୪।୧୧ (ପ୍ରେମାନନ୍ଦ ଖମାରୀ)

କ୍ରୀଷ୍ଣା ବିକାଶ ଗ୍ରୁପ୍ ଅନ୍ତର୍ଗତ ବିକାଶ ଆବାସିକ ବିଦ୍ୟାଳୟ, ବରଗଡ଼ରେ ଶିଶୁ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ, ଉପାଧ୍ୟକ୍ଷ ପ୍ରଦୀପ କୁମାର ସାହୁଙ୍କ ଦ୍ୱାରା ପଣ୍ଡିତ ଜବାହରଲାଲ ନେହେରୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟାର୍ପଣ ଓ ଦୀପ ପ୍ରଜ୍ୱଳନ କରାଯାଇଥିଲା। କାର୍ଯ୍ୟକାରୀ ଅଧ୍ୟକ୍ଷ ରାଉଳ ନିଜ ମନ୍ତବ୍ୟରେ ଦେଶ ଗଠନରେ ଜବାହରଲାଲ ନେହେରୁଙ୍କ ଅବଦାନକୁ ସ୍ମରଣ କରି ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କ ପାଇଁ ନେହେରୁ ପ୍ରେରଣାର ଉତ୍ସ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ କୁନି ଛାତ୍ରୀଛାତ୍ରଙ୍କ ଦ୍ୱାରା ସୁନ୍ଦର ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ରାଜ୍ୟସ୍ତରୀୟ ଦୌଡ଼କୁଦ: ଲିପ୍ସା ପ୍ରଧାନଙ୍କୁ ୨ ପଦକ

ଅମରପାଲି, ୧୪।୧୧ (ପୀତାମ୍ବର ସାହୁ)

ରାଜ୍ୟସ୍ତରୀୟ ଦୌଡକୁଦ ପ୍ରତିଯୋଗିତାରେ ଚମକିଲେ ସୁବର୍ଣ୍ଣପୁରର ଝିଅ ଲିପ୍ସା ପ୍ରଧାନ। ଭିନ୍ନ ଦୁଇଟି ଇଭେଣ୍ଟରେ ସେ ପଦକ ହାସଲ କରିଛନ୍ତି। କେନ୍ଦୁଝର ସ୍ପୋର୍ଟସ କମ୍ପ୍ଲେକ୍ସରେ ଚଳିତ ୧୧ତାରିଖରୁ ୧୩ ତାରିଖ ପର୍ଯ୍ୟନ୍ତ ହୋଇଥିବା ୬୮ତମ ଓଡ଼ିଶା ରାଜ୍ୟ ସ୍ତରୀୟ ବିଦ୍ୟାଳୟ ସମୂହ ଦୌଡକୁଦ ପ୍ରତିଯୋଗୀତାରେ ଅଂଶଗ୍ରହଣ କରି ଲିପ୍ସା ହାସଲ କରିଛନ୍ତି ଏହି କୃତିତ୍ୱ। ଏହି ପ୍ରତିଯୋଗୀତାରେ ୧୪ ବର୍ଷରୁ କମ୍ ବାଳିକା ବର୍ଗରେ ୬ଶହ ମିଟର ରେସ୍ ଓ 4X400ମିଟର ରେସ୍‌ରେ ଅଂଶଗ୍ରହଣ କରି ସେ ଗୋଟିଏ ସ୍ୱର୍ଣ୍ଣ ଓ ଗୋଟିଏ କାଂସ୍ୟ ପଦକ ହାସଲ କରିଛନ୍ତି। ଏହି ରାଜ୍ୟ ସ୍ତରୀୟ ଦୌଡକୁଦ ପ୍ରତିଯୋଗୀତାରେ ସେ 4X400 ମିଟର ରିଲେ ରେସ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଲିପ୍ସା ବୀରମହାରାଜପୁର ବ୍ଲକ ଯୁବରାଜପୁର ୟୁପି ସ୍କୁଲର ସପ୍ତମର ଛାତ୍ରୀ। ଯୁବରାଜପୁର ଗ୍ରାମର ତ୍ରିଲୋଚନ ପ୍ରଧାନ ଓ ସଂଯୁକ୍ତା ପ୍ରଧାନଙ୍କ ଝିଅ ଲିପ୍ସାଙ୍କ ଏହି ସଫଳତାରେ ବ୍ଲକ ଅଧ୍ୟକ୍ଷା ଶାନ୍ତି ଲୁହା, ଉପାଧ୍ୟକ୍ଷ ନାରାୟଣ ଲୁହା, ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ଡିପିଓ ସତ୍ୟନାରାୟଣ ତ୍ରିପାଠୀ, ବରିଷ୍ଠ ଗୋଷ୍ଠି ଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାର, ଯୁବରାଜପୁର ୟୁପି ସ୍କୁଲ ପ୍ରଧାନ ଶିକ୍ଷକ ବ୍ରଜ ବିହାରୀ ପ୍ରଧାନ, ଶିକ୍ଷକ ରାଜେଶ ମେଣ୍ଡିଲିଙ୍କ ସମେତ ତାଙ୍କ କୋଚ ଶୁଭେଚ୍ଛା ଜଣାଇଛନ୍ତି। ପୂର୍ବରୁ ବୀରମହାରାଜପୁର ବ୍ଲକ ସଂଗ୍ରାମପୁର ଗ୍ରାମର ଦୁଇ ଜଣ ଓ ସେରଗେଡା ଗ୍ରାମର ଜଣେ ଝିଅ ମଧ୍ୟ ଏହି ପ୍ରତିଯୋଗିତାରେ ପଦକ ହାସଲ କରିଛନ୍ତି। ପ୍ରୀତିମୟୀ ଭୁକ୍ତା ୮୦୦ ମିଟର ରେସ, ୧୫୦୦ମିଟର ରେସ ଓ ୩ହଜାର ମିଟର ରେସରେ ସ୍ୱର୍ଣ୍ଣ ପଦକ ହାସଲ କରି ଜାତୀୟସ୍ତରରେ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେହିପରି ସେରେଗେଡା ଗ୍ରାମର ସୁମନ୍ତୀ ରାଜହଂସ ଏହି ପ୍ରତିଯୋଗିତାରେ ୧୪ ବର୍ଷରୁ କମ ବାଳିକା ବର୍ଗରେ ୬ଶହ ମିଟର ଦୌଡରେ ସ୍ୱର୍ଣ୍ଣ ଓ ୪୦୦ ମିଟର ଦୌଡରେ ରୌପ୍ୟ ପଦକ ହାସଲ କରିଥିବା ବେଳେ ୬ଶହ ମିଟର ଦୌଡ ପାଇଁ ଜାତୀୟ ସ୍ତରୀୟ ଦୌଡକୁଦ ପାଇଁ ମନୋନୀତ ହୋଇଛନ୍ତି। ସେହିପରି ଅର୍ଚ୍ଚିତା ପଧାନ ଏହି ପ୍ରତିଯୋଗିତାରେ ୧୪ ବର୍ଷରୁ କମ୍ ବାଳିକା ବର୍ଗ ୪୦୦ ମିଟର ଦୌଡରେ କାଂସ୍ୟ ପଦକ ହାସଲ କରି ଜିଲା ପାଇଁ ଗୌରବ ଆଣିଛନ୍ତି।




ପଦକ ହାସଲ ପରେ ଲିପ୍ସା ପ୍ରଧାନ।

## ଗ୍ରାଚ୍ୟୁଇଟି ସିଲିଂ କେସ୍‌ର ପରବର୍ତ୍ତୀ ଶୁଣାଣି ଜାନୁଆରୀ ୧୦ରେ

**ରାଉରକେଲା,୧୪।୧୧(ସଙ୍ଗୀତା ଜେନା):** ଓଡ଼ିଶା ହାଇକୋର୍ଟରେ ଆର୍‌ଏସପି ଶ୍ରମିକଙ୍କ ଗ୍ରାଚ୍ୟୁଇଟି ସିଲିଂ କେସ୍‌ର ଶୁଣାଣି ଆସନ୍ତା ଜାନୁଆରୀ ୧୦ରେ ହେବାକୁ ରହିଛି। ଏ ନେଇ ଗୁରୁବାର କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସିଲିଂ କେସ କରିଥିବା ପକ୍ଷ ଆର୍‌ଆଇକେକେଏସ(ରାଉରକେଲା ଇସ୍ପାତ କାରଖାନା କର୍ମଚାରୀ ସଂଘ) ସାଧାରଣ ସମ୍ପାଦକ ହିମାଂଶୁ ବଳ ପ୍ରେସ୍ ବିବୃତ୍ତିରେ ସୂଚନା ପ୍ରଦାନ କରିଛନ୍ତି। ଆର୍ ଆଇକେକେଏସ ଓକିଲ କହିଛନ୍ତି, ସେଲ୍‌ରେ ପ୍ରଥମ କରି ଗ୍ରାଚ୍ୟୁଇଟି ସିଲିଂ ୨୦୧୪ ଜାନୁଆରୀରେ ଲାଗିଲା। ୨୦୧୪ରେ ନିଯୁକ୍ତି ପାଇଥିବା କର୍ମଚାରୀଙ୍କ ଉପରେ ଏହା ଲାଗୁ କରାଗଲା। ଏହା ଉପରେ କେସ ଚାଲୁଥିବାବେଳେ ୨୦୨୧ ନଭେମ୍ବର ୨୬ରେ ସମସ୍ତ କର୍ମଚାରୀଙ୍କ ଉପରେ ଏହା ଲାଗିଲା। ଏହାଦ୍ୱାରା ସେଲ କର୍ତ୍ତୃପକ୍ଷ ୧୯୭୨ରେ ହୋଇଥିବା ତ୍ରିପାକ୍ଷିକ ଚୁକ୍ତିନାମାର ଉଲଂଘନ କରିଥିଲେ। ୧୯୭୨ ଗ୍ରାଚ୍ୟୁଇଟି ସିଲିଂ ଆକ୍ଟରେ ଅଧିକ ପରିମାଣରେ ଗ୍ରାଚ୍ୟୁଇଟି ଦେଇ ପାରିବେ, କିନ୍ତୁ କମ କରି ପାରିବେ ନାହିଁ। ହେଲେ ଏହାକୁ କର୍ତ୍ତୃପକ୍ଷ ପାଳନ କରୁନାହାନ୍ତି ବୋଲି ଓକିଲ କହିଥିଲେ। ଏହାର ଉତ୍ତରରେ କର୍ତ୍ତୃପକ୍ଷଙ୍କ ଓକିଲ କହିଲେ, ସର୍ବସମ୍ମତିରେ ଏହି ନିଷ୍ପତ୍ତି ନିଆଯାଇଥିଲା। ପରବର୍ତ୍ତୀ ଶୁଣାଣି ଜାନୁଆରୀ ୧୦ରେ ହେବ।



ପାନପୋଷ ଉପଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ସିପିଆଇଏମ୍ ରାଉରକେଲା ଆଞ୍ଚଳିକ କମିଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ଉପଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

**ରାଉରକେଲା,୧୪।୧୧ (ଦିନେଶ ମିଶ୍ର/ସଙ୍ଗୀତା ଜେନା)**

ରାଉରକେଲା ପାନପୋଷ ଉପଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ସିପିଆଇଏମ୍ ରାଉରକେଲା ଆଞ୍ଚଳିକ କମିଟି ପକ୍ଷରୁ ଗୁରୁବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ବିକ୍ଷୋଭ ସିପିଆଇଏମ୍‌ର ରାଉରକେଲା ଆଞ୍ଚଳିକ କମିଟିର ସମ୍ପାଦକ ରାଜକିଶୋର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବିକ୍ଷୋଭରେ ସିପିଆଇଏମ୍ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ବିଷ୍ଣୁ ମହାନ୍ତି ଯୋଗଦେଇ କହିଥିଲେ ଯେ, ସିପିଆଇଏମ୍ ଦେଶ ସାରା କେନ୍ଦ୍ର ମୋଦି ସରକାରଙ୍କ ଜନବିରୋଧୀ ନୀତି ତଥା ଏକ ଦେଶ ଏକ ନିର୍ବାଚନ ନାମରେ ରାଜ୍ୟମାନଙ୍କର ସାମ୍ବିଧାନିକ ଅଧିକାରକୁ ସଙ୍କୁଚିତ କରିବା, ଦର ବୃଦ୍ଧିକୁ ନିୟନ୍ତ୍ରଣ କରିବାରେ ସରକାରଙ୍କ ବିଫଳତା, ଉତ୍କଟ ବେକାରୀ ସମସ୍ୟାର ସମାଧାନ, ମହିଳା ଓ ଶିଶୁଙ୍କ ଉପରେ ବର୍ଦ୍ଧିତ ଯୌନ ନିର୍ଯ୍ୟାତନା ଓ ଆକ୍ରମଣ ବିରୋଧ ସହ ପେଟ୍ରୋଲ ଡିଜେଲର ଦର ଅନ୍ତର୍ଜାତୀୟ ବଜାରରେ ହ୍ରାସ ପାଉଥିଲାବେଳେ ଆମ ଦେଶରେ ତୈଳ କମ୍ପାନୀମାନଙ୍କ ସ୍ୱାର୍ଥ ରକ୍ଷା ପାଇଁ ତୈଳ ଦର ହ୍ରାସ ନ କରିବା ବିରୋଧରେ ଏହି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ କମିଟି ପକ୍ଷରୁ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏହି ବିକ୍ଷୋଭରେ ଦଳର ଜିଲା ସମ୍ପାଦକ ମଣ୍ଡଳୀ ସଦସ୍ୟ ଜାହାଙ୍ଗୀର ଅଲ୍ଲୀ, ଶ୍ରୀମନ୍ତ ବେହେରା, ବିମାନ ମାଇତି, ଆଞ୍ଚଳିକ ସମ୍ପାଦକ ମଣ୍ଡଳୀ ସଦସ୍ୟ ବି.ପି ମହାପାତ୍ର, ବସନ୍ତ ନାୟକ, ଅଜୟ ଶର୍ମା, ଯଯାତି କେଶରୀ ସାହୁ, ଚନ୍ଦ୍ରଭାନୁ ଦାସ, ବିଶ୍ୱଜିତ ମାଝୀ, ଲକ୍ଷ୍ମୀଧର ନାୟକ, ବସନ୍ତ ପାଢୀ, ଅରୁଣ ମହାରଣା, ସାଗର ଛୋଟରାୟ, ଅଜିତ ଏକ୍କା, ଦିବାକର ରାଓ, ଋଷି ଜେନା, ପ୍ରଦୀପ ସେଠୀ, ସୁରେନ୍ଦ୍ର ମହାନ୍ତି, ଲଲାଟେନ୍ଦୁ ନାୟକ, ଦୂର୍ଗା ଡାଙ୍ଗ, ଭୀକାରୀ ପ୍ରଧାନ, ଶତ୍ରୁଘ୍ନ ବେହେରା, ଚେଚକ ଚେଲା, ତଲତ ମେହମୁଦ, ନିରଞ୍ଜନ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

## ୨ ଅଭିଯୁକ୍ତଙ୍କୁ ୨୦ବର୍ଷ ଲେଖାଏ ଜେଲଦଣ୍ଡ

### ଗଣବଳାତ୍କାର ମାମଲା

**ସୁନ୍ଦରଗଡ,୧୪।୧୧(ଜୟ ନାରାୟଣ ମେଣ୍ଟୁଲି)**

ସୁନ୍ଦରଗଡ଼ ଜିଲା ଦୌରା ଜଜ୍ ଶିଖାରାଣୀ ରଥ ଗୁରୁବାର ଏକ ଗଣବଳାତ୍କାର ମାମଲାର ରାୟ ପ୍ରକାଶ କରି ୨ ଅଭିଯୁକ୍ତଙ୍କୁ ୨୦ ବର୍ଷ ଲେଖାଏ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ୨ ଅଭିଯୁକ୍ତ ହେଲେ ସଞ୍ଜୀବ ମାଝୀ(୩୧) ଓ ସୁରଜ ଲାକ୍ରା(୩୦)। ଏହାସହିତ ୫୦ ହଜାର ଟଙ୍କା ଲେଖାଏ ଜରିମାନା ଏବଂ ଅନାଦାୟ ଅଧିକ ୬ ମାସ ଜେଲଦଣ୍ଡ ପାଇଁ ତାଙ୍କ ରାୟରେ ପ୍ରକାଶ କରିଛନ୍ତି। ଏହି ମାମଲାରେ ସମ୍ପୃକ୍ତ ୬ ଅଭିଯୁକ୍ତଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୩ ଜଣ ବର୍ତ୍ତମାନ ସୁଦ୍ଧା ଫେରାର ଅଛନ୍ତି। ମାମଲାର ରାୟ ବିବରଣୀରୁ ପ୍ରକାଶ ଯେ, ୨୦୧୫ ଫେବୃଆରୀ ୨୩ରେ ବଡ଼ଗାଁ ଥାନା ଅନ୍ତର୍ଗତ କୁସୁମଡେଗି ପଞ୍ଚାୟତ ଟେଙ୍ଗରବବାହଲରେ ଘଟଣା ଘଟିଥିଲା। ପୀଡିତା ଜଣକ ପାଖ ଗ୍ରାମର ଗଙ୍ଗାଜଳରେ ଏକ ବିବାହ ଭୋଜିରେ ଯୋଗ ଦେବା ପାଇଁ ଯାଇଥିଲେ। ସେଠାରେ ୬ ଅଭିଯୁକ୍ତ ସହ ତାଙ୍କର ଦେଖାହୋଇଥିଲା। ରାତି ଅଧିକ ହେବାରୁ ପୀଡିତାଙ୍କୁ ଘରେ ଛାଡି ଦେବାକୁ ୬ ଅଭିଯୁକ୍ତ କହିଥିଲେ। ପୀଡିତା ମନା କରିବାରୁ ସେମାନେ ତାଙ୍କୁ ଜୋର ଜବରଦସ୍ତି ବାଇକରେ ନେଇ ଟେଙ୍ଗରବବାହଲ ଗାଁ ନିକଟ ପଡିଆରେ ବଳାତ୍କାର କରିଥିଲେ। ଏନେଇ ପୀଡିତା ଜଣଙ୍କ ବଡ଼ଗାଁ ଥାନାର ଦ୍ୱାରସ୍ଥ ହୋଇଥିଲେ। ସେ ସମୟରେ ଥିବା ତଦନ୍ତକାରୀ ଅଫିସର ଆଇପିସିର ଦଫା ୩୬୩/୩୭୬(ଡି)୩୨୩/୨୯୪/୫୦୬ ରେ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲେ। ୨୧ ଜଣଙ୍କ ସାକ୍ଷ୍ୟ ପ୍ରମାଣ, ସରକାରୀ ଓକିଲଙ୍କ ଦୃଢ଼ ଯୁକ୍ତି ଏବଂ ୨୫ଟି ଦସ୍ତାବିଜକୁ ଆଧାରକରି ଜିଲା ଦୌରା ଜଜ ଆଇପିସିର ଦଫା ୩୬୬/୩୭୬(ଡି) ଅନୁଯାୟୀ ୨୦ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିବା ସହ ୫୦ ହଜାର ଟଙ୍କା ଲେଖାଏଁ ଜୋରିମାନା ଏବଂ ଦଫା ୩୬୬ ରେ ୭ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦାୟ ଅଧିକ ୬ ମାସ ଦଣ୍ଡ ଦେଇଛନ୍ତି। ଏହି କେସ୍‌କୁ ସରକାରଙ୍କ ତରଫରୁ ଜିଲା ମୁଖ୍ୟ ସରକାରୀ ଓକିଲ ଦିଲୀପ କୁମାର ମୁର୍ମୁ ପରିଚାଳନା କରୁଥିଲେ।

## ଆର୍‌ଏସ୍‌ଏସ୍ ଓ ମେଷ୍ଟ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା

### ଇସ୍ପାତ କାରଖାନାରେ ଶ୍ରମିକ ସଂଘ ନିର୍ବାଚନ

**ରାଉରକେଲା, ୧୪।୧୧(ସଙ୍ଗୀତା ଜେନା)**

ଗତ ୧୨ତାରିଖରେ ଶ୍ରମିକ ସ୍ୱୀକୃତି ନିର୍ବାଚନରେ ଆର୍‌ଏସ୍‌ଏସ୍ ଓ ମେଷ୍ଟ ବିଜୟୀ ହେବା ପରେ ବୁଧବାର ସନ୍ଧ୍ୟାରେ ରାଉରକେଲା ସେକ୍ଟର ୧୮ ଶ୍ରମିକ ସଂଘ ଅଫିସ ପରିସରରେ ସମ୍ବର୍ଦ୍ଧନା ସଭା ହୋଇଥିଲା। ଏଥିରେ ଆର୍‌ଏସ୍‌ଏସ୍ ବରିଷ୍ଠ ଉପସଭାପତି ଆର୍.କେ ପଣ୍ଡା ସଭାପତିତ୍ୱ କରିଥିଲେ। ସମ୍ବର୍ଦ୍ଧନା ସଭାରେ ରାଉରକେଲା ଶ୍ରମିକ ସଂଘର ସଭାନେତ୍ରୀ ଡି.ଏସ୍. ପାଣିକର, ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ବେହେରା, ଉପସାଧାରଣ ସମ୍ପାଦକ ଦିଲୀପ କୁମାର ମହାପାତ୍ର, ଉପସଭାପତି ଅକ୍ଷୟ ଜେନା, ରମେଶଚନ୍ଦ୍ର ଦତ୍ତ, ନିହାର ଦାସ, ବୀରକିଶୋର ଶେଖରଦେଓ, କୋଷାଧ୍ୟକ୍ଷ ରଘୁନାଥ ଭୁକ୍ତା, ବିକାଶ ବେହୁରିଆ, ଦୁଃଶାସନ ନାୟକ, ମନୋଜ କିସାନ ଏବଂ ସହଯୋଗୀ ଗାଙ୍ଗପୁର ମଜଦୁର ମଞ୍ଚର କର୍ମକର୍ତ୍ତାମାନେ ମଞ୍ଚାସୀନ ଥିଲେ। ବୈଠକର ପ୍ରାରମ୍ଭରେ ବଳିଷ୍ଠ ନେତୃତ୍ୱ ପାଇଁ ସଭାନେତ୍ରୀ ପାନିକର ସାଧାରଣ ସମ୍ପାଦକ ପ୍ରଶାନ୍ତ ବେହେରାଙ୍କୁ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ରାଉରକେଲା ଇସ୍ପାତ କାରଖାନାର ବିଭିନ୍ନ ବିଭାଗ ତରଫରୁ କର୍ମକର୍ତ୍ତାମାନେ ସଭାନେତ୍ରୀ ଏବଂ ସାଧାରଣ ସମ୍ପାଦକଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ଅଭିନନ୍ଦନ ଜଣାଇଥିଲେ। ଶ୍ରମିକମାନଙ୍କ ଏକତା ଏହିଭଳି ରହିଲେ ରାଉରକେଲା ଶ୍ରମିକ ସଂଘ ଏବଂ ଗାଙ୍ଗପୁର ମଜଦୁର ମଞ୍ଚ ମିଳିତ ଭାବରେ ଆହୁରି ଅଧିକ ଶକ୍ତିଶାଳୀ ହୋଇ ଲୋକମାନଙ୍କର ସେବା କରି ପାରିବ। ବିନା ବାଛ ବିଚାରରେ ରାଉରକେଲା ଶ୍ରମିକ ସଂଘ ସମସ୍ତଙ୍କ ନିକଟରେ ସୁଖଦୁଃଖ ସବୁ ସମୟରେ ଭାଇ ଭଳି ସେବା ଯୋଗେଇ ଆସୁଥିଲା। ଆଗାମୀ ଦିନରେ ସେମାନଙ୍କର ଆହୁରି ନିକଟତର ହେବ ବୋଲି ସାଧାରଣ ସାଧାରଣ ସମ୍ପାଦକ କହିଥିଲେ। ରାଉରକେଲା ଶ୍ରମିକ ସଂଘ ଏବଂ ଗାଙ୍ଗପୁର ମଜଦୁର ମଞ୍ଚ ଉପରେ ଆସ୍ଥା ପ୍ରକଟ କରି ବିଜୟୀ କରେଇ ଥିବାରୁ ଉପସାଧାରଣ ସମ୍ପାଦକ ଦିଲୀପ କୁମାର ମହାପାତ୍ର ରାଉରକେଲା ଇସ୍ପାତ କାରଖାନାର ସମସ୍ତ କର୍ମଚାରୀଙ୍କୁ ଧନ୍ୟବାଦ ଜଣାଇଥିଲେ ଏବଂ ଶେଷରେ ଉପସଭାପତି ଅକ୍ଷୟ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ବୈଠକରେ ରାଉରକେଲା ଶ୍ରମିକ ସଂଘର ସମସ୍ତ ଉପସଭାପତି, ସମ୍ପାଦକ, ଯୁଗ୍ମ ସମ୍ପାଦକ, ସମସ୍ତ କାଉନସିଲ ସଦସ୍ୟ ତଥା ରାଉରକେଲା ଶ୍ରମିକ ସଂଘ ଶତାଧିକ ଶୁଭେଚ୍ଛୁ ଉପସ୍ଥିତ ଥିଲେ।



ସେକ୍ଟର ୧୮ କାର୍ଯ୍ୟାଳୟରେ ଆୟୋଜିତ ସମ୍ବର୍ଦ୍ଧନା ସଭା।

## ଡିସେମ୍ବର ୨୦ରୁ ସୁନ୍ଦରଗଡ଼ରେ ଖରିଫ ଧାନ ସଂଗ୍ରହ



ବୈଠକରେ ଉପସ୍ଥିତ ଅଧିକାରୀମାନେ।

**ସୁନ୍ଦରଗଡ,୧୪।୧୧(ଜୟ ନାରାୟଣ ମେଣ୍ଟୁଲି)**

### ଜିଲା ସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ

ସୁନ୍ଦରଗଡ଼ ଜିଲା ସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଗୁରୁବାର ସ୍ଥାନୀୟ ବିକାଶ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମନୋଜ ମହାଜନଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଥିବା ଏହି ବୈଠକରେ ଉପ ବାଚସ୍ପତି, ବିଧାନସଭା ବାଚସ୍ପତି ତଥା ବିଧାୟକ ଭବାନୀ ଶଙ୍କର ଭୋଇ, ସୁନ୍ଦରଗଡ ସଦର ବିଧାୟକ ଯୋଗେଶ କୁମାର ସିଂହ, ରାଜଗାଙ୍ଗପୁର ବିଧାୟକ ଡା. ସି.ଏସ. ରାଜେନ ଏକ୍କା, ଜିଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ବଣାଇ ଉପଜିଲାପାଳ ଅକ୍ଷୟ ପିଲ୍ଲେ, ପାନପୋଷ ଉପ ଜିଲାପାଳ ବିଜୟ ନାୟକ ଯୋଗଦେଇ ଜିଲାର ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଉପରେ ଆଲୋଚନା କରିଥିଲେ। ଚାଷୀଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ ଯୋଗାଇ ଦେବା, ଇନପୁଟ ସହାୟତା ଯୋଗାଇବା ଆଦି ଲକ୍ଷ୍ୟ ନେଇ ଚଳିତ ବର୍ଷ ଖରିଫ ଧାନ ସଂଗ୍ରହ ନିମନ୍ତେ ଡିସେମ୍ବର ୨୦ ତାରିଖକୁ ବୈଠକରେ ଧାର୍ଯ୍ୟ କରାଯାଇଛି। ଏଥିପାଇଁ ଜିଲାରେ ୧୩୩ ଧାନ ସଂଗ୍ରହ କେନ୍ଦ୍ର ଖୋଲାଯିବାର ଲକ୍ଷ୍ୟ ରଖାଯାଇଛି। ଯେଉଁଥିରେ ୭ଟି ସ୍ୱୟଂ ସହାୟକ ମହିଳା ଗୋଷ୍ଠୀ, ୪୭ଟି ଲ୍ୟାମ୍ପସ ରହିଛି। ସେହିଭଳି ମଣ୍ଡି ଗୁଡ଼ିକର ସୁପରିଚାଳନା ନିମନ୍ତେ ମଧ୍ୟ ବିଭିନ୍ନ ପଦକ୍ଷେପମାନ ଗ୍ରହଣ କରାଯାଇଛି। ସେହିଭଳି ପ୍ରତ୍ୟେକ ଧାନ ସଂଗ୍ରହ କେନ୍ଦ୍ର ଗୁଡିକରେ ସୁପରିଚାଳନା ପାଇଁ ମଣ୍ଡି ନୋଡାଲ ଅଧିକାରୀ ଏବଂ ସୁପରଭାଇଜରମାନେ ମଧ୍ୟ ନିୟୋଜିତ ହୋଇଛନ୍ତି। ଏହି ଧାନ ସଂଗ୍ରହ ସମ୍ବନ୍ଧୀୟ ବ୍ୟାପକ ଜନ ସଚେତନତା ସୃଷ୍ଟି ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଥିଲା। ଚଳିତ ବର୍ଷ ପଞ୍ଜୀକୃତ ହୋଇଥିବା ୫୪୪୪୧ ଜଣ ଚାଷୀଙ୍କ ଠାରୁ ମୋଟ ୧୯୪୩୩୮.୨୩୫ ମେଟ୍ରିକ ଟନ ଧାନ କିଣାଯିବାର ଲକ୍ଷ୍ୟ ରହିଛି। ଏହି ଧାନ ସଂଗ୍ରହ କାମରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମଧ୍ୟ ସହାୟତା ନିଆଯିବ। ଏଥର ୭ ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ଏହି କାର୍ଯ୍ୟରେ ନିୟୋଜିତ କରାଯିବ। ଧାନ ସଂଗ୍ରହ ପ୍ରକ୍ରିୟାକୁ ଆହୁରି ସହଜ କରିବା ପାଇଁ ଜିଲା ସ୍ତରରେ କଣ୍ଟ୍ରୋଲ ରୁମ ନମ୍ବର ୧୮୦୦୪୩୫୬୭୬୧ ଜାରି କରାଯାଇଛି। ଏହାଛଡା ଧାନ ସଂଗ୍ରହ ନିମନ୍ତେ ଅନ୍ୟାନ୍ୟ ସୂଚନା କିମ୍ବା ପ୍ରଶ୍ନ ରହିଥିଲେ ଯୋଗାଣ ବିଭାଗର ବରିଷ୍ଠ ଅଧିକାରୀଙ୍କୁ ମଧ୍ୟ ଚାଷୀମାନେ ଯୋଗାଯୋଗ କରିପାରିବେ। ଧାନ ସଂଗ୍ରହ ମଣ୍ଡିରେ ଗୋଦାମ, ପିଣ୍ଡି, ପରୀକ୍ଷା ଉପକରଣ, ପାନୀୟ ଜଳ, ଛାୟା ବ୍ୟବସ୍ଥା ଏବଂ ଶୌଚାଳୟ ପ୍ରସ୍ତୁତ କରି ରଖିବାକୁ ସବୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ବୈଠକରେ ଜିଲା ଯୋଗାଣ ଅଧିକାରୀ ଦୁର୍ଗା ଚରଣ ବେଶ୍ରା, ଡିଆର୍‌ସିଏସ ଉମା ଶଙ୍କର ଦାସ, ଅତିରିକ୍ତ ଯୋଗାଣ ଅଧିକାରୀ, ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ, ବହୁ ସଂଖ୍ୟାରେ ଚାଷୀ ଏବଂ ମିଲର୍ସମାନେ ଯୋଗଦେଇ ବୈଠକରେ ଧାନ ସଂଗ୍ରହ କିଭଳି ସୁରୁଖୁରୁରେ ହୋଇପାରିବ ସେଥି ନିମନ୍ତେ ନିଜ ନିଜର ମତାମତ ରଖିଥିଲେ।

## ଅର୍ବାନ କୋ-ଅପରେଟିଭ ବ୍ୟାଙ୍କର ସମବାୟ ସପ୍ତାହ

**ରାଉରକେଲା,୧୪।୧୧(ଦିନେଶ ମିଶ୍ର)**

ରାଉରକେଲା ଉଦିତନଗର ସ୍ଥିତ ଅର୍ବାନ--କୋ-ଅପରେଟିଭ ବ୍ୟାଙ୍କ ପକ୍ଷରୁ ସମବାୟ ସପ୍ତାହ ପାଳନର ଶୁଭାରମ୍ଭ ଗୁରୁବାର କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ସପ୍ତାହ ୧୪ ନଭେମ୍ବରରୁ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ସୁଚାରୁ ରୂପେ ପାଳିତ ହେବ। ଏହି ସପ୍ତାହ ପାଳନ ଅବସରରେ ବ୍ୟାଙ୍କର ସଭାପତି ଦିଲୀପ କୁମାର ମହାପାତ୍ର ଅତିଥି ଭାବେ ଯୋଗଦେଇ ସମବାୟ ପତାକା ଉତ୍ତୋଳନ କରି ଏହି ସପ୍ତାହର ଆଭିମୁଖ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ। ବ୍ୟାଙ୍କର ନୂତନ ଜମା ଯୋଜନାରେ ନିବେଶ କରି ଗ୍ରାହକମାନେ ଏକବର୍ଷ ଓ ଏକ ଦିନ ଅବଧିରେ ୭.୫ ପ୍ରତିଶତ ସୁଧହାର ପାଇ ପାରିବେ ବୋଲି ମହାପାତ୍ର ତାଙ୍କ ବକ୍ତବ୍ୟରେ ବିଭିନ୍ନ ଗ୍ରାହକଙ୍କୁ ଅବଗତ କରିଥିଲେ। ଏହି ସମବାୟ ସପ୍ତାହ କାର୍ଯ୍ୟକ୍ରମର ବିଭିନ୍ନ କାର୍ଯ୍ୟକଳାପ ଆଗାମୀ ଦିନରେ ଜାରି ରହିବ ବୋଲି ବ୍ୟାଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରବୀନ୍ଦ୍ର କୁମାର ମିଶ୍ର ସୂଚନା ଦେଇଥିଲେ। ଏହି ସମବାୟ ପତାକା ଉତ୍ତୋଳନ ସମୟରେ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରବୀନ୍ଦ୍ର କୁମାର ମିଶ୍ରଙ୍କ ସହ ଅନ୍ୟ ସମସ୍ତ କର୍ମଚାରୀ, ଦୈନିକ ଜମାକାରୀ ଓ ଗ୍ରାହକମାନେ ଉପସ୍ଥିତ ଥିଲେ।



ସମବାୟ ସପ୍ତାହ ପାଳନ ଅବସରରେ ସମବାୟ ପତାକା ଉତ୍ତୋଳନ କରାଯାଉଛି।

## ଶିଶୁ ହେଉଛନ୍ତି ସମାଜର ଜାଗ୍ରତ ପ୍ରହରୀ

**ରାଉରକେଲା,୧୪।୧୧(ଦିନେଶ ମିଶ୍ର)**

ରାଉରକେଲା ସହରରେ ଥିବା ବିଭିନ୍ନ ଅନୁଷ୍ଠାନ ଓ ସ୍କୁଲମାନଙ୍କରେ ଶିଶୁ ଦିବସ ଗୁରୁବାର ପାଳିତ ହୋଇଯାଇଛି। ସେଥି ମଧ୍ୟରୁ ସେକ୍ଟର-୨ ସ୍ଥିତ ଡିସୋଜା ସ୍କୁଲ ପରିସରରେ ନିର୍ଦ୍ଦେଶକ ଆଲୋକ ଜେଣ୍ଡାର ଡିସୁଜା ଓ ଜଏଣ୍ଟ ନିର୍ଦ୍ଦେଶିକା ଆନାବେଲା ଡିସୁଜାଙ୍କ ଅଧ୍ୟକ୍ଷତାରେ ଶିଶୁ ଦିବସ ପାଳିତ ହୋଇଥିଲା। ଏଥିରେ ସ୍କୁଲର ପ୍ରବନ୍ଧକ ସିଦ୍ଧାର୍ଥ ରଥ, ଅଧ୍ୟକ୍ଷା ଜୟୋତି ଗୁରୁୱାରା ସହ ଜୟୀତା ନାୟକଙ୍କ ମାର୍ଗ ଦର୍ଶନରେ କାର୍ଯ୍ୟକ୍ରମ ଜାରି ରହିଥିଲା। ସ୍କୁଲର ନିର୍ଦ୍ଦେଶକ ଆଲୋକ ଜେଣ୍ଡାର ଶିଶୁ ଦିବସର ମହତ୍ତ୍ୱ ଉପରେ ବିଭିନ୍ନ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ। ଶିକ୍ଷୟିତ୍ରୀ ପରଦୀପ କର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ଅବସରରେ ଶିଶୁମାନଙ୍କୁ ନେଇ ନୃତ୍ୟ, ନାଟକ ଓ ର୍ୟାମ୍ପୱାକ କରି ପିଲାମାନଙ୍କୁ ମନୋରଞ୍ଜନ କରାଯାଇଥିଲା। ଶେଷରେ ଛାତ୍ରୀ ହଁସିକା ପ୍ରସାଦ ଧନ୍ୟବାଦ ଅର୍ପଣ କରିଥିଲେ। ସେହିଭଳି ଶିବାଜୀ ମାର୍ଗ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରାଙ୍ଗଣରେ ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଜନ୍ମ ବାର୍ଷିକ ପାଳନ ଅବସରେ ଶିଶୁ ଦିବସ ପାଳିତ ହୋଇଯାଇଛି। ସଭା ଆରମ୍ଭରେ ବିଦ୍ୟାଳୟର ଶିକ୍ଷକମାନେ ତୁମେ ଆସନ୍ତାକାଲିର ପ୍ରତିଛବି ଉପରେ ସଙ୍ଗୀତ ପରିବେଷଣ କରିଥିଲେ। ଏହି ସଭାରେ ବିଜୟ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାଚା ନେହେରୁଙ୍କ ଜୀବନୀ ଉପରେ ଆଲୋକପାତ କରି ଜୀବନରେ ତାଙ୍କ ଆଦର୍ଶ ଗ୍ରହଣ କରିବାକୁ ଆହ୍ୱାନ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ମିଶ୍ରଙ୍କ ତତ୍ତ୍ୱାବଧାନରେ ଏହି ଦିବସ ପାଳିତ ହୋଇଥିଲା। ପରେ ବିଦ୍ୟାଳୟର ଛାତ୍ରାଛାତ୍ରଙ୍କ ପକ୍ଷରୁ ଫାନ୍ସିଡ୍ରେସ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ଶିଶୁ ଭାଟିକା ଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

## ୧୫ ଜଣିଆ କରାଟେ ଦଳର ଭୁବନେଶ୍ୱର ଗସ୍ତ

**ରାଉରକେଲା,୧୪।୧୧(ଦିନେଶ ମିଶ୍ର)**

ଓଡିଶା ରାଜ୍ୟ କରାଟେ ଆସୋସିଏସନ(ଓସ୍କା) ଆନୁକୂଲ୍ୟରେ ଚଳିତ ମାସ ୧୬ ଓ ୧୭ ତାରିଖ ଦୁଇଦିନ ଧରି ୩୬ତମ ସବ୍‌ଜୁନିୟର ରାଜ୍ୟ କରାଟେ ଚାମ୍ପିୟନଶିପ୍ ଭୁବନେଶ୍ୱରସ୍ଥିତ ଉତ୍କଳ କରାଟେ ସ୍କୁଲ ପରିସରରେ ଅନୁଷ୍ଠିତ ହେବ। ଏହି କ୍ରମରେ ଓସ୍କା ଦ୍ୱାରା ସ୍ୱୀକୃତିପ୍ରାପ୍ତ ରାଉରକେଲା କରାଟେ ଆସୋସିଏଶନ ପକ୍ଷରୁ ଗତ ୧୦ ତାରିଖରେ ଏକ ଚୟନ ଶିବିର ଆୟୋଜନ କରାଯାଇଥିଲା। ଏଥିରେ ଓସ୍କା ଦ୍ୱାରା ସ୍ୱୀକୃତିପ୍ରାପ୍ତ ରାଉରକେଲା କରାଟେ ସ୍କୁଲ ଓ ଟେନ୍‌ସା ଶାଖାରୁ ସବ୍‌ଜୁନିଅର ବର୍ଗ (୬ରୁ ୧୩ ବର୍ଷ) ବୟସରେ ଅର୍ଣ୍ଣଦିତ୍ୟା ସ୍ୱାଇଁ, ପ୍ରିୟାଂଶୁ ଦାସ, ତେଷଜ ତ୍ରିୟାଂଶ ମିଶ୍ର, ଅରୁଷ ପାତ୍ର, ଡାରାପୁ ଧନୁଶ, ରେୟାଂଶ ଚୌଧୁରୀ, ଧ୍ରୁବ ନାୟକ, ଆଦିତ୍ୟ ଷଡ଼ଙ୍ଗୀ, ଆୟୁଷ୍ମାନ ବାରିକ, ସାଚି ମିଶ୍ର, ଅସୀମ ଆଦିତ୍ୟ ମିଶ୍ର, ଶୁଭଶ୍ରୀ ଶୁଭଜ୍ୟୋତି ନାଥ, ସାଇ ସୃଷ୍ଟି ରଣା, ଆରାଧ୍ୟ ଜୈଶ୍ୱାଲ, ଶ୍ରେୟାଂଶ ହୋତାଙ୍କ ସହ ୧୫ ଜଣ କରାଟେକା ଚୟନ ହୋଇଥିଲେ।

## ଇବ୍ ନଦୀର ସଂରକ୍ଷଣ ପାଇଁ ସମ୍ମିଳିତ ଉଦ୍ୟମ ଲୋଡା

**ସୁନ୍ଦରଗଡ,୧୪।୧୧(ଜୟ ନାରାୟଣ ମେଣ୍ଟୁଲି)**

ସ୍ଥାନୀୟ ଇବ ନଦୀ ବାଲିରେ ଚାଲିଥିବା ବିହା ବାଏଲ ଉଛବର ଗୁରୁବାର ଥିଲା ଅଷ୍ଟମ ସନ୍ଧ୍ୟା। ଏହି ସନ୍ଧ୍ୟାରେ ଜୟ ଜଗନ୍ନାଥ ଟ୍ରକର୍ସ ଆସୋସିଏଶନର ଅଧ୍ୟକ୍ଷ ସଞ୍ଜୟ ନନ୍ଦ ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥିଭାବେ ସୁନ୍ଦରଗଡ ଟ୍ରକ ମାଲିକ ସଂଘର ଅଧ୍ୟକ୍ଷ ରିତେଶ ପଟେଲ, ଯୁବ ଉଦ୍ୟୋଗୀ ବିଭୁ ପଣ୍ଡା, ପୌରାଧ୍ୟକ୍ଷା ତନୟା ମିଶ୍ର, ଉପାଧ୍ୟକ୍ଷ ଲଲାଟେନ୍ଦୁ ପରିଡା, ତୁଷାର ଠାକୁର, ରିଙ୍କୁ ଗୁପ୍ତା ପ୍ରମୁଖ ଯୋଗଦେଇ ଇବ ନଦୀର ସଂରକ୍ଷଣ ପାଇଁ ସମ୍ମିଳିତ ଉଦ୍ୟମ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ନନ୍ଦ ସୁନ୍ଦରଗଡ ସହରର ଇବ ନଦୀରେ ଜଳ ସଂରକ୍ଷଣ ପାଇଁ ନିଜସ୍ୱ ଅର୍ଥରେ ବାଲିବନ୍ଧ ନିର୍ମାଣ ପ୍ରତିଶ୍ରୁତି ଦେଇଥିଲେ। ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ରାଜଗାଙ୍ଗପୁର ଡାଲମିଆ କଲେଜ, ବନବାସୀ କଲ୍ୟାଣ ଆଶ୍ରମ, ଜେକେୟାଇ ଡ୍ୟାନ୍ସ ଗ୍ରୁପ ସ୍ମିତା ରାଣୀ ସୁନ୍ୟାନୀ, ନଟରାଜ କଳା ପରିଷଦ, ସ୍ୱାର୍ଣ୍ଣାକ୍ଷୀ ବନଛୋର, ସୁମିତ କୁମାର, ସିଦ୍ଧି ରଥ ପ୍ରମୁଖ ନୃତ୍ୟ, ସଙ୍ଗୀତ ପରିବେଷଣ କରିଥିଲେ। ବିହା ବାଏଲ ଉଛବ କମିଟିର ସଭାପତି ଡ. ଚିରବ୍ରତ ଦତ୍ତ ଏହି ଉଛବ ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ବେଣୁମାଧବ ତ୍ରିପାଠୀ ଓ ବିଶ୍ୱ ରଞ୍ଜନ ହୋତା ମଞ୍ଚ ପରିଚାଳନା କରିଥିଲେ। ସମ୍ପାଦକ ସଚ୍ଚୀନ୍ଦ୍ର ବିଶ୍ୱକର୍ମା ଧନ୍ୟବାଦ ଦେଇଥିଲେ।




## ବଢୁଛି ଜନସଂଖ୍ୟା: ସୁଦୃଢ଼ ହୋଇପାରୁନି ସହରର ସୁରକ୍ଷା ବ୍ୟବସ୍ଥା

**ରାଉରକେଲା,୧୪।୧୧(ବିପ୍ଲବ ରଞ୍ଜନ ଦାଶ)**

ରାଉରକେଲା ସହର ଜନସଂଖ୍ୟା ୭ ଲକ୍ଷକୁ ଛୁଇଁଲାଣି। ଜନସଂଖ୍ୟା ବୃଦ୍ଧି ସହିତ ଜରୁରୀକାଳୀନ ସୁରକ୍ଷା ବ୍ୟବସ୍ଥା ମଧ୍ୟ ସହରବାସୀଙ୍କ ପାଇଁ ନିତାନ୍ତ ଆବଶ୍ୟକ ହୋଇପଡ଼ିଛି। ମାତ୍ର ସହରବାସୀଙ୍କ ପାଇଁ ଜରୁରୀ ଥିବା ସୁରକ୍ଷା ବ୍ୟବସ୍ଥାର ସୁଦୃଢ଼ୀକରଣ ଆଶାନୁରୂପ ହୋଇପାରୁନି। ସହରରେ ଅଗ୍ନି ସୁରକ୍ଷା, ପରିବହନଗତ ସୁରକ୍ଷା, ଟ୍ରାଫିକ ସୁରକ୍ଷା ଭଳି ଜରୁରୀ ବ୍ୟବସ୍ଥା ବର୍ଷବର୍ଷ ଧରି ସୁଦୃଢ ହୋଇପାରୁନାହିଁ। ମାତ୍ର ଅଗ୍ନିସୁରକ୍ଷା ଅନୁବନ୍ଧନ ସ୍ରୋତାଦି ଏପର୍ଯ୍ୟନ୍ତ ସହରର ଅନୁଷ୍ଠାନ,ପ୍ରତିଷ୍ଠାନ ଓ ଉଚ୍ଚ ଅଟ୍ଟାଳିକାରେ ଅନୁବନ୍ଧିତ ହୋଇନାହିଁ। ରାଉରକେଲା ଅଗ୍ନିଶମ କେନ୍ଦ୍ର ଅଧୀନରେ ଥିବା ସମୁଦାୟ ୯୦ଜ୍ୱଳନଶୀଳ କେନ୍ଦ୍ର ଡେମୋଷ୍ଟ୍ରେସନ ବ୍ୟବସ୍ଥା କାମଚଳା ଢଙ୍ଗରେ ଚାଲିଛି। ହାଇଡ୍ରେଟ ଫାୟାର ସିଷ୍ଟମ ଓ ଅଗ୍ନି ସୁରକ୍ଷା ନିୟମ ଅନୁଯାୟୀ ଯେଉଁସବୁ ଅଗ୍ନିସୁରକ୍ଷା ଅନୁବନ୍ଧନ ସୋତ୍ର ଅନୁବନ୍ଧିତ ହେବା କଥା ତା ନ ହୋଇ କାମଚଳା ବ୍ୟବସ୍ଥାରେ ଲୋକଙ୍କ ଜୀବନ ସହିତ ଖେଳ ଖେଳା ଯାଉଥିବା ବୁଦ୍ଧିଜୀବୀ ମହଲରେ ଅଭିଯୋଗ ହେଉଛି। ନିୟମ ମୁତାବକ ପ୍ରତି ଆପାର୍ଟମେଣ୍ଟ ଯାର ପରିସୀମା ୨ଶହ ବର୍ଗ ମିଟର ସେଠାରେ ୪ରୁ ଉର୍ଦ୍ଧ୍ୱ ଅଗ୍ନି ନିର୍ବାପକ ଯନ୍ତ୍ର ରହିବା କଥା। ମାତ୍ର ନିୟମ କେହି ମାନୁନାହାନ୍ତି। ସହରର ବଡ ବଡ ଅନୁଷ୍ଠାନରେ ଅଗ୍ନି ନିର୍ବାପକ ଯନ୍ତ୍ର, ଫାୟାର ହାଇଡ୍ରେଟ ସିଷ୍ଟମ ଓ ଫାୟାର ବୁକେଟ ସହ ଆକସ୍ମିକ ଅଗ୍ନି ଜନିତ ଦୁର୍ବିପାକ ପାଇଁ ପର୍ଯ୍ୟାପ୍ତ ପାଣି ବ୍ୟବସ୍ଥା ରଖିବା ନିର୍ଦ୍ଧାରିତ ଥିବା ବେଳେ ମାତ୍ର ଅଗ୍ନି ନିର୍ବାପକ ଯନ୍ତ୍ର ରଖି ଅଗ୍ନି ସୁରକ୍ଷା ନିୟମ ପାଳନ ହେଉଛି। ସହରର କପଡା, ଗ୍ରୋସରୀ ଦୋକାନ ଏବଂ ହୋଟେଲରେ ଅଗ୍ନି ନିର୍ବାପକ ଯନ୍ତ୍ର ନିହାତି ଆବଶ୍ୟକ ଥିବାବେଳେ ପ୍ରାୟ ଦୋକାନରେ ଅଗ୍ନି ନିର୍ବାପକ ଯନ୍ତ୍ର ରଖା ଯାଉନି। ଅନ୍ୟପଟେ ରାଉରକେଲା ସହରରେ ଅଗ୍ନିଶମ ବିଭାଗ ପକ୍ଷରୁ ଏଯାଏଁ ୧୫ମିଟର ଉଚ୍ଚତା ବିଶିଷ୍ଟ ଯଥା ୪/୫ ତାଲା ବିଶିଷ୍ଟ ମାତ୍ର ୬୦ଟି ଆପାର୍ଟମେଣ୍ଟ/ଅଟ୍ଟାଳିକାକୁ ଅଗ୍ନି ସୁରକ୍ଷା ଅନୁବନ୍ଧନଗତ ପ୍ରମାଣପତ୍ର ମିଳିଥିବାବେଳେ ବହୁ ଆପାର୍ଟମେଣ୍ଟକୁ ଏଯାଏ ପ୍ରମାଣପତ୍ର ମିଳିନି। ରାଉରକେଲା ସ୍ମାର୍ଟସିଟିରେ ମାଷ୍ଟର ସିଷ୍ଟମ ଇନଟିଗ୍ରେଟର ପ୍ରଣାଳୀରେ ସହରବାସୀଙ୍କ ସୁରକ୍ଷା ସହିତ ଟ୍ରାଫିକ ସୁରକ୍ଷା ବ୍ୟବସ୍ଥା ମଜବୁତ କରିବା ନିମନ୍ତେ ଏକ କମ୍ପାନୀ ୬କୋଟି ୪୨ଲକ୍ଷ ୩୦ହଜାର ଟଙ୍କାରେ ରାଉରକେଲା ସ୍ମାର୍ଟ ସିଟି ସୁରକ୍ଷା ବ୍ୟବସ୍ଥା ସଦୃଢ଼ୀକରଣ କାମ ହାତକୁ ନେଇଥିବାବେଳେ କାମ ସରିବାର ନା ଧରୁନାହିଁ। ଏଥିସହ ଟ୍ରାଫିକ ବିଭାଗରେ ନିୟୋଜିତ କର୍ମଚାରୀମାନଙ୍କୁ ଠିକ ସମୟରେ ସୁରକ୍ଷା କିଟ ଯଥା ଚଷମା, ଟୋପି ଆଦି ମଧ୍ୟ ପ୍ରଦାନ ହେଉନାହିଁ। ଏକଦା ଜଣେ ମାତ୍ର ଟ୍ରାଫିକ ଇନସ୍ପେକ୍ଟରଙ୍କ ଭରସାରେ ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା ଚାଲିଛି। ରାଉରକେଲା ପରିବହନ ବିଭାଗ ପକ୍ଷରୁ ମଧ୍ୟ ଯାନବାହାନ ଫିଟନେସ ଆଦି ବିଭିନ୍ନ ଯାଞ୍ଚ ପ୍ରକ୍ରିୟା ଆବଶ୍ୟକୀୟ ଭିତ୍ତିଭୂମି ଅଭାବ ହେତୁ ଠିକ ଭାବେ ସମ୍ପାଦନ ହୋଇ ପାରୁନାହିଁ। ଲୋକଙ୍କ ଜରୁରୀକାଳୀନ ସୁରକ୍ଷା ବ୍ୟବସ୍ଥା ସୁଦୃଢ଼ୀକରଣ ନିମନ୍ତେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ବିହିତ ହସ୍ତକ୍ଷେପ ନିତାନ୍ତ ଆବଶ୍ୟକ ହୋଇପଡିଛି ବୋଲି ସହରର ବୁଦ୍ଧିଜୀବୀ ମହଲରେ ଅଭିଯୋଗ ହେଉଛି। ରାଉରକେଲା ସହକାରୀ ଅଗ୍ନିଶମ ଅଧିକାରୀ ସଂଗ୍ରାମ ହାଁସଦାଙ୍କୁ ପଚାରିବାରୁ ସେ କହିଲେ, ରାଉରକେଲା ସହରରେ ଯେଉଁଭଳି ସମସ୍ତ ଅନୁଷ୍ଠାନ, ପ୍ରତିଷ୍ଠାନ ଓ ଆପାର୍ଟମେଣ୍ଟ ଅଗ୍ନି ଜନିତ ସୁରକ୍ଷା ବ୍ୟବସ୍ଥା ଅନୁବନ୍ଧନ ସ୍ରୋତରେ ଅଧିକରୁ ଅଧିକ ଅନୁବନ୍ଧିତ ହେବ ସେ ଦିଗରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏନେଇ ରାଉରକେଲା ଆଞ୍ଚଳିକ ପରିବହନ ପ୍ରବନ୍ଧକ ଭି ସାମନ୍ତ ସିଂ ରାୟ କୁହନ୍ତି, ପ୍ରତିମାସ ପରିବହନ ଜନିତ ଅବାଧ ଯାନାବାହନ ଚାଳନା ଉପରେ ଯାଞ୍ଚ ହେଉଛି। କମର୍ସିଆଲ ଯାନବାହନ ଫିଟନେସ ଯାଞ୍ଚ ମଧ୍ୟ ହେଉଛି। ଆଗକୁ ଲୋକଙ୍କର ଯାନବାହାନ ଜନିତ ଅଧିକ ସୁରକ୍ଷା ନିମନ୍ତେ ଯାଞ୍ଚ ପ୍ରକ୍ରିୟାକୁ ଆହୁରୀ କଡାକଡି କରାଯିବ ବୋଲି ସେ କହିଥିଲେ।


ଉଦିତନଗର ଛକରେ ଟ୍ରାଫିକ ପୋଲିସ ପକ୍ଷରୁ ଯାନବାହନ ଯାଞ୍ଚ ହେଉଛି।

# ଆହତ ଯୁବକଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା


କ୍ଷେତରାଜପୁରରେ ମୁତୟନ ପୋଲିସ ସୁରକ୍ଷା କର୍ମୀ।


କ୍ଷେତରାଜପୁର ବଜାର ଶୂନ୍‌ଶାନ ହୋଇ ପଡିଛି।

## ଦୀପାବଳିରେ ବାଣଫୁଟାକୁ ନେଇ ଗୋଷ୍ଠୀ ସଂଘର୍ଷ ଘଟଣା

- ଦୋକାନ ଭଙ୍ଗାରୁଜା, ପୋଲିସ ମୁତୟନ
- ଦୋକାନ ବଜାର ବନ୍ଦ, କ୍ଷେତରାଜପୁର ଶୂନ୍‌ସାନ

**ସମ୍ବଲପୁର,୧୪।୧୧(ପ୍ରମୋଦ ବହିଦାର)**

ସମ୍ବଲପୁର କ୍ଷେତରାଜପୁର ଥାନା ଅନ୍ତର୍ଗତ ବିହାରିପଡ଼ାରେ ଗତ ୧ ତାରିଖ ଦୀପାବଳି ରାତିରେ ବାଣଫୁଟାକୁ କେନ୍ଦ୍ରକରି ଘଟିଥିବା ଗୋଷ୍ଠୀ ସଂଘର୍ଷରେ ଗୁରୁତର ଆହତ ଯୁବକଙ୍କ ଗୁରୁବାର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ସେ ହେଉଛନ୍ତି ଷ୍ଟେଶନପଡ଼ାର ବାଦଲ ତାଣ୍ଡି। କ୍ଷେତରାଜପୁର ଥାନାରେ ପୂର୍ବରୁ ରୁଜୁ ହୋଇଥିବା ଗୋଷ୍ଠୀ ସଂଘର୍ଷ ମାମଲା ଏବେ ହତ୍ୟା ମାମଲାରେ ରୂପାନ୍ତରିତ ହୋଇଛି।

ଚିକିତ୍ସାଧୀନ ବାଦଲ ତାଣ୍ଡିଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଗୁରୁବାର କ୍ଷେତରାଜପୁରରେ ଉତ୍ତେଜନା ପ୍ରକାଶ ପାଇଥିଲା। ସନ୍ଧ୍ୟାରେ ଷ୍ଟେଶନପଡ଼ାର ଶତାଧିକ ଲୋକେ ଆନ୍ଦୋଳନକୁ ଓହ୍ଲାଇଥିଲେ। ଆନ୍ଦୋଳନକାରୀ କ୍ଷେତରାଜପୁର ଧର୍ମଶାଳା ନିକଟ ରାସ୍ତାରେ ଥିବା କେତେକ ଦୋକାନ କାଚ ଭଙ୍ଗାରୁଜା କରିଥିଲେ। ଏହାପରେ ବଜାରରେ ଥିବା ଦୋକନାଗୁଡ଼ିକ ବନ୍ଦ ହୋଇଯାଇଥିଲା। ଏହି ରାସ୍ତାରେ ଯାତାୟାତ ବନ୍ଦ ହୋଇଯାଇଥିଲା। ଖବର ପାଇ ଆରକ୍ଷୀ ଅଧିକ୍ଷକ ମୁକେଶ ଭାମୁଙ୍କ ସମେତ ପୋଲିସ ଅଧିକାରୀମାନେ ପୋଲିସ ଫୋର୍ସ ସହିତ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ହରେଶ ଚନ୍ଦ୍ର ପାଣ୍ଡେ କହିଛନ୍ତି, ଆନ୍ଦୋଳନକାରୀ ପୋଲିସକୁ ଦେଖି ସେମାନଙ୍କୁ ନ୍ୟାୟ ପ୍ରଦାନ ଦାବି କରିଥିଲେ। ନ୍ୟାୟ ପ୍ରଦାନର ଆଶ୍ୱାସନା ପରେ ଆନ୍ଦୋଳନ ପ୍ରଶମିତ ହୋଇଥିଲା। ଉତ୍ତେଜନାମୂଳକ ପରିସ୍ଥିତିକୁ ଲକ୍ଷ୍ୟ କରି ମୁଙ୍ଗାପଡ଼ା ଓ ଷ୍ଟେଶନପଡ଼ା ଅଞ୍ଚଳରେ ୨ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯାଇ ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖା ଯାଇଛି ବୋଲି ସେ କହିଥିଲେ। ସନ୍ଧ୍ୟାରେ ମୃତଦେହ ବ୍ୟବଚ୍ଛେଦ ହୋଇ ପାରିନାହିଁ। ଶୁକ୍ରବାର ବ୍ୟବଚ୍ଛେଦ କରାଯିବ।

ସୂଚନାଯୋଗ୍ୟ ଯେ, ଦୀପାବଳି ରାତିରେ ବାଦଲ ତାଣ୍ଡି ତାଙ୍କର ଦୁଇ ଜଣ ବନ୍ଧୁ ବିହାରୀପଡ଼ା ଦେଇଯିବା ସମୟରେ କେତେକ ସେଠାରେ ବାଣ ଫୁଟାଉଥିବା କେତେକ ଯୁବକଙ୍କ ସହ ତାଙ୍କର ବଚସା ହୋଇଥିଲା। ଉକ୍ତ ବଚସା ପରବର୍ତ୍ତୀ ସମୟରେ ଗୋଷ୍ଠୀ ସଂଘର୍ଷର ରୂପ ନେଇଥିଲା। ଏଥିରେ ବାଦଲଙ୍କ ସହ ଉଭୟ ପକ୍ଷର ୧୦ ଯୁବକ ଆହତ ହୋଇଥିଲେ। ବାଦଲଙ୍କୁ ଏକ ଘରୋଇ ନର୍ସିଂହୋମରେ ଭର୍ତ୍ତି କରାଯାଇଥିଲା। ଏହି ଘଟଣାରେ କ୍ଷେତରାଜପୁର ଥାନାରେ ଏକ ମାମଲା(ନଂ.୨୪୭/୨୪)ରୁଜୁ କରି ପୋଲିସ ଧର୍ମଶାଳା ନିକଟ ମାରୱାଡ଼ିପଡ଼ାର ଆକାଶ ପୋଦ୍ଦାର, ପରଦେଶୀପଡ଼ାର ବରୁଣ ଭଙ୍ଗି, ମୁଙ୍ଗାପଡ଼ା ସିଦ୍ଧାନ୍ତ ଶର୍ମା, ଶୁଭମ ଶର୍ମା, ବିହାରୀପଡ଼ା କ୍ରୀଷ୍ଟାନଗରର ଅଙ୍କିତ ମିଶ୍ର, ଅନିକେତ ମିଶ୍ର ଓ ଅଭିମନ୍ୟୁ ମିଶ୍ରଙ୍କୁ ଗିରଫ କରିଥିଲା।


ଗୁରୁବାର ପବିତ୍ର କାର୍ତ୍ତିକ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ତିଥିରେ ସମ୍ବଲପୁର ଝାଡୁଆପଡା ବ୍ରହ୍ମପୁରା ଠାକୁରଙ୍କ ଠିଆକିଆ ବେଶ।

# ତାଲୁକ ଆଇନସେବା ସମିତି ପାଳିଲା ଶିଶୁ ଦିବସ

**ରେଢାଖୋଲ,୧୪।୧୧(ଅଚ୍ୟୁତାନନ୍ଦ ପୁରୋହିତ)**

ସମ୍ବଲପୁର ଜିଲା ରେଢାଖୋଲ ତାଲୁକ ଆଇନସେବା ପ୍ରାଧିକରଣ ସମିତି ପକ୍ଷରୁ ଶିଶୁ ଦିବସ ପାଳିତ ହୋଇଛି। ସହରର ଖନ୍ଦାଡିପ ଉନ୍ନିତ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ଉତ୍ସବରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମହାବୀର ସିଂଦେଓ ସଭାପତିତ୍ୱ କରିଥିଲେ। ସବଜଜ ସନ୍ତୋଷ କୁମାର ପାଣିଗ୍ରାହୀ ମୁଖ୍ୟଅତିଥିଭାବେ ଯୋଗଦେଇ ଏକ ସୁସ୍ଥ ସମାଜ ଗଠନରେ ଛାତ୍ରୀଛାତ୍ରଙ୍କ ଭୂମିକା ଉପରେ ବକ୍ତବ୍ୟ ରଖିଥିଲେ। ଭଲ ପାଠ ପଢି ଦେଶ ଗଠନରେ ସହାୟକ ହୁଅନ୍ତୁ ବୋଲି ପରାମର୍ଶ ଦେଇଥିଲେ। ବରିଷ୍ଠ ଆଇନଜୀବୀ ଶିବପ୍ରସାଦ ପ୍ରଧାନ ଅନ୍ୟତମ ଅତିଥିଭାବେ ଯୋଗଦେଇଥିଲେ। ଶିଶୁ ଦିବସ ଅବସରରେ ଛାତ୍ର ମାନଙ୍କ ମଧ୍ୟରେ ହୋଇଥିବା ନୃତ୍ୟ, ଗୀତ ଓ ଚିତ୍ରାଙ୍କନ ପ୍ରତଯୋଗିତାର କୃତୀ ପ୍ରତଯୋଗୀମାନଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। ଏ ଅବସରରେ ଛାତ୍ରୀଛାତ୍ରମାନେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ତାଲୁକ ଆଇନସେବା ପ୍ରାଧିକରଣ ସମିତିର ରିଟେନର ଆଇନଜୀବୀ ସୁଜିତ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଅନୀତା ପ୍ରଧାନ, ଶିକ୍ଷକ ଖଗେଶ୍ୱର ପ୍ରଧାନ ଓ ଶିକ୍ଷୟିତ୍ରୀଶିକ୍ଷକମାନେ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

# ସମଲେଇ ପୀଠରେ ସମ୍ବଲପୁରୀ ଧନୁଯାତ୍ରା ପାଣ୍ଡୁଲିପି ପୂଜା

**ସମ୍ବଲପୁର,୧୪।୧୧(ବି.ଶଙ୍କର)**

ଇଷ୍ଟଦେବୀ ସମଲେଇ ପୀଠରେ ସମ୍ବଲପୁରୀ ଧନୁଯାତ୍ରାର ପାଣ୍ଡୁଲିପି ପୂଜାର୍ଚ୍ଚନା ଗୁରୁବାର ସମ୍ପନ୍ନ ହୋଇଛି। ଯାତ୍ରା କମିଟି କର୍ମକର୍ତ୍ତାଙ୍କ ଜୟ ମା' ସମଲେଇ ଧ୍ୱନିରେ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ତଥା ଧନୁଯାତ୍ରା ଆୟୋଜନ କମିଟିର ସଭାପତି ସଞ୍ଜୟ କୁମାର ବାବୁଙ୍କ ନେତୃତ୍ୱରେ ପୂଜାର୍ଚ୍ଚନା ରୀତିନୀତି ଅନୁସାରେ କରାଯାଇଛି। ଏଥିସହିତ ସମ୍ବଲପୁରୀ ଭାଷା ଆନ୍ଦୋଳନକୁ ଆହୁରି ମଜଭୁତ ଓ ପ୍ରତିଷ୍ଠିତ କରିବା ଉଦ୍ଦେଶ୍ୟରେ ଆରମ୍ଭ ହୋଇଥିବା ସମ୍ବଲପୁରୀ ଧନୁଯାତ୍ରା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ୨୦୨୫ଜାନୁଆରୀ ୧୫ ରୁ ୧୯ ତାରିଖ ପର୍ଯ୍ୟନ୍ତ ସମ୍ବଲପୁର ଗଙ୍ଗାଧର ମୁକ୍ତ ମଣ୍ଡପରେ ଧନୁଯାତ୍ରା ଆୟୋଜନ ହେବ ବୋଲି ସଭାପତି ସୂଚନା ପ୍ରଦାନ କରିଛନ୍ତି। ପାଣ୍ଡୁଲିପି ଲେଖକ ଓ ଧନୁଯାତ୍ରା ନିର୍ଦ୍ଦେଶକ ବବୁଲୁ ବାଗ, କାର୍ଯ୍ୟକାରୀ ସଭାପତି କମଳ ଲୋଚନ ପଣ୍ଡା, ସମ୍ପାଦକ ଗୁଣରଞ୍ଜନ ସାଲିମା, ଘୁନୁ ଚରଣ ପାଢ଼ୀ, ଯୋଗେଶ ନନ୍ଦ, ସୂର୍ଯ୍ୟ ପାଣିଗ୍ରାହୀ, ସୌରୀ ନାରାୟଣ ପାଣିଗ୍ରାହୀ, ଲଳିତ ବେବର୍ତ୍ତା, ଲିଲିମା ବାଗ, ସୁରେଖା ସାହୁ, କୃଷ୍ଣ ଚନ୍ଦ୍ର ବାଗ, ଚୈତନ୍ୟ ନାୟକ, ଅନମୋଲ ଦାସ, ସନ୍ତୋଷ ରାୟଗୁରୁ, ଜୟକୃଷ୍ଣ ବେହେରା, ରାମଦାସ ପଣ୍ଡା, ବିପ୍ଳବ ଡନସନା, ଶ୍ରବଣ ପତି, କିଶୋର ଧରେଇ କାର୍ଯ୍ୟକ୍ରମରେ ସାମିଲ ଥିଲେ। ସୂଚନାଯୋଗ୍ୟ ଯେ, ଧନୁଯାତ୍ରା ୫ଦିନ ଧରି ଚାଲିବ। ଏଥିରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ । ସେହିପରି ରାଉଁରପୁର (ଗୋପପୁର )ରେ ମଧ୍ୟ ପୌରାଣିକ କଥାବସ୍ତୁକୁ ନେଇ ବିବିଧ କାର୍ଯ୍ୟକ୍ରମ କରାଯିବାକୁ ସ୍ଥିର ହୋଇଛି ବୋଲି ସାଧାରଣ ସମ୍ପାଦକ ସାଲିମା ସୂଚନା ଦେଇଛନ୍ତି ।


ସମଲେଇ ପୀଠରେ ଧନୁଯାତ୍ରାର ପାଣ୍ଡୁଲିପି ପୂଜାର୍ଚ୍ଚନା କାର୍ଯ୍ୟକ୍ରମରେ କର୍ମକର୍ତ୍ତାମାନେ।

# ଛାତ୍ରୀଛାତ୍ରଙ୍କ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ଆମ ଦାୟିତ୍ୱ


ଗୁରୁବାର ଆୟୋଜିତ ଶିଶୁ ଦିବସ କାର୍ଯ୍ୟକ୍ରମରେ ଅତିଥି ଓ ବକ୍ତାମାନେ।

## ହୀରାକୁଦ ହିଣ୍ଡାଲକୋ ପକ୍ଷରୁ ଶିଶୁ ଦିବସ ପାଳିତ

**ସମ୍ବଲପୁର,୧୪।୧୧(ବି.ଶଙ୍କର)**

ହିଣ୍ଡାଲକୋ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ପକ୍ଷରୁ ହୀରାକୁଦ ପାୱାର କଲୋନୀ କମ୍ୟୁନିଟି ହଲଠାରେ ଗୁରୁବାର ଶିଶୁ ଦିବସ ପାଳିତ ହୋଇଯାଇଛି। ଏଥିରେ ହୀରାକୁଦ ସହରାଞ୍ଚଳ ଓ ଗ୍ରାମାଞ୍ଚଳର ୨୪ଟି ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ହିଣ୍ଡାଲକୋ ସ୍ମେଲଟର ପ୍ଲାଣ୍ଟ ହେଡ ପ୍ରତାପ ସାହୁ, ହୀରାକୁଦ ସ୍ମେଲଟର ଓ ପାୱାର ମୁଖ୍ୟ ମାନବ ସମ୍ବଳ ଅଧିକାରୀ ବିଶ୍ୱାସ ସିନ୍ଧେ, ହୀରାକୁଦ ଏଫ୍‌ଆରପି ଉପସଭାପତି ସୁରଜିତ ମିତ୍ର ସମ୍ମାନୀତ ଅତିଥିଭାବେ ଯୋଗଦେଇ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ହୀରାକୁଦ ସରକାରୀ ଉଚ୍ଚ ବିଦ୍ୟାଳୟ, ମହମ୍ମଦପୁର ସରକାରୀ ଉଚ୍ଚ ବିଦ୍ୟାଳୟ, ସରସ୍ୱତୀ ବିଦ୍ୟାମନ୍ଦିର ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସୁକାନ୍ତ କୁମାର ପଣ୍ଡା, ସାଗର ମହାରଣା, ରେଶମା ଶ୍ରୀକୁମାର, ଦିଗାମ୍ବର ଜ୍ୟୋତିଷ ବିଚାରକ ଭାବେ ଯୋଗଦେଇଥିଲେ । ସିଆରସିସି ନମିତା ଧଳ, ସୁପ୍ରଭା ସ୍ୱାଇଁ, ସିଏସଆର ମୁଖ୍ୟ ସୁକାନ୍ତ ମହାପାତ୍ର, ଜେନେରାଲ ମ୍ୟାନେଜର ଆଶିଷ ପାଣ୍ଡେ, ପାୱାର ପ୍ଲାଣ୍ଟ ଆଇଆର ହେଡ ଦୁଷ୍ୟନ୍ତ ଉଦ୍‌ବୋଧନ ଦେଇଥିଲେ । ଆମେ ସ୍ଥାନୀୟ ବିଦ୍ୟାଳୟ ଏବଂ ଆମର ଭବିଷ୍ୟତ ପ୍ରତିଭାବାନ ପିଲାମାନଙ୍କୁ ସମର୍ଥନ କରି ଗର୍ବ ଅନୁଭବ କରୁଛୁ । ଏହିଭଳି କାର୍ଯ୍ୟକ୍ରମ କୋମଳମତି ଛାତ୍ରୀଛାତ୍ରଙ୍କ ମନ ଭିତରେ ନିଜକୁ ପରିପ୍ରକାଶ କରିବା ସହିତ ସେମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ସୃଷ୍ଟି କରିଥାଏ। ସେମାନଙ୍କ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ଆମର ଦାୟିତ୍ୱ। ପିଲାମାନେ ଆମର ଭବିଷ୍ୟତର ମୂଳଦୁଆ । ଆଜି ଭଳି କାର୍ଯ୍ୟକ୍ରମ ସେମାନଙ୍କ ଭବିଷ୍ୟତକୁ ଅଧିକ ଉଜ୍ଜ୍ୱଳ କରିଥାଏ। କେବଳ ଛାତ୍ରୀଛାତ୍ର ଭାବରେ ନୁହେଁ, ପରନ୍ତୁ ଆତ୍ମବିଶ୍ୱାସୀ, ସୃଜନଶୀଳତା ତଥା ଦରଦୀ ମଣିଷ ଭାବରେ ଗଢି ତୋଳିବା ଆବଶ୍ୟକ। ଏହି କାର୍ଯ୍ୟକ୍ରମ ଶିକ୍ଷଣୀୟ, ଅନ୍ତର୍ନିହିତ ବିକାଶ, ଆମୋଦ ପ୍ରମୋଦ ତଥା ଆକର୍ଷଣୀୟ ବୋଲି ବକ୍ତା ଏବଂ ଅତିଥିମାନେ ମତବ୍ୟକ୍ତ କରିଥିଲେ। ନୃତ୍ୟ, ଗୀତ, ଚିତ୍ରାଙ୍କନ ଓ ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ବିଜେତାଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା। ହିଣ୍ଡାଲକୋ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗର ମ୍ୟାନେଜର ଆନନ୍ଦ ଚକ୍ରବର୍ତ୍ତୀ, ଡେପୁଟି ମ୍ୟାନେଜର ଜିତେଶ ରଥ, ସରୋଜ କୁମାର ଆଚାର୍ଯ୍ୟ, ସନ୍ତୋଷ ତ୍ରିପାଠୀ, ଜୟଶ୍ରୀ ରାଓ, ମିଳନ କୁମାର ସାହୁ ଓ ପର୍ଶୁରାମ ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଆଇନ ମହାବିଦ୍ୟାଳୟରେ ଭିଜିଲାନ୍ସ ସଚେତନତା ସପ୍ତାହ


ଭିଜିଲାନ୍ସ ସଚେତନତା ସପ୍ତାହ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଓ ବକ୍ତା।

**ସମ୍ବଲପୁର,୧୪।୧୧(ବି.ଶଙ୍କର)**

ସମ୍ବଲପୁର ଲଜପତ ରାୟ ଆଇନ ମହାବିଦ୍ୟାଳୟ ସଭାକକ୍ଷରେ ଭିଜିଲାନ୍ସ ସଚେତନତା ସପ୍ତାହ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ.ବିଜୟାନନ୍ଦ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ସମ୍ବଲପୁର ଭିଜିଲାନ୍ସ ଏସ୍‌ପି ସରୋଜ କୁମାର ସାମଲ ଯୋଗଦେଇଥିଲେ । ଆଇନ ଛାତ୍ରୀଛାତ୍ରଙ୍କ ଦ୍ୱାରା ଦୁର୍ନୀତିକୁ ରୋକାଯାଇପାରିବ। ଏଥିପାଇଁ ଆଇନର ଶାସନ ପ୍ରତିଷ୍ଠା ଆବଶ୍ୟକ। ଦୁର୍ନୀତି ଏକ କ୍ୟାନସର ଯାହାକି ମଣିଷର ମୂଲ୍ୟବୋଧ ପାଖରେ ମୁଣ୍ଡ ନୁଆଁଇଥାଏ। ସମ୍ବିଧାନର ଶାସନ ଏବଂ ସ୍ୱପ୍ନକୁ ସାକ୍ଷର କରିବାକୁ ହେଲେ ସମାଜର ତଳସ୍ତରରୁ ମାନବିକ ମୂଲ୍ୟବୋଧର ଆବଶ୍ୟକ ରହିଛି ବୋଲି ମୁଖ୍ୟ ଅତିଥି ସାମଲ ମତବ୍ୟକ୍ତ କରିଥିଲେ। ଏଥିସହ ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ରଙ୍କୁ ଦୁର୍ନୀତିମୁକ୍ତ ସମାଜ ଗଠନ କରିବାକୁ ଶପଥ ପାଠ କରାଇଥିଲେ। ସମ୍ମାନୀତ ଅତିଥି ଭାବେ ଗଙ୍ଗାଧର ମେହେର ମହାବିଦ୍ୟାଳୟ ଅବରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ଶ୍ରୀବନ୍ତ ଦାସ ଯୋଗ ଦେଇଥିଲେ। ବଳିଷ୍ଠ ସମାଜ ପ୍ରତିଷ୍ଠା କରିବାକୁ ହେଲେ ମୂଲ୍ୟବୋଧଭିତ୍ତିକ ପ୍ରଚେଷ୍ଟା ଆଜିର ଆହ୍ୱାନ। ଏଥିପାଇଁ ଆଇନ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏ ଦିଗରେ ବ୍ରତ ପାଳନ କରିବା ନେଇ ଦୃଢ଼ ସଂକଳ୍ପ ଅବଶ୍ୟକତା ରହିଛି ବୋଲି କହିଥିଲେ । ଆସୋସିଏଟ୍ ପ୍ରଫେସର ଡ.ଲକ୍ଷ୍ମୀକାନ୍ତ ଦାସ ପ୍ରାରମ୍ଭିକ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ଚାନ୍ଦିନି ମିଶ୍ର, ଦେବୀ ପ୍ରସାଦ ମିଶ୍ର, ଆକାଂକ୍ଷା ସାମନ୍ତ, ଅମର ଶର୍ମା, ଲାଲ ଗୋପାଳ ନନ୍ଦ, ଦେବପ୍ରୀୟ ମହାପାତ୍ର, ସୁହାନୀ ପ୍ରଧାନ, ଶିତାଶୃତି ନାୟକ ସହଯୋଗ କରିଥିଲେ। ସହକାରୀ ଅଧାପକ ଅଙ୍କିତ ସୌରଭ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଛାତ୍ରୀଛାତ୍ରଙ୍କ ମଧ୍ୟରେ ବୈଜ୍ଞାନିକ ମନୋଭାବ ସୃଷ୍ଟି କର

**କୁଚିଣ୍ଡା,୧୪।୧୧(ବିରଞ୍ଚି ଦର୍ଜୀ)**

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ବଡମୁଣ୍ଡାଲୋଇ ସରକାରୀ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ବାଳ ବୈଜ୍ଞାନିକ ପ୍ରଦର୍ଶନୀ ଓ ବିଜ୍ଞାନ ମେଳା ଉଦଯାପିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶ୍ରୀ ଗୀତା ପଧାନଙ୍କ ସଭାପତିତ୍ୱରେ ଏହାକୁ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଅନିଭା ନାୟକ ଉଦ୍‌ଘାଟନ କରିଥିଲେ। ଅପରାହ୍ଣରେ ହୋଇଥିବା ଉଦ୍‌ଯାପନୀ ଉତ୍ସବରେ ଅନିଭା ନାୟକ ମୁଖ୍ୟଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ମନରେ ବୈଜ୍ଞାନିକ ମନୋଭାବ ସୃଷ୍ଟି କରିବାକୁ ଶିକ୍ଷକମାନଙ୍କୁ ପରାମର୍ଶ ଦେଇଥିଲେ। ଏହାଛଡା ଭଲପାଠ ପଢି ବିଜ୍ଞାନପ୍ରତି ଅଧିକ ରୁଚି ରଖିଲେ ନିଶ୍ଚିତଭାବେ ସେମାନେ ଜଣେ ଜଣେ ବୈଜ୍ଞାନିକ ଭାବେ ପରିଚିତ ହୋଇପାରିବେ ବୋଲି କହିଥିଲେ। ଏଥିରେ ମୁଣ୍ଡାଲୋଇ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ମୂରଲୀଧର କହଁର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦୁଃଖବନ୍ଧୁ ବାଦୀ, ଶିକ୍ଷାବିତ୍ କ୍ଷିରୋଦ ଚନ୍ଦ୍ର ପଟେଲ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୌରାଙ୍ଗ କୁସୁମ, ଲକ୍ଷ୍ମଣ ଦେହୁରୀ, ପ୍ରମୋଦ ନାଏକ, ସରପଞ୍ଚପବିତ୍ର କିଷାନ ସମ୍ମାନୀତ ଅତିଥିଭାବେ ଯୋଗଦେଇ ବିଜ୍ଞାନର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଏହି ବିଜ୍ଞାନ ପ୍ରଦର୍ଶନୀରେ ବ୍ଲକର ୧୭ପଞ୍ଚାୟତ ଓ କୁଚିଣ୍ଡା ଏନଏସିରୁ ମୋଟ ୧୨୮ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସେଥିମଧ୍ୟରୁ ସିନିୟର ବର୍ଗରେ ୭ଜଣ ଏବଂ ଜୁନିୟର ବର୍ଗରେ ୭ଜଣ ଏଭଳି ମୋଟ ୧୪ ଜଣ ଛାତ୍ରୀଛାତ୍ର ଜିଲାସ୍ତରକୁ ମନୋନୀତ ହୋଇଛନ୍ତି।

# ଆଦିତ୍ୟ ଆଲୁମିନିୟମ ପକ୍ଷରୁ ଶିଶୁ ଦିବସ ପାଳିତ


ଶିଶୁ ଦିବସ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଛାତ୍ରୀଛାତ୍ରମାନେ।

**ସମ୍ବଲପୁର,୧୪।୧୧(ବି.ଶଙ୍କର)**

ଆଦିତ୍ୟ ଆଲୁମିନିୟମ ପକ୍ଷରୁ ଶିଶୁ ଦିବସ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଜିଲା ବୋମାଲୋଇ, ଘିଚାମୁରା, ଜଙ୍ଗଲା ପଞ୍ଚାୟତ ଅର୍ନ୍ତଗତ ୫ଟି ସରକାରୀ ବିଦ୍ୟାଳୟର ୬୮୫ ଜଣ ଛାତ୍ରୀଛାତ୍ର ଏଥିରେ ସାମିଲ ହୋଇଥିଲେ। ଚାନ୍ଦମାଲ ଏବଂ ତିଲେଇମାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଭୁର୍ସିପାଲି ପ୍ରାଥମିକ ବିଦ୍ୟାଳୟ ଏବଂ ଗୁମାକରମା ସେବାଶ୍ରମ ଛାତ୍ରୀଛାତ୍ରଙ୍କର ଶାରୀରିକ, ମାନସିକ ଏବଂ ଶିକ୍ଷାଗତ ବିକାଶରେ ଉନ୍ନତି ଆଣିବା ପାଇଁ ଆଦିତ୍ୟ ଆଲୁମିନିୟମ ସିଏସଆର ବିଭାଗ ଧ୍ୟାନ ଦେଇଛି। ଏଥିସହ ପ୍ରୋଜେକ୍ଟ ସାଧନା ମାଧ୍ୟମରେ ଶିକ୍ଷାର ବିକାଶ ପାଇଁ ନିରନ୍ତର ଉଦ୍ୟମ ଜାରି ରଖିଛି । ଏହି ଅବସରରେ ପ୍ରତ୍ୟେକ ବିଦ୍ୟାଳୟ ଛାତ୍ରୀଛାତ୍ରମ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସେମାନଙ୍କ ଦକ୍ଷତା ପ୍ରଦର୍ଶନ କରିଥିଲେ । କମ୍ପାନୀର ପ୍ରୀତି ନାୟାର, ସୁଶ୍ରୀ ସୁଭାସ୍ମିତା ଧଳ, ସମୟା ମହାନ୍ତି, ସୁଶ୍ରୀ କାଶିଶ ବିଶ୍ୱକର୍ମା, ମେନାକ ବୋରା ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ । ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଡେପୁଟି ମ୍ୟାନେଜର ମନୋରଞ୍ଜନ ବେହେରା ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ ।

# ନାକଟିଦେଉଳ ରେଞ୍ଜରେ ହାତୀ ଗଣନା ଆରମ୍ଭ

**ନାକଟିଦେଉଳ,୧୪।୧୧(ବୈକୁଣ୍ଠନାଥ ସାହୁ)**

ସମ୍ବଲପୁର ଜିଲା ନାକଟିଦେଉଳ ବନାଞ୍ଚଳରେ ଗୁରୁବାରଠାରୁ ଶୀତକାଳୀନ ହାତୀ ଗଣନା ଆରମ୍ଭ ହୋଇଛି। ବନାଞ୍ଚଳ ଅନ୍ତର୍ଗତ ୪ଟି ଫରେଷ୍ଟ ସେକ୍ସନର ୧୨ଟି ୟୁନିଟରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ବାଟଗାଁ ଫରେଷ୍ଟ ସେକ୍ସନରେ ୩ଟି, ନାକଟିଦେଉଳ ଫରେଷ୍ଟ ସେକ୍ସନରେ ୩ଟି, ଘୋଷରାମାଳ ସେକ୍ସନରେ ୩ଟି ଏବଂ ରାଇଲ ଫରେଷ୍ଟ ସେକ୍ସନରେ ୨ଟି ଲେଖାଏ ୟୁନିଟ ଏହି ହାତୀ ଗଣନା କାର୍ଯ୍ୟରେ ସାମିଲ ହୋଇଛନ୍ତି। ଜଙ୍ଗଲ ମଧ୍ୟରେ ଥିବା ହାତୀ ଚଲାପଥ ଏବଂ ଗତିବିଧି ଅଞ୍ଚଳରେ ଗଛ ଉପରେ ମଞ୍ଚା କରି ବିଭାଗୀୟ କର୍ମଚାରୀମାନେ ହାତୀ ଗଣନା କରୁଛନ୍ତି। ନାକଟିଦେଉଳ ବନାଞ୍ଚଳର ୧୨ଟି ୟୁନିଟ ରେ ୬୦ ଜଣ ଫରେଷ୍ଟର, ଫରେଷ୍ଟ ଗାର୍ଡ ଏବଂ ନିୟମିତ ୱାଚର ନିୟୋଜିତ ହୋଇଛନ୍ତି। ତିନି ଦିନ ଧରି ଚାଲିବାକୁ ଥିବା ହାତୀ ଗଣନା ଆଗାମୀ ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ନାକଟିଦେଉଳ ବନାଞ୍ଚଳ ଅଧିକାରୀ ଅଶ୍ୱିନୀ କୁମାର ବେହେରା କହିଛନ୍ତି।

# ମୌଳିକତା ଥିବା ନାଟକ ମଞ୍ଚସ୍ଥ ହେବା ଜରୁରୀ

## ସମ୍ବଲପୁର ନାଟ୍ୟକଳା ପରିଷଦର ପ୍ରତିଷ୍ଠା ଦିବସ

**ସମ୍ବଲପୁର,୧୪।୧୧(ବି.ଶଙ୍କର)**

ସମ୍ବଲପୁର ନାଟ୍ୟକଳା ପରିଷଦର ୫୫ତମ ପ୍ରତିଷ୍ଠା ଦିବସ ଜେଲଖାନା ଛକସ୍ଥିତ କଳକେନ୍ଦ୍ରର ସଭାକକ୍ଷରେ ଗୁରୁବାର ପାଳିତ ହୋଇଯାଇଛି । ସଭାପତି ଡ. ଶିବନାରାୟଣ ଶତପଥୀଙ୍କ ଅଧ୍ୟକ୍ଷତାରେ ଉତ୍ସବ ହୋଇଥିଲା । ନାଟ୍ୟପ୍ରେମୀ ସୁଶାନ୍ତ କୁମାର ଗୁରୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଏକ ସୁନ୍ଦର ଓ ଶୃଙ୍ଖଳିତ ସମାଜ ଗଠନ ପାଇଁ ମୌଳିକତା ଥିବା ନାଟକ ମଞ୍ଚସ୍ଥ ହେବା ଜରୁରୀ । ଯଦ୍ୱାରା ଯୁବପିଢ଼ି ସମାଜ ବିଷୟରେ ସଚେତନ ହୋଇପାରିବେ। ଯୁବପିଢ଼ି ସଚେତନ ହେଲେ ସୁସ୍ଥ ସମାଜ ନିର୍ମାଣ ହୋଇ ପାରିବ ବୋଲି ମୁଖ୍ୟ ଅତିଥି ଗୁରୁ ମତବ୍ୟକ୍ତ କରିଥିଲେ । ଅନୁଷ୍ଠାନ ସମ୍ପାଦକ ଡ. ସିଦ୍ଧାର୍ଥ ପଣ୍ଡା ସ୍ୱାଗତ ଭାଷଣ ସହ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସହ ସମ୍ପାଦକ ବିରୂପାକ୍ଷ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ମନୋରଞ୍ଜନ ପାଢୀ, କୃଷ୍ଣଚନ୍ଦ୍ର ମହାପାତ୍ର, ଭବାନୀଶଙ୍କର ଦାଶ, ବିପିନ ବିହାରୀ ଦାଶ, ଯୋଗେଶ ହୋତା, ଅପର୍ଣ୍ଣା ପାଢୀ, ସଂଯୁକ୍ତା ପଣ୍ଡା, ସୂର୍ଯ୍ୟ ପାଣିଗ୍ରାହୀ ନାଟ୍ୟକଳା ଓ ସମ୍ବଲପୁର ନାଟ୍ୟକଳା ପରିଷଦ ପ୍ରସଙ୍ଗରେ ଆଲୋଚନା କରିଥିଲେ । ନଭେମ୍ବର ୧୭ ତାରିଖ ଅନୁଷ୍ଠାନ ପକ୍ଷରୁ ଝାଡୁଆ ପଡା ଆରଣ୍ୟକ ମଞ୍ଚରେ ମଞ୍ଚସ୍ଥ ହେବାକୁ ଥିବା ବିରୁପାକ୍ଷ ପ୍ରଧାନଙ୍କ ରଚିତ ଓ ଦିଲୀପ ଦେବଙ୍କ ଦ୍ୱାରା ନିର୍ଦ୍ଦେଶିତ କଥାନୀ ଢଳତି ବେଲାର ଓ ପ୍ରଶାନ୍ତ ମହାରଣାଙ୍କ ନିର୍ଦ୍ଦେଶନାରେ ପ୍ରେମ ଜାନିଙ୍କ ଲିଖିତ ତାପସ ସାହୁଙ୍କ ଦ୍ୱାରା ଅନୁଦିତ ଦିଗଦର୍ଶକ ପ୍ରଦର୍ଶିତ ହେବ । ଏହି ଅବସରରେ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ଡ.ଶିବନାରାୟଣ ଶତପଥୀଙ୍କୁ ସମ୍ମାନିତ କରାଯିବ ବୋଲି କର୍ମକର୍ତ୍ତାମାନେ ସୂଚିତ କରିଥିଲେ ।


ସମ୍ବଲପୁର ନାଟ୍ୟକଳା ପରିଷଦର ପ୍ରତିଷ୍ଠା ଦିବସରେ ଅତିଥି ଓ କର୍ମକର୍ତ୍ତାମାନେ।

# ଆଇପିଏଲ୍ ମେଗା ଅକ୍ସନକୁ ଅପେକ୍ଷା



ନିର୍ମଳ କୁମାର ମିଶ୍ର



**ଆଇପିଏଲ୍‌ର ମେଗା ଅକ୍‌ଶନ ୨୪ ଓ ୨୫ ତାରିଖରେ ସାଉଦି ଆରବର ଜେଦାହଠାରେ ଅନୁଷ୍ଠିତ ହେବ। ୧୦ଟି ଫ୍ରାଞ୍ଚାଇଜ୍ ମଧ୍ୟରୁ ୪ଟି ଫ୍ରାଞ୍ଚାଇଜ୍ କେକେଆର, ଦିଲ୍ଲୀ, ଆରସିବି ଓ ଲକ୍ଷ୍ନୌ ଅଧିନାୟକ ପରିବର୍ତ୍ତନ କରିଛନ୍ତି...**

ବିଶ୍ୱର ସବୁଠାରୁ ଧନୀ ଲିଗ୍ ଆଇପିଏଲ୍‌ର ଅଷ୍ଟାଦଶ ସଂସ୍କରଣ ପାଇଁ ବିସିସିଆଇ ପ୍ରସ୍ତୁତି ଆରମ୍ଭ କରିଛି। ଏଥିମଧ୍ୟରେ ସମସ୍ତ ଫ୍ରାଞ୍ଚାଇଜ୍ ସେମାନଙ୍କର ଖେଳାଳି ରିଟେନ୍‌ସନ ଓ ରିଲିଜ୍ ପ୍ରକ୍ରିୟା ସମାପ୍ତ କରିଛନ୍ତି। ଚଳିତ ମାସ ଶେଷ ସପ୍ତାହର ୨୪ ଓ ୨୫ ତାରିଖରେ ଏହା ସାଉଦି ଆରବର ଜେଦାହଠାରେ ଅନୁଷ୍ଠିତ ହେବ। ଦ୍ୱିତୀୟଥର ପାଇଁ ଏହା ଦେଶ ବାହାରେ ଅନୁଷ୍ଠିତ ହେବାକୁଯାଉଛି। ୨୦୨୩ରେ ଏହା ମଧ୍ୟ ଦୁବାଇଠାରେ ଅନୁଷ୍ଠିତ ହୋଇଥିଲା। ବିସିସିଆଇ ଏହି ମେଗା ଅକ୍‌ଶନ ପାଇଁ ଫ୍ରାଞ୍ଚାଇଜ୍‌ମାନଙ୍କ ପାଇଁ ରଖିଥିବା କେତେଗୁଡ଼ିଏ ସର୍ତ୍ତ ମଧ୍ୟରେ ପ୍ରତ୍ୟେକ ଫ୍ରାଞ୍ଚାଇଜ୍ ଅତି ବେଶିରେ ୬ ଜଣ ଖେଳାଳିଙ୍କୁ ରିଟେନ୍ କରିପାରିବେ। ଏଥିମଧ୍ୟରୁ ୫ଜଣ କ୍ୟାପ୍‌ଡ ଓ ୨ଜଣ ଅନ୍‌କ୍ୟାପ୍‌ଡ ଖେଳାଳି ରହିପାରିବେ। ଫ୍ରାଞ୍ଚାଇଜ୍‌ମାନେ ଖେଳାଳିମାନଙ୍କୁ ସିଧାସଳଖ ରିଟେନ କରିପାରିବେ କିମ୍ବା ରାଇଟ୍ ଟୁ ମ୍ୟାଚ୍(ଆରଟିଏମ୍) କାର୍ଡସ୍ ନିୟମ ଅନୁସାରେ ରଖିପାରିବେ। ଅନ୍‌କ୍ୟାପ୍‌ଡ ରିଟେନ୍ ଖେଳାଳିଙ୍କ ପାଉଣା ୪ କୋଟି ହୋଇପାରିବ, ଯାହାଫଳରେ ଦୀର୍ଘ ୧ମାସ ଧରି ଅନେକ ନାମୀଦାମୀ ଓ ଗତ ସଂସ୍କରଣରେ ଖରାପ ପ୍ରଦର୍ଶନ କରିଥିବା ଖେଳାଳିଙ୍କୁ ନେଇ ଯେଉଁ ଆଶା ଓ ଆଶଙ୍କା ସୃଷ୍ଟି ହୋଇଥିଲା ତାହା ଦୂର ହୋଇଛି। ୧୦ଟି ଫ୍ରାଞ୍ଚାଇଜ୍ ମଧ୍ୟରୁ ୪ଟି ଫ୍ରାଞ୍ଚାଇଜ୍ ସେମାନଙ୍କ ଅଧିନାୟକ ପରିବର୍ତ୍ତନ କରିଛନ୍ତି। ଏଥିମଧ୍ୟରେ ଗତ ସଂସ୍କରଣର ଚାମ୍ପିୟନ ଟିମ୍ କୋଲ୍‌କତା ନାଇଟ୍ ରାଇଡର୍ସର ଅଧିନାୟକ ଶ୍ରେୟସ ଆୟର, ଦିଲ୍ଲୀ କ୍ୟାପିଟାଲ୍ସର ଅଧିନାୟକ ରିଷଭ ପନ୍ତ ଓ ଲକ୍ଷ୍ନୌ ସୁପର ଜାଏଣ୍ଟ୍‌ସର ଅଧିନାୟକ କେଏଲ ରାହୁଲ ରହିଛନ୍ତି। ଟ୍ରଫିଶୂନ୍ୟ ରହିଥିବା ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁର ଫାପ୍ ଡୁ ପ୍ଲେସି ମଧ୍ୟ ରହିଛନ୍ତି। କେ.ଏଲ. ରାହୁଲ ଓ ରିଷଭ ପନ୍ତଙ୍କ ଫ୍ରାଞ୍ଚାଇଜ୍‌ମାନଙ୍କ ସହ କଥା କଟାକଟିର ଦୃଶ୍ୟ ଦେଖିବାକୁ ମିଳିଥିଲା। ମାତ୍ର ରୋହିତ୍ ଶର୍ମା, ରିଷଭ ପନ୍ତ, ଲୋକେଶ ରାହୁଲ, ବିରାଟ କୋହଲି ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ନେଇ ଚର୍ଚ୍ଚା ବେଶ୍ ଜୋର୍ ଧରିଥିଲା। ମହେନ୍ଦ୍ର ସିଂ ଧୋନିଙ୍କ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ୫ ବର୍ଷରୁ ଅଧିକ ହୋଇଯାଇଥିବା ବେଳେ ସେ ଅନ୍‌କ୍ୟାପ୍‌ଡ ଖେଳାଳି ରହିବେ। ତାଙ୍କୁ ନେଇ ବିସିସିଆଇର ନିମୟକୁ ନେଇ ସୋସିଆଲ ମିଡିଆ ବେଶ୍ ସକ୍ରିୟ ହୋଇଥିଲା। ସ୍ପଷ୍ଟ ଯେ, କୋହଲି, ରୋହିତ, ଧୋନିଙ୍କୁ ଫ୍ରାଞ୍ଚାଇଜ୍‌ମାନେ ରିଟେନ୍ କରିବାର ମୁଖ୍ୟ ଲକ୍ଷ୍ୟ ହେଲା ସେମାନଙ୍କର ଫ୍ୟାନ୍ ଫଲୋଅର୍ସ ସର୍ବାଧିକ। ସେମାନେ ନ ରହିଲେ ଫ୍ରାଞ୍ଚାଇଜ୍‌ମାନଙ୍କୁ ବ୍ୟାପକ କ୍ଷତି ସହିବାକୁ ପଡ଼ିବ।

ଏଥିମଧ୍ୟରେ ଅନେକ ନାମୀଦାମୀ ଖେଳାଳିଙ୍କୁ ଫ୍ରାଞ୍ଚାଇଜ୍‌ମାନେ ସେମାନଙ୍କ ଦଳରୁ ରିଲିଜ୍ କରିବା ମଧ୍ୟ ଦେଖାଯାଇଛି। ସେମାନଙ୍କ ଦେଶ ପାଇଁ ଖେଳିବା ଅଧାରୁ ଛାଡ଼ିବା ଯୋଗୁ ଦଳ ହେଉ, ଖରାପ ପ୍ରଦର୍ଶନ ପାଇଁ ହେଉ କିମ୍ବା ଆଘାତଜନିତ ସମସ୍ୟା ପାଇଁ ହେଉ। ଫାପ୍ ଡୁ ପ୍ଲେସି, କାମେରୁନ ଗ୍ରୀନ୍, ଜନି ବେୟାରଷ୍ଟୋ, ଗ୍ଲେନ ମ୍ୟାକ୍ସୱେଲ, ଜୋସ୍ ବଟଲର, କାଗିସୋ ରାବାଡା, ଡେଭିଡ୍ ୱାର୍ନର, ଲିଆମ ଲିଭିଙ୍ଗ୍‌ଷ୍ଟୋନ, ଟିମ୍ ଡେଭିଡ୍, ଆନ୍‌ରିଚ୍ ନୋର୍ଜେ, ମହମ୍ମଦ ସିରାଜ, ମିଚେଲ ଷ୍ଟାର୍କ, ଫିଲ ସଲଟ୍, ଅର୍ଶଦୀପ ସିଂ, ମିଚେଲ ମାର୍ଶଙ୍କ ପରି ଷ୍ଟାର ଖେଳାଳିମାନଙ୍କୁ ରିଲିଜ୍ ହେବାକୁ ପଡ଼ିଛି। ଏହା ସତ୍ୟ ଯେ ଆଇପିଏଲ୍‌ର ସଫଳତା ଆଗରେ ବିଶ୍ୱର ସମସ୍ତ ପ୍ରଫେସନାଲ ଟି-୨୦ ଲିଗ୍ ଫିକା ପଡ଼ିବା ସହିତ ସଫଳତା ପାଇପାରିନାହାନ୍ତି, ଯାହା ବିସିସିଆଇକୁ ବେଶ୍ ଉତ୍ସାହିତ କରିବା ସହିତ ଧନଶାଳୀ କରିପାରିଛି। ଜାତୀୟ ଦଳ ପାଇଁ ବେଞ୍ଚ୍ ଷ୍ଟ୍ରେଙ୍ଗ୍‌ଥ ବୃଦ୍ଧି ପାଇଛି। ଅନେକ ପ୍ରତିଭାବାନ୍ ଯୁବ ଖେଳାଳି ସୃଷ୍ଟି ହୋଇଛନ୍ତି। ଜାତୀୟ ଦଳରେ ସେମାନଙ୍କ ସ୍ଥାନ ପକ୍କା କରିବାକୁ ସକ୍ଷମ ହୋଇପାରିଛନ୍ତି। ବର୍ତ୍ତମାନ ୩ଟି ଫର୍ମାଟ୍ ପାଇଁ ଆମପାଖରେ ପର୍ଯ୍ୟାପ୍ତ ଖେଳାଳି ରହିଛନ୍ତି। ଆଘାତ ସମସ୍ୟା କମିଛି। ଭାରତୀୟ କ୍ରିକେଟ୍‌କୁ ଅଧିକ ଶକ୍ତିଶାଳୀ କରିବା ପାଇଁ ସୃଷ୍ଟି କରାଯାଇଥିବା ଆଇପିଏଲ୍ ବର୍ତ୍ତମାନ ପଇସାର ଖେଳ ପାଲଟିଛି। ଗତ ସଂସ୍କରଣରେ ଅଷ୍ଟ୍ରେଲିଆ ଖେଳାଳିମାନେ ଅକ୍‌ଶନରେ ଡୋମିନେଟ୍ କରିଥିଲେ। କେତେକ ଫ୍ରାଞ୍ଚାଇଜ ଭାରତୀୟ ଯୁବ ଖେଳାଳିଙ୍କୁ ଅଧିକ ପ୍ରୋତ୍ସାହିତ କରିବା ସହିତ ଦଳରେ ସାମିଲ କରିଥିଲେ। ରିଟେନ୍‌ସନ ପ୍ରକ୍ରିୟା ଦେଖିଲେ ରାଜସ୍ଥାନ ରୟାଲ୍ସ, ମୁମ୍ବାଇ ଇଣ୍ଡିଆନ୍ସ ଏବଂ ରୟାଲ ଚ୍ୟାଲେଞ୍ଜ ବାଙ୍ଗାଲୋର ସର୍ବାଧିକ ଭାରତୀୟ ଖେଳାଳିଙ୍କୁ ରିଟେନ୍ କରିଛନ୍ତି। ଚଳିତ ଆଇପିଏଲ ଅକ୍‌ଶନ ପାଇଁ ପଞ୍ଜାବ କିଙ୍ଗ୍‌ସ ପାଖରେ ସର୍ବାଧିକ ପର୍ସ ୧୧୦.୫ କୋଟି ରହିଛି। ଦଳ ମାତ୍ର ୨ ଜଣ ଖେଳାଳି ଶଶାଙ୍କ ସିଂ, ପ୍ରଭାସିମରନ ସିଂଙ୍କୁ ରିଟେନ କରିଛି। ରୋହିତ, ବୁମ୍‌ରା, ହାର୍ଦ୍ଦିକ, ସୂର୍ଯ୍ୟକୁମାର ଓ ତିଲକ ବର୍ମାଙ୍କ ପାଇଁ ପ୍ରାୟ ୭୫ କୋଟି ଖର୍ଚ୍ଚ କରିଛି ମୁମ୍ବାଇ। ଚଳିତ ସଂସ୍କରଣରେ ମୋଟ ୧୫୭୪ ଖେଳାଳି ପଞ୍ଜୀକରଣ କରିଥିବା ବେଳେ ପ୍ରତ୍ୟେକ ଫ୍ରାଞ୍ଚାଇଜ୍ ୨୫ ଜଣ ଖେଳାଳିଙ୍କୁ ନେଇ ପାରିବେ। ୧୦ ଫ୍ରାଞ୍ଚାଇଜ୍ ଏଥର ମୋଟ ୪୬ ଖେଳାଳିଙ୍କୁ ରିଟେନ୍ କରିଛନ୍ତି। ରିଟେନ୍‌ଡ ଖେଳାଳିଙ୍କ ପାଇଁ ମୋଟ ୫୫୮ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି ଫ୍ରାଞ୍ଚାଇଜ୍। କେକେଆର ଓ ରାଜସ୍ଥାନ ସର୍ବାଧିକ ୬ ଖେଳାଳିଙ୍କୁ ରିଟେନ କରିଥିବା ବେଳେ ପଞ୍ଜାବ କିଙ୍ଗ୍‌ସ ମାତ୍ର ୨ଜଣଙ୍କୁ ରିଟେନ କରିଛି। ଏହି ମେଗା ଅକ୍‌ଶନ ପାଇଁ ୪୮ ଜଣ ଭାରତୀୟ କ୍ୟାପ୍‌ଡ ଖେଳାଳି ରହିଛନ୍ତି। ୧୫୨ ଜଣ ଅନ୍‌କ୍ୟାପ୍‌ଡ ଭାରତୀୟ ଖେଳାଳି ଏହି ଅକ୍ସନର ଅଂଶ ରହିବେ। ଅଷ୍ଟ୍ରେଲିଆର ସର୍ବାଧିକ ୭୬ ଖେଳାଳି ରହିଥିବା ବେଳେ ଇଂଲଣ୍ଡର ୫୨ ଜଣ ଖେଳାଳି ଏଥର ଅକ୍‌ଶନରେ ଭାଗନେବେ। ଇଟାଲି ଓ ୟୁଏଇରୁ ଜଣେ ଲେଖାଏ ରହିଥିବା ବେଳେ ସ୍କଟ୍‌ଲାଣ୍ଡରୁ ୨ଜଣ ଖେଳାଳି ରହିଛନ୍ତି। ଶ୍ରୀଲଙ୍କାରୁ ୨୯, ନ୍ୟୁଜିଲାଣ୍ଡରୁ ୩୯ ଓ ୱେଷ୍ଟଇଣ୍ଡିଜରୁ ୩୩ ଜଣଙ୍କ ସମେତ ଟି-୨୦ ବିଶ୍ୱକପ୍‌ର ଆୟୋଜକ ଦେଶ ଆମେରିକାର ୧୦ ଖେଳାଳି ଏହି ମେଗା ଅକ୍‌ଶନର ଅଂଶ ପାଲଟିବେ ସମସ୍ତ କ୍ରିକେଟ୍ ଜଗତର ଲକ୍ଷ୍ୟ ଏହି ମେଗା ଅକ୍‌ଶନ ଉପରେ ରହିଛି। ଗତ ସଂସ୍କରଣରେ ମିଚେଲ ଷ୍ଟାର୍କ ସବୁଠାରୁ ଦାମୀ ଖେଳାଳି ରହିଥିବା ବେଳେ ଚଳିତ ସଂସ୍କରଣର ସବୁଠାରୁ ଦାମୀ ରିଟେନ ଖେଳାଳି ରୂପେ ହେନ୍‌ରିଚ କ୍ଲାସେନଙ୍କୁ ୨୩ କୋଟି ଟଙ୍କାରେ ରିଟେନ୍ କରିଛି ସନ୍‌ରାଇଜର୍ସ ହାଇଦ୍ରାବାଦ। ଆଇପିଏଲ ରିଟେନ୍ ପ୍ଲେୟର ହିସାବରେ ଏକ ରେକର୍ଡ। ଗତ ସଂସ୍କରଣର କୋଲ୍‌କତା ନାଇଟ ରାଇଡର୍ସ ଚମତ୍କାର ପ୍ରଦର୍ଶନ ମାଧ୍ୟମରେ ୨୦ ପଏଣ୍ଟ ସହ ଟେବୁଲ ଶୀର୍ଷରେ ରହି ପ୍ଲେ ଅଫ୍‌କୁ ଯାଇଥିବା ବେଳେ ସନ୍‌ରାଇଜର୍ସ ହାଇଦ୍ରାବାଦକୁ ହରାଇ ଚାମ୍ପିୟନ ହୋଇଥିଲା। ତାରକା ଖେଳାଳିରେ ଭର୍ତ୍ତି ମୁମ୍ବାଇ ଇଣ୍ଡିଆନ୍ସ ମାତ୍ର ୪ ମ୍ୟାଚ୍ ଜିତି ପଏଣ୍ଟ ଟେବୁଲର ତଳେ ରହିଥିଲା। ରାଜସ୍ଥାନ ରୟାଲ୍ସ ବେଶ୍ ଶକ୍ତିଶାଳୀ ଥିବାବେଳେ ତୃତୀୟ ସ୍ଥାନରେ ରହିଥିଲା। ଏଥର ମେଗା ଅକ୍‌ଶନରେ ସମସ୍ତ ଟିମ୍‌ର ସମୀକରଣ ବଦଳିବାର ସମ୍ଭାବନା ରହିଛି। ପୁଣି ଖେଳାଳି ନିଲାମ ପ୍ରକ୍ରିୟାକୁ ନେଇ ଫ୍ରାଞ୍ଚାଇଜ୍‌ମାନଙ୍କ ମଧ୍ୟରେ ତୀବ୍ର ପ୍ରତିଯୋଗିତା ହେବାର ସମ୍ଭାବନା ରହିଛି। ସମସ୍ତଙ୍କ ନଜର ଏହି ମେଗା ଅକ୍‌ଶନ ଉପରେ ହିଁ ରହିଛି। ଅନ୍ୟପକ୍ଷରେ ଘରୋଇ ଟେଷ୍ଟ ସିରିଜ୍‌ରେ ନ୍ୟୁଜିଲାଣ୍ଡର ହ୍ୱାଇଟ ୱାଶ୍ ପରେ ଭାରତର ଡବ୍ଲ୍ୟୁଟିସି ଫାଇନାଲ ଖେଳିବାର ସମ୍ଭାବନା କ୍ଷୀଣ ରହିଛି। ବର୍ଡର ଗାଭାସ୍କର ଟ୍ରଫିର ପ୍ରଥମ ଟେଷ୍ଟ ଚାଲିଥିବାବେଳେ ଏହି ମେଗା ଅକ୍‌ଶନ ଚାଲିଥିବ। ରିଲିଜ୍ ଭାରତୀୟ ଖେଳାଳିଙ୍କୁ କେଉଁ ଦଳ କେତେ ଟଙ୍କାରେ କିଣିବେ, ତାହା ମଧ୍ୟ ବେଶ୍ ଉପଭୋଗ୍ୟ ହେବ।


ବିରାଟ କୋହଲି


ରିଷଭ ପନ୍ତ


ମହେନ୍ଦ୍ର ସିଂ ଧୋନୀ


ରୋହିତ ଶର୍ମା

# କୃଷକଙ୍କ ଝିଅ ଜାତୀୟ ଫୁଟ୍‌ବଲର

**୧୩ ବର୍ଷ ବୟସରେ ଖେଳ ଆରମ୍ଭକରି ସେ ବିଭିନ୍ନ ବୟସ ବର୍ଗରେ ଭାରତ ପାଇଁ ଖେଳିଛନ୍ତି ମଣିପୁରରେ ଜନ୍ମିତ ଲିଣ୍ଡା କମ୍। ଭୁବନେଶ୍ୱରରେ ୧୭ ବର୍ଷରୁ କମ୍ ମହିଳା ବିଶ୍ୱକପ୍ ଖେଳିଥିବା ଲିଣ୍ଡାଙ୍କ ସହ ଆଲୋଚନା।**

ସାକ୍ଷାତ: ସରୋଜ ଜେନା


ଲିଣ୍ଡା କମ୍

ବର୍ତ୍ତମାନ ଓଡ଼ିଶା ଏଫ୍‌ସି ମହିଳା ଦଳ ପାଇଁ ଖେଳୁଛନ୍ତି ମଣିପୁରରେ ଜନ୍ମିତ ଲିଣ୍ଡା କମ୍। । ପୂର୍ବରୁ ଭାରତୀୟ ଦଳ ପାଇଁ ବିଭିନ୍ନ ବୟସ ବର୍ଗରେ ଖେଳି ସାରିଥିବା ବେଳେ ୧୭ ବର୍ଷରୁ କମ୍ ମହିଳା ବିଶ୍ୱକପ୍ ଖେଳିଛନ୍ତି। ତୁଳସୀ ଦୁଇ ପତ୍ରରୁ ବାସିବା ପରି ୧୩ ବର୍ଷ ବୟସରେ ଖେଳ ଆରମ୍ଭକରି ସେ ବିଭିନ୍ନ ବୟସ ବର୍ଗରେ ଭାରତ ପାଇଁ ଖେଳିଛନ୍ତି।

**ପ୍ରଶ୍ନ:** କେଉଁଠୁ ଆସନ୍ତି ଓ ପରିବାରରେ କିଏ କିଏ ଅଛନ୍ତି ?

**ଉତ୍ତର:** ମୋ ନାଁ ଲିଣ୍ଡା କମ୍। ମଣିପୁରରେ ମୋର ଜନ୍ମ। ବାପା ଅଟୁଙ୍ଗ ଜଣେ କୃଷକ ଓ ମା' ଜନନୀ ଏକ ଷ୍ଟେଶନେରି ଦୋକାନ ଚଳାଇଥାନ୍ତି।

**ପ୍ରଶ୍ନ:** ଫୁଟ୍‌ବଲ ପ୍ରତି ଭଲପାଇବା କେଉଁଠୁ ଆସିଲା ?

**ଉତ୍ତର:** ପିଲାବେଳୁ ଫୁଟ୍‌ବଲ ପ୍ରତି ସେମିତି ଖାସ୍ ଦୁର୍ବଳତା ନ ଥିଲା। ମୋ ସାଙ୍ଗମାନେ ଫୁଟ୍‌ବଲ ଖେଳୁଥିବା ବେଳେ ୨୦୧୬ରେ ମୁଁ ପ୍ରଥମଥର ପୁଅ ପିଲାଙ୍କ ସହ ଫୁଟ୍‌ବଲ ଖେଳିଥିଲି। ପରବର୍ତ୍ତୀ ସମୟରେ ୨୦୧୭ରେ ମୋତେ ୧୫ ବର୍ଷରୁ କମ୍ ଭାରତୀୟ ଦଳରେ ସ୍ଥାନ ମିଳିଥିଲା।

**ପ୍ରଶ୍ନ:** କେଉଁ ଫୁଟ୍‌ବଲରଙ୍କୁ ନିଜର ଆଦର୍ଶ ମାନନ୍ତି ?

**ଉତ୍ତର:** ଫୁଟ୍‌ବଲ କ୍ୟାରିୟର ଆରମ୍ଭରୁ ମୁଁ କାହାରିକୁ ଆଦର୍ଶ ଭାବେ ଗ୍ରହଣ କରି ନ ଥିଲି। ତେବେ ସମୟକ୍ରମେ ଲିଓନେଲ ମେସି ମୋର ପସନ୍ଦର ଖେଳାଳି ରହିଛନ୍ତି।

**ପ୍ରଶ୍ନ:** ମଣିପୁରରେ ଫୁଟ୍‌ବଲ କଲ୍‌ଚର କିଭଳି ରହିଛି ?

**ଉତ୍ତର:** ମଣିପୁରରେ ଛୋଟ ଛୋଟ ଗାଁର କ୍ଲବଗୁଡ଼ିକରେ ବେଶ୍ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ଖେଳ ଦେଖିବାକୁ ମିଳିଥାଏ। ଏଠାରେ ସ୍ୱାଭାବିକ ଭାବେ ଖେଳାଳିମାନେ ବେଶ୍ ପ୍ରତିଭାଶାଳୀ ରହିଥାନ୍ତି। ଏହାର ପ୍ରଭାବ ଭାରତୀୟ ଫୁଟ୍‌ବଲରେ ମଧ୍ୟ ଦେଖିବାକୁ ମିଳିଥାଏ।

**ପ୍ରଶ୍ନ:** କାହା ସହ ଖେଳିବାରେ ମଜା ଆସିଥାଏ ?

**ଉତ୍ତର:** ୧୭ ବର୍ଷରୁ କମ୍ ମହିଳା ବିଶ୍ୱକପ୍‌ର ପ୍ରସ୍ତୁତି ଗୋଆରେ ହେଉଥିଲା। ଏହି ସମୟରେ ରାଇଟ୍ ୱିଙ୍ଗ୍‌ରେ ଅମିତା ଓ ଲେଫ୍ଟ ୱିଙ୍ଗ୍‌ରେ ସୁମତିଙ୍କ ସହ ଖେଳିବାକୁ ମୁଁ ବେଶ୍ ଉପଭୋଗ କରିଥିଲି। ସମାନ ଭାବେ ଓଡ଼ିଶା ଏଫ୍‌ସିରେ ପ୍ୟାରୀ ଖାଖା ଓ ୱିନ୍‌ଙ୍କ ଖେଳ ମୋତେ ପ୍ରଭାବିତ କରିଛି।

**ପ୍ରଶ୍ନ:** କେଉଁ ଡିଫେଣ୍ଡରଙ୍କୁ ପରାସ୍ତ କରିବା କଷ୍ଟସାଧ୍ୟ ?

**ଉତ୍ତର:** ଭାରତରେ କୌଣସି ଡିଫେଣ୍ଡରଙ୍କ ବିପକ୍ଷରେ ଏତେଟା କଷ୍ଟସାଧ ଲାଗି ନ ଥାଏ। ତେବେ ପ୍ରଥମଥର ଏଏଫ୍‌ସି କପ୍ ଖେଳିବା ସମୟରେ ଜାପାନ ବିପକ୍ଷରେ ଆମକୁ ବେଶ୍ ଅସୁବିଧା ହୋଇଥିଲା।

**ପ୍ରଶ୍ନ:** ଓଏଫ୍‌ସି ପ୍ରଥମଥର ଏଏଫ୍‌ସି କପ୍ ପାଇଁ ଯୋଗ୍ୟତା ହାସଲର ଅନୁଭବ କେମିତି ଥିଲା ?

**ଉତ୍ତର:** ପ୍ରଥମ ଭାରତୀୟ କ୍ଲବ ଭାବରେ ଆମେ ଯୋଗ୍ୟତା ଅର୍ଜନକରି ଇତିହାସ ରଚିଥିବା ବେଳେ ମୁଖ୍ୟ ଗ୍ରୁପ୍‌ରେ ମଧ୍ୟ ସାମିଲ ହୋଇଥିଲୁ। ଏହା ଆମ ପାଇଁ ଅତ୍ୟନ୍ତ ଗର୍ବର ବିଷୟ ଥିଲା।

**ପ୍ରଶ୍ନ:** ଏଏଫ୍‌ସି କପ୍‌ରେ ପ୍ରଦର୍ଶନ କାହିଁକି ଖରାପ ରହିଥିଲା ?

**ଉତ୍ତର:** ଏଏଫ୍‌ସି କପ୍ ପାଇଁ ଆମେ ପ୍ରଥମଥର ଯୋଗ୍ୟତା ଅର୍ଜନ କରିଥିଲୁ। ଅନ୍ୟପକ୍ଷରେ ବିଦେଶୀ ଦଳଗୁଡ଼ିକରେ ଅଭିଜ୍ଞ ଖେଳାଳି ରହିଥିବା ବେଳେ ଆମର ଏକ ସମ୍ପୂର୍ଣ୍ଣ ଯୁବଦଳ ରହିଥିଲା। ପ୍ରଦର୍ଶନ ଖରାପ ରହିଥିଲେ ହେଁ ଖେଳାଳିମାନେ ଅଭିଜ୍ଞତାର ସହ ପ୍ରତ୍ୟାବର୍ତ୍ତନ କରିଥିଲେ।

**ପ୍ରଶ୍ନ:** ଓଏଫ୍‌ସିରେ ମାହୋଲ କିଭଳି ରହିଛି ?

**ଉତ୍ତର:** ଏଠାରେ ଯୁବ ଖେଳାଳିମାନଙ୍କୁ ସିନିୟର ଖେଳାଳି ଓ ମ୍ୟାନେଜମେଣ୍ଟ ପକ୍ଷରୁ ସମ୍ପୂର୍ଣ୍ଣ ସହଯୋଗ ମିଳିଥାଏ। ଏକ ପରିବାର ଭଳି ଚଳୁଥିବାରୁ ଏହା ବେଶ୍ ଖୁସି ପ୍ରଦାନ କରିଥାଏ।

**ପ୍ରଶ୍ନ:** ବିଦେଶର ଫୁଟ୍‌ବଲ ଓ ଭାରତୀୟ ଫୁଟ୍‌ବଲ ମଧ୍ୟରେ କ'ଣ ଫରକ ରହିଛି ?

**ଉତ୍ତର:** ବିଦେଶରେ ଫୁଟ୍‌ବଲକୁ ଗମ୍ଭୀରତାର ସହ ନେଇଥାନ୍ତି। ସେଠାରେ ଫୁଟ୍‌ବଲର କଲ୍‌ଚର ରହିଥିବା ବେଳେ ଭବିଷ୍ୟତ ପାଇଁ ଚିନ୍ତା କରିଥାନ୍ତି। ଭାରତରେ ୨୦୧୪ ପରଠାରୁ ସ୍ଥିତିରେ ସାମାନ୍ୟ ଉନ୍ନତି ଦେଖିବାକୁ ମିଳିଛି। ଆଗାମୀ ଦିନରେ ଅନେକ ନୂତନ ଖେଳାଳି ସୃଷ୍ଟି ହେବାର ଆଶା ରହିଛି।

**ପ୍ରଶ୍ନ:** ମହିଳା ଖେଳାଳି ଭାବରେ କ'ଣ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥାଏ ?

**ଉତ୍ତର:** ପୁରୁଷ ଖେଳାଳିଙ୍କ ଭଳି ଆମେ ସମାନ ପରିଶ୍ରମ କରୁଥିଲେ ମଧ୍ୟ ସ୍ୱୀକୃତି କମ୍ ମିଳିଥାଏ। ପୁରୁଷ ଖେଳାଳିଙ୍କ ତୁଳନାରେ ମହିଳା ଖେଳାଳିଙ୍କୁ କମ୍ ପାରିଶ୍ରମିକ ମିଳିବା ଏହାର ଆଉ ଏକ ବଡ଼ ଉଦାହରଣ।

**ପ୍ରଶ୍ନ:** କୋଚ୍ ଭାବେ କ୍ରିସ୍ପିନ୍ ଛେତ୍ରୀ କିଭଳି ଦଳ ପରିଚାଳନା କରନ୍ତି ?

**ଉତ୍ତର:** କୋଚ୍ ଭାବରେ କ୍ରିସ୍ପିନ୍ ଛେତ୍ରୀ ସମସ୍ତଙ୍କୁ ଉତ୍ସାହିତ କରିଥାନ୍ତି। ସ୍କୋର କରିବା ନ କରିବା ନେଇ ସେ କୌଣସି ପ୍ରତିକ୍ରିୟା ପ୍ରକାଶ କରି ନ ଥାନ୍ତି। ତେବେ ପଡ଼ିଆରେ ନିଜ ଦାୟିତ୍ୱ ଠିକ୍ ଢଙ୍ଗରେ ନିଭାଇବା ଉପରେ ସେ ଗୁରୁତ୍ୱ ଦେଇଥାନ୍ତି। ଏଏଫ୍‌ସି କପ୍‌ରେ ଖରାପ ପ୍ରଦର୍ଶନ ପରେ ସମସ୍ତ ଖେଳାଳି ନିରାଶ ହୋଇଥିବା ବେଳେ କୋଚ୍ ହିଁ ସମସ୍ତଙ୍କୁ ଉତ୍ସାହିତ କରିଥିଲେ।



## ରିଅଲ ଫ୍ରେଣ୍ଡ

ତେର ହଜାର କି.ମି.
ସାଇକେଲ ଚଳାଇ
ଶେଷେ ରୋନାଲ୍ଡୋଙ୍କୁ ଭେଟି
ଚାଇନାର ଯୁବ ଫ୍ୟାନ୍
ଗୋଙ୍ଗ ମନ
ଆନନ୍ଦରେ ଯାଏ ଫାଟି
ସାତ ମାସ ଗଲା କଟି
ଆମ ଯୁବଶକ୍ତି ଉଇକ୍
ଆଣ୍ଡ ଡ୍ୟାମେଜ
ବାଇକ୍ ଚଢ଼ି, ଲେଟ୍ ଉଠି।

ଇଂଲଣ୍ଡର କିମ୍ବଦନ୍ତୀ କ୍ରିକେଟର
ମୋୟଲ ନଦୀରେ ମାଛ
ଧରିବାକୁ ଯାଇ ଖସିଗଲା ଗୋଡ
ବୋଟ ହେଲା ଆଗପଛ
କଥା ସତ ଲାଗେ ମିଛ
ଅଥଳ ଜଳରେ
ବୋଥାମ ଆଗରେ
କୁମ୍ଭୀର ହଲାଏ ପୁଛ।

ଆଖି ସାମନାରେ
ଏ ଘଟଣା ଦେଖି
ଅଷ୍ଟ୍ରେଲୀୟ କ୍ରିକେଟର
ମର୍ଭି ହ୍ୟୁଗ୍ସ ସହଯୋଗୀଙ୍କ
ସହିତ
ଉଦ୍ଧାରିଲେ ନାହିଁ ଡର
ସେ ରିଅଲ ଫ୍ରେଣ୍ଡ ସୁର
ଶତ୍ରୁ ହୋଇ ବିପଦରେ
ସାହା ହୁଅ
ହଉ ସାଧୁ କିମ୍ବା ଚୋର।

–ସୁବାଷ ଚନ୍ଦ୍ର ପ୍ରଧାନ

# ଦିଲ୍ଲୀ ବାଣିଜ୍ୟ ମେଳାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା




ଦାରିଙ୍ଗବାଡି,୧୪।୧୧(ଅରୁଣ ସାହୁ)

ଦିଲ୍ଲୀ ପ୍ରଗତି ମଇଦାନରେ ଗୁରୁବାରଠାରୁ ବାଣିଜ୍ୟ ମେଳା ଆରମ୍ଭ ହୋଇଛି। ମେଳାରେ ଓଡିଶାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଯୋଗଦେଇ ଓଡିଶା ପାଇଁ ମେଳାକୁ ଉଦଘାଟନ କରିବା ପରେ ସେଠାକୁ କନ୍ଧମାଳ ଜିଲା ଦାରିଙ୍ଗବାଡିରୁ ଯାଇଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ହଳଦୀ ବିକ୍ରି କେନ୍ଦ୍ର ବୁଲି ଦେଖିଥିଲେ। ଏଥିରେ ଦାରିଙ୍ଗବାଡିର ଲକ୍ଷପତି ଦିଦି ଝରଣା ସାହୁଙ୍କ ସହ

## କନ୍ଧମାଳ ହଳଦୀ ସମ୍ପର୍କରେ ପଚାରି ବୁଝିଲେ

କନ୍ଧମାଳ ହଳଦୀ ଗୁଣ୍ଡ ଓ ହଳଦୀ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହ ଜୈବିକ ତଥା ମସଲା ଜାତୀୟ ସାମଗ୍ରୀ ସମେତ ତେନ୍ତୁଳି, ଅଦା, ସୋରିଷ, ଆମ୍ବୁଲ, ଅଁଳା ଆଦି ସମ୍ପର୍କରେ ପଚାରି ବୁଝିଥିଲେ। ଲପତି ଦିଦି ଝରଣା ଉପମୁଖ୍ୟମନ୍ତ୍ରୀଙ୍କୁ ହଳଦୀ ଓ ଅନ୍ୟ ସାମଗ୍ରୀ ସମ୍ପର୍କରେ ପ୍ରାଞ୍ଜଳ ଭାବେ ଅବଗତ କରାଇଥିଲେ। ପ୍ରଗତି ମୈଦାନରେ ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ବାଣିଜ୍ୟ ମେଳାରେ ୧୧ଟି ଦେଶ ଓ ୩୩ଟି ରାଜ୍ୟ ଅଂଶ ଗ୍ରହଣ କରିଛନ୍ତି। ପ୍ରତ୍ୟେକ ଦିନ ହଜାର ହଜାର ଲୋକ ମେଳା ବୁଲିବାକୁ ଆସୁଥିବା ବେଳେ କନ୍ଧମାଳରୁ ଯାଇଥିବା ହଳଦୀ ସମେତ ସମସ୍ତ ସାମଗ୍ରୀ ବହୁତ ଭଲ ବିକ୍ରି ହେଉଛି ବୋଲି ଲକ୍ଷପତି ଦିଦି ଝରଣା କହିଛନ୍ତି।

# ୩ ବର୍ଷର ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଘୋଷଣା

## 'ଶହୀଦ ରଘୁ ସର୍ଦ୍ଦାର', 'ଡାଲ୍‌ଚିନି', 'ପ୍ରତୀକ୍ଷା' ଏବଂ 'ଦମନ' ଶ୍ରେଷ୍ଠ ଚଳଚ୍ଚିତ୍ର

ଭୁବନେଶ୍ୱର,୧୪।୧୧(ବନ୍ଦନା ସେଠୀ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୩୨ତମ, ୩୩ତମ ଏବଂ ୩୪ତମ ଓଡ଼ିଶା ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରାଯିବ। ବିଭାଗୀୟ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଗୁରୁବାର ସଂସ୍କୃତି ଭବନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ୨୦୨୦, ୨୦୨୧ ଓ ୨୦୨୨ ପାଇଁ ଏହି ପୁରସ୍କାର ଘୋଷଣା କରିଛନ୍ତି। ଚଳଚ୍ଚିତ୍ର କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ପାଇଁ 'ମୋହନ ସୁନ୍ଦରଦେବ ଗୋସ୍ୱାମୀ ପୁରସ୍କାର' ସହ ୩ବର୍ଷ ଲାଗି ବିଭିନ୍ନ ବର୍ଗରେ ଶ୍ରେଷ୍ଠ ଅଭିନେତା, ଅଭିନେତ୍ରୀ, ଲେଖକ, ନିର୍ଦ୍ଦେଶକ, ନାଟ୍ୟକାର ପ୍ରମୁଖଙ୍କ ନାମ ଘୋଷଣା କରାଯାଇଛି। ଆସନ୍ତା ୧୭ ତାରିଖ ଅପରାହ୍ନ ୩ଟାରେ ମେ' ଫେୟାର ହୋଟେଲ୍‌ଠାରେ ପୁରସ୍କାର ବିତରଣ କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

୨୦୨୦ ବର୍ଷ ପାଇଁ ଲେଖକ, ନିର୍ଦ୍ଦେଶକ ତଥା ନାଟ୍ୟକାର ଅନନ୍ତ ମହାପାତ୍ରଙ୍କୁ 'ମୋହନ ସୁନ୍ଦରଦେବ ଗୋସ୍ୱାମୀ' ପୁରସ୍କାର ପ୍ରଦାନ କରାଯିବ। ସେହିପରି ୨୦୨୧ ପାଇଁ ଚିତ୍ରୋଳନକାରୀ ଶ୍ରୀନିବାସ ମହାପାତ୍ର ଏବଂ ୨୦୨୨ ଲାଗି ବରିଷ୍ଠ ହାସ୍ୟ ଅଭିନେତା ଜୟୀରାମ ସାମଲଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ। ପୁରସ୍କାର ବାବଦକୁ ଉପଢୌକନ, ମାନପତ୍ର, ଟ୍ରଫି ସହ ୫ଲକ୍ଷ ଟଙ୍କା ଅର୍ଥରାଶି ପ୍ରଦାନ କରାଯିବ। ୨୦୨୦ ପାଇଁ ଶ୍ରେଷ୍ଠ ଚଳଚ୍ଚିତ୍ର ଭାବେ 'ଶହୀଦ ରଘୁ ସର୍ଦ୍ଦାର' ମନୋନୀତ ହୋଇଛି। ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ରାକେଶ ସାମଲ (ରୋମିଓ ରାଜା), ଶ୍ରେଷ୍ଠ ମୁଖ୍ୟ ଅଭିନେତା ଦେବାଶିଷ ପାତ୍ର (ଶହୀଦ ରଘୁ ସର୍ଦ୍ଦାର) ଓ ଅମ୍ଲାନ ଦାସ (ରୋମିଓ ରାଜା), ଶ୍ରେଷ୍ଠ ମୁଖ୍ୟ ଅଭିନେତ୍ରୀ କାବ୍ୟା କିରଣ ଶୁକ୍ଳା (ଶହୀଦ ରଘୁ ସର୍ଦ୍ଦାର), ଶ୍ରେଷ୍ଠ କାହାଣୀକାର ଭାବେ ଡ. ବିଶ୍ୱନାଥ




### ■ ଅନନ୍ତ ମହାପାତ୍ର, ଶ୍ରୀନିବାସ ମହାପାତ୍ର ଓ ଜୟୀରାମ ସାମଲଙ୍କୁ 'ମୋହନ ସୁନ୍ଦରଦେବ ଗୋସ୍ୱାମୀ' ପୁରସ୍କାର

ପଟ୍ଟନାୟକ (ଶହୀଦ ରଘୁ ସର୍ଦ୍ଦାର) ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ୨୦୨୧ ପାଇଁ ଶ୍ରେଷ୍ଠ ଚଳଚ୍ଚିତ୍ର ଭାବେ 'ପ୍ରତୀକ୍ଷା' ଏବଂ 'ଡାଲ୍‌ଚିନି' ଯୁଗ୍ମ ଭାବେ ମନୋନୀତ ହୋଇଥିବାବେଳେ ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ସୁରେଶ ପଟ୍ଟନାୟକ (ତୃଷ୍ଣା), ଶ୍ରେଷ୍ଠ ମୁଖ୍ୟ ଅଭିନେତା ଅଙ୍କିତ କୁମାର (ଭୋକ), ଦୀପନ୍ୱିତ ଦାଶମହାପାତ୍ର (ପ୍ରତୀକ୍ଷା), ଶ୍ରେଷ୍ଠ ମୁଖ୍ୟ ଅଭିନେତ୍ରୀ ସୂର୍ଯ୍ୟମୟୀ ମହାପାତ୍ର (ଡାଲ୍‌ଚିନି), ଶ୍ରେଷ୍ଠ କାହାଣୀକାର ଭାବେ ରଞ୍ଜନ ଦାସ (ଭୋକ) ପୁରସ୍କୃତ ହେବେ। ୨୦୨୨ ପାଇଁ ଶ୍ରେଷ୍ଠ ଚଳଚ୍ଚିତ୍ର ଭାବେ 'ଦମନ', ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ସୁଧାଂଶୁ ମୋହନ ସାହୁ (ମାୟାବୀ), ଶ୍ରେଷ୍ଠ ମୁଖ୍ୟ ଅଭିନେତା ବାବୁଶାନ୍ ମହାନ୍ତି (ଦମନ), ଶ୍ରେଷ୍ଠ ମୁଖ୍ୟ ଅଭିନେତ୍ରୀ ଲୋପାମୁଦ୍ରା ମିଶ୍ର (ବୋଉର ହାତବାକ୍ସ) ଏବଂ ଶ୍ରେଷ୍ଠ କାହାଣୀକାର ଭାବେ ମିହିର ରଞ୍ଜନ ଆଚାର୍ଯ୍ୟ (ବାଘ ବଜାରୀ) ପାଇଁ ପୁରସ୍କୃତ ହେବେ। ଶ୍ରେଷ୍ଠ ଚଳଚ୍ଚିତ୍ର ପୁରସ୍କାର ବାବଦରେ ମାନପତ୍ର, ଟ୍ରଫି, ଉପଢୌକନ ସହ ୨ଲକ୍ଷ ଟଙ୍କାର ଅର୍ଥରାଶି ପ୍ରଦାନ କରାଯିବ। ସେହିପରି ଶ୍ରେଷ୍ଠ ନିର୍ଦ୍ଦେଶକ, ଶ୍ରେଷ୍ଠ ଅଭିନେତା, ଅଭିନେତ୍ରୀଙ୍କୁ ୧ଲକ୍ଷ ଟଙ୍କା ଲେଖାଏ ଅର୍ଥରାଶି ଓ ଶ୍ରେଷ୍ଠ କାହାଣୀକାରଙ୍କୁ ୫୦ହଜାର ଟଙ୍କା ପ୍ରଦାନ କରାଯିବ।

ପୁରସ୍କାର ପାଇବା ଲାଗି ୩ ବର୍ଷରେ ନିର୍ମିତ ତଥା ସେନ୍ସର ବୋର୍ଡ ସ୍ୱୀକୃତିପ୍ରାପ୍ତ ଓଡ଼ିଆ ଚଳଚ୍ଚିତ୍ରଗୁଡିକର କପି ସହିତ ଆନୁଷଙ୍ଗିକ କାଗଜପତ୍ର ଏବଂ ଓଡ଼ିଆ ଚଳଚ୍ଚିତ୍ର ପୁସ୍ତକଗୁଡ଼ିକୁ ଦାଖଲ ପାଇଁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୨୦୨୩ ଅଗଷ୍ଟ ୨୩ରେ ବିଜ୍ଞାପନ ପ୍ରକାଶ କରାଯାଇଥିଲା। ବିଭାଗ ପକ୍ଷରୁ ଚଳଚ୍ଚିତ୍ର, ଅଭିନୟ, କଳା ଓ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ୬ଜଣ ସଦସ୍ୟଙ୍କୁ ନେଇ ଜୁରୀ କମିଟି ଗଠନ ହୋଇଥିଲା। ସବ୍ୟସାଚୀ ମହାପାତ୍ର ଏହି କମିଟିର ଅଧ୍ୟକ୍ଷ ଭାବେ ଦାୟିତ୍ୱ ତୁଲାଇଥିଲେ। ୨୦୨୩ ସେପ୍ଟେମ୍ବର ୨୨ ସୁଦ୍ଧା ମୋଟ୍ ୪୬ ଚଳଚ୍ଚିତ୍ର ଏବଂ ୨ଟି ପୁସ୍ତକ ବିଭାଗର ହସ୍ତଗତ ହୋଇଥିଲା। ସେଥିମଧ୍ୟରୁ ଜୁରୀ କମିଟି ଦ୍ୱାରା ଶ୍ରେଷ୍ଠ ବିବେଚିତ ବ୍ୟକ୍ତିବିଶେଷ ଏବଂ ଚଳଚ୍ଚିତ୍ରକୁ ପୁରସ୍କାର ପ୍ରଦାନ କରାଯିବା ନେଇ ଘୋଷଣା ହୋଇଛି।

**ଆଜି ଜନଜାତୀୟ ଗୌରବ ଦିବସ**

# ଆଭାସୀ ମାଧ୍ୟମରେ ଯୋଗଦେବେ ପ୍ରଧାନମନ୍ତ୍ରୀ

## ବିଭିନ୍ନ ଜିଲାରେ ଯୋଗଦେବେ ମନ୍ତ୍ରୀ,ଏମ୍‌ପି, ବିଧାୟକ

ଭୁବନେଶ୍ୱର,୧୪।୧୧(ଅନିଲ ଦାସ)

ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ଅବସରରେ ଶୁକ୍ରବାର ଜନତା ମଇଦାନରେ ରାଜ୍ୟସ୍ତରୀୟ ଜନ ଜାତୀୟ ଗୌରବ ଦିବସ ପାଳିତ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସଭାକୁ ସମ୍ବୋଧିତ କରିବେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଉପସ୍ଥିତିରେ ଏହି ରାଜ୍ୟସ୍ତରୀୟ ବିର୍ସା ମୁଣ୍ଡା ଜୟନ୍ତୀ ଓ ଜନଜାତୀୟ ଗୌରବ ଦିବସ ସମାରୋହ ପାଳନ କରାଯିବ। ଏଥିସହିତ ରାଜ୍ୟର ୨୭ଟି ଜିଲାର ଜିଲାସ୍ତରୀୟ କାର୍ଯ୍ୟକ୍ରମ ପାଳନ ଅବସରରେ ମନ୍ତ୍ରୀଗଣ ଓ ଅନ୍ୟାନ୍ୟ ବିଶିଷ୍ଟ ଅତିଥିବୃନ୍ଦ ଯୋଗ ଦେବେ। ସୁନ୍ଦରଗଡ଼ ଜିଲାରେ ମନ୍ତ୍ରୀ ସୁରେଶ ପୂଜାରୀ କାର୍ଯ୍ୟକ୍ରମରେ ଯୋଗଦେବାକୁ ଥିବାବେଳେ କଳାହାଣ୍ଡିରେ ମନ୍ତ୍ରୀ ରବି ନାରାୟଣ ନାଏକ, ଢେଙ୍କାନାଳରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, କଟକରେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମାଲକାନଗିରିରେ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଗଞ୍ଜାମରେ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ମୟୂରଭଞ୍ଜରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, କେନ୍ଦୁଝରରେ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, କଳାହାଣ୍ଡିରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଯାଜପୁରରେ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ବାଲେଶ୍ୱରରେ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେବେ। ଅନ୍ୟାନ୍ୟ ଜିଲାରେ ସ୍ଥାନୀୟ ଏମ୍‌ପି ଓ ବିଧାୟକ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସୂଚନାଯୋଗ୍ୟ, ବିପ୍ଳବୀ ଶହୀଦ ବିର୍ସା ମୁଣ୍ଡାଙ୍କ ୧୫୦ତମ ପୁଣ୍ୟ ଜୟନ୍ତୀ ଅବସରରେ ୨୦୨୫ ମସିହାକୁ ଜନଜାତି ଗୌରବବର୍ଷ ରୂପେ ପାଳନ କରିବା ନିମନ୍ତେ କେନ୍ଦ୍ର ସରକାର ଘୋଷଣା କରିଛନ୍ତି।

ଏହି କ୍ରମରେ ଓଡ଼ିଶାର ୨୭ଟି ଜିଲାର ୨୩୪ଟି ବ୍ଲକରେ ଥିବା ୨୪୦୮ଟି ଗ୍ରାମପଞ୍ଚାୟତ ଅନ୍ତର୍ଗତ ୭୬୬୭ଟି ଆଦିବାସୀବହୁଳ ରାଜସ୍ୱ ଗ୍ରାମରେ ସ୍ୱତନ୍ତ୍ର ପଲ୍ଲିସଭା ଆୟୋଜନ କରାଯିବ। ଏଥିସହିତ ଜଙ୍ଗଲ ଅଧିକାର ଆଇନ ୱେବ୍ ପୋର୍ଟାଲର ଶୁଭାରମ୍ଭ କରାଯାଇ ପଟ୍ଟା ଆବଣ୍ଟନ କରାଯିବ। ଏହାଛଡ଼ା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯିବ। ବର୍ଷ ବ୍ୟାପୀ ଏହି କାର୍ଯ୍ୟକ୍ରମରେ ଆଦିବାସୀ ହସ୍ତତନ୍ତ ଓ ହସ୍ତଶିଳ୍ପର ସମ୍ବଳିତ ବିଭିନ୍ନ କାର୍ଯ୍ୟକ୍ରମ, ଆଦିବାସୀ ହସ୍ତଶିଳ୍ପୀମାନଙ୍କ ବିଭିନ୍ନ ଉତ୍ପାଦର ପ୍ରସାର ଓ ମାର୍କେଟିଂ ପାଇଁ କାର୍ଯ୍ୟକ୍ରମ, ସିକିଲ ସେଲ୍ ଆନେମିଆ ରୋଗ ସମ୍ପର୍କରେ ସଚେତନତା, ଆଦିବାସୀ କବି ଓ ଲେଖକମାନଙ୍କ ସମ୍ମିଳନୀ, ଜଙ୍ଗଲ ଅଧିକାର ଆଇନ ଉପରେ ୱାର୍କଶପ୍, ଆଦିବାସୀମାନଙ୍କ ପାରମ୍ପରିକ ସ୍ୱାସ୍ଥ୍ୟସେବା ଜ୍ଞାନର ପ୍ରଚାର ପାଇଁ ସମ୍ମିଳନୀ ଇତ୍ୟାଦିର ଆୟୋଜନ କରାଯିବ। ଏଥିସହିତ ବିଭିନ୍ନ ବିଭାଗ ପକ୍ଷରୁ ଅନ୍ୟାନ୍ୟ କାର୍ଯ୍ୟକ୍ରମମାନମଧ୍ୟ ପ୍ରସ୍ତୁତ କରାଯିବ।

ଏହି କାର୍ଯ୍ୟକ୍ରମରେ ସମ୍ମାନନୀୟ ଅତିଥି ଭାବେ କେନ୍ଦ୍ର ଖାଉଟି ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରୀ ପ୍ରହଲ୍ଲାଦ ଭେଙ୍କଟେଶ ଯୋଶୀ, କେନ୍ଦ୍ର ଶକ୍ତି, ନୂତନ ଓ ଅକ୍ଷୟ ଶକ୍ତି ରାଷ୍ଟ୍ରମନ୍ତ୍ରୀ ଶ୍ରୀପଦ ଯଶୋ ନାଏକ, ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ, ପଛୁଆବର୍ଗ କଲ୍ୟାଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଯୋଗଦେବେ। ରାଜ୍ୟସ୍ତରୀୟ ଜନଜାତୀୟ ଗୌରବ ଦିବସ କାର୍ଯ୍ୟକ୍ରମରେ ୧୦ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣଙ୍କ ସମାଗମ ହେବ ବୋଲି ଆକଳନ କରାଯାଇଛି।

# ପୋଖରୀରେ ବୁଡ଼ିଗଲେ ୨ ଭାଇ

କାମାକ୍ଷାନଗର, ୧୪।୧୧ (ସୁଧୀର କୁମାର ପରିଡା)

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ଏକତାଳି ଗ୍ରାମରେ ଗୁରୁବାର ସକାଳେ ପୋଖରୀରେ ବୁଡ଼ି ଦୁଇ ନାବାଳକ ଭାଇଙ୍କ ମୃତ୍ୟୁ ଘଟିଛି। ସମ୍ପର୍କରେ ଉଭୟ ଦାଦା ପୁଅ ଓ ବଡ଼ ବାପା ପୁଅ ହୋଇଥିବା ଜଣାପଡିଛି। ମୃତକ ଦ୍ୱୟ ହେଲେ ଗଣେଶ୍ୱର ବେହେରା (୯) ଓ ଶୁଭମ ବେହେରା (୬)। ବଡ଼ଓଷା ଉପଲକ୍ଷେ ଗୁରୁବାର ସକାଳେ ୨ ଭାଇ ଗ୍ରାମ ନିକଟରେ ଥିବା ଏକ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଅସାବଧାନତା ବଶତଃ ସେଠାରେ ସେମାନଙ୍କର ଗୋଡ଼ ଖସିଯିବାରୁ ଦୁଇ ଭାଇ ପୋଖରୀରେ ବୁଡ଼ି ଯାଇଥିଲେ। ଘରକୁ ଫେରିବାରେ ସେମାନଙ୍କର ବିଳମ୍ବ ହେବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ତେବେ ପୋଖରୀ ପାଖରେ ଉଭୟଙ୍କ ଚପଲ ପଡ଼ିଥିବା ଦେଖି କେତେଜଣ ଗ୍ରାମବାସୀ ପୋଖରୀରେ ପଶି ଖୋଜିବା ଆରମ୍ଭ କରିଥିଲେ। ଦୀର୍ଘ ସମୟ ପରେ ସେମାନଙ୍କ ମୃତଦେହ ମିଳିଥିଲା। ଖବର ପାଇ କାମାକ୍ଷାନଗର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ସ୍ଥାନୀୟ ବିଧାୟକ ଶତ୍ରୁଘ୍ନ ଜେନା ଗ୍ରାମରେ ପହଞ୍ଚି ଶୋକସନ୍ତପ୍ତ ପରିବାରକୁ ସାନ୍ତ୍ୱନା ଦେଇଥିଲେ।

# ବୃଦ୍ଧାଙ୍କୁ ଝୁଣି ମାରିଦେଲା ପାଗଳା କୁକୁର

ଭୋଗରାଇ,୧୪।୧୧(ପ୍ରଦୀପ ଦାସ)

ବୃଦ୍ଧାଙ୍କୁ ଝୁଣି ମାରିଦେଲା ପାଗଳା କୁକୁର। ଏଭଳି ଅଭାବନୀୟ ଘଟଣା ଘଟିଛି ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ଜୟରାମପୁର ଗ୍ରାମରେ। ଗୁରୁବାର ଜଣେ ୬୫ ବର୍ଷୀୟା ରୋଗାଗ୍ରସ୍ତା ବୃଦ୍ଧା ଘରେ ଏକୁଟିଆ ଖଟ ଉପରେ ଶୋଇଥିଲାବେଳେ ଏକ ପାଗଳା କୁକୁର ପଶି ଝୁଣିପକାଇଥିଲା। ବୃଦ୍ଧାଜଣକ ଚିତ୍କାର କରିବାରୁ ପଡୋଶୀ ଦୌଡ଼ି ଆସି କୁକୁରକୁ ଛଡ଼ାଇବାକୁ ଯାଇ ଠେଙ୍ଗାରେ ପିଟି ପକାଇଥିଲେ। ଘର ଭିତରେ ବୃଦ୍ଧାଙ୍କ ଶରୀର ରକ୍ତ ଜୁଡୁବୁଡୁ ହୋଇଥିବା ବେଳେ ସ୍ଥାନୀୟ ଲୋକେ ପାଗଳା କୁକୁରକୁ ଠେଙ୍ଗାରେ ପିଟିପିଟି ମାରି ଦେଇଥିବା ସୂଚନା ମିଳିଛି। ମୃତା ମହିଳା ହେଲେ ଶ୍ରୀଧର ସାହୁଙ୍କ ସ୍ତ୍ରୀ ବାସନ୍ତୀ ସାହୁ (୬୫)।

ସୂଚନାନୁଯାୟୀ, କାର୍ତ୍ତିକ ମାସରେ ପଞ୍ଚକ ବ୍ରତ ଲାଗି ପରିବାର ଲୋକେ ଗ୍ରାମରେ ଥିବା ମନ୍ଦିରକୁ ଯାଇଥିବାବେଳେ ଏକ ପାଗଳା କୁକୁର ଘରେ ପଶି ଆକ୍ରମଣ କରିଥିଲେ। ଭୋଗରାଇର ଗାଁ, ହାଟ ବଜାର ଓ ଛକ ଗୁଡ଼ିକରେ ପଲପଲ କୁକୁର ପଥିକଙ୍କୁ କାମୁଡ଼ି କ୍ଷତାକ୍ତ କରୁଥିବାରୁ ଜଳେଶ୍ୱରପୁର ଓ କର୍ମର୍ଦ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କୁକୁର କାମୁଡ଼ା ରୋଗୀଙ୍କ ସଂଖ୍ୟା ବଢିବାରେ ଲାଗିଛି।

# ଓଡ଼ିଶା ପ୍ରାକୃତିକ ସମ୍ପଦ ଦ୍ୱାରା ୫୦୦ ଗିଗାୱାଟ୍ ଅକ୍ଷୟ ଶକ୍ତି ଲକ୍ଷ୍ୟ ହାସଲହେବ: କେନ୍ଦ୍ରମନ୍ତ୍ରୀ

## ନୂତନ ଓ ଅକ୍ଷୟ ଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ୨ ଦିନିଆ ଚିନ୍ତନ ଶିବିର ଆୟୋଜିତ




ଭୁବନେଶ୍ୱର,୧୪।୧୧(ସୁନିତ୍ ମିଶ୍ର)

ଓଡ଼ିଶା ପ୍ରାକୃତିକ ସମ୍ପଦରେ ଭରପୂର। ଏହାର ପ୍ରାକୃତିକ ସମ୍ପଦକୁ ବ୍ୟବହାରକରି ଅକ୍ଷୟ ଶକ୍ତି ଦ୍ୱାରା ବିଦ୍ୟୁତ୍ ଉତ୍ପାଦନକରି ପ୍ରଧାନମନ୍ତ୍ରୀଙ୍କ ୫୦୦ ଗିଗାୱାଟ୍‌ର ଅକ୍ଷୟ ଶକ୍ତି ଲକ୍ଷ୍ୟ ହାସଲ କରାଯିବ। ବର୍ତ୍ତମାନ ସୁଦ୍ଧା ଭାରତ ୨୧୨ ଗିଗାୱାଟ୍‌ର ଅଣଜୀବାଶ୍ମ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ଲକ୍ଷ୍ୟ ହାସଲ କରିସାରିଛି। ୨୦୩୨ ସୁଦ୍ଧା ଭାରତର ବିଦ୍ୟୁତ୍ ଚାହିଦା ୨ ଗୁଣ ବଢ଼ିଯିବ। ଏହାକୁ ମେଣ୍ଟାଇବା ପାଇଁ ଆମକୁ ଅଧିକ ମାତ୍ରାରେ ବିଦ୍ୟୁତ୍ ଉତ୍ପାଦନ କରିବାକୁ ହେବ। ଅକ୍ଷୟ ଶକ୍ତି, ସୋଲାର ପାୱାରର ବ୍ୟବହାର ବୃଦ୍ଧି କରିବାକୁ ହେବ। ଏଥିନିମନ୍ତେ ଭାରତ ସରକାର ୨୨ ଲକ୍ଷ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ ପ୍ରହଲ୍ଲାଦ ଜୋଷୀ କହିଛନ୍ତି।

ନୂତନ ଓ ଅକ୍ଷୟ ଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ଗୁରୁବାର ଏକ ଘରୋଇ ହୋଟେଲଠାରେ ୨ ଦିନିଆ ଚିନ୍ତନ ଶିବିର-୨୦୨୪ର ଆୟୋଜନ କରାଯାଇଛି। ଏହି ଶିବିରରେ କେନ୍ଦ୍ରମନ୍ତ୍ରୀ ଜୋଷୀ, ରାଷ୍ଟ୍ରମନ୍ତ୍ରୀ ଶ୍ରୀପଦ ଯଶୋ ନାୟକ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, କେନ୍ଦ୍ର ଶକ୍ତି ବିଭାଗ ସଚିବ ପଙ୍କଜ ଅଗ୍ରୱାଲ, ଓଡ଼ିଶାର ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଲ ଦେବ ପ୍ରମୁଖ ଯୋଗଦେଇଛନ୍ତି। ଶିବିରରେ ଯୋଗଦେଇ ରାଷ୍ଟ୍ରମନ୍ତ୍ରୀ ଶ୍ରୀପଦ ଯଶୋ ନାୟକ କହିଛନ୍ତି, ବର୍ତ୍ତମାନ ସମୟରେ ୫୦୦ ମେଟ୍ରିକ୍ ଟନ୍ ଗ୍ରୀନ୍ ହାଇଡ୍ରୋଜେନ୍ ଓ ଗ୍ରୀନ୍ ଆମୋନିଆ ଉତ୍ପାଦନର ମଧ୍ୟ ଲକ୍ଷ୍ୟ ରହିଛି। ଆବର୍ଜନାରୁ ଶକ୍ତି ଉତ୍ପାଦନକୁ ମଧ୍ୟ ସମାନ ଗୁରୁତ୍ୱ ଦିଆଯାଉଛି। ସାରା ଦେଶକୁ ଏକ ସ୍ଥାୟୀ ବିଦ୍ୟୁତ୍ ଭିତ୍ତିଭୂମି ପ୍ରଦାନ କରିବାକୁ ଜାତୀୟ ଗ୍ରୀଡ୍ ସ୍ଥାପନ କରାଯାଉଛି। କନକ ବର୍ଦ୍ଧନ କହିଛନ୍ତି, ରାଜ୍ୟର ଆଗାମୀ ଦିନରେ ପିଏସ୍‌ପି, ପିଏମ୍-ସୂର୍ଯ୍ୟଘର ମାଗଣା ବିଜୁଳି ଯୋଗାଣ ଆଦି ଯୋଜନା ଖୁବ୍‌ଶୀଘ୍ର କାର୍ଯ୍ୟକାରୀ ହେବାକୁ ଯାଉଛି। ଆହୁରି ମଧ୍ୟ ହୀରାକୁଦ ଜଳଭଣ୍ଡାରରେ ଭାସମାନ ସୋଲାର ଶକ୍ତି କାର୍ଯ୍ୟକ୍ଷମ ହେବା ଯୋଜନା ବିଷୟରେ ଜଣାଇଛନ୍ତି।

ସୂଚନାଯୋଗ୍ୟ, ୨ ଦିନ ପୂର୍ବରୁ କନକ ବର୍ଦ୍ଧନ ଦିଲ୍ଲୀରେ ଶକ୍ତିମନ୍ତ୍ରୀଙ୍କ ସମ୍ମିଳନୀରେ ଯୋଗଦେଇ ଓଡ଼ିଶାର ବିଭିନ୍ନ ଯୋଜନା, ଲକ୍ଷ୍ୟ ଓ ଆଭିମୁଖ୍ୟ ବିଷୟରେ ଜଣାଇଥିଲେ। ଶିବିରର ପ୍ରଥମ ଦିନରେ ପିଏମ୍-ସୂର୍ଯ୍ୟଘର ମାଗଣା ବିଜୁଳି ଯୋଜନା, ସୌରଶକ୍ତିର ଉତ୍ପାଦନ ବୃଦ୍ଧି, ଭାରତ: ସୌରଶକ୍ତିର ବୈଶ୍ୱିକ ଉତ୍ପାଦକ, କୃଷିକ୍ଷେତ୍ରରେ ସୌରଶକ୍ତିର ବ୍ୟବହାର, ଅକ୍ଷୟ ଶକ୍ତିର କ୍ଷମତା ଇତ୍ୟାଦି ଶୀର୍ଷକରେ ଆଲୋଚନା ହୋଇଥିଲା। ଏହାପରେ କେନ୍ଦ୍ରମନ୍ତ୍ରୀ ଜୋଷୀ ଶ୍ରୀମନ୍ଦିର ଯାଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନକରିବା ସହ ଶ୍ରୀମନ୍ଦିରକୁ ୧୦ ଗୋଟି ବ୍ୟାଟେରିଚାଳିତ ଯାନ ପ୍ରଦାନ କରିଛନ୍ତି। ଆଇଆର୍‌ଇଡିଏର ସିଏସ୍‌ଆର୍ ଯୋଜନା ଅଧୀନରେ ଏହି ଯାନ ପ୍ରଦାନ କରାଯାଇଛି। ଏହି ସମୟରେ ଆଇଆର୍‌ଇଡିଏର ସିଇଓ ତଥା ମ୍ୟାନେଜିଂ ଡାଇରେକ୍ଟର ପ୍ରଦୀପ କୁମାର ଦାସ, ନିର୍ଦ୍ଦେଶକ, ବିତ୍ତ ବିଜୟ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଯମୁନା ପରେ ଆସିଲା ଗଙ୍ଗା

## ଶିମିଳିପାଳରେ ମହାରାଷ୍ଟ୍ରର ଦ୍ୱିତୀୟ ମହାବଳ ବାଘୁଣୀ

ବାରିପଦା,୧୪।୧୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ମହାରାଷ୍ଟ୍ରର ଅନ୍ୟ ଏକ ମହାବଳ ବାଘୁଣୀ 'ଗଙ୍ଗା' ଗୁରୁବାର ରାତିରେ ପହଞ୍ଚିଛି। ସ୍ୱତନ୍ତ୍ର ଟିମ୍ ଓ ଗାଡ଼ି ଯୋଗେ ଏହି ମହାବଳ ବାଘୁଣୀକୁ ସୁରକ୍ଷିତ ଭାବେ ଶିମିଳିପାଳରେ ପହଞ୍ଚାଯାଇଛି। ପ୍ରଥମ ବାଘୁଣୀ 'ଯମୁନା' ପରେ ଦ୍ୱିତୀୟ ବାଘୁଣୀ 'ଗଙ୍ଗା'ର ଆଗମନକୁ ନେଇ ପ୍ରାଣୀପ୍ରେମୀମାନେ ଖୁସିବ୍ୟକ୍ତ କରିଛନ୍ତି। ମହାବଳ ବାଘର ବଂଶ ବୃଦ୍ଧି ଲାଗି ଶିମିଳିପାଳ ଅଭୟାରଣ୍ୟ ପ୍ରକୃଷ୍ଟ ଅଞ୍ଚଳ। ବିସ୍ତୀର୍ଣ୍ଣ ଜଙ୍ଗଲ ଓ ପାହାଡ଼ିଆ ଅଞ୍ଚଳ ସାଙ୍ଗକୁ ଉତ୍ତମ ଜଳବାୟୁରେ ବାଘ ବଂଶବୃଦ୍ଧିକୁ ନେଇ ବନ ବିଭାଗ ପକ୍ଷରୁ ପ୍ରଚେଷ୍ଟା କରାଯାଉଛି। ଅନ୍ୟପକ୍ଷରେ ଦେଶରେ ବାଘ ସଂଖ୍ୟା ବୃଦ୍ଧି କ୍ଷେତ୍ରରେ ଶିମିଳିପାଳ ଅଭୟାରଣ୍ୟ ଉତ୍ତମ ସ୍ଥାନ ବୋଲି ଏନ୍‌ଟିସିଏ ରିପୋର୍ଟ ଦେଇଥିଲା। ଏହାକୁ ଭିତ୍ତିକରି ମହାରାଷ୍ଟ୍ରର ତଡ଼ବା ଜଙ୍ଗଲରୁ ଯମୁନାକୁ ଅଣାଯାଇ ଶିମିଳିପାଳ କୋର୍ ଅଞ୍ଚଳରେ ଛଡ଼ାଯାଇଥିଲା। ଯମୁନା ଆସିବାର ୧୯ଦିନ ପରେ ଗଙ୍ଗାକୁ ସ୍ୱତନ୍ତ୍ର ଗାଡ଼ିରେ ଅଣାଯାଇ ଶିମିଳିପାଳ ଅଭୟାରଣ୍ୟର ଏକ ରେଞ୍ଜରେ ରଖାଯାଇଛି। ତା'ର ଚଳପ୍ରଚଳ



ଓ ଖାଦ୍ୟ ଗ୍ରହଣ ପ୍ରକ୍ରିୟା ଅନୁଧ୍ୟାନ କରିବା ସହ ସ୍ୱାସ୍ଥ୍ୟ ପରୀକ୍ଷା ପରେ ବିଭାଗୀୟ ନିର୍ଦ୍ଦେଶକ୍ରମେ କୋର୍ ଏରିଆରେ ଛଡ଼ାଯିବ। ଯମୁନା ଭଳି ଗଙ୍ଗା ଦେହରେ ମଧ୍ୟ ରେଡିଓ କଲାର ଲଗାଯାଇ ତା'ର ଗତିବିଧି ଟ୍ରାକିଂ କରାଯିବ ବୋଲି ବନ ବିଭାଗ ସୂଚନା ଦେଇଛି।

# 'ଯମୁନା' ଆକ୍ରମଣରୁ ବର୍ତ୍ତିଲେ ପର୍ଯ୍ୟଟକ

ବାରିପଦା,୧୪।୧୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କୋର୍ ଅଞ୍ଚଳରେ ଅବସ୍ଥିତ ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଆଖପାଖ ସ୍ଥାନରେ ମହାବଳ ବାଘୁଣୀ 'ଯମୁନା'କୁ ନେଇ ଆତଙ୍କ ଖେଳିଯାଇଛି। ଜଣେ ପର୍ଯ୍ୟଟକ ଯମୁନାର ଆକ୍ରମଣରୁ ଅଳ୍ପକେ ବର୍ତ୍ତିଯାଇଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ପର୍ଯ୍ୟଟକମାନେ ମଧ୍ୟ ଜଙ୍ଗଲରେ ପ୍ରବେଶ କରିବାକୁ ସୁରକ୍ଷିତ ମଣୁ ନାହାନ୍ତି। ସୂଚନା ଅନୁଯାୟୀ, ମହାରାଷ୍ଟ୍ରରୁ ମୟୂରଭଞ୍ଜ ଆସିଥିବା ଯମୁନାକୁ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କୋର୍ ଅଞ୍ଚଳରେ ଛଡ଼ାଯାଇଛି। ଗତ ୯ ତାରିଖରେ ଏନ୍‌କ୍ଲୋଜରରୁ ଯମୁନା ମୁକୁଳିବା ପରେ ଜଙ୍ଗଲ ମଧ୍ୟରେ ଚଳପ୍ରଚଳ ଆରମ୍ଭ କରିଥିଲା। ନିଜର ସୁରକ୍ଷିତ ସ୍ଥାନ ବାଛିବାକୁ ଯାଇ ପାହାଡ଼ ପରେ ପାହାଡ଼ ଚଢ଼ିବା ସହ ଏକ ପର୍ଯ୍ୟଟନସ୍ଥଳୀରେ ପହଞ୍ଚିଥିବା ନେଇ ପ୍ରତ୍ୟକ୍ଷଦର୍ଶୀ ପ୍ରକାଶ କରିଛନ୍ତି। ଏହି ସମୟରେ ଯମୁନା ଜଣେ ପର୍ଯ୍ୟଟକଙ୍କ ଉପରୁ ଲମ୍ଫ ପ୍ରଦାନ କରିବା ବେଳେ ପାଟିତୁଣ୍ଡ କରିବାରୁ ସେଠାରୁ ସେ ପଳାଇଯାଇଥିଲା। ଫଳରେ ସେଠାରେ ଉପସ୍ଥିତ ପର୍ଯ୍ୟଟକମାନେ ବାଘୁଣୀ ଭୟରେ ଜଙ୍ଗଲ ମଧ୍ୟରୁ ବାହାରକୁ ପଳାଇ ଆସିଥିଲେ। ଉକ୍ତ ପର୍ଯ୍ୟଟନସ୍ଥଳୀ ନିକଟ ପାଦଚଲା ରାସ୍ତାରେ ବନ କର୍ମଚାରୀମାନେ ଉପସ୍ଥିତ ରହି ପର୍ଯ୍ୟଟକମାନଙ୍କୁ ସତର୍କ କରୁଥିବା ସୂଚନା ମିଳିଛି। ଯମୁନା ଦେହରେ ଲାଗିଥିବା ରେଡିଓ କଲାର ମାଧ୍ୟମରେ ବନ ବିଭାଗର ସ୍ୱତନ୍ତ୍ର ଟିମ୍ ତା'ର ଗତିବିଧି ଉପରେ ନଜର ରଖିଥିବା କହୁଥିବା ବେଳେ ସହଜ ଖାଦ୍ୟ ଅନ୍ୱେଷଣ ଭଳି ସ୍ଥାନ ଚିହ୍ନଟ କରିବା ପରିବର୍ତ୍ତେ ଯମୁନା ବିସ୍ତୀର୍ଣ୍ଣ ଜଙ୍ଗଲରେ ଏପଟସେପଟ ଘୂରି ବୁଲୁଛି। ଶିକାର କରି ନ ପାରି ଜନବସତି ମୁହାଁ ହେଉଥିବା ଜଣାପଡ଼ିଛି। ଯମୁନା ଗାଁ ଗଣ୍ଡାରେ ପ୍ରବେଶ କଲେ ତା'ର ଜୀବନ ପ୍ରତି ବିପଦ ସୃଷ୍ଟି ହୋଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି।

# କମିଶନଙ୍କ ନିକଟରେ ହାଜର ହେଲେ ଆର୍ମି ଅଫିସର, ବାନ୍ଧବୀ

ଭୁବନେଶ୍ୱର,୧୪।୧୧ (ସୂର୍ଯ୍ୟକାନ୍ତ ବେହେରା)

**ଭରତପୁର ଥାନାରେ ନିର୍ଯ୍ୟାତନା ମାମଲା**

**୧୯ରେ ଘଟଣାସ୍ଥଳ ଯିବେ କମିଶନ, ୩୦ରେ ପରବର୍ତ୍ତୀ ଶୁଣାଣି**

ଭରତପୁର ଥାନାରେ ଆର୍ମି ଅଫିସର ଓ ତାଙ୍କ ବାନ୍ଧବୀଙ୍କୁ ନିର୍ଯ୍ୟାତନା ଘଟଣାରେ ଜଷ୍ଟିସ ଚିତ୍ତରଞ୍ଜନ ଦାସ କମିଶନଙ୍କ ନିକଟରେ ଗୁରୁବାର ଆର୍ମି ଅଫିସର ଓ ତାଙ୍କ ବାନ୍ଧବୀ ବ୍ୟକ୍ତିଗତ ଭାବେ ହାଜର ହୋଇଛନ୍ତି। ଅପରପକ୍ଷରେ ନିଲମ୍ବିତ ପୂର୍ବତନ ଥାନା ଅଧିକାରୀ ଦୀନକୃଷ୍ଣ ମିଶ୍ର ଓ ୪ ପୋଲିସ ଅଧିକାରୀ ସେମାନଙ୍କ ଓକିଲଙ୍କ ଜରିଆରେ ପକ୍ଷ ରଖିଥିଲେ। ସେହିଭଳି ଗଣ୍ଡଗୋଳ କରିଥିବା ଛାତ୍ରଙ୍କ ପକ୍ଷରୁ କୌଣସି ସତ୍ୟପାଠ ଦାଖଲ ହୋଇ ନ ଥିବାବେଳେ ସେମାନଙ୍କ ଓକିଲ ହାଜର ହୋଇ ମତ ରଖିଛନ୍ତି। ଛାତ୍ରମାନେ କୌଣସି ବିଶୃଙ୍ଖଳା ଉଦ୍ଦେଶ୍ୟରେ ନୁହେଁ ବରଂ ଗାଡ଼ି ବାମଡାହାଣକୁ କେନ୍ଦ୍ର କରି ଯୁକ୍ତିତର୍କ ହୋଇଥିବା କହିଥିଲେ। ତେବେ କମିଶନଙ୍କ ପାଖରେ ଅଭିଯୋଗ ଓ ପ୍ରତିଅଭିଯୋଗ ଉପରେ ମତ ରଖିବା ପାଇଁ କମିଶନ ପରବର୍ତ୍ତୀ ଶୁଣାଣିକୁ ନଭେମ୍ବର ୩୦କୁ ଘୁଞ୍ଚାଇଛନ୍ତି। ଅନ୍ୟପଟେ ଆସନ୍ତା ୧୯ ତାରିଖ ଅପରାହ୍ନ ୩ ଟାରେ ତଦନ୍ତ କମିଶନ ଉଭୟ ଘଟଣାସ୍ଥଳ ଭରତପୁର ଥାନା ଏବଂ ଛାତ୍ରମାନଙ୍କ ସହିତ ହୋଇଥିବା ଗଣ୍ଡଗୋଳସ୍ଥଳକୁ ଯାଇ ଘଟଣାର ଅନୁଧ୍ୟାନ କରିବେ ବୋଲି କମିଶନଙ୍କ ସଚିବ ଶୁଭେନ୍ଦ୍ର ମହାନ୍ତି ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଗତ ସେପ୍ଟେମ୍ବର ୧୪ତାରିଖ ରାତିରେ ଭରତପୁର ଥାନାରେ ଆର୍ମି ଅଫିସର ଓ ତାଙ୍କ ବାନ୍ଧବୀଙ୍କୁ ରାସ୍ତାରେ କେତେଜଣ ଛାତ୍ର ଦୁର୍ବ୍ୟବହାର କରିଥିଲେ। ଏନେଇ ଅଭିଯୋଗ କରିବାକୁ ଆର୍ମି ଅଫିସର ଓ ତାଙ୍କ ବାନ୍ଧବୀ ଭରତପୁର ଥାନାକୁ ଆସିଥିଲେ। ହେଲେ ସେଠାରେ ପୋଲିସର ନିର୍ଯ୍ୟାତନାର ଶିକାର ହୋଇଥିଲେ। ଆକ୍ରମଣ ଶିକାର ହେବା ସହ ଥାନା ଆଇଆଇସିଙ୍କ ବିରୋଧରେ ଅଭିଯୋଗ ହୋଇଥିଲା। ଘଟଣାରେ ତତ୍କାଳୀନ ଥାନା ଆଇଆଇସି ଦୀନକୃଷ୍ଣ ମିଶ୍ର ଓ ୪ଜଣ ପୋଲିସ କର୍ମଚାରୀଙ୍କୁ ଚାକିରିରୁ ନିଲମ୍ବନ କରାଯାଇଥିଲା।

# ଅନିଶ୍ଚିତତାରେ ବଲାଙ୍ଗୀର ଲୋକ ଉତ୍ସବ ଆୟୋଜନ

ବଲାଙ୍ଗୀର,୧୪।୧୧(ବୀରେନ୍ଦ୍ର କୁମାର ଝାଙ୍କର) ୨୦୨୩ରେ ବଲାଙ୍ଗୀର ଜିଲାସ୍ତରୀୟ ଲୋକ ଉତ୍ସବ ଆୟୋଜନ ହୋଇପାରି ନ ଥିଲା। ଏହାକୁ ନେଇ ଜିଲାର ଅଗଣିତ କଳାକାର, ଶିଳ୍ପୀ ଓ କଳାପ୍ରେମୀ ନିରୁତ୍ସାହିତ ହୋଇଥିଲେ। ଚଳିତବର୍ଷ ନଭେମ୍ବର ୧୪ ବିତିଗଲାଣି। ଜିଲାରେ ଲୋକଉତ୍ସବ ପାଳନ ହେବ କି ନାହିଁ ସେନେଇ ଅନିଶ୍ଚିତତା ଲାଗି ରହିଛି। କଳାକାରମାନେ ଜିଲାପାଳ ଓ ଜିଲା ସଂସ୍କୃତି ଅଧିକାରୀଙ୍କୁ ଭେଟି ଏନେଇ ଆଲୋଚନା କରିଥିଲେ ମଧ୍ୟ କୌଣସି ନିର୍ଯ୍ୟାସ ବାହାରି ପାରିନାହିଁ। ଗୁରୁବାର ଅପରାହ୍ଣରେ କେତେଜଣ କଳାକାରଙ୍କ ସହ ବଲାଙ୍ଗୀର ବିଧାୟକ କଳିକେଶ ନାରାୟଣ ସିଂଦେଓ, ଜିଲା ପରିଷଦ ସଭାପତି ଦେବକୀ ସାହୁ ଓ ପୌରାଧକ୍ଷା ଲିକା ସାହୁ ଜିଲାପାଳ କାର୍ଯ୍ୟାଳୟକୁ ଯାଇ ଜିଲାପାଳ ଗୌରବ ଶିଓାଜୀ ଇସଲୱାରଙ୍କୁ ଭେଟି ଲୋକ ଉତ୍ସବ ଆୟୋଜନ ସମ୍ପର୍କରେ ଆଲୋଚନା କରିଥିଲେ। ଲୋକ ଉତ୍ସବ ଆୟୋଜନ ସଂକ୍ରାନ୍ତରେ ଜିଲାପାଳଙ୍କୁ ବିଧାୟକ ସିଂଦେଓ ପଚାରିଥିଲେ। ସରକାର କୌଣସି କାରଣରୁ ଯଦି ଲୋକ ଉତ୍ସବ ଅନୁଦାନ ନ ବଢାନ୍ତି ତାହେଲେ ଆଗାମୀ ବିଧାନସଭା ଅଧିବେଶନରେ ସେ ଏହି ପ୍ରସଙ୍ଗ ଉଠାଇବେ ବୋଲି କହିଥିଲେ। ଲୋକ ଉତ୍ସବ ସହ ଲୋକକଳା ଓ ଲୋକ ସଂସ୍କୃତି ଜଡିତ ରହିଛି। ଏଣୁ ଏହା ଶୀଘ୍ର ଆୟୋଜନ ନେଇ ପଦକ୍ଷେପ ନେବାକୁ ଉଦ୍ୟମ କରିବେ ବୋଲି କହିଥିଲେ। ଜିଲାପାଳ ଇସଲୱାର ଲୋକ ଉତ୍ସବ ଆୟୋଜନ ସଂକ୍ରାନ୍ତରେ ରାଜ୍ୟ ସରକାରଙ୍କୁ ଚିଠି ଲେଖିଥିବା କଥା କହି ଆଗାମୀ ଦିନରେ ସରକାରଙ୍କ ପାଖରୁ ଯାହା ବି ନିର୍ଦ୍ଦେଶ ଆସିବ ସମସ୍ତ ବିଷୟରେ ସ୍ୱଚ୍ଛତାର ସହ ପଦକ୍ଷେପ ନେଇ ଉତ୍ସବ ଆୟୋଜନ କରାଯିବ ବୋଲି କହିଥିଲେ। ଏହି ଆଲୋଚନାରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଳାକାର ମୁରଲୀଧାରୀ ପତି, କପିଳେଶ୍ୱର ଖମାରୀ, ମଧୁସୂଦନ ନାୟକ, ସୁବଳ ମହାକୁର, ଗୋଲାପ ବାଗ, ବୁଲୁ ବେହେରା, ଗୋପାଳ ଦାନୀ, ଗୁଞ୍ଜ ଖାନ୍, ପ୍ରଶାନ୍ତ ମହାକୁର, ବିକାଶ ସା ଉପସ୍ଥିତ ଥିଲେ।


ଜିଲାପାଳ ଗୌରବ ଶିଓାଜୀ ଇସଲୱାରଙ୍କ ସହ ବିଧାୟକ କଳିକେଶ ନାରାୟଣ ସିଂଦେଓ, ଅନ୍ୟ ଜନପ୍ରତିନିଧି ଓ କଳାକାର ଆଲୋଚନା କରୁଛନ୍ତି।

# ଦିଶା ଯୋଜନାରେ ଦେଓଗାଁ ବ୍ଲକର ୪ଟି ଗାଁକୁ ସାମିଲ ଦାବି

ଦେଓଗାଁ,୧୪।୧୧(କୃଷ୍ଣ ପ୍ରସାଦ ପାଣିଗ୍ରାହୀ) ଆଦିବାସୀ ବହୁଳ ଗ୍ରାମଗୁଡିକରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଦିଶା ଯୋଜନା ମାଧ୍ୟମରେ ଆଦିବାସୀମାନଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ବିଭିନ୍ନ ପଦକ୍ଷେପ ନେଉଛନ୍ତି। ଦିଶା ଯୋଜନାରେ ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକର ୧୧ଟି ଗ୍ରାମକୁ ସାମିଲ କରାଯାଇଛି। ଆହୁରି ୪ଟି ଆଦିବାସୀ ବହୁଳ ଗାଁ ମହମ୍ମଦପୁର, ଘୁଚିପାଲି, ଲୁହୁରେନପାଲି ଓ ଗଡ଼ଦ୍ୱାରକୁ ଦିଶା ଯୋଜନାରେ ସାମିଲ କରିବା ପାଇଁ ବିଧାୟକଙ୍କ ପ୍ରତିନିଧି ଭାବେ ଯୋଗ ଦେଇଥିବା ବରିଷ୍ଠ ବିଜେଡି ନେତା ଲକ୍ଷ୍ମଣ କୁମାର ମେହେର ନିକଟରେ ଅନୁଷ୍ଠିତ ଦିଶା ବୈଠକରେ ଦାବି ରଖିଥିବା ଜଣାପଡିଛି। ଶୁକ୍ରବାର ବିର୍ସାମୁଣ୍ଡାଙ୍କ ୧୫୦ ତମ ଜୟନ୍ତୀ ଉପଲକ୍ଷେ ବ୍ଲକରେ ୫୦ ଭାଗରୁ ଊର୍ଦ୍ଧ୍ୱ ଆଦିବାସୀ ବସବାସ କରୁଥିବା ଯଥା ମାଟୁପାଲି, ପରୁଆଭାଡି, ଟାଙ୍ଗରୁପଦର, ଡୁମେରପିଟା, ସତିଘାଟ, କୁବୁରିମହୁଲ, ଖଲିଆପାଲି, ଅନ୍ତର୍ଲା, ରତନପୁର, ଡାହିମାଲ, ବଲାରପାଲି ଆଦି ୧୧ଟି ଗ୍ରାମରେ ସ୍ୱତନ୍ତ୍ର ପଲ୍ଲୀସଭା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରାଯାଇ ଗାଁର ବିକାଶ ନିମନ୍ତେ ସ୍ୱଚ୍ଛତା ରକ୍ଷା ଏବଂ ନିଶା ନିବାରଣ ଲାଗି ଶପଥ ପାଠ କରିବା ପାଇଁ ସରକାର ନିର୍ଦ୍ଦେଶନାମା ଜାରି କରିଛନ୍ତି।

# କଣ୍ଟାବାଞ୍ଜିରେ ବିଓଆଇର ନୂତନ ଶାଖା



ଭୁବନେଶ୍ୱର,୧୪।୧୧(ଅଭୟ ଦାଶ) ବ୍ୟାଙ୍କ ଅଫ୍ ଇଣ୍ଡିଆ (ବିଓଆଇ)ର ନୂତନ ଶାଖା (କଣ୍ଟାବାଞ୍ଜି ଶାଖା) ନିକଟରେ ବଲାଙ୍ଗୀର ଜିଲା ଅଧୀନ କଣ୍ଟାବାଞ୍ଜି ବସ୍‌ଷ୍ଟାଣ୍ଡ ଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ବିଓଆଇର ଭୁବନେଶ୍ୱର କ୍ଷେତ୍ର ମହାପ୍ରବନ୍ଧକ ବିକାଶ କ୍ରିଷ୍ଣା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଓଆଇ ସମ୍ବଲପୁର ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ ଶ୍ରିଜିତ୍ ଶଙ୍କର ବେହେରା, ଉପ ଆଞ୍ଚଳିକ ପ୍ରବନ୍ଧକ ନିବେଦିତା ମିଶ୍ର ଏବଂ କଣ୍ଟାବାଞ୍ଜି ଶାଖାର ଶାଖା ପ୍ରବନ୍ଧକ ଜ୍ୟୋତିପ୍ରକାଶ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି କଣ୍ଟାବାଞ୍ଜି ଅଞ୍ଚଳରେ ବ୍ୟାଙ୍କର ନୂତନ ଶାଖାର ଶୁଭାରମ୍ଭ ଯୋଗୁ ସ୍ଥାନୀୟ ଲୋକମାନଙ୍କର କାରବାର (ଆର୍ଥିକ ଏବଂ ବ୍ୟବସାୟିକ)ରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି କ୍ରିଷ୍ଣା ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ସେହିପରି ବ୍ୟାଙ୍କର ବିଭିନ୍ନ ପ୍ରକାର ଯୋଜନା କିପରି ଲୋକମାନଙ୍କ ପାଖରେ ସୁଚାରୁ ରୂପେ ପହଞ୍ଚିପାରିବ ସେ ସମ୍ପର୍କରେ ଆଞ୍ଚଳିକ ପ୍ରବନ୍ଧକ ବେହେରା ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ସମସ୍ତ ଗ୍ରାହକ ବନ୍ଧୁମାନଙ୍କ ସହ ଆଲୋଚନା କରିଥିଲେ। ଉଲ୍ଲେଖଯୋଗ୍ୟ, ସାରା ରାଜ୍ୟରେ ବିଓଆଇର ଏହା ୨୬୨ତମ ଶାଖା ହୋଇଥିଲାବେଳେ ସମ୍ବଲପୁର ଅଞ୍ଚଳର ୬୪ତମ ଶାଖା ବୋଲି ବ୍ୟାଙ୍କ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

## ଶିଶୁଦିବସ ପାଳନରେ ଅଘଟଣ

# ବକ୍ତବ୍ୟ ଦେବା ବେଳେ ଟଳି ପଡ଼ି ଆଖି ବୁଜିଲେ ପ୍ରଧାନ ଶିକ୍ଷକ

କଣ୍ଟାବାଞ୍ଜି,୧୪।୧୧(ଗୁରୁଦୟାଲ ହଂସ): ବଲାଙ୍ଗୀର ଜିଲା ଉପାନ୍ତ ତୁରେକେଲା ଥାନା କୁଇବାହାଲ ଗ୍ରାମର ପଲ୍ଲୀ ବିକାଶ ପଞ୍ଚାୟତ ହାଇସ୍କୁଲରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। ଶିଶୁଦିବସ ପାଳନ ଅବସରରେ ବକ୍ତବ୍ୟ ରଖୁଥିବା ବେଳେ ସ୍କୁଲର ପ୍ରଧାନ ଶିକ୍ଷକ ପର୍ଶୁରାମ ଦାସ(୫୭) ହଠାତ୍ ଟଳି ପଡ଼ିଥିଲେ। ଏହା ଦେଖି ସ୍କୁଲର ଶିକ୍ଷକ ଏବଂ ଗ୍ରାମବାସୀ ତାଙ୍କୁ ସଙ୍ଗେ ସଙ୍ଗେ କଣ୍ଟାବାଞ୍ଜି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ଚିକିତ୍ସା କରିବା ମଧ୍ୟରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ପ୍ରଚାରିତ ହୋଇଯିବା ପରେ ସ୍କୁଲର ଛାତ୍ରୀଛାତ୍ର, ଗ୍ରାମବାସୀ ଓ ଶିକ୍ଷକ ମହଲରେ ଶୋକର ଛାୟା ଖେଳିଯାଇଛି। ପ୍ରକାଶ ଯେ, ପଲ୍ଲୀ ବିକାଶ ପଞ୍ଚାୟତ ହାଇସ୍କୁଲରେ ୨୦୦୧ ମସିହାରୁ ପର୍ଶୁରାମ ଶିକ୍ଷକ ଭାବେ କାର୍ଯ୍ୟ କରିଆସୁଥିଲେ। ସ୍କୁଲଟି ବେସରକାରୀ ଭାବେ ପ୍ରତିଷ୍ଠା ହେବା ଦିନଠାରୁ ସେ ଶିକ୍ଷକତା କରୁଥିଲେ। ତାଙ୍କ ଘର କଟକ ଜିଲା ମାହାଙ୍ଗା ଥାନା ନାଲବେଗି ଗ୍ରାମରେ। ବିଦ୍ୟାଳୟରେ ଶିକ୍ଷକତା କରି ସେ ଦୀର୍ଘ ବର୍ଷ ହେଲା କଣ୍ଟାବାଞ୍ଜି ସହରରେ ରହି ଆସୁଥିଲେ। ପୂର୍ବାହ୍ଣରେ ଶିଶୁଦିବସ ଉପଲକ୍ଷେ ସ୍କୁଲରେ ଆୟୋଜିତ ସାଧାରଣ ସଭାରେ ପ୍ରଧାନ ଶିକ୍ଷକ ଭାଷଣ ଦେଉଥିବା ବେଳେ ହଠାତ୍ ଟଳି ପଡ଼ି ଶେଷରେ ଆଖି ବୁଜିଥିଲେ। ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ତାଙ୍କ ସ୍ତ୍ରୀ ସ୍ୱର୍ଣ୍ଣମୟୀ ଦାସଙ୍କୁ ହସ୍ତାନ୍ତର କରାଯାଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ରର ଶବ ବାହାକ ଆମ୍ବୁଲାନ୍ସରେ ମୃତଦେହ ନିଜ ଗାଁ ନାଲବେଗିକୁ ନିଆଯାଇଛି। କୁଇବାହାଲ ହାଇସ୍କୁଲର ଶିକ୍ଷକ ସୋମନାଥ ଦଣ୍ଡସେନା, ପ୍ରସନ୍ନ କୁମାର ମେହେର,କୃଷ୍ଣଚନ୍ଦ୍ର ବାରିକ, ଖଗେଶ୍ୱର ମାଝୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁବାସ ପୁଟେଲ, ଅବିର କୁମ୍ଭାର, ଗ୍ରାମର ଭଦ୍ରବ୍ୟକ୍ତି ଓ ମୁନା ମହାନ୍ତିଙ୍କ ସହଯୋଗରେ ମୃତଦେହ ନାଲବେଗି ଗ୍ରାମକୁ ପଠାଯିବା ବ୍ୟବସ୍ଥା କରାଯାଇଥିଲା। ରୋଗୀ କଲ୍ୟାଣ ସମିତି ତରଫରୁ ବିଧାୟକ ଲକ୍ଷ୍ମଣ ବାଗଙ୍କ ନିର୍ଦ୍ଦେଶ ପରେ ଧର୍ମାନନ୍ଦ ଯୁଏଡ ଏବଂ ଅନ୍ୟମାନେ ମଧ୍ୟ ସହଯୋଗ କରିଥିଲେ। ଏ ନେଇ କଣ୍ଟାବାଞ୍ଜି ଥାନାରେ ନଂ. ୧୪/୨୦୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ପୋଲିସ ଘଟଣାର ଅଧିକ ତଦନ୍ତ କରୁଥିବା ସବ୍ ଇନ୍ସପେକ୍ଟର ସୁବାସ ପଶାୟତ ଓ ଏଏସ୍ଆଇ ଏ.କେ.ପ୍ରଧାନଙ୍କଠାରୁ ପ୍ରକାଶ।


**ODISHA POWER GENERATION CORPORATION LIMITED**
(A Government Company of the State of Odisha)
OPGC Power for Progress
Regd. Office: Zone A, 7th Floor, Fortune Towers, Chandrasekharpur, Bhubaneswar, Odisha 751023, INDIA. www.opgc.co.in
Ph: +91 674- 2303765/66, email: contracts.corp.solar@opgc.co.in

13TH NOVEMBER 2024

**CORRIGENDUM**

**REQUEST FOR PROPOSAL (RFP) FOR "EPC OF 50MWAC SOLAR PV POWER PLANT" AT IBTPS OF OPGC, JHARSUGUDA, ODISHA**

NIT NO. OPGC/SOLAR/EPC, 5th NOVEMBER 2024

OPGC invited proposals for the "EPC OF 50MWAC SOLAR PV POWER PLANT" AT IBTPS OF OPGC, JHARSUGUDA, ODISHA through a NIT issued on 05th November 2024. OPGC has now incorporated certain changes in the ITB and issues Corrigendum.
The fresh Instruction to Bidders (ITB) providing the brief scope of work, qualification requirement, bidding conditions, bidding schedule and detail conditions of participation is available for download from the OPGC website www.opgc.co.in.
Interested parties may download the ITB and collect the soft copy of the RFP documents, which will be available from OPGC's registered office at: Zone-A, 7th Floor, Fortune Towers, Chandrasekharpur, Bhubaneswar, Odisha 751023, India, by providing requisite information and on payment of requisite tender fee (non-refundable) of INR 35,400 latest by 27 November 2024. For further information, please contact GM- Contracts at contracts.corp.solar@opgc.co.in.

-Sd- **General Manager- Contracts**



**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.ST-OT-AMC-EI-SIEMENS-439, ତା.08.11.2024ରିଖ

**କାର୍ଯ୍ୟର ନାମ:** ତିନି ବର୍ଷ ସମୟାବଧି ନିମନ୍ତେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ବିଭିନ୍ନ ଷ୍ଟେସନ ଠାରେ ମେସର୍ସ ସିମେନ୍ସ ରେଲ୍ ଅଟୋମେସନ ପ୍ରାଇଭେଟ୍ ଲିମିଟେଡ୍ (M/s. Simens Rail Automation Pvt. Ltd) ଦ୍ୱାରା ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଙ୍ଗ୍ ସିଷ୍ଟମ୍ (Westrace ଦ୍ୱାରା ନିର୍ମିତ)ର ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି ନିମନ୍ତେ ବ୍ୟବସ୍ଥା।
**ଟେଣ୍ଡର ମୂଲ୍ୟ(ଟଙ୍କାରେ):** 11,80,28,625.93, EMD (ଟଙ୍କାରେ): 7,40,200/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 11,800/-(18% GST ଅନ୍ତର୍ଭୁକ୍ତ)।
ବିଡ୍ ଆରମ୍ଭ ହେବା ତାରିଖ: ତା.18.11.2024ରିଖ,
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.02.12.2024 ରିଖ 1100 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିଅର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ମଣ୍ଡଳ ରେଳ ପ୍ରବନ୍ଧକ(ସଂକେତ ଏବଂ ଦୂରସଂଚାର)/ ଖୋର୍ଦ୍ଧା ରୋଡ୍
PR-725/P/24-25



See Career Appointment on every **Wednesday & Saturday**


# ଟାଙ୍ଗିଆ ଦେଖାଇ ୭ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଲୁଟ୍ ଘଟଣା, ୩ ଅଭିଯୁକ୍ତ ଗିରଫ

ମୁରିବାହାଲ,୧୪।୧୧(ଶ୍ରୀବତ୍ସ ବେହେରା) ବଲାଙ୍ଗୀର ଜିଲା ମୁରିବାହାଲ ଥାନା ଅଧୀନ ହଲଦୀ ଗ୍ରାମ ପଞ୍ଚାୟତର ପାତଲପଡ଼ା ଓ ଖଲିଆକାନି ଗ୍ରାମ ଛକ ନିକଟରେ ଗତ ଶୁକ୍ରବାର ପୂର୍ବାହ୍ନରେ ଟାଙ୍ଗିଆ ଦେଖାଇ ୭ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଲୁଟ୍ ଘଟଣାରେ ପୋଲିସ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଦେଓଗାଁ ଥାନା ମୁରସିଂ ଗାଁର ଭୁବନେଶ୍ୱର ଭୋଇ ଓରଫ୍ ଭୁବନ (୨୭), ତୁଷରା ଥାନା ବରହାକନା ଗାଁର ଯଶୋବନ୍ତ ଛତ୍ରିଆ ଓରଫ ଶିବ (୨୫) ଓ ସଇଁତଲା ଥାନା ଗୋଏଲଭାଡି ଗାଁର ତୋଷରଞ୍ଜନ ବାରିକ ଓରଫ୍ ତୋଷ (୨୭)। ଅଭିଯୁକ୍ତଙ୍କ ଠାରୁ ୧ ଲକ୍ଷ ୨୯ ହଜାର ୨ ଶହ ଟଙ୍କା, ଟାଙ୍ଗିଆ, ଟିଭିଏସ୍ ଜୁପିଟର ସ୍କୁଟି (ନଂଓଡିଂ୩ ଏବି ୩୫୧୨), ହିରୋ ସ୍ପ୍ଲେଣ୍ଡର (ନଂ ଓଆର୦୩ଏ ୯୬୪୯) ଜବତ କରାଯାଇଥିବା କଣ୍ଟାବାଞ୍ଜି ଏସଡିପିଓ ଗୌରାଙ୍ଗ ଚରଣ ସାହୁ ବୁଧବାର ଖବରଦାତା ସମ୍ମିଳନୀ କରି ସୂଚନା ଦେଇଛନ୍ତି। ଗତ ୮ ତାରିଖ ଦିନ ପଟାମରା ଗ୍ରାମର ଲଳିତ ଗହୀର (୩୨) ନିଜ ଭଉଣୀ ହିମାନୀ ଗହୀର (୨୮)ଙ୍କ ସହ ଏକ ବାଇକ୍ (ନଂ ଓଆର୦୩ ଏଚ ୯୧୧୪)ରେ ହଲଦୀ ଗାଁରେ ଥିବା କିଓସ୍କ ବ୍ୟାଙ୍କକୁ ଯାଉଥିଲେ। ତେବେ ବ୍ୟାଙ୍କରେ ପହଞ୍ଚିବା ପୂର୍ବରୁ ରାସ୍ତାରେ ୩ ଜଣ ଦୁର୍ବୃତ୍ତ ଏକ ସ୍କୁଟିରେ ଆସି ଲଳିତଙ୍କ ବେକରେ ଟାଙ୍ଗିଆ ରଖି ଭୟଭୀତ କରିବା ସହ ତାଙ୍କ ଭଉଣୀଙ୍କୁ ଆକ୍ରମଣ କରି ଟଙ୍କା ବ୍ୟାଗ ଛଡ଼ାଇ ନେଇ ଫେରାର ହୋଇଯାଇଥିଲେ। ଖବର ପାଇ ମୁରିବାହାଲ ପୋଲିସ କଣ୍ଟାବାଞ୍ଜି ଏସ୍‌ଡିପିଓ ଗୌରାଙ୍ଗ ଚରଣ ସାହୁ, ମୁରିବାହାଲ ଥାନା ଅଧିକାରୀ ସୁପ୍ରିୟା ସୁଆ ଲୁଗୁନ ଘଟଣାସ୍ଥଳକୁ ଯାଇ ଅଧିକ ତଦନ୍ତ କରିଥିଲେ। ଲୁଟ ବ୍ୟାଗରେ ବ୍ୟାଙ୍କ ପାସ୍ ବହି, ଏଟିଏମ୍ କାର୍ଡ ସହ ନଗଦ ୭ ଲକ୍ଷ ୩୦ ହଜାର ଟଙ୍କା ଥିଲା ବୋଲି ଲଳିତ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ମୁରିବାହାଲ ଥାନାରେ ପୋଲିସ ଏକ ମାମଲା (୩୪୧/୨୪) ରୁଜୁ କରିଥିଲା। ତଦନ୍ତକାରୀ ଟିମ୍ ୩ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଥିବା ଜଣାପଡିଛି।


**SREI**
**ଶ୍ରେଇ ଇକ୍ୟୁପମେଣ୍ଟ ଫାଇନାନ୍ସ ଲିମିଟେଡ୍**
ସିଆଇଏନ୍: U70101WB2006PLC109898
ପଞ୍ଜୀକୃତ କାର୍ଯ୍ୟାଳୟ: "ବିଶ୍ୱକର୍ମା" ୮୬ସି, ଟୋପସିଆ ରୋଡ୍ (ଦକ୍ଷିଣ), କୋଲକାତା-୭୦୦୦୪୬
ମୁଖ୍ୟ କାର୍ଯ୍ୟାଳୟ: ପ୍ଲଟ୍ ନଂ. ୱାଇ-୧୦, ବ୍ଲକ୍ ଇପି, ସେକ୍ଟର - V, ସଲ୍ଟ ଲେକ୍ ସିଟି, କୋଲକାତା-୭୦୦୦୯୧
ଇମେଲ୍: sefl@srei.com; ୱେବ୍‌ସାଇଟ୍: www.srei.com

**ସର୍ବସାଧାରଣ ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣ ତଥା ବିଶେଷ ଭାବେ ଶ୍ରେଇ ଇକ୍ୟୁପମେଣ୍ଟ ଫାଇନାନ୍ସ ଲିମିଟେଡ୍ (''ଏସ୍ଇଏଫ୍ଏଲ୍'')ର ଗ୍ରାହକମାନଙ୍କୁ ସୂଚିତ କରାଯାଉଛି ଯେ, ପରିଚାଳନାଗତ ଦକ୍ଷତାକୁ ସୁନିଶ୍ଚିତ କରିବା ପାଇଁ ମ୍ୟାନେଜମେଣ୍ଟ **୧୬ ଫେବୃଆରୀ, ୨୦୨୫ଠାରୁ** ମଡ୍ୟୁଲ୍-ବି୨, ୨ୟ ମହଲା, ଚୌଧୁରୀ କମ୍ପ୍ଲେକ୍ସ, ପାନପୋଷ ରୋଡ୍, ରାଉରକେଲା-୭୬୯୦୦୪ସ୍ଥିତ ରାଉରକେଲା ଶାଖାକୁ ସମ୍ବଲପୁର ଶାଖା ସହ ବିଲୟ କରିବା ପାଇଁ ନିଷ୍ପତ୍ତି ନେଇଛି। ସେହି ଅନୁଯାୟୀ, ରାଉରକେଲା ଶାଖାର ସମସ୍ତ କାର୍ଯ୍ୟକଳାପକୁ ଏତଦ୍‌ପଶ୍ଚାତ୍ ସମ୍ବଲପୁର ଶାଖା, **ଶ୍ରେଇ ଇକ୍ୟୁପମେଣ୍ଟ ଫାଇନାନ୍ସ ଲିମିଟେଡ୍, ହୋତା କମ୍ପ୍ଲେକ୍ସ, ୧ମ ମହଲା, ସିଣ୍ଡିକେଟ୍ ବ୍ୟାଙ୍କ, ଅଇଁଠାପଲ୍ଲୀ ଛକ, ସମ୍ବଲପୁର-୭୬୮୦୦୪ରୁ** ତଦାରଖ କରାଯିବ। ରାଉରକେଲା ଶାଖାରେ ରକ୍ଷଣାବେକ୍ଷଣ କରାଯାଉଥିବା ଖାତାଗୁଡ଼ିକର ଗ୍ରାହକମାନେ ଅଧିକ ଅନୁସନ୍ଧାନ ପାଇଁ **ଶ୍ରୀ ଅନୀଲ କୁମାର ବିଶ୍ୱାଳ (ଏଭିପି), ମୋ. ୯୫୮୩୦୨୪୩୬୫, ଇମେଲ୍: anil.biswal@srei.com** ସହ ସମ୍ପର୍କ କରିପାରନ୍ତି।



**RECRUITMENT ADVERTISEMENT**

**Grama Devi Organic Farmer Producer Company Limited.**
(C/o. Chitrokonda, Malkangiri -764045, Odisha)
Grama Devi Organic Farmer Producer Company Limited invites applications from candidates for contractual engagement for the following posts :

| Positions | Total Nos | Qualification | Experience in years | Pay Range Rupees per month |
|---|---|---|---|---|
| Chief Executive Officer | 01 | Graduate in Agriculture / Agriculture Marketing / Agri-Business Management or BBA or equivalent/ Or Locally available professionals with 10+2 and preferably Diploma in Agriculture/ Agriculture Marketing/ Agri-Business Management or in such other related areas may be preferable. | 1+ years of experience of working with farmers at grassroots level. | Up to Rs.25,000/month (Including TA/DA and Performance Based Incentive) with annual increment up to 5% is to be provided. |
| Accountant | 01 | 10+2 with Mathematics as a compulsory subject or alternatively with Commerce or Accountancy background. Knowledge of accounting software (Tally etc.). | 1+ years of work experience as an accountant handling financial transactions with exposure to accounting software. | Up to Rs.10,000/month, with annual increment up to 5% is to be provided. |

1) The selection process will consist of shortlisting of candidates on basis of academic qualifications and experience & skills, followed by personal interview.
2) The prescribed eligibility conditions viz. age, qualifications and experience, etc. should have been acquired as on application closing date. Qualification should be from approved recognized institutions.
3) Only shortlisted candidates will be informed about further selection process through text message and email. Applicants should ensure that the mobile number and email-id given in the CV is active.
4) The eligibility criteria for selection may be changed based on the number of applications received, without assigning any reason thereof.
5) Authority reserves the right to cancel/to reject or to amend the clauses.
6) Maximum Age limit of the candidate to apply the above post is 40 years as on 01/01/2024.
7) **How to Apply** : Please submit your **updated CV** mentioning educational qualifications, age, experience etc. on or before **26/11/2024** to E-mail ID- fpogramadevi@gmail.com.

**Sd./- Managing Director, GDOFPCL**



**ଖଡ଼ଗପୁର ଡିଭିଜନରେ ବିଜ୍ଞାପନ ଓ ପାର୍କିଂ ଠିକା ପାଇଁ ଇ-ନିଲାମ ବିଜ୍ଞପ୍ତି**

**ଇ-ନିଲାମ ବିଜ୍ଞପ୍ତି ନଂ.: କେଜିପି/ଏଡିଭିଟି-ପାର୍କିଂ/୨୦୨୪/୭ ତାରିଖ: ୧୪।୧୧।୨୦୨୪**
ବିଶ୍ୱ ତାପନର ମୁକାବିଲାରେ ବିକାଶଶୀଳ ରାଷ୍ଟ୍ରଗୁଡ଼ିକୁ ସହାୟତା କରିବା ନିମନ୍ତେ ୨୦୩୦ ସୁଦ୍ଧା ବାର୍ଷିକ ୧ ଟ୍ରିଲିୟନ ଡଲାର ପାଣ୍ଠି ଯୋଗାଡ଼ କରିବା ଉପରେ ଜାତିସଂଘ ଜଳବାୟୁ ସମ୍ମିଳନୀର ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ଜଳବାୟୁ ଫାଇନାନ୍ସ ଉପରେ ଉଚ୍ଚସ୍ତରୀୟ ବିଶେଷଜ୍ଞ ଗ୍ରୁପ୍ ରିପୋର୍ଟରେ କୁହାଯାଇଛି। ସରକାରୀ ଏବଂ ଘରୋଇ ଉତ୍ସରୁ ଏହି ଅର୍ଥ ଆସିବା ଆବଶ୍ୟକ। ପଦକ୍ଷେପ ନେବାରେ ବିଳମ୍ବ ବିପଦକୁ ଅଧିକ ବଢ଼ାଇବ ବୋଲି ରିପୋର୍ଟରେ ସତର୍କ କରାଇଦିଆଯାଇଛି। ୨୦୩୦ ପୂର୍ବରୁ ଅର୍ଥ ବ୍ୟବସ୍ଥା ହୋଇ ନ ପାରିଲେ, ଏହା ପରବର୍ତ୍ତୀ ବର୍ଷଗୁଡ଼ିକ ଉପରେ ଅଧିକ ଚାପ ପକାଇବ ଏବଂ ଜଳବାୟୁରେ ସ୍ଥିରତା ଆଣିବା ଅଧିକ କଷ୍ଟକର ହୋଇପଡ଼ିବ। ୨୦୩୦ ସୁଦ୍ଧା ବୈଶ୍ୱିକ ଜଳବାୟୁ କାର୍ଯ୍ୟାନୁଷ୍ଠାନ ପାଇଁ ୬.୩ରୁ ୬.୭ ଟ୍ରିଲିୟନ ଡଲାର ଆବଶ୍ୟକ ହେବ ବୋଲି ରିପୋର୍ଟରେ କୁହାଯାଇଛି।

## ଫୁର୍‌ସତ୍

# ବିଶ୍ୱର ସର୍ବବୃହତ୍ ପ୍ରବାଳ ଆବିଷ୍କୃତ

ୱାଶିଂଟନ୍



ପ୍ରଶାନ୍ତ ମହାସାଗରର ସୋଲୋମନ ଦ୍ୱୀପପୁଞ୍ଜ ନିକଟରେ ବୈଜ୍ଞାନିକମାନେ ବିଶ୍ୱର ସର୍ବବୃହତ୍ ପ୍ରବାଳର ଆବିଷ୍କାର କରିଛନ୍ତି। ଏହି ବିଶାଳ ପ୍ରବାଳର ଲମ୍ବ ୩୨ ମିଟର(୧୦୫ ଫୁଟ) ହୋଇଥିବାବେଳେ ଏହାର ଚଉଡ଼ା ୩୪ ମିଟର (୧୧୧ ଫୁଟ) ରହିଛି। ତେବେ ଆବିଷ୍କୃତ ହୋଇଥିବା ଏହି ବିଶାଳ ପ୍ରବାଳଟି ୩୦୦ ବର୍ଷ ପୁରୁଣା ହୋଇଥିବାନେଇ ନ୍ୟାଶ୍‌ନାଲ ଜିଓଗ୍ରାଫିକ୍ ସୋସାଇଟି ପକ୍ଷରୁ ଗୁରୁବାର ସୂଚନା ଦିଆଯାଇଛି। ଏହି ପ୍ରବାଳର ପରିଧି ୧୮୩ ଫୁଟ(୬୦୦ ମିଟର) ରହିଛି। କ୍ଷୁଦ୍ର ଜୀବମାନଙ୍କୁ ନେଇ ଗଠିତ ନେଟ୍‌ୱର୍କ 'କୋରାଲ ପଲିପ୍ସ' ଦ୍ୱାରା ଏହି ପ୍ରବାଳ ନିର୍ମିତ। 'ନ୍ୟାଶନାଲ ଜିଓଗ୍ରାଫିକ୍ ପ୍ରିଷ୍ଟିନ୍ ସିଜ୍'ର ବୈଜ୍ଞାନିକଙ୍କ ଦଳ ଦ୍ୱାରା ଏହି ସର୍ବବୃହତ୍ ପ୍ରବାଳର ଆବିଷ୍କାର କରାଯାଇଛି। ଏହି ବୈଜ୍ଞାନିକ ଦଳର ସଦସ୍ୟମାନେ ଗତ ଅକ୍ଟୋବରରୁ ଦକ୍ଷିଣ-ପଶ୍ଚିମ ପ୍ରଶାନ୍ତ ମହାସାଗରରେ ଗବେଷଣା ପାଇଁ ଉଦ୍ଦିଷ୍ଟ ଏକ ଜାହାଜରେ ବିଭିନ୍ନ ଅନୁସନ୍ଧାନମୂଳକ କାର୍ଯ୍ୟରେ ନିୟୋଜିତ ଥିଲେ। ବୈଜ୍ଞାନିକମାନଙ୍କ କହିବା ଅନୁଯାୟୀ, ଜଳବାୟୁ ପରିବର୍ତ୍ତନ ଯୋଗୁ ଧୀରେ ଧୀରେ ସମୁଦ୍ରଗୁଡ଼ିକ ଉଷ୍ମ ହେବାରେ ଲାଗିଛି ଫଳରେ ବହୁ ସଂଖ୍ୟାରେ ପ୍ରବାଳଙ୍କ ଜୀବନ ନଷ୍ଟ ହେଉଛି। ଏହାରି ମଧ୍ୟରେ ଗଭୀର ଜଳ ଭିତରେ ଏକ ବୃହତ୍ ସୁସ୍ଥ ପ୍ରବାଳର ଆବିଷ୍କାର ଆଶାର କିରଣ ଯୋଗାଇଛି ବୋଲି 'ନ୍ୟାଶନାଲ ଜିଓଗ୍ରାଫିକ୍ ପ୍ରିଷ୍ଟିନେ ସିଜ୍'ର ସଦସ୍ୟ ସାଲା କହିଛନ୍ତି। ସମୁଦ୍ର ମଧ୍ୟରେ ଖାଲି ଆଖିରେ ଦେଖିବାବେଳେ ଏହି ପ୍ରବାଳ ଏକ ବିଶାଳ ପଥର ସଦୃଶ ଦେଖାଯାଉଥିବା ସେ କହିଛନ୍ତି। ସାଲା ଆହୁରି କହିଛନ୍ତି, ଯେତେବେଳେ ବୈଜ୍ଞାନିକମାନେ ପ୍ରଥମେ ଏହି ପ୍ରବାଳ ଦେଖିଥିଲେ, ବିଶାଳ ଆକାର ହେତୁ ଏହା ଏକ ଜାହାଜର ଭାଙ୍ଗିଯାଇଥିବା ଅବଶିଷ୍ଟାଂଶ ହୋଇଥାଇପାରେ ବୋଲି ଅନୁମାନ କରିଥିଲେ। ପରେ ନିକଟକୁ ଯାଇ ନମୁନା ସଂଗ୍ରହ କରି ପରୀକ୍ଷାନିରୀକ୍ଷା କରିବାରୁ ଏହା ସର୍ବବୃହତ୍ ପ୍ରବାଳ ହୋଇଥିବା ନେଇ ଜଣାପଡ଼ିଥିଲା। ଏହା ଏକ ଗୁରୁତ୍ୱପୂର୍ଣ୍ଣ ବୈଜ୍ଞାନିକ ଆବିଷ୍କାର ହୋଇଥିବା ସେ କହିଛନ୍ତି। ପୂର୍ବରୁ ଦକ୍ଷିଣ ଆମେରିକାର 'ଆମେରିକାନ ସାମୋଆର୍' ଅଞ୍ଚଳରେ ଥିବା ନ୍ୟାଶ୍‌ନାଲ ମାରାଇନ ସାଞ୍ଚୁଆରି ମଧ୍ୟରୁ 'ବିଗ୍ ମୋମା' ନାମରେ ଏକ ବିଶାଳ ପ୍ରବାଳ ଆବିଷ୍କୃତ ହୋଇଥିଲା। ସେତେବେଳେ 'ବିଗ୍ ମୋମା'କୁ ବିଶ୍ୱର ସର୍ବବୃହତ୍ ପ୍ରବାଳ ଭାବେ ଘୋଷଣା କରାଯାଇଥିଲା।

## କୋଟିପତି ବ୍ୟବସାୟୀଙ୍କ ପ୍ରେମରେ ଅମୀଷା

ମୁମ୍ବାଇ



ବଲିଉଡ୍ ଅଭିନେତ୍ରୀ ଅମୀଷା ପଟେଲ ପ୍ରାୟତଃ ନିଜର ବୃତ୍ତିଗତ ଜୀବନ ଅପେକ୍ଷା ବ୍ୟକ୍ତିଗତ ଜୀବନକୁ ନେଇ ଚର୍ଚ୍ଚାରେ ରହିଥାନ୍ତି। ସମ୍ପ୍ରତି ସେ ପୁଣିଥରେ ନିଜର ଡେଟିଂ ଲାଇଫ୍‌କୁ ନେଇ ଆଲୋଚନାର ପରିସରକୁ ଆସିଛନ୍ତି। ୪୯ ବର୍ଷୀୟା ଏହି ଅଭିନେତ୍ରୀଙ୍କର ଏକ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଉକ୍ତ ଫଟୋରେ କୋଟିପତି ବ୍ୟବସାୟୀ ନିର୍ବାନ ବିର୍ଲା(୩୦)ଙ୍କ ସହ ଅମୀଷାଙ୍କୁ ଏକ ପାର୍ଟିରେ ଦେଖିବାକୁ ମିଳିଛି। ଏହି ଫଟୋରେ ଉଭୟ ଅମୀଷା ଓ ନିର୍ବାନ ଅନ୍ତରଙ୍ଗତାର ସହ ପାର୍ଟିକୁ ଉପଭୋଗ କରୁଥିବା ନେଇ ନଜରକୁ ଆସୁଛନ୍ତି। ଏହି ଫଟୋ ଭାଇରାଲ ହେବା ପରେ ଅମୀଷା ନିର୍ବାନଙ୍କୁ ଡେଟ୍ କରୁଥିବା ନେଇ ଚର୍ଚ୍ଚା ବଢ଼ିବାରେ ଲାଗିଛି। ତେବେ ନିର୍ବାନ ଅମୀଷାଙ୍କଠାରୁ ୧୯ ବର୍ଷ ସାନ ହୋଇଥିବାରୁ ଉଭୟଙ୍କ ମଧ୍ୟରେ ରହିଥିବା ସମ୍ପର୍କକୁ ନେଇ ବହୁ କଳ୍ପନାଜଳ୍ପନା ପ୍ରକାଶ ପାଇଛି। ଉଭୟଙ୍କ ବୟସରେ ଯଥେଷ୍ଟ ତାରତମ୍ୟ ଥିବାରୁ ବହୁ ୟୁଜର୍ସ ଅମୀଷାଙ୍କୁ ସମାଲୋଚନା କରିଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ମଧ୍ୟାହ୍ନଭୋଜନ ମୂଲ୍ୟରେ ...

ମଧ୍ୟରୁ ୧୭୩ଟି ଆଦର୍ଶ ସ୍କୁଲରେ କସ୍ତୁରବା ବାଳିକା ବିଦ୍ୟାଳୟ ଯୋଜନା ଅଧୀନରେ ବାଳିକା ଛାତ୍ରାନିବାସ ନିମନ୍ତେ କେନ୍ଦ୍ର ସରକାର ଅନୁମୋଦନ ଦେଇଛନ୍ତି । ସେଠାରେ ସମସ୍ତ ଛାତ୍ରୀଙ୍କ ନିମନ୍ତେ ମାଗଣା ରହିବା ଓ ଖାଇବାର ବ୍ୟବସ୍ଥା ରହିଛି । ଅନ୍ୟ ୧୪୧ଟି ବାଳିକା ହଷ୍ଟେଲ ଓ ୩୧୪ଟି ବାଳକ ହଷ୍ଟେଲରେ ଏହି ମାଗଣା ବ୍ୟବସ୍ଥା ଲାଗୁ କରିବା ପାଇଁ ସରକାରଙ୍କ ପକ୍ଷରୁ ପଦକ୍ଷେପ ନିଆଯାଉଛି । ଓଡ଼ିଶା ଆଦର୍ଶ ବିଦ୍ୟାଳୟର ମୋଟ ୪୫୫ଟି ହଷ୍ଟେଲରେ ଅନ୍ତେବାସୀଙ୍କଠୁ ନିଆଯାଉଥିବା ମାସିକ ୨ହଜାର ଟଙ୍କା ଲେଖାଏ ଖାଇବା ଖର୍ଚ୍ଚକୁ ରାଜ୍ୟ ସରକାର ବହନ କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ସମସ୍ତ ହଷ୍ଟେଲରେ ଏହି ସୁବିଧା ଯୋଗାଇବା ପାଇଁ ରାଜ୍ୟ ସରକାର ୩୭.୭୦କୋଟି ଟଙ୍କାକୁ ବାଦ୍ ଦେଇ ବାର୍ଷିକ ୧୧.୧୫କୋଟି ଟଙ୍କା ବହନ କରିବେ । ସେହିପରି ରାଜ୍ୟ ସରକାରଙ୍କର ନିଜସ୍ୱ ଯୋଜନା 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ସ୍କୁଲ'ଯୋଜନାରେ ରାଜ୍ୟର ପ୍ରତି ପଞ୍ଚାୟତରେ ଗୋଟିଏ ଲେଖାଏଁ ଅତ୍ୟାଧୁନିକ ପ୍ରାଥମିକ ସ୍କୁଲ ନିର୍ମାଣ ପାଇଁ ଯୋଜନା କରାଯାଇଛି । ମୋଟ ୬୭୯୪ଟି ସ୍କୁଲ ନିର୍ମାଣ କରାଯାଇ ସତ୍ୟବାଦୀ ବନ ବିଦ୍ୟାଳୟରେ ଯେପରି ଆଦର୍ଶ ଶିକ୍ଷା ପରିବେଶ ଥିଲା ତାହା ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଉଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି । ଏହି ସବୁ ସ୍କୁଲରେ କ୍ରୀଡ଼ା, ଶାରୀରିକ ବ୍ୟାୟାମ, ସାମାଜିକ ଓ ସାଂସ୍କୃତିକ ଶିକ୍ଷା ଉପରେ ଗୁରୁତ୍ୱ ଦିଆଯିବା ସହ ସମସ୍ତ ପ୍ରକାରର ଅତ୍ୟାଧୁନିକ ଶିକ୍ଷା ଭିତ୍ତିଭୂମି ରହିବ । ଏଥିରେ ବିଶେଷକରି ପିଲାମାନଙ୍କ ଭାଷା ଜ୍ଞାନ ଓ ମୌଳିକ ଗାଣିତିକ ଜ୍ଞାନ ଉପରେ ଗୁରୁତ୍ୱ ଆରୋପ କରାଯିବ । ଏହି ଯୋଜନାରେ ନୂଆ ଶ୍ରେଣୀ ଗୃହ, ବାଳିକା ଓ ବାଳକମାନଙ୍କ ପାଇଁ ପୃଥକ ପରିସ୍ରାଗାର, ପ୍ରାଚୀର ନିର୍ମାଣ, ସବୁଜ ପରିବେଶ, ଡିଜିଟାଲ ଲାଇବ୍ରେରୀ ଓ ଲାଙ୍ଗୁଏଜ୍ ଲ୍ୟାବ, ଖେଳପଡ଼ିଆ, ଡାଇନିଂ ହଲ, କମ୍ପ୍ୟୁଟର, ସ୍ମାର୍ଟ ବୋର୍ଡ ଆଦିର ବ୍ୟବସ୍ଥା କରାଯିବ । ଏଥିସହିତ କ୍ରୀଡ଼ା, ଶାରୀରିକ ବ୍ୟାୟାମ ଏବଂ ସାମାଜିକ ଓ ସାଂସ୍କୃତିକ ଶିକ୍ଷା ଉପର ମଧ୍ୟ ଗୁରୁତ୍ୱ ଦିଆଯିବ । ଏହାଛଡ଼ା ରାଜ୍ୟର ପୁରାତନ ବିଦ୍ୟାଳୟର ସଂରକ୍ଷଣ ଏବଂ ପୁନରୁଦ୍ଧାର ପାଇଁ ଐତିହ୍ୟ ବିଦ୍ୟାଳୟ ଯୋଜନା ଆରମ୍ଭ ହୋଇଛି । ଏହିଯୋଜନାରେ ରାଜ୍ୟର ୧୦୦ବର୍ଷରୁ ଊର୍ଦ୍ଧ୍ୱ ପୁରାତନ ବିଦ୍ୟାଳୟ କିମ୍ବା ଜିଲ୍ଲାର ସର୍ବ ପୁରାତନ ବିଦ୍ୟାଳୟଗୁଡ଼ିକର ବିକାଶ କରାଯିବ । ଏହାର ଐତିହ୍ୟ ଓ ଐତିହାସିକ ଗୌରବର ପୁନଃ ପ୍ରତିଷ୍ଠା କରିବା ପାଇଁ ପଦକ୍ଷେପ ନିଆଯିବ । ସମୁଦାୟ ୫୧ଟି ଐତିହ୍ୟ ବିଦ୍ୟାଳୟର ବିକାଶ କରାଯିବ ।

## ଫେବୃଆରୀ ୨୧ରୁ ମାଟ୍ରିକ୍ ...

ଗଣିତ, ମାର୍ଚ୍ଚ ୧ ତାରିଖ ଶନିବାର ବିଜ୍ଞାନ, ମାର୍ଚ୍ଚ ୩ ତାରିଖ ସୋମବାର ସାମାଜିକ ବିଜ୍ଞାନ ଏବଂ ମାର୍ଚ୍ଚ ୬ ତାରିଖ ଗୁରୁବାର ତୃତୀୟ ଭାଷା ହିନ୍ଦୀ, ସଂସ୍କୃତ, ଓଡ଼ିଆ, ପାର୍ସି ଓ ଟିଏଲ୍ଇ ଥିଓରି (କେବଳ ମୂକ-ବଧିର ପରୀକ୍ଷାର୍ଥୀଙ୍କ ପାଇଁ) ଅନୁଷ୍ଠିତ ହେବ । ଟିଏଲ୍ଇ ଓ ଭୋକେଶନାଲ ଟ୍ରେଡ୍ ବ୍ୟତୀତ ଅନ୍ୟ ସମସ୍ତ ବିଷୟରେ ୫୦ ମାର୍କର ସବ୍ଜେକ୍ଟିଭ ଓ ୫୦ ମାର୍କର ଅବଜେକ୍ଟିଭ ପ୍ରଶ୍ନ ଆସିବ । ଅବଜେକ୍ଟିଭ ପ୍ରଶ୍ନର ଉତ୍ତର ଓଏମ୍ଆର ସିଟ୍ରେ ଏବଂ ସବ୍ଜେକ୍ଟିଭ ପ୍ରଶ୍ନର ଉତ୍ତର ପ୍ରଶ୍ନପତ୍ର ସଂଲଗ୍ନ ଉତ୍ତରଖାତାରେ ଦେବାକୁ ହେବ । ଭୋକେଶନାଲ ଟ୍ରେଡ୍ ଥିଓରି ବିଷୟଗୁଡ଼ିକରେ ୫୦ ମାର୍କ ଓ ଟିଏଲ୍ଇ ଥିଓରିରେ ୨୦ ମାର୍କର ସବ୍ଜେକ୍ଟିଭ ପ୍ରଶ୍ନ ଆସିବ । ଭୋକେଶନାଲ ଟ୍ରେଡ୍ଗୁଡ଼ିକର ପ୍ରାକ୍ଟିକାଲ ପରୀକ୍ଷା (୫୦ ମାର୍କ) ନିଜ ନିଜ ବିଦ୍ୟାଳୟରେ ଜାନୁୟାରୀ ୨୭ରୁ ଫେବୃଆରୀ ୧୦ ତାରିଖ ମଧ୍ୟରେ ଓସେପା ତତ୍ତ୍ୱାବଧାନରେ ହେବ । ସେହିପରି ଟିଏଲ୍ଇ ପ୍ରାକ୍ଟିକାଲ ନିର୍ଦ୍ଧାରିତ ପରୀକ୍ଷା କେନ୍ଦ୍ରରେ ୮୦ ମାର୍କରେ ଅନୁଷ୍ଠିତ ହେବ ।

ମଧ୍ୟମା ପରୀକ୍ଷା ନିମନ୍ତେ ପ୍ରଦତ୍ତ କାର୍ଯ୍ୟସୂଚୀ ଅନୁଯାୟୀ, ଫେବୃଆରୀ ୨୧ ତାରିଖ ଶୁକ୍ରବାର ମାତୃଭାଷା ଓଡ଼ିଆ, ହିନ୍ଦୀ, ୨୪ ତାରିଖ ସୋମବାର ଇଂଲିଶ, ୨୫ ତାରିଖ ମଙ୍ଗଳବାର ସଂସ୍କୃତ ବ୍ୟାକରଣ ଓ ଦର୍ଶନ, ୨୭ ତାରିଖ ଗୁରୁବାର ଗଣିତ, ୨୮ ତାରିଖ ଶୁକ୍ରବାର ପ୍ରୟୋଗାତ୍ମକ ସଂସ୍କୃତ (କର୍ମକାଣ୍ଡ ଓ ଜ୍ୟୋତିଷ କିମ୍ବା ଆୟୁର୍ବେଦ ଓ ଯୋଗ), ମାର୍ଚ୍ଚ ୧ ତାରିଖ ଶନିବାର ବିଜ୍ଞାନ, ୩ ତାରିଖ ସୋମବାର ସାମାଜିକ ବିଜ୍ଞାନ ଏବଂ ୬ ତାରିଖ ଗୁରୁବାର ସଂସ୍କୃତ ସାହିତ୍ୟମ୍ ଅନୁଷ୍ଠିତ ହେବ । ଅବଜେକ୍ଟିଭ ପ୍ରଶ୍ନର ଉତ୍ତର ଓଏମ୍ଆର ସିଟ୍ରେ ଏବଂ ସବ୍ଜେକ୍ଟିଭ ପ୍ରଶ୍ନର ଉତ୍ତର ପ୍ରଶ୍ନପତ୍ର ସଂଲଗ୍ନ ଉତ୍ତରଖାତାରେ ଦେବାକୁ ହେବ ।

ସେହିପରି ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷାର କାର୍ଯ୍ୟସୂଚୀ ଅନୁଯାୟୀ, ଫେବୃଆରୀ ୨୧ ତାରିଖ ଶୁକ୍ରବାର ଓଡ଼ିଆ, ତେଲୁଗୁ, ଉର୍ଦ୍ଦୁ, ୨୨ ତାରିଖ ଶନିବାର ପେଣ୍ଟିଂ ପ୍ରାକ୍ଟିକାଲ, ୨୪ ତାରିଖ ସୋମବାର ଇଂଲିଶ, ୨୫ ତାରିଖ ମଙ୍ଗଳବାର ପେଣ୍ଟିଂ ଥିଓରି, ୨୭ ତାରିଖ ଗୁରୁବାର ଗଣିତ, ୨୮ ତାରିଖ ଶୁକ୍ରବାର ଇଣ୍ଡିଆନ କଲଚର ଆଣ୍ଡ୍ ହେରିଟେଜ୍, ମାର୍ଚ୍ଚ ୧ ତାରିଖ ଶନିବାର ବିଜ୍ଞାନ, ୨ ତାରିଖ ରବିବାର ହୋମ୍ ସାଇନ୍ସ ପ୍ରାକ୍ଟିକାଲ, ୩ ତାରିଖ ସୋମବାର ସାମାଜିକ ବିଜ୍ଞାନ, ୪ ତାରିଖ ମଙ୍ଗଳବାର ହୋମ୍ ସାଇନ୍ସ ଥିଓରି ଏବଂ ୬ ତାରିଖ ଗୁରୁବାର ହିନ୍ଦୀ/ସଂସ୍କୃତ ପରୀକ୍ଷା ଅନୁଷ୍ଠିତ ହେବ । ହୋମ୍ ସାଇନ୍ସ ଓ ପେଣ୍ଟିଂ ବ୍ୟତୀତ ଅନ୍ୟ ସମସ୍ତ ବିଷୟରେ ୫୦ ମାର୍କର ସବ୍ଜେକ୍ଟିଭ ଓ ୫୦ ମାର୍କର ଅବଜେକ୍ଟିଭ ପ୍ରଶ୍ନ ଆସିବ । ଅବଜେକ୍ଟିଭ ପ୍ରଶ୍ନର ଉତ୍ତର ଓଏମ୍ଆର ସିଟ୍ରେ ଏବଂ ସବ୍ଜେକ୍ଟିଭ ପ୍ରଶ୍ନର ଉତ୍ତର ପ୍ରଶ୍ନପତ୍ର ସଂଲଗ୍ନ ଉତ୍ତରଖାତାରେ ଦେବାକୁ ହେବ ବୋଲି ବୋର୍ଡ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି ।

## ଆଜିଠୁ କଟକ ...

ବ୍ୟବସ୍ଥା କରାଯାଇଛି । ଗତବର୍ଷ ୬୦ଲକ୍ଷରୁ ଅଧିକ ଲୋକ ବାଲିଯାତ୍ରା ବୁଲିଥିବା ବେଳେ ଚଳିତବର୍ଷ ୭୦ ଲକ୍ଷ ଜନସମାଗମ ହେବାର ଆକଳନ କରାଯାଇଛି । ଚଳିତଥର ତଳପଡ଼ିଆରେ ୩ଟି ମୁଖ୍ୟ ପ୍ରବେଶ ଦ୍ୱାର ଏବଂ ଗୋଟିଏ ଜରୁରୀକାଳୀନ ପ୍ରବେଶ ବା ପ୍ରସ୍ଥାନ ଦ୍ୱାର ଖୋଲାଯିବା ସହ ପଡ଼ିଆ ମଧ୍ୟରେ ଗମନାଗମନ ନିମନ୍ତେ ୪ଟି ରାସ୍ତା କରାଯାଇଛି । ଚଳିତବର୍ଷ ଭଳି ଲଗାତର ୩ବର୍ଷ ଧରି ଏଭଳି ଶୈଳୀରେ ବାଲିଯାତ୍ରା ଆୟୋଜନ ହେଲେ ଅନ୍ତର୍ଜାତୀୟ ମାନ୍ୟତା ମିଳିବା ସମ୍ଭାବନା ବଢ଼ିବ ବୋଲି ଜିଲାପାଳ କହିଛନ୍ତି । ଏଥିସହ ଦକ୍ଷିଣ-ପୂର୍ବ ରାଷ୍ଟ୍ର ସମୂହ ସହ ଉତ୍କଳୀୟ ନୌବାଣିଜ୍ୟ ପରମ୍ପରାକୁ ନେଇ ଏକ ସ୍ୱତନ୍ତ୍ର ପାଭିଲିଅନ୍ ଯୋଡ଼ାଯାଇଛି । ବାଲି, ଇଣ୍ଡୋନେସିଆ ଆଦି ୮ଟି ଦେଶର ସାଂସ୍କୃତିକ ଦଳ ବାଲିଯାତ୍ରାରେ ଯୋଗଦେବେ । ୩୪ ଏକର ଜାଗା ତଳପଡ଼ିଆ ଓ ସାଢେ ୮ ଏକର ଜାଗାରେ ଉପରପଡିଆରେ ପ୍ରାୟ ୨୫୦୦ ଷ୍ଟଲ ରହିଛି । ସେଥିମଧ୍ୟରୁ ଓରମାସ୍ର ରହିଛି ୫୦୦ ଷ୍ଟଲ । ବିଶେଷ କରି ମହିଳା ଉଦ୍ୟୋଗୀଙ୍କୁ ସେମାନଙ୍କ ସାମଗ୍ରୀ ପ୍ରଦର୍ଶନ ଓ ବିକ୍ରି ନିମନ୍ତେ ଓର୍ମାସ୍ରେ ପ୍ରାଧାନ୍ୟ ଦିଆଯାଇଛି । ମାଟିପାତ୍ର ତିଆରି ଏବଂ ତନ୍ତ ବୁଣା ଆଦି ମଧ୍ୟ ପ୍ରଦର୍ଶନ କରାଯିବାର ବ୍ୟବସ୍ଥା ହୋଇଛି । ଚଳିତଥର ୭ଟି ଅନ୍ତର୍ଜାତୀୟ ଷ୍ଟଲ ସ୍ଥାନ ପାଇଛି । ଅନ୍ୟପଟେ ଏଥର ଅନ୍ୟତମ ଆକର୍ଷଣ ପଲଟିବ କଟକ ଇନ୍ କଟକ । ଓଡ଼ିଆ ଅସ୍ମିତା ସହ ଓଡ଼ିଆ ସିନେମାର କ୍ରମ ବିକାଶର ଚିତ୍ର ଏଠାରେ ସ୍ଥାନିତ କରାଯାଇଛି । ବଲିଉଡ଼ ନାଇଟ ସହ ମହାନଦୀରେ ୱାଟର ଲେଜର ଶୋ, ଡ୍ରୋନ ଶୋ, କାଇଟ୍ ଫେଷ୍ଟିଭାଲ ଓ ଜଳକ୍ରୀଡ଼ାର ବ୍ୟବସ୍ଥା କରାଯାଇଛି । ଏହି ସମସ୍ତ କାର୍ଯ୍ୟର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ବାଲିଯାତ୍ରାରେ କାର୍ଯ୍ୟ କରୁଥିବା ସମସ୍ତ ସଂସ୍ଥାକୁ ଏକ ମାସ ମଧ୍ୟରେ ଦେୟ ପୈଠ କରାଯିବ ଏବଂ ପରେ ସର୍ବସାଧାରଣରେ ବାଲିଯାତ୍ରା ଖର୍ଚ୍ଚ ଉପସ୍ଥାପନ କରାଯିବା ନେଇ ଜିଲାପାଳ ସିନ୍ଦେ କହିଛନ୍ତି । ଖବରଦାତା ସମ୍ମିଳନୀରେ ଅତିରିକ୍ତ ଜିଲାପାଳ ଶିବ ଟପ୍ପୋଙ୍କ ସମେତ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ ।

## ଖଣିରେ ବେଆଇନ ଭାବେ ...

କିଛି ସପ୍ତାହ ପୂର୍ବରୁ ଉତ୍ତରପଶ୍ଚିମ ପ୍ରଦେଶର ବିଭିନ୍ନ ଖଣିରୁ ୧,୦୦୦ରୁ ଊର୍ଦ୍ଧ୍ୱ ଶ୍ରମିକଙ୍କୁ ବାହାର କରାଯାଇଥିଲା । ସେମାନଙ୍କ ମଧ୍ୟରୁ ଅଧିକାଂଶ ମୌଳିକ ଆବଶ୍ୟକତା ଅଭାବରୁ ରୁଗ୍ଣ, ଦୁର୍ବଳ ଏବଂ ଭୋକିଲା ଥିବା ଦେଖାଯାଇଥିଲା । ଶ୍ରମିକମାନେ ଆପରାଧିକ କାର୍ଯ୍ୟରେ ସମ୍ପୃକ୍ତ ଥିବାରୁ ସେମାନଙ୍କ ନିକଟକୁ ସହାୟତା ପଠାଯିବ ନାହିଁ ବୋଲି କ୍ୟାବିନେଟ ମନ୍ତ୍ରୀ ଖୁମ୍ବୁଡଜୋ ନାଶ୍ୱେନି କହିଛନ୍ତି । ଦକ୍ଷିଣ ଆଫ୍ରିକାର ପୁରୁଣା ସୁନାଖଣି ଅଞ୍ଚଳରେ ବେଆଇନ ଖନନ ସାଧାରଣ ଘଟଣା । ଖଣି ଶ୍ରମିକମାନେ ସେଠାରେ ରହିଯାଇଥିବା ସୁନା ପାଇବା ପାଇଁ ଆଶାରେ ବନ୍ଦ ଥିବା ଖଣି ଭିତରେ ବେଆଇନ ଭାବେ ପ୍ରବେଶ କରି ଖନନ କରିଥାନ୍ତି । ବେଳେବେଳେ ପଡୋଶୀ ଦେଶରୁ ମଧ୍ୟ ଖଣି ଶ୍ରମିକ ଏହି ବେଆଇନ କାର୍ଯ୍ୟରେ ନିୟୋଜିତ ହୋଇଥାନ୍ତି ।

## ଟେଲେଙ୍ଗିରି ଜଳଭଣ୍ଡାରରେ ...

ସମସ୍ୟା ଦେଖାଯାଇଛି । ଏହାର ତଦନ୍ତ ଚାଲିଛି । ଯାଞ୍ଚ ପାଇଁ ଏକ ସ୍ୱତନ୍ତ୍ର ଟିମ୍ ବିଶାଖାପାଟଣାରୁ ଆସି ପହଞ୍ଚିବେ । ଏହାପରେ ଡ୍ୟାମ୍ର ମରାମତି ସମ୍ପର୍କରେ ଆଲୋଚନା ହେବ ବୋଲି ସେ କହିଛନ୍ତି । ବିଭାଗୀୟ ଅଧିକାରୀଙ୍କ ଏହିଭଳି ବୟାନ ପରେ ସେମାନଙ୍କ ଅପାରଗତାକୁ ନେଇ ପ୍ରଶ୍ନ ଉଠିଛି । ଓସିସି ବୈଷୟିକ ଟିମ୍ର କାହ୍ନୁଚରଣ ପାଢ଼ୀଙ୍କୁ ଡକାଇ ବିଭାଗୀୟ ଅଧିକାରୀ ଆଲୋଚନା କରିଛନ୍ତି । ଶୁକ୍ରବାର ସକାଳୁ ସ୍ୱତନ୍ତ୍ର ଟିମ୍ ପହଞ୍ଚିବା ପରେ ପାଣି ଉପରଭାଗରୁ ଲିକେଜ୍କୁ ବନ୍ଦ କରିବା ପାଇଁ ପ୍ରୟାସ କରାଯିବ ବୋଲି କାହ୍ନୁଚରଣ କହିଛନ୍ତି । ଏକ ବିଶେଷ ସୂତ୍ରର ସୂଚନା ଅନୁଯାୟୀ, ଡ୍ୟାମ୍ ନିର୍ମାଣ ପରେ ସ୍ଲୁଇସ୍ ଗେଟ୍କୁ ବନ୍ଦ କରିବା କଥା, ଯାହାକୁ ବିଭାଗୀୟ ଅଧିକାରୀ ବନ୍ଦ କରିବାକୁ ଭୁଲିଯାଇଥିଲେ । ବର୍ତ୍ତମାନ ସେହି ଗେଟ୍ ବିପଦ ସାଜିଛି ବୋଲି ଜଣାପଡ଼ିଛି । ବର୍ତ୍ତମାନ ଡ୍ୟାମ୍ର ଜଳଧାରଣ କ୍ଷମତା ୬୩୩ କ୍ୟୁସେକ ମିଟର । ଏବେ ୬୩୧ କ୍ୟୁସେକ୍ ମିଟର ରହିଛି । ବର୍ତ୍ତମାନ ଘଣ୍ଟା ପ୍ରତି ୨୦ କ୍ୟୁସେକ ମିଟର ପାଣି ନିଷ୍କାସନ ହେଉଥିବାବେଳେ ବିଭାଗୀୟ ଅଧିକାରୀ ଏହା ବିପଦପୂର୍ଣ୍ଣ ନୁହେଁ ବୋଲି କହୁଛନ୍ତି । ଡ୍ୟାମ୍ ସ୍ଥିତି ଯାହା ଅଛି, ତାକୁ ଦେଖିଲେ ଅନୁମାନ କରାଯାଇପାରିବ ଯେ ଯଦି ଆଗକୁ ଏହି ପାଣି ନିଷ୍କାସନ ମାତ୍ରା ବଢ଼ିବ, ତେବେ ଏହା ଡ୍ୟାମ୍କୁ କ୍ଷତି କରିପାରେ ।

## ନେତାଙ୍କ ବ୍ୟବହାର ...

ଜିଲାପାଳଙ୍କ କାର୍ଯ୍ୟାଳୟ ବାହାରେ ବିକ୍ଷୋଭ ପ୍ରଦର୍ଶନ କରୁଥିବାବେଳେ ପୋଲିସ ସହିତ ଧସ୍ତାଧସ୍ତି ସ୍ଥିତି ଉପୁଜିଥିଲା । ଏହି ସମୟରେ ଜୟନାରାୟଣ ସେଠାରେ କାର୍ଯ୍ୟରତ ଜଣେ ମହିଳା ପୋଲିସ ଅଧିକାରୀଙ୍କ ଗାଲକୁ ଚାପୁଡ଼ା ମାରିବା ସହିତ ତାଙ୍କୁ ଅସଭ୍ୟ ଭାଷା ପ୍ରୟୋଗ କରିଥିଲେ । ଜଣେ ସରକାରୀ କର୍ମଚାରୀଙ୍କୁ ତାଙ୍କ କାର୍ଯ୍ୟରେ ବାଧା ଦେବା ସହ ଆକ୍ରମଣ କରିଥିବା ଅଭିଯୋଗରେ ଜୟନାରାୟଣଙ୍କ ବିରୋଧରେ ଏକ ମାମଲା ରୁଜୁ ହୋଇଥିଲା । ଜୟନାରାୟଣ ଉକ୍ତ ମାମଲାରେ ଜାମିନ ପାଇଁ ଓଡ଼ିଶା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟରେ ତାଙ୍କ ଆବେଦନ ଖାରଜ ହେବା ପରେ ସେ ସୁପ୍ରିମକୋର୍ଟକୁ ଯାଇଥିଲେ ।

# ରୁପାଛାଉଣି ହେବ ରତ୍ନପଲଙ୍କ, ପତିତପାବନ ମନ୍ଦିର

**ପୁରୀ,୧୪।୧୧(ଅଜିତ୍ କୁମାର ମହାନ୍ତି)**

ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଗୁରୁବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଭକ୍ତଙ୍କ ଦାନ ଅର୍ଥରୁ ମିଳିଥିବା ୩୦୦ କେଜିରୁ ଊର୍ଦ୍ଧ୍ୱ ରୁପା ବ୍ୟବହାର କରାଯାଇ ମହାପ୍ରଭୁଙ୍କ ରତ୍ନପଲଙ୍କ, ପତିତପାବନ ମନ୍ଦିର, ସିଂହଦ୍ୱାର ଗୁମୁଟର ଦ୍ୱାରବନ୍ଧକୁ ରୁପାଛାଉଣି କରାଯିବ ବୋଲି ଏହି ବୈଠକରେ ନିଷ୍ପତ୍ତି ହୋଇଛି । ସେବାୟତମାନଙ୍କୁ ମଧ୍ୟ ଡିଜାଇନ୍ ଦେଖାଯାଇଛି । ପୂର୍ବ ପରିଚାଳନା କମିଟି ବୈଠକରେ ରୁପାଛାଉଣି ସଂକ୍ରାନ୍ତରେ ବିସ୍ତୃତ ଆଲୋଚନା ହୋଇଥିଲା । ପ୍ରାଥମିକ ପର୍ଯ୍ୟାୟରେ ଆଗାମୀ ଡିସେମ୍ବର ୨୫ ସୁଦ୍ଧା ପତିତପାବନ ମନ୍ଦିର ଓ ଏହାର ଗୁମୁଟ ବନ୍ଧକୁ ରୁପା ଛାଉଣି କରାଯିବାକୁ ଲକ୍ଷ୍ୟ ରଖାଯାଇଛି । ସେହିପରି ରତ୍ନପଲଙ୍କ ଓ ପ୍ରଭା ଆଦିକୁ ଆଗାମୀ ବର୍ଷ ମାର୍ଚ୍ଚ ମଧ୍ୟରେ ରୁପା ଛାଉଣି କରାଯିବା ନେଇ ଆଲୋଚନା ହୋଇଛି । ପୂର୍ବରୁ ଶ୍ରୀମନ୍ଦିର ଭିତରେ ଓ ବାହାରେ ଥିବା ବିଭିନ୍ନ ଦ୍ୱାରରେ ରୁପା ଛାଉଣି କରାଯାଇଛି ।


**DISTRICT PROJECT OFFICE, SAMAGRA SHIKSHA, KHORDHA**
Phone No. - 06755-223525

No. 5922/2024 Date : 13.11.2024

**NOTICE INVITING TENDER (NIT)**

**No.n-1532** : Sealed tenders are invited from the reputed & credible printers / firms / agencies for supply of "Teaching Learning Materials" in two bid systems (Technical & Commercial Bid) as detailed below.

| Name of the Tender | Bid processing fees | Amount of EMD | Last Date & time of receipt of Bid | Date & time of opening of Technical Bid |
|---|---|---|---|---|
| Supply of Teaching Learning Materials (TLM) | Rs. 500/- | Rs. 1,80,000/- | 04.12.24 by 5.30 P.M. | 05.12.24 at 3 P.M. |

The detailed BID document is available in the website www.khordha.nic.in & www.osepa.odisha.gov.in. Interested and eligible agency / firm may download BID DOCUMENT from the above website and apply accordingly. Corrigendum / addendum, if required, will be uploaded in the above website. Hence potential bidders are requested to be in continuous touch with the above website.

The Tender Inviting Authority (TIA) reserves the right to accept / reject any full or part / all BID / cancel the entire selection process at any stage without assigning any reason thereof.

Sd./- Collector-Cum-Chiarman
SS, Khordha

OIPR-27101/11/0005/2425

No.MM-234

**GOVERNMENT OF ODISHA**
**OFFICE OF THE DIVISIONAL FOREST OFFICER, SAMBALPUR FOREST DIVISION**
Near Jail Chowk e-mail id - dfo.sambalpur@odisha.gov.in

**WALK-IN-INTERVIEW**

Divisional Forest Officer, Sambalpur Forest Division, invites Application from Interested Candidate for engagement of **One Veterinary Officer** for Mobile Veterinary Unit (MVU) of Sambalpur Forest Division. The Walk-in-interview is scheduled on 25.11.2024 at 11:00 A.M. The application form along with detail terms and conditions shall be available on the website **www.sambalpur.nic.in / www.odishaforest.in** from 14.11.2024

Sd./- Divisional Forest Officer
Sambalpur Forest Division

OIPR-08104/11/0006/2425

No.N-129

**COUNCIL OF HIGHER SECONDARY EDUCATION, ODISHA**
**PRAJNAPITHA, SAMNATAPUR, BHUBANESWAR-13**
**TENDER CALL NOTICE**
**Bhubaneswar dated the 12th November, 2024**

No. PPS/06/23/4474/CHSE(O), Sealed tenders are hereby invited from the intending paper mills/waste paper dealers, registered under the GST Act to carry out waste paper business and having Income Tax Permanent Account Number, to purchase the stock of used answer books and waste papers of the Council only for the purpose of pulp making paper recycling. The approximate quantity of stock as well as up-set price of the respective items is given below :

| Sl. No. | Items to be disposed-off | Approximate Quantity of Stock | Up-Set Price per M.T. |
|---|---|---|---|
| 01 | Used Answer Books | 260 MT | Rs. 16,000/- |
| 02 | Waste Paper | 25 MT | Rs. 13,500/- |

All tender applications will be received through Regd. Post/Speed Post only which must be reached on or before **27.11.2024 at 12.00 Noon** to the undersigned and the same shall be opened on date **27.11.2024** at **3.00 P.M.** inpresence of the tenderer present if any. The detail tender documents along with the terms and conditions, tender format, etc. can be downloaded from the Council website, i.e. www.chseodisha.nic.in. Council reserves the right to reject any or all tenders without assigning any reason thereof.

By order of the Chairman,
Sd./- Secretary

OIPR-11001/11/0034/2425

No.i-289

**PANCHAYAT SAMITI OFFICE, DUNGURIPALI**
**Tender Notice No. 02/2024-25 Date : 12.11.2024**
**INVITATION FOR BIDS**

**Last date of receipt of Bid : 25.11.2024** **Date of Opening of Bid : 27.11.2024**

The Block Development Officer, Dunguripali invites Percentage rate Bid from the Contractor/Bidder for execution of the following work

| Sl. No. | Name of the work | Name of Schemes | Value of Work (Rs.) | Class of Contractor |
|---|---|---|---|---|
| 1 | Construction of Additional Class Room at Majhimunda Upper Primary School, GP - Bandhpali | RMSA | 9,92,140 | "C & D" |
| 2 | Construction of Library at Anchalik High School, Bhimtikra, GP - Bhimtikra | RMSA | 11,78,882 | "C & D" |
| 3 | Construction of Additional Class Room at Badkarley Upper Primary School, GP - Badkarley | RMSA | 12,47,689 | "C & D" |
| 4 | Construction of Additional Class Room at Thenganal Primary School, GP - Samaleichuan | RMSA | 12,47,689 | "C & D" |
| 5 | Construction of Additional Class Room at Pankel Upper Primary School, GP - Samaleichuan | RMSA | 12,47,689 | "C & D" |
| 6 | Cpmpletion of Mandap near Tank at Khuntpali, GP - Chinajuri | WODC | 7,78,022 | "C & D" |
| 7 | Completion of Kalyan Mandap at talipada, Vill/GP - Lingamarni | WODC | 13,89,494 | "C & D" |
| 8 | Construction of KGBV Hostel Building at Mayabarha Nodal UPS, Mayabarha, GP - Mayabarha | RMSA | 84,46,224 | "B" |

For details visit our District website : www.subarnapur.nic.in.

Sd./- Block Development Officer,
Dunguripali

OIPR-19359/11/0002/2425

**OFFICE OF THE PRINCIPAL-CUM-PROFESSOR**
**GOVT. COLLEGE OF NURSING, KALAHANDI**
At/PO- Kamthana, Dist- Kalahandi, Pin-766002
New Email ID: govt.conkalahandi@gmail.com

No.476/G.CON Dt.12.11.2024

**TENDER CALL NOTICE**

**No.E-492**:Sealed Tenders are invited from intending firms/supplier/wholesalers to supply of Mattress and Class Room Dual Desk Bench for the Principal-cum-Professor, Govt.College of Nursing, Kamthana, Kalahandi for the year 2024-25. The last date of submission of Tender is Dt.30.11.2024 at 04.00 PM by Speed Post or Registered Post only. For details information please visit the website http:/www.kalahandi.nic.in/.

Sd./-Principal-cum-Professor
Govt.College of Nursing, Kalahandi

OIPR-10261/11/0001/2425

**ODISHA PUBLIC SERVICE COMMISSION, CUTTACK**
**NOTICE**
**No.6474/ P.S.C., Dt.13.11.24**

**No.D-174:**It is for information of all 01 provisionally qualified candidate for recruitment to the posts of Lecturers in Automobile Engineering, pursuant to Advt.No. 01 of 2023-24 that, Document verification & Interview (Personality Test) for the said post will be held on 22.11.2024 respectively, in the Office of the Commission, at 19,Dr.P.K. Parija Road, Cuttack-753001 as per the programme mentioned below:-

| Sl. No. | Roll No. of Candidates | Date of Document Verification & Interview (Personality Test) | Team | Time of reporting by the candi-dates | Time of Docu-ment veri-fication | Time of Interview (Personality Test) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1. | 200002 = 01 Candidate | 22.11.2024 | Team I | 10.00 A.M. | 10.30 A.M. | 11.30 A.M. |

The candidate is required to produce following **original documents along with self-attested photocopies of all certificates/documents at the time of document verification failing which his candidature will be rejected.**

1. **Hard copy** of online application form duly signed in.
2. **Attestation Form** and **Bio-data Form**. (To be downloaded from the website of the Commission)
3. **H.S.C. Or equivalent certificate** in support of declaration of age.
4. **Intermediate/+ 2 / Diploma examination Certificate** issued by the concerned Board/ Council.
5. **B.E./B.Tech.** Degree Certificate in **Automobile Engineering** from a recognized University.
6. **M.E/M.Tech.** Degree Certificate from a recognized University, wherever applicable.
7. **Marksheets** of the above examinations passed (HSC to B.E./B.Tech. Degree or M.E./M. Tech. Degree).
8. Conversion Certificate wherever applicable.
9. **Odia Test Pass Certificate** (M.E. School Standard).
10. **SC/ST Caste Certificate** in support of claim as SC/ST issued by the Competent Authority within the closing date of submission of online application, wherever applicable.
11. **SEBC** Certificate issued by the Competent Authority within the last three years by the closing date of submission of application, wherever applicable.
12. **Discharge Certificate** in case of Ex-Servicemen issued by the Commanding Officer of the Unit last served. Also, Ex-Servicemen candidates must furnish an Affidavit regarding not being appointed against any Civil Post (Format of Affidavit is enclosed as Annexure-I to this Notice).
13. **Permanent Disability Certificate** (indicating percentage of permanent disability i.e 40% or more) issued by the concerned Medical Board, wherever applicable.
14. Sports Identity Card/Certificate issued by the Director of Sports, Odisha, wherever applicable.
15. If a candidate claims to possess qualification, equivalent to the prescribed qualification, the rule/authority (with number & date) under which it is so treated, must be furnished along with the hard copy of the online Application.
16. **Four recent passport size photographs (unsigned and unattested)**, which has been uploaded with online application form.
17. **No objection Certificate** (in case of in-service candidates), wherever applicable.
18. **Document in support of Identity.** (Aadhaar/ DL/ PAN Card/ Voter ID card).
19. Any other document as mentioned in Para-10 of Advt. No. 01 of 2023-24.

NOTE :- THE CANDIDATES ARE INFORMED THAT, TEACHING ABILITY IS A PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD SHALL BE PROVIDED BY THE COMMISSION FOR THE PURPOSE.

Sd./- Secretary

OIPR-12002/11/0093/2425

**ODISHA PUBLIC SERVICE COMMISSION, CUTTACK**
**NOTICE**
**No.6480/ P.S.C., Dt.13.11.24**

**No.D-175:**It is for information of all **16 (05-w)** provisionally qualified candidate for recruitment to the posts of Lecturers in **Physics**, pursuant to Advt.No. 01 of 2023-24 that, **Document verification & Interview (Personality Test)** for the said post will be held on 22.11.2024 respectively, in the Office of the Commission, at 19, Dr.P.K. Parija Road, Cuttack-753001 as per the programme mentioned below:-

| Sl. No. | Roll No. of Candidates | Date of Document Verification & Interview (Personality Test) | Team | Time of reporting by the candidates | Time of Document verification | Time of Interview (Personality Test) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1. | 101234, 101273, 101311, 101367, 101370, 101415, 306875, 306905, 306971 = 09 Candidates | 22.11.2024 | Team I | 08.00 A.M. | 8.30 A.M. | 10.30 A.M. |
| | 306986, 307017, 307244, 307262, 307358, 501857, 501989 =07 Candidates | | | 12.00 P.M. | 12.30 P.M. | 2.30 P.M. |

The candidates are required to produce following **original documents along with self-attested photocopies of all certificates/documents at the time of document verification failing which their candidature will be rejected.**

1. **Hard copy** of online application form duly signed in.
2. **Attestation Form** and **Bio-data Form**. (To be downloaded from the website of the Commission)
3. **H.S.C. Or equivalent certificate** in support of declaration of age.
4. **Intermediate/+ 2 / Diploma examination Certificate** issued by the concerned Board/ Council.
5. **B.Sc.** Degree Certificate from a recognized University.
6. **M.Sc.** Degree Certificate from a recognized University, wherever applicable.
7. **Marksheets** of the above examinations passed (HSC to M.Sc. Degree).
8. Conversion Certificate wherever applicable.
9. **Odia Test Pass Certificate** (M.E. School Standard).
10. **SC/ST Caste Certificate** in support of claim as SC/ST issued by the Competent Authority within the closing date of submission of online application, wherever applicable.
11. **SEBC** Certificate issued by the Competent Authority within the last three years by the closing date of submission of application, wherever applicable.
12. **Discharge Certificate** in case of Ex-Servicemen issued by the Commanding Officer of the Unit last served. Also, Ex-Servicemen candidates must furnish an Affidavit regarding not being appointed against any Civil Post (Format of Affidavit is enclosed as Annexure-I to this Notice).
13. **Permanent Disability Certificate** (indicating percentage of permanent disability i.e 40% or more) issued by the concerned Medical Board, wherever applicable.
14. Sports Identity Card/Certificate issued by the Director of Sports, Odisha, wherever applicable.
15. If a candidate claims to possess qualification, equivalent to the prescribed qualification, the rule/authority (with number & date) under which it is so treated, must be furnished along with the hard copy of the online Application.
16. **Four recent passport size photographs (unsigned and unattested),** which has been uploaded with online application form.
17. **No objection Certificate** (in case of in-service candidates), wherever applicable.
18. **Document in support of Identity.** (Aadhaar/ DL/ PAN Card/ Voter ID card).
19. Any other document as mentioned in Para-10 of Advt. No. 01 of 2023-24.

**NOTE :-** THE CANDIDATES ARE INFORMED THAT, TEACHING ABILITY IS A PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD SHALL BE PROVIDED BY THE COMMISSION FOR THE PURPOSE.

Sd./- Secretary

OIPR-12002/11/0092/2425

**ଜିଲ୍ଲା ପରିଷଦ, ଅନୁଗୋଳ**
**ZILLA PARISHAD, ANGUL**
ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର, ଜିଲ୍ଲା-ଅନୁଗୋଳ, ଓଡ଼ିଶା, ପିନ୍-୭୫୯୧୨୨
Inside Collectorate Campus, Dist-Angul, Odisha, PIN-759122
Email:ori-dangul@nic.in, drdaangul@gmail.com

No.CAD-1600 Notice No.3757, Date:12.11.2024

**TENDER CALL NOTICE**

**SELECTION OF MAN POWER SERVICE PROVIDING AGENCY FOR SUPPLY OF MAN POWER FOR THE POST OF ADDITIONAL COMPUTER PROGRAMMERS (ACPs) & DATA ENTRY OPERATORS (DEOs) TO BE ENGAGED ON OUTSOURCING BASIS UNDER MGNREGS SCHEME IN ZILLA PARISHAD, ANGUL & DIFFERENT BLOCKS OF ANGUL DISTRICT**

Zilla Parishad, Angul on behalf of Panchayati Raj & Drinking Water Department, Government of Odisha invites tenders with certain terms and conditions in prescribed formats from reputed & registered man power service providing agencies/ companies/ firms for engagement of 08 nos of Additional Computer Programmers (ACPs) (08 Blocks -1 each) & 08 nos. of Data Entry Operators (DEOs) (08 Blocks-1 each) to be engaged under MGNREGS scheme for providing support in smooth implementation of MGNREGS scheme in Angul District.

The Selection of service provider agency will be of two bid systems i.e. Technical Bid & Financial Bid. The agency that qualifies the Technical Bid will be allowed to participate in the Financial Bid. Tender Documents along with all documents can be submitted by the interested bidders through **Speed Post/ Registered Post** only addressed to **"Chief Development Officer-cum-EO, Zilla Parishad, Angul- 759122, Odisha"**, The bidder should submit their **Technical & Financial Bid** in two separate envelops & both these envelops are to be packed inside one sealed envelope indicating **"Technical Bid" & "Financial Bid"** on top of the respective envelops. The outer envelope is to be superscripted with **SELECTION OF MAN POWER SERVICE PROVIDING AGENCY FOR SUPPLY OF MAN POWER FOR THE POST OF ADDITIONAL COMPUTER PROGRAMMERS (ACPs) & DATA ENTRY OPERATORS (DEOs) TO BE ENGAGED ON OUTSOURCING BASIS UNDER MGNREGS SCHEME IN ZILLA PARISHAD, ANGUL & DIFFERENT BLOCKS OF ANGUL DISTRICT.**

The bids can be submitted only through speed/registered post only from **13.11.2024** to **02.12.2024** during office hours through speed/ registered post only. No other mode of submission will be accepted. Further the undersigned holds no obligations regarding any postal delay.

The details of Tender Call Notice can be viewed in the district website i.e. https://angul.odisha.gov.in. Further the bid documents can only be downloaded from the same website from **13.11.2024** to **02.12.2024**.

By Orders of Collector & CEO
Sd./- Chief Development Officer-cum-EO Zilla Parishad, Angul

OIPR-19236/11/0008/2425

## ବଳାତ୍କାର ଉଦ୍ୟମ ଅଭିଯୋଗରେ ୨ଗିରଫ



କୁଚିଣ୍ଡା,୧୪।୧୧(ବିରଞ୍ଚି ଦର୍ଭା)

ସମ୍ବଲପୁର ଜିଲା ଜମନକିରା ଥାନା ଟିଁକିଲିପଡା ଗ୍ରାମର ଜଣେ ମହିଳାଙ୍କୁ ବଳାତ୍କାର ଉଦ୍ୟମ କରିବା ଅଭିଯୋଗରେ ପୋଲିସ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଗ୍ରାମର ମୋହନ ବାଗ(୨୦) ଓ ବିଶ୍ୱନାଥ କଛ(୨୪)। ଗୁରୁବାର ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ଜେଲ ହାଜତ ପଠାଇ ଦିଆଯାଇଛି। ଏ ନେଇ ଥାନାରେ ଦଫା ୩୩୩, ୧୨୬(୨), ୭୪/୭୫/୭୬/୧୧୫(୨)/୩୫୧(୨)/୩(୫) ବିଏନଏସ (ନଂ.୨୧୨/୨୪)ରେ ମାମଲା ରୁଜୁ ହୋଇଛି। ଅଭିଯୋଗ ଅନୁସାରେ ୨୮ବର୍ଷୀୟା ମହିଳା ଜଣକ ବୁଧବାର ସନ୍ଧ୍ୟା ପ୍ରାୟ ୭ଟାରେ ନିଜ ଛୋଟ ଶିଶୁପୁତ୍ର ସହ ଘରେ ଥିଲେ। ତାଙ୍କ ସ୍ୱାମୀ ବାହାରକୁ କାମ କରିବାକୁ ଯାଇଥିବାର ସୁଯୋଗ ନେଇ ଅଭିଯୁକ୍ତମାନେ ତାଙ୍କ ଘରକୁ ଆସି ବିଡି ଟାଣିବା ପାଇଁ ଦିଆସିଲ ମାଗିଥିଲେ। ମହିଳା ଜଣକ ଦିଆସିଲି ଦେବା ସମୟରେ ସେମାନେ ତାଙ୍କୁ ଘୋଷାଡି ନେଇ ବଳାତ୍କାର ଉଦ୍ୟମ କରିଥିଲେ। ଏହି ସମୟରେ ତାଙ୍କ ନଣନ୍ଦଙ୍କ ସ୍ୱାମୀ ସେଠାରେ ପହଞ୍ଚିଥିଲେ। ଏହାପରେ ଅଭିଯୁକ୍ତମାନେ ମହିଳାଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇ ସେଠାରୁ ପଳାଇ ଯାଇଥିଲେ। ଗୁରୁବାର ସକାଳେ ମହିଳା ଜଣକ ତାଙ୍କ ସ୍ୱାମୀଙ୍କ ସହ ଜମନକିରା ଥାନା ଆସି ଅଭିଯୋଗ କରିଥିବା ଆଇଆଇସି ପଦ୍ମାଳୟା ସାହୁ କହିଛନ୍ତି।

# ସେଲିବ୍ରିଟିଙ୍କ ଫେକ୍ ଆଇଡିରେ ପ୍ରେମ ସମ୍ପର୍କ

## ଧରାପଡ଼ିଲେ ବଣ୍ଟି-ବବ୍‌ଲି ଯୋଡ଼ି

ବାଲେଶ୍ୱର, ୧୪।୧୧(ବାଞ୍ଛାନିଧି ଦେ)

ବାଲେଶ୍ୱର ସାଇବର ଥାନା ପୋଲିସ ହାତରେ ବଣ୍ଟି-ବବ୍‌ଲି ଯୋଡ଼ି ଓ ସେମାନଙ୍କ ଗ୍ୟାଙ୍ଗ ଧରାପଡ଼ିଛନ୍ତି। ଏହି ଗ୍ୟାଙ୍ଗ ସେଲିବ୍ରିଟିଙ୍କ ଫେକ୍ ଆଇଡି ଦ୍ୱାରା ପ୍ରଥମେ ପ୍ରେମ ସମ୍ପର୍କ ଗଢୁଥିଲେ। ପରେ ବିଭିନ୍ନ ବାହାନା କରି ଲୁଟୁ ଥିଲେ ଟଙ୍କା। ଏପରି କି ଧରାପଡ଼ିଲେ ଜୀବନରୁ ମାରିଦେବାକୁ ଧମକ୍ ଦେଉଥିଲେ। ଏହିପରି ଏକ ଘଟଣା ଦେଖିବାକୁ ମିଳିଛି ବାଲେଶ୍ୱର ଜିଲାରେ। ଚାନ୍ଦିପୁର ଥାନା ଅଞ୍ଚଳର ଜଣେ ଯୁବତୀ ଏହି ସାଇବର ଠକଙ୍କ ଶିକାର ହୋଇ ସାଇବର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ବୁଧବାର ସାଇବର ଥାନା ପୋଲିସ ଏକ ମାମଲା (ନଂ. ୪୮/୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

ଘଟଣାରୁ ପ୍ରକାଶ, ରିଲ୍ସ ଅଭିନେତା ଚିକୁ ଦାଶଙ୍କ ଫଟୋ ଲଗାଇ ଫେସବୁକ୍‌ରେ ଫେକ୍ ଆକାଉଣ୍ଟ ଖୋଲିଥିଲେ ବାଲେଶ୍ୱର ସହର ନୂଆବଜାର ଅଞ୍ଚଳର ଶପଥ ଦେ। ପରେ ଅଭିଯୋଗକାରିଣୀ ଯୁବତୀଙ୍କ ସହ ଫେସବୁକ୍ ମାଧ୍ୟମରେ ସମ୍ପର୍କ ବଢ଼ାଇବା ସହ ବିଶ୍ୱାସ ଜନ୍ମାଇଥିଲେ। ଏହାପରେ କେତେବେଳେ ନିଜ ବାଇକ୍ ଖରାପ କହି ଟଙ୍କା ମାଗିଲେ, ତ କେତେବେଳେ ବାପାଙ୍କୁ କ୍ୟାନ୍‌ସର ହୋଇଥିବା କହି ଟଙ୍କା ମାଗିଥିଲେ। ଏହିଭଳି ମୋଟ୍ ୨ଲକ୍ଷ ୫୭ହଜାର ୮୯୯ ଟଙ୍କା ଲୁଟିଥିବା ଏତଲାରେ ଦର୍ଶାଯାଇଛି। ଯୁବତୀଜଣକ ଟଙ୍କା ଫେରସ୍ତ ମାଗିବାରୁ ତାଙ୍କୁ ହତ୍ୟା ଧମକ ଦିଆଯାଇଥିଲା। ଶପଥ ଦେ, ଭାଇ ରଜତ ଦେ ଓ ରଜତଙ୍କ ଶଳା ମନୋଜ ମହାନ୍ତିଙ୍କ ଆକାଉଣ୍ଟକୁ ଉକ୍ତ ଟଙ୍କା ଟ୍ରାନ୍ସଫର ହୋଇଥିବା ଜାଣିବା ପରେ ସେ ସେମାନଙ୍କୁ ଫୋନ୍ କରି ଟଙ୍କା ଫେରସ୍ତ ମାଗିଥିଲେ। ସମସ୍ତେ ମିଶି ଯୁବତୀଙ୍କୁ ହତ୍ୟା ଧମକ ଦେବା ସହ ବ୍ଲାକମେଲ୍ କରିଥିଲେ। ମୋବାଇଲ ଟ୍ରାକିଂ କରାଯାଇ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ତିନୋଟି ଟିମ୍ ସହରର ଏକ ହୋଟେଲରେ ଚଢ଼ାଉ କରି ଶପଥ ଓ ତାଙ୍କ ବାନ୍ଧବୀ, ଭାଇ ରଜତ ଓ ତାଙ୍କ ଶଳାଙ୍କୁ ହେପାଜତକୁ ଆଣିଥିଲେ। ସେମାନଙ୍କୁ ଅଟକ ରଖାଯାଇ ଏକ ଗୁପ୍ତ ସ୍ଥାନରେ ପୋଲିସ ପକ୍ଷରୁ ପଚରାଉଚରା ଜାରି ରହିଛି।

ତେବେ ଶପଥ ଫେସବୁକ୍ ମାଧ୍ୟମରେ ରାଜ୍ୟର ବିଭିନ୍ନ ଅଞ୍ଚଳର ଝିଅମାନଙ୍କ ସହ ପ୍ରେମ ସମ୍ପର୍କ ବଢ଼ାଇ ଲକ୍ଷ ଲକ୍ଷ ଟଙ୍କା ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ତାଙ୍କ ବାନ୍ଧବୀ ମଧ୍ୟ ସମାନ ଭାବେ ପୁଅମାନଙ୍କୁ ପ୍ରେମ ଜାଲରେ ଫସାଇ ଟଙ୍କା ଲୁଟ୍ କରୁଥିଲେ। ଏହାର ଶିକାର ହୋଇଥିବା ଅନେକ ଯୁବତୀଯୁବକ ଭୁବନେଶ୍ୱର ସମେତ ବିଭିନ୍ନ ଥାନାରେ ଏତଲା ଦେଇଥିବା ଜଣାପଡ଼ିଛି।

# ଲୁଟେରାଙ୍କ ପାଇଁ ମହିଳାଙ୍କ ଜୀବନ ଗଲା

## ଅଭିଯୁକ୍ତଙ୍କୁ ଧରିବାକୁ ସ୍ୱତନ୍ତ୍ର ଟିମ୍

ଭୁବନେଶ୍ୱର,୧୪।୧୧
(ସୂର୍ଯ୍ୟକାନ୍ତ ବେହେରା)

ଲୁଟେରାଙ୍କ ଉତ୍ପାତ ପାଇଁ ଦିନକୁ ଦିନ ଲୋକେ ଅସୁରକ୍ଷିତ ମନେ କରୁଛନ୍ତି। କେତେବେଳେ ଖଣ୍ଡାରେ ହାଣି ଲୁଟୁଛନ୍ତି ତ' ପୁଣି କେତେବେଳେ ଚଳନ୍ତା ଗାଡ଼ିରୁ ଲୋକଙ୍କ ଠାରୁ ଛିନ୍‌ତାଇ କରି ଫେରାର ହୋଇଯାଉଛନ୍ତି। ରାଜଧାନୀ ଭୁବନେଶ୍ୱରରେ ଏଭଳି ଘଟଣା ବାରମ୍ବାର ଘଟୁଛି। ନିକଟରେ ଲୁଟେରାଙ୍କ ଯୋଗୁ ଜଣେ ମହିଳାଙ୍କ ଜୀବନ ଚାଲିଯାଇଛି। ମୃତା ମହିଳା ହେଲେ ଏୟାରଫିଲ୍ଡ ଥାନା ଅନ୍ତର୍ଗତ ବୋତଣ୍ଡା ଅଞ୍ଚଳର ଯୁ ବିଷ୍ଣୁ ପାତ୍ର। ଏନେଇ ମହିଳାଙ୍କ ସ୍ୱାମୀ ପ୍ରତାପ ପାତ୍ରଙ୍କ ଅଭିଯୋଗ ଆଧାରରେ ଥାନାରେ ମାମଲା ନଂ ୩୪୦/୨୦୨୪ ରୁଜୁ ହୋଇଛି। ଅଭିଯୁକ୍ତଦ୍ୱୟଙ୍କୁ ଧରିବାକୁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଉକ୍ତ ଟିମ୍ ଘଟଣାସ୍ଥଳରୁ ସିସିଟିଭି ଫୁଟେଜ ଆଧାରରେ ଗାଡ଼ିର ନମ୍ବରକୁ ଚିହ୍ନଟ କରିଥିଲେ ସୁଦ୍ଧା ଅଭିଯୁକ୍ତଙ୍କୁ ଗିରଫ କରିପାରି ନାହାଁନ୍ତି। ଅନ୍ୟପଟେ ଗାଡ଼ିରେ ଯାଉଥିବାବେଳେ ପିନ୍ଧିଥିବା ସୁନା ଚେନ ଘୋଡ଼ାଇ ରଖିବା ଏବଂ ହେଲମେଟ ଓ ନିଛାଟିଆ ଜାଗାରେ ସତର୍କତାର ସହ ଯାଆନ୍ତୁ ବୋଲି ସହରବାସୀଙ୍କୁ ଏସ୍‌ପି ପଲେଇ ଅପିଲ କରିଛନ୍ତି।



ଯୁ ବିଷ୍ଣୁ ପାତ୍ର

ସୂଚନାନୁସାରେ, ଗତ ୧୧ ତାରିଖରେ ବୋତଣ୍ଡାରୁ ପ୍ରତାପ ଓ ତାଙ୍କ ସ୍ତ୍ରୀ ବିଷ୍ଣୁ ସ୍କୁଟି ଯୋଗେ ଦିନ ବେଳା ହରିରାଜପୁରସ୍ଥିତ ସୋମନାଥ ମନ୍ଦିର ଯାଉଥିବା ବେଳେ ଏୟାରଫିଲ୍ଡ ଥାନାର ସୀମା ତଥା ପିପିଲି-ଜଟଣୀର ଲବଣଗିରି ପାହାଡ଼ ଛକ ପାଖରେ ହଠାତ୍ କଳା ପଲ୍‌ସରରେ ଦୁଇଜଣ ଦୁର୍ବୃତ୍ତ ଆସି ମହିଳାଙ୍କ ବେକରୁ ସୁନା ଚେନ୍ ଝାମ୍ପି ନେଇଯାଇଥିଲେ। ଛିନ୍‌ତାଇର ଶିକାର ହୋଇ ମହିଳା ଜଣଙ୍କ ଚଳନ୍ତା ସ୍କୁଟିରୁ ତଳେ ପଡିଯିବାରୁ ତାଙ୍କ ମୁଣ୍ଡର ପଛ ପାର୍ଶ୍ୱରେ ଗଭୀର ଆଘାତ ଲାଗି ରକ୍ତସ୍ରାବ ହୋଇଥିଲା। ଏନେଇ ତାଙ୍କ ସ୍ୱାମୀ ସ୍ଥାନୀୟ ଲୋକଙ୍କ ସହାୟତାରେ କ୍ୟାପିଟାଲ ହସ୍ପିଟାଲ ନେଇଥିଲେ। ସେଠାରୁ ଉତ୍ତମ ଚିକିତ୍ସା ପାଇଁ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ସନ୍ଧ୍ୟାରେ ମହିଳାଙ୍କ ମୃତ୍ୟୁ ଘଟିଥିଲା।

## ଲୁହାପଥର ବୋଝେଇ ହାଇୱା ଜବତ

ଯୋଡ଼ା,୧୪।୧୧(ମାନସ ମହାନ୍ତି)

କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ ବାମେବାରି ସେକ୍ସନ ପିଢ଼ପୋଖରୀ ଜଙ୍ଗଲରୁ ଏକ ଲୁହାପଥର ବୋଝେଇ ହାଇୱାକୁ ବନ ବିଭାଗ ଜବତ କରିଛି। ଚଢ଼ାଉ ବେଳେ ଟ୍ରକ୍ ଡ୍ରାଇଭର ଫେରାର ହୋଇଯାଇଥିଲେ। ଗାଡ଼ି ଜବତ କରାଯାଇ ଘଟଣାର ଅଧିକ ତଦନ୍ତ ଚାଲିଥିବା ବାମେବାରି ବନପାଳ ରାଜେନ୍ଦ୍ର ଜେନା ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ଗୁରୁବାର ବିଭାଗୀୟ ପାଟ୍ରୋଲିଂ ସମୟରେ ପିଢ଼ପୋଖରୀ ଜଙ୍ଗଲ ମଧ୍ୟରୁ ବଡ଼ ବଡ଼ ଲୁହାପଥର ବୋଝେଇ କରି ଟ୍ରକ୍ (ନଂ. ଓଡି ୦୯ ପି ୯୭୩୪)ରେ ଚୋରାଚାଲାଣ ହେଉଥିଲା। ପାଟ୍ରୋଲିଂ ଟିମ୍ ହାଇୱାକୁ ଅଟକାଇ ଯାଞ୍ଚ କରାଯାଇଥିଲା। ଯାଞ୍ଚ ପରେ ସେଥିରେ ପ୍ରାୟ ୧୫ ମେଟ୍ରିକ ଟନ ବଡ଼ ଲୁହାପଥର ବୋଝେଇ ହୋଇ ଚୋରାଚାଲାଣ ହେଉଥିବା ଜଣାପଡ଼ିଥିଲା। ପରେ ହାଇୱାକୁ ଜବତ କରାଯାଇ ଏକ ମାମଲା (ନଂ. ୧୨/୨୪)ରୁଜୁ କରାଯାଇଛି। ଜବତ ଗାଡ଼ିକୁ କାଳୀମାଟି ସେକ୍ସନ ଅଫିସରେ ରଖାଯାଇଥିବା ବନପାଳ ସୂଚନା ଦେଇଛନ୍ତି।

# ଅଭିଯୁକ୍ତଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡ

## ନାବାଳିକା ଅପହରଣ ଓ ବଳାତ୍କାର ମାମଲା

ସମ୍ବଲପୁର,୧୪।୧୧(ପ୍ରମୋଦ ବହିଦାର)

ସମ୍ବଲପୁର ସ୍ୱତନ୍ତ୍ର ପୋକ୍‌ସୋ ଫାଷ୍ଟଟ୍ରାକ କୋର୍ଟରେ ଧମା ଥାନା ମାଳିତୀ ସୁବନପୁର ଅଞ୍ଚଳର ନାବାଳିକା ଅପହରଣ ଓ ବଳାତ୍କାର ମାମଲାର ରାୟ ଗୁରୁବାର ପ୍ରକାଶ ପାଇଛି। ଜିଲା ସ୍ୱତନ୍ତ୍ର ପୋକ୍‌ସୋ ଫାଷ୍ଟଟ୍ରାକ କୋର୍ଟ ଅତିରିକ୍ତ ଜିଲାଜଜ୍ ଆର୍.ଏଲ୍.ପଣ୍ଡା ୧୦ ଜଣ ସାକ୍ଷୀ ଓ ୭୩ ବିଭିନ୍ନ ତଥ୍ୟ ପ୍ରମାଣକୁ ଅନୁଧ୍ୟାନ ପୂର୍ବକ ତାଙ୍କ ରାୟରେ ଅଭିଯୁକ୍ତ ଅଶ୍ୱିନୀ ମହାକୁରଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଦଫା ୩୭୬(୨)(ଏନ୍) ଓ ପୋକ୍‌ସୋ ଆଇନ୍ ଦଫା ୬ ରେ ଅଭିଯୁକ୍ତଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଓ ୨୫ ହଜାର ଟଙ୍କା ଜରିମାନା ଏବଂ ଦଫା ୩୬୬ରେ ୭ ବର୍ଷ ସଶ୍ରମ କାରାଦଣ୍ଡ ଓ ୧୦ ହଜାର ଟଙ୍କା ଜରିମାନାଦେଶ କରିଛନ୍ତି। ଜରିମାନା ଅର୍ଥ ଅନାଦାୟ ଅଭିଯୁକ୍ତଙ୍କୁ ଉଭୟ ମାମଲାରେ ପୃଥକ ଭାବେ ଅଧିକ ୬ମାସ ଲେଖାଏ ସଶ୍ରମ କାରାଦଣ୍ଡ ଭୋଗିବାକୁ ବିଚାରପତି ତାଙ୍କ ରାୟରେ ନିର୍ଦ୍ଦେଶ ଦେଇଛନ୍ତି।

ସମ୍ବଲପୁର ଜିଲା ଧମା ଥାନା ଅନ୍ତର୍ଗତ ମାଳତୀ ସୁବନପୁର ଗ୍ରାମରେ ପରିବାର ସହିତ ରହୁଥିବା ୧୭ ବର୍ଷ ବୟସ୍କା ନାବାଳିକାଙ୍କୁ ଅଭିଯୁକ୍ତ ଯୁଯୋମୁରା ଥାନା ହିରୋ ଗ୍ରାମର ଅଶ୍ୱିନୀ ମହାକୁର ୨୦୨୨ ନଭେମ୍ବର ୨୩ରେ ଅପହରଣ କରି ନେଇଥିଲେ। ଏହି ସମୟରେ ସେ ପୀଡ଼ିତାଙ୍କୁ ବିଭିନ୍ନ ସ୍ଥାନକୁ ନେଇ ବଳାତ୍କାର କରିଥିଲେ। ଏ ସମ୍ପର୍କରେ ପୋଲିସକୁ ନ ଜଣାଇବାକୁ ସେ ଫୋନରେ ପୀଡ଼ିତାଙ୍କ ପରିବାର ଲୋକଙ୍କୁ ଧମକ ଦେଇଥିଲେ। ହେଲେ ପୀଡ଼ିତାଙ୍କ ପିତା ନଭେମ୍ବର ୨୫ରେ ଘଟଣା ସମ୍ପର୍କରେ ଧମା ଥାନାରେ ଏତଲା ଦେଇଥିଲେ। ଏହାକୁ ନେଇ ଥାନାରେ ଦଫା ୩୬୩, ୫୦୬ରେ ଏକ ମାମଲା(ନଂ.୨୦୧/୨୦୨୨)ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଏହାର କିଛିଦିନ ପରେ ଅଭିଯୁକ୍ତ ପୀଡ଼ିତାଙ୍କୁ ଧରି ନିଜ ଗ୍ରାମ ହିରୋକୁ ଫେରିଥିଲେ। ଖବର ପାଇ ଧମା ଥାନା ପୋଲିସ ପୀଡ଼ିତାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ବସନ୍ତ କୁମାର ମିଶ୍ର ପରିଚାଳନା କରିଥିଲେ।

## ୨ଭଉଣୀଙ୍କୁ ଅଶ୍ଳୀଳ ଇଙ୍ଗିତ: ଯୁବକ ଗିରଫ

ଦେବଗଡ଼,୧୪।୧୧(ଶଶାଙ୍କ ଶେଖର ଝାଙ୍କର)

୨ଭଉଣୀଙ୍କୁ ଅଶ୍ଳୀଳ ଇଙ୍ଗିତ କରିବା ସହ ଘରେ ପଶି ଅସଦାଚରଣ ପ୍ରଦର୍ଶନ କରିବା ଅଭିଯୋଗରେ ଦେବଗଡ଼ ଜିଲା ବାରକୋଟ ଥାନା ପୋଲିସ କେଲଡା ଗ୍ରାମର ଜଣେ ଯୁବକଙ୍କୁ ଗିରଫ ଗୁରୁବାର କରି କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ହେଲେ କେଲଡା ଗ୍ରାମର ଯଶୋବନ୍ତ କିଷାନ। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ବାରକୋଟ ଥାନା ଅନ୍ତର୍ଗତ କେଲଡା ଗ୍ରାମର ଯଶୋବନ୍ତ ନିକଟସ୍ଥ ଗ୍ରାମର ପରିବାରର ୨ଭଉଣୀଙ୍କୁ ରାସ୍ତା ଘାଟରେ କମେଣ୍ଟ କରି ହଇରାଣ କରିବା ସହ ଅଶ୍ଳୀଳ ଇଂଗିତ କରୁଥିଲେ। ଏପରିକି ଉଠାଇ ନେବାକୁ ମଧ୍ୟ ଧମକ ଦେଉଥିଲେ। ୧୨ ତାରିଖ ସକାଳେ ଯୁବତୀ ଦ୍ୱୟଙ୍କ ମା'ବାପା ଘର ବାଡି ପଟେ କାମ କରୁଥିବା ବେଳେ ଯଶୋବନ୍ତ ଅନ୍ୟ ଜଣେ ଯୁବକ ସହିତ ତାଙ୍କ ଘରେ ପଶି ସାନ ଭଉଣୀଙ୍କୁ ଟଣାଓଟରା କରିଥିଲେ। ଏହାଦେଖି ବଡଝିଅ ଛଡାଇବାକୁ ଉଦ୍ୟମ କରିବାରୁ ଯଶୋବନ୍ତ ତାଙ୍କୁ ମଧ୍ୟ ଗାଳିଗୁଲଜ କରି ଧକ୍କା ମାରିବା ସହ ହତ୍ୟା ଧମକ ଦେଇଥିଲେ। ପାଟିତୁଣ୍ଡ ଶୁଣି ତାଙ୍କ ମା'ବାପା ଘରକୁ ଆସି ତାକୁ ମନା କରିବାରୁ ସେ ମାନି ନ ଥିଲେ। ଫଳରେ ସେମାନେ ୧୧୨କୁ ଫୋନ କରି ପୋଲିସର ସହାୟତା ଲୋଡିଥିଲେ। ଖବର ପାଇ ପୋଲିସ ପହଞ୍ଚି ପରିସ୍ଥିତିକୁ ଆୟତ କରିଥିଲେ। ୧୩ ତାରିଖରେ ଥାନାରେ ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରି ଯଶୋବନ୍ତଙ୍କୁ ଗିରଫ କରି ଚାଲାଣ କରିଛି।

# ଭୁଲ୍ ତଥ୍ୟ ପ୍ରଦାନ ଯୋଗୁ ସନ୍ଦେହଘେରରେ ଏସ୍‌ଟିଏଫ୍



**ବଞ୍ଜାରି ଗ୍ରାମରୁ ଏସ୍‌ଟିଏଫ୍ ଦ୍ୱାରା ଗଞ୍ଜେଇ ଜବତ ଘଟଣା**

- ଭାଇରାଲ୍ ଅଡିଓରୁ ସାଂଘାତିକ ସୂଚନା
- ଉଚ୍ଚସ୍ତରୀୟ ତଦନ୍ତ ଦାବି
- ତଥ୍ୟର ତାଳମେଳ ରହୁନାହିଁ

ଦେବଗଡ଼,୧୪।୧୧(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଜିଲା ରିଆମାଳ ଥାନା (କଂସର ଫାଣ୍ଡି) ଅନ୍ତର୍ଗତ ବଞ୍ଜାରି ଗ୍ରାମର ଏକ ଗୋଦାମରେ ଏସ୍‌ଟିଏଫ୍ ଗତ ୫ତାରିଖ ରାତିରେ ଚଢ଼ାଉ କରି ଏକ୍ ଟନ୍‌ରୁ ଉର୍ଦ୍ଧ୍ୱ ପରିମାଣର ବେଆଇନ ଗଞ୍ଜେଇ ଜବତ କରିଥିଲା। ବ୍ୟବହୃତ ୩ଟି ଗାଡି ଜବତ କରାଯିବା ସହ ଏହି ଘଟଣାରେ ୪ଜଣଙ୍କୁ ଗିରଫ କରାଯାଇଥିଲା। ଗିରଫ ମଧ୍ୟରୁ ୨ଜଣଙ୍କୁ ରିମାଣ୍ଡରେ ଆଣି ଏସ୍‌ଟିଏଫ୍ ଅଧିକ ତଦନ୍ତ ଜାରି ରହିଛି। ତେବେ ପାରିପର୍ଶ୍ୱିକ ପରିସ୍ଥିତି ସହ ଅଦାଲତରେ ଦାଖଲ କରାଯାଇଥିବା ଘଟଣାର ସମୟ, ଜବତ ଗଞ୍ଜେଇର ପରିମାଣ, ଜବତ ଗାଡି ସମ୍ପର୍କୀତ ସୂଚନା ଏବଂ ଅନ୍ୟ ତଥ୍ୟର ତାଳମେଳ ରହୁନାହିଁ। ଫଳରେ ଏସ୍‌ଟିଏଫ୍‌ର କାର୍ଯ୍ୟଶୈଳୀ ଓ ସାଧୁତା ନେଇ ଜିଲାର ବିଭିନ୍ନ ମହଲରେ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଇତିମଧ୍ୟରେ ଏସ୍‌ଟିଏଫ୍ ଜଣେ ପୂର୍ବତନ କର୍ମଚାରୀ ଓ ଜଣେ ଗଞ୍ଜେଇ ବେପାରୀଙ୍କ ଅଡିଓ (କଲ ରେକର୍ଡିଂ) ଭାଇରାଲ ହେବା ପରେ ଏସ୍‌ଟିଏଫ୍ ସାଧୁତା ନେଇ ଉପୁଜିଥିବା ସନ୍ଦେହକୁ ବହୁଗୁଣିତ କରିଛି। ହସ୍ତଗତ ଅଡିଓ(କଲ ରେକର୍ଡିଂ)ରେ ଜଣେ ଏସ୍‌ଟିଏଫ୍ ଅଧିକାରୀ ଜବତ ହୋଇଥିବା ଗଞ୍ଜେଇରୁ କିଛି ଅଂଶ ଅନ୍ୟ ଜଣେ ଗଞ୍ଜେଇ ମାଫିଆଙ୍କୁ ବିକ୍ରି କରିଦେଇଥିବା ସମ୍ପର୍କରେ କଥାବାର୍ତ୍ତା ହେଉଛନ୍ତି। ଏହି ଭାଇରାଲ ଅଡିଓ ଯଦିଓ କାହାର ତାହା ବର୍ତ୍ତମାନ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ତେବେ ୨ଜଣଙ୍କ ମଧ୍ୟରୁ ଜଣେ ଅନୁଗୋଳ ଜିଲାର ଗଞ୍ଜେଇ ବେପାରୀ ଏବଂ ଅନ୍ୟ ଜଣକ ଏସ୍‌ଟିଏଫ୍‌ର ଜଣେ ପୂର୍ବତନ କର୍ମଚାରୀ ବୋଲି ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି।

ଗୁରୁତ୍ୱପୂର୍ଣ୍ଣ ବିଷୟ ଏହା ଯେ, ରିଆମାଳ ଥାନା କଂସର ଫାଣ୍ଡି ଅନ୍ତର୍ଗତ ବଞ୍ଜାରୀରେ ଥିବା ଏକ ଷ୍ଟକୟାର୍ଡ ଉପରେ ଏସ୍‌ଟିଏଫ୍ ଗତ ୫ ତାରିଖ ରାତି ପ୍ରାୟ ୮ଟାରେ ଚଢାଉ କରିଥିଲା। ଚଢାଉ ବେଳେ ଏକ ଟନରୁ ଅଧିକ ଗଞ୍ଜେଇ ସମେତ ଏକ ଟ୍ରକ, ଏକ ହାଇୱା, ଏକ ପିକ୍‌ଅପ୍ ଭ୍ୟାନ୍ ଜବତ ହୋଇଥିବା ଏବଂ ଏହି ଘଟଣାରେ ସମ୍ବଲପୁର ଜିଲା ରେଢାଖୋଲ ଥାନା ବିଶ୍ୱନାଥପୁର ଗାଁର ଗଞ୍ଜେଇ ବେପାରୀ ଆଶିଷ ବାରିକଙ୍କ ସମେତ ୪ଜଣ ଯୁବକ ଗିରଫ କରିଥିବା ଏସ୍‌ଟିଏଫ୍ ପକ୍ଷରୁ ଗଣମାଧ୍ୟମକୁ ସୂଚନା ଦିଆଯାଇଥିଲା। ଅନୁରୂପ ଭାବେ ଏହି ଘଟଣାରେ ବ୍ୟବହୃତ ଏକ ଟ୍ରକ, ଏକ ହାଇୱା ଏବଂ ଏକ ପିକ୍‌ଅପ୍ ଭ୍ୟାନ ଜବତ ହୋଇଥିବା ଏସଟିଏଫ୍ ପ୍ରେସ ରିଲିଜରେ ଦର୍ଶାଇଥିଲା। ମାତ୍ର ହାଇୱା ଜବତ ହୋଇଥିବା ନେଇ ମାମଲାରେ ଉଲ୍ଲେଖ କରାଯାଇନାହିଁ। ସେହିପରି ଏସ୍‌ଟିଏଫ୍ ୫ ତାରିଖ ରାତିରେ ଚଢ଼ାଉ କରିଥିବା ବେଳେ ୬ ତାରିଖରେ ଚଢ଼ାଉ କରି ଉକ୍ତ ଗଞ୍ଜେଇ ଜବତ କରିଥିବା ଏତଲାରେ ଉଲ୍ଲେଖ ରହିଛି। ସେହିପରି ଉପ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଆସିଷ୍ଟାଣ୍ଟ କଲେକ୍ଟର ରାଜୀବ ଲୋଚନ ନାୟକ ଗତ ୫ ତାରିଖ ରାତିରେ ଏକଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ ଭାବେ ଘଟଣାସ୍ଥଳରେ ପହଞ୍ଚିଥିବା ବେଳେ ୬ ତାରିଖରେ ଜବତ ଗଞ୍ଜେଇକୁ ଓଜନ କରାଯିବାରୁ ଏହାର ପରିମାଣ ଏକ ଟନ୍ ଏକ କୁଇଣ୍ଟାଲରୁ ଅଧିକ ରହିଥିବା ଜଣାପଡିଥିଲା। କିନ୍ତୁ ପରିବର୍ତ୍ତି ସମୟରେ ଏକ ଟନ ୩ କେଜି ଗଞ୍ଜେଇ ଜବତ ହୋଇଥିବା ଏସ୍‌ଟିଏଫ୍ ପକ୍ଷରୁ ଅଭିଯୋଗରେ ଉଲ୍ଲେଖ କରାଯାଇଛି। ଅନ୍ୟପକ୍ଷରେ ଯେଉଁ ଭାଇରାଲ ଅଡିଓ କ୍ଲିପରେ ଏସ୍‌ଟିଏଫ୍‌ର ପୂର୍ବତନ କର୍ମଚାରୀ ଓ ଅନ୍ୟଜଣେ ଗଞ୍ଜେଇ ବେପାରୀଙ୍କ ସହ କଥା ହେଉଛନ୍ତି, ସେଥିରୁ ଏସ୍‌ଟିଏଫ୍ ୧ ଟନ ନୁହେଁ ବରଂ ୨ ଟନ୍ ପାଖାପାଖି ଗଞ୍ଜେଇ ଜବତ କରିଥିବା ସୂଚନା ମିଳୁଛି। ସେହିପରି ଏକଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ ଘଟଣା ସ୍ଥଳରେ ପହଞ୍ଚିବା ପୂର୍ବରୁ ୭ କୁଇଣ୍ଟାଲରୁ ଅଧିକ ଗଞ୍ଜେଇ ଏସ୍‌ଟିଏଫ୍ ବିକ୍ରି କରି ଦେଇଥିବା ସନ୍ଦେହ କରାଯାଉଛି। କେବଳ ଏତିକି ନୁହେଁ, ଏସ୍‌ଟିଏଫ୍ ଜଣେ ଅଧିକାରୀ ଜବତ ହୋଇଥିବା ଗଞ୍ଜେଇକୁ ଘଟଣା ସ୍ଥଳରୁ ନିଜ ଗାଡିରେ ନେଇ ଅନ୍ୟତ୍ର ବିକ୍ରି କରିଥିବା ଓ ଏଥିରୁ କିଛି ଗଞ୍ଜେଇ ପଶ୍ଚିମବଙ୍ଗକୁ ମଧ୍ୟ ପଠାଯାଇଥିବା ସନ୍ଦେହ କରାଯାଇ ଲକ୍ଷ ଲକ୍ଷ ଟଙ୍କାର ଡିଲ ହୋଇଥିବା ଭାଇରାଲ ଅଡିଓ କ୍ଲିପରୁ ସନ୍ଦେହ କରାଯାଉଛି। ଅନ୍ୟପକ୍ଷରେ ଏକଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ ନାୟକ କହିଛନ୍ତି ଯେ, ସେ ଗତ ୫ ତାରିଖ ରାତିରେ ଉପ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଘଟଣାସ୍ଥଳ(ବଞ୍ଜାରୀ)କୁ ଯାଇଥିଲେ। ଏହା ପରିଦିନ ଅର୍ଥାତ ୬ ତାରିଖରେ ଜବତ ଗଞ୍ଜେଇର ଓଜନ କରାଯାଇଥିଲା। ଓଜନ ପରେ ଗଞ୍ଜେଇର ପରିମାଣ ୧ ଟନ୍ ୧ କୁଇଣ୍ଟାଲରୁ ଅଧିକ ରହିଥିବା ଜଣାପଡିଥିଲା। ଏଭଳି ପରିସ୍ଥିତିରେ ଏସ୍‌ଟିଏଫ୍‌ର ଉଚ୍ଚକର୍ତ୍ତୃପକ୍ଷ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କଲେ ପ୍ରକୃତ ଘଟଣା ପଦାକୁ ଆସିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ତେବେ ଏ ନେଇ ଏସ୍‌ଟିଏଫ୍ ଅଧିକାରୀଙ୍କୁ ମୋବାଇଲରେ ଯୋଗାଯୋଗ କରାଯାଇଥିଲେ ହେଁ ଏହା ସମ୍ଭବ ହୋଇନାହିଁ।



# ବିଜେଡି ସରକାରରେ ସମବାୟ ବିଭାଗ ଥିଲା ଦୁର୍ନୀତିଖୋର : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୪।୧୧ (ପ୍ରଦୀପ୍ତ ମିଶ୍ର)

ବିଜେଡି ସରକାର ସମୟରେ ସମବାୟ ବିଭାଗ ଏକ ଦୁର୍ନୀତିଖୋର ସଂସ୍ଥାରେ ପରିଣତ ହୋଇଥିଲା ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଗୁରୁବାର ଅନୁଷ୍ଠିତ 'ନିଖିଳ ଭାରତ ସମବାୟ ସପ୍ତାହ'ର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେଇ ସେ କହିଛନ୍ତି, ସେତେବେଳେ ଏହି ସଂସ୍ଥାରେ ଯେଉଁଭଳି ଦୁର୍ନୀତି ଓ ଭ୍ରଷ୍ଟାଚାର ଚାଲିଥିଲା ତାହା ସମସ୍ତଙ୍କୁ ଜଣାଅଛି। ସେହି ଭ୍ରଷ୍ଟ ସରକାରର ପତନ ହେବା ପରେ ରାଜ୍ୟରେ ଭାଜପା ଏକାକୀ ସରକାର ଗଢ଼ିଛି। ଏହାପରେ ସରକାର ସମବାୟ ସଂସ୍ଥାରେ ସ୍ୱଚ୍ଛତା ଆଣିବା ଉପରେ ଗୁରୁତ୍ୱ ଦେଉଛନ୍ତି। ଭାଜପା ସରକାର ଏହି ବିଭାଗରୁ ଦୁର୍ନୀତି ବନ୍ଦକରି ଉପଯୁକ୍ତ ସେବା ଯୋଗାଇଦେବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଏକ ସାଧାରଣ ସମସ୍ୟାର ସମାଧାନ କରିବାକୁ ଯାଇ ସମବାୟ ସଂସ୍ଥା ଆରମ୍ଭ ହୋଇଥିଲା। ଏହା ବର୍ତ୍ତମାନ ବିଶାଳ ଦ୍ରୁମରେ ପରିଣତ ହୋଇଛି। ଭାରତବର୍ଷରେ ୩୦ କୋଟି ସଦସ୍ୟ ଏବେ ଏଥିରେ ଯୋଡ଼ିହୋଇଛନ୍ତି। ରାଜ୍ୟରେ ୫୦ ଲକ୍ଷରୁ ଅଧିକ ପରିବାର ଏହି ସଂସ୍ଥା ସହ ସିଧାସଳଖ ଜଡ଼ିତ। ଏହି ସରକାର ଜରିଆରେ ଗରିବ ଲୋକ ଓ ଚାଷୀଙ୍କ ଆର୍ଥିକ ଉନ୍ନତି ଘଟାଇ ସେମାନେ ଯେପରି ସୁଖ ସମୃଦ୍ଧିରେ ଜୀବନ ବିତାଇବେ ସେଥିପ୍ରତି ରାଜ୍ୟ ସରାକର ସଂକଳ୍ପବଦ୍ଧ। କିନ୍ତୁ କେତେକ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି କାମ ବିଗାଡ଼ିବା ପାଇଁ ଚେଷ୍ଟା କରୁଛନ୍ତି। ଢୋଲ ଭିତରେ ମୂଷା ଭଳି କେତେଜଣ ବ୍ୟକ୍ତି ବିଶୃଙ୍ଖଳା କରିବା ପାଇଁ ଅଛନ୍ତି। ଯେଉଁମାନେ ଦୁର୍ନୀତି କରିବେ ସେମାନଙ୍କୁ ଚିହ୍ନଟ କରାଯିବ। ଚାଷୀଙ୍କ ସ୍ୱାର୍ଥରେ ବାଧା ଆସିଲେ କ୍ଷମା ଦିଆଯିବ ନାହିଁ। ସେମାନଙ୍କୁ ଜେଲ ପଠାଯିବ ବୋଲି ସେ କହିଛନ୍ତି।

ଦଳର ସମବାୟ ପ୍ରକୋଷ୍ଠ ରାଜ୍ୟ ସଂଯୋଜକ ଶ୍ରୀରନ ମଙ୍ଗରାଜଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଯୋଗଦେଇ କହିଛନ୍ତି, ଓଡ଼ିଶାରେ ସମବାୟ ଆନ୍ଦୋଳନକୁ ତୀବ୍ର କରାଯିବ। ଲୋକଙ୍କ ସରକାର ବିକଶିତ ଓ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ସମବାୟ ଅନୁଷ୍ଠାନକୁ ଗୁରୁତ୍ୱ ଦେଉଛନ୍ତି। ଆଗାମୀ ଦିନରେ ସ୍ଥାନୀୟ ସମବାୟ ସମିତି ଗ୍ରାମ୍ୟ ଅର୍ଥନୀତିର ପ୍ରାଣକେନ୍ଦ୍ର ହେବ ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଯୋଗଦେଇ କହିଛନ୍ତି, ରାଜ୍ୟର ପ୍ରତ୍ୟେକ ପଞ୍ଚାୟତର ବହୁମୁଖୀ ସମବାୟ ସମିତି ଗଠନ ହେବ। ଭାଜପା ସରକାର ଏହି ସଂସ୍ଥାକୁ ଦୁର୍ନୀତିମୁକ୍ତ କରି ଚାଷୀ ଓ ଗରିବ ଲୋକଙ୍କ ଆର୍ଥିକ ଉନ୍ନତି ଘଟାଇବାକୁ ବଦ୍ଧପରିକର ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ରାଜ୍ୟ କାର୍ଯ୍ୟାଳୟରେ ପ୍ରଥମେ ସମବାୟ ପତାକା ଉତ୍ତୋଳନ କରାଯାଇଥିଲା।



ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ 'ନିଖିଳ ଭାରତ ସମବାୟ ସପ୍ତାହ'ର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟମାନେ।

# ରାଜ ପରିବାର: ଭାଇ-ଭାଇ ପତିଆରା କଳି

ବଲାଙ୍ଗୀର, ୧୪।୧୧
(ବୀରେନ୍ଦ୍ର କୁମାର ଥାଙ୍କର)

୨୦୨୪ ନିର୍ବାଚନ ପରେ ବଲାଙ୍ଗୀରରେ ନୂଆ ରାଜନୈତିକ ସମୀକରଣ ସୃଷ୍ଟି ହୋଇଛି। ୨୪ ବର୍ଷର ନବୀନ ସରକାରର ପତନ ପରେ ବିଜେଡି ନେତାଙ୍କ ପ୍ରଭାବ କମିଥିବା ବେଳେ ଭାଜପା ନେତାଙ୍କ ପତିଆରା ବହୁ ଗୁଣରେ ବୃଦ୍ଧି ପାଇଛି। ଏହି ପରିବର୍ତ୍ତନ ବଲାଙ୍ଗୀର ରାଜ ପରିବାରରେ ରାଜନୈତିକ ଶୀତଳଯୁଦ୍ଧର ସ୍ଥିତି ସୃଷ୍ଟି କରିଛି।

ରାଜ୍ୟ ଉପମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତା କନକ ବର୍ଦ୍ଧନ ସିଂଦେଓ ଏବଂ ତାଙ୍କ କାକା ପୁଅ ଭାଇ ବିଜେଡି ନେତା ତଥା ବଲାଙ୍ଗୀର ବିଧାୟକ କଳିକେଶ ନାରାୟଣ ସିଂଦେଓଙ୍କ ଭିତରେ ମୁହାଁମୁହିଁ ପରିସ୍ଥିତି ପ୍ରମୁଖ ଚର୍ଚ୍ଚାର ବିଷୟ ହୋଇଛି। ଉଭୟେ ଉଭୟଙ୍କୁ ସୌଜନ୍ୟମୂଳକ ଭାବେ ସାକ୍ଷାତ କରି ସମ୍ମାନ ଦେଲା ଭଳି ଦେଖାଯାଉଥିଲେ ମଧ୍ୟ ଭାଷଣବାଜିରୁ ଭାଜପା-ବିଜେଡିର ପ୍ରତିଦ୍ୱନ୍ଦ୍ୱୀ ମନୋଭାବ ଉଙ୍କି ଉଠୁଛି। କିଛି ଦିନ ତଳେ ବଲାଙ୍ଗୀରର କୋଶଳ କଳାମଣ୍ଡପ ପଡ଼ିଆରେ ଆୟୋଜିତ 'ବଲାଙ୍ଗୀର ଦିବ' ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ଏବଂ ବିଧାୟକ କଳିକେଶ ନାରାୟଣ ଭାଷଣବାଜିରେ ମୁହାଁମୁହିଁ ହୋଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ସମ୍ମୁଖରେ କଳିକେଶ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା, ଦେଓଗାଁ ଚିନି କଳ ପୁନଃ କାର୍ଯ୍ୟକ୍ଷମ, ଜଳାଶୟ ପୁନରୁଦ୍ଧାର, କୋଶଳ କଳାମଣ୍ଡଳରେ ବଡ଼ ଅଡିଟୋରିୟମ୍ ନିର୍ମାଣ ସହ ଲମ୍ବା ଦାବି ଉପସ୍ଥାପନ କରିଥିଲେ। ବିଜେଡି ନେତା ତଥା ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି, ଜିଲା ପରିଷଦ ସଭାପତି ଦେବକୀ ସାହୁ, ପୌରାଧ୍ୟକ୍ଷା ଲିକା ସାହୁ ମଧ୍ୟ ବିଭିନ୍ନ ଦାବି ଉଠାଇଥିଲେ।

ମୁଖ୍ୟମନ୍ତ୍ରୀଙ୍କ ସମ୍ମୁଖରେ ବିଧାୟକ କଳିକେଶ ଓ ବିଜେଡି ନେତାଙ୍କ ଏହି ଦାବି ଉପସ୍ଥାପନ ଫର୍ମୁଲା ବୁଝିବାକୁ ଅଭିଜ୍ଞ କନକ ବର୍ଦ୍ଧନଙ୍କୁ ବେଶି ସମୟ ଲାଗି ନ ଥିଲା। ପରେ ଭାଷଣ ଦେବାକୁ ଆସି କନକ ବର୍ଦ୍ଧନ ୨୪ ବର୍ଷ କେଉଁଠି ଥିଲ ବୋଲି ପ୍ରଶ୍ନ କରିଥିଲେ। ବିଜେଡି ସରକାରରେ ଥିଲା ବେଳେ ଜିଲାର ଏହିସବୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଓ ପ୍ରକଳ୍ପ କଥା ମନେ ପଡୁ ନ ଥିଲା କି ବୋଲି ପ୍ରଶ୍ନ କରିଥିଲେ । ଆଉ ପାଦେ ଆଗକୁ ବଢ଼ି କହିଥିଲେ, ମୋର ପାଟି ଖୋଲନାହିଁ, ପାଟି ଖୋଲିଦେଲେ ସମ୍ଭାଳି ପାରିବନି। ସେ ଆହୁରି କହିଥିଲେ, ସେ କାହାକୁ ଭୟ କରନ୍ତି ନାହିଁ। ତାଙ୍କ ନାଁରେ [illegible] ଦେଲେ ମଧ୍ୟ ସେ ଦବିଯିବା ଲୋକ ନୁହନ୍ତି। ଏଭଳି କହିବା ବେଳେ ସେଥିରୁ ମୃଦୁ ଧମକର ବାସ୍ନା ବାରି ହୋଇପଡ଼ିଥିଲା। ଲୋକେ କୁହାକୁହି ହୋଇଥିଲେ କନକ ଏଭଳି ରୁଦ୍ର ରୂପ ପୂର୍ବରୁ କେବେ ଦେଖି ନ ଥିଲେ। ଏହା ହେଉଛି ଭାଇ-ଭାଇ ଓ ଭାଜପା-ବିଜେଡିର ଶୀତଳ ଯୁଦ୍ଧର ପ୍ରତିଫଳନ। ଦୁଇଦିନ ତଳେ ଜିଲାସ୍ତରୀୟ ଦିଶା ବୈଠକରେ ବିଜେଡି ଜନପ୍ରତିନିଧିମାନେ ବିଭିନ୍ନ ପ୍ରସଙ୍ଗ ଓ ଦାବି ଉଠାଇବା ବେଳେ ଲୋକ ସଭା ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ମଧ୍ୟ ବିଜେଡି ସରକାର କଥା ଉଠାଇଥିଲେ। ଦୁଇ ପରିବାର ଭିତରେ ରାଜନୈତିକ କଳି ଦେଖାଦେଇଥିଲେ ହେଁ ସମ୍ପତ୍ତିଗତ କଳିକୁ ନେଇ ଟଣାଓଟରା ଚାଲିଥିବା ବିଷୟ ଲୋକେ ଚୁପୁରୁଚାପର ହେଉଛନ୍ତି।



କନକ ବର୍ଦ୍ଧନ ସିଂଦେଓ



କଳିକେଶ ନାରାୟଣ ସିଂଦେଓ

# ଜୟନାରାୟଣଙ୍କୁ ତୁରନ୍ତ ଗିରଫ କରାଯାଉ: ବିଜେଡି

ଭୁବନେଶ୍ୱର, ୧୪।୧୧ (ଅନିଲ ଦାସ)

ଭାଜପାର ବରିଷ୍ଠ ବିଧାୟକ ଜୟନାରାୟଣ ମିଶ୍ରଙ୍କ ଦ୍ୱାରା ଆବେଦନ କରାଯାଇଥିବା ଅନ୍ତରୀଣ ଜାମିନକୁ ସର୍ବୋଚ୍ଚ ନ୍ୟାୟାଳୟ ପ୍ରତ୍ୟାଖ୍ୟାନ କରିବା ପରେ ବିଜୁ ଜନତା ଦଳ ତାଙ୍କ ଗିରଫ ଦାବି କରିଛି। ଗୁରୁବାର ଶଙ୍ଖଭବନଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ରାଜ୍ୟ ସଭା ସଦସ୍ୟ ତଥା ମୁଖପାତ୍ର ସୁଲତା ଦେଓ କହିଛନ୍ତି, ଗୋଟିଏ ପଟେ ଭାଜପା ବିଧାୟକ କିମ୍ବା କର୍ମୀ ଅପରାଧରେ ଲିପ୍ତ ରହୁଛନ୍ତି। ଅପରପକ୍ଷରେ ରାଜ୍ୟ ସରକାର ସେମାନଙ୍କୁ ଘଣ୍ଟ ଘୋଡ଼ାଉଛନ୍ତି। କୁଚିଣ୍ଡା ଗଣବଳାତ୍କାର ଘଟଣା ହେଉ କି ବିଧାୟକ ଜୟନାରାୟଣ ମିଶ୍ରଙ୍କ ମାମଲାରେ ଭାଜପା ସରକାର କାର୍ଯ୍ୟାନୁଷ୍ଠାନ ନେବା ପୂର୍ବରୁ ଅଭିଯୁକ୍ତର ଚେହେରା ଦେଖି ନେଉଛନ୍ତି। ଏହି କାରଣରୁ, ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିଷ୍ପତ୍ତି ରାଜ୍ୟ ସରକାରଙ୍କ କାର୍ଯ୍ୟଶୈଳୀ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଆଗୁଆ ଜାମିନ ପ୍ରତ୍ୟାଖ୍ୟାନ ହୋଇ ଥିବାରୁ ଜୟନାରାୟଣଙ୍କୁ ତୁରନ୍ତ ଗିରଫ କରିବା ପାଇଁ ବିଜେଡି ଦାବି କରୁଛି ବୋଲି ସୁଲତା କହିଛନ୍ତି।

# ମହେଶ ଖିଚି ଦିଲ୍ଲୀ ମେୟର ନିର୍ବାଚିତ

**ନୂଆଦିଲ୍ଲୀ, ୧୪।୧୧:** ଆମ୍ ଆଦ୍‌ମୀ ପାର୍ଟିପ୍ରାର୍ଥୀ ମହେଶ କୁମାର ଖିଚି ଦିଲ୍ଲୀ ମେୟର ନିର୍ବାଚିତ ହୋଇଛନ୍ତି। ବହୁବିଳମ୍ବିତ ଏହି ନିର୍ବାଚନ ଗୁରୁବାର ଅନୁଷ୍ଠିତ ହୋଇଥିବାବେଳେ କାରୋଲବାଗ୍‌ର ଦେବନଗର ୱାର୍ଡ କାଉନ୍‌ସିଲର ଖିଚି ଭାଜପା ପ୍ରାର୍ଥୀ ତଥା ଶକୁରପୁର ୱାର୍ଡ କାଉନ୍‌ସିଲର କିଷନ ଲାଲ୍‌ଙ୍କୁ ପରାଜିତ କରିଛନ୍ତି। ଲାଲ୍ ୧୩୦ ଖଣ୍ଡ ଭୋଟ ପାଇଥିବାବେଳେ ଖିଚିଙ୍କୁ ୧୩୩ ଭୋଟ ମିଳିଛି। ମୋଟ ୨୬୫ ଖଣ୍ଡ ଭୋଟ ପଡ଼ିଥିବାବେଳେ ସେଥିରୁ ୨ଟି ନାକଚ ହୋଇଯାଇଥିଲା। ଦିଲ୍ଲୀ ମ୍ୟୁନିସିପାଲ କର୍ପୋରେଶନ (ଏମ୍‌ସିଡି) ନିୟମ ଅନୁଯାୟୀ ବର୍ଷିକିଆ ପାଳିଭିତ୍ତିକ କାର୍ଯ୍ୟକାଳ ପାଇଁ ପ୍ରତିବର୍ଷ ଏପ୍ରିଲରେ ମେୟର ନିର୍ବାଚନ ହୋଇଥାଏ।

# ବିଜେଡି ଦୟାରୁ ମୋ ନାଁରେ ୭୨ କେସ୍: ଜୟନାରାୟଣ

ସମ୍ବଲପୁର, ୧୪।୧୧
(ଭବାନୀ ଶଙ୍କର ଭୋଇ)

ବିଜେଡି ଦୟାରୁ ମୋ ନାଁରେ ୭୨ କେସ୍ । କେସ୍, ମୋ ପାଇଁ କେସ୍ ଗୋଟେ ଉପହାର ସଦୃଶ । ବିଜେଡି ସରକାର ମୋତେ ନିର୍ଯାତନା ଦେବା ପାଇଁ କେସ୍ ଦେଉଥିଲା। ବିରୋଧୀ ଦଳରେ ରହିଲେ କେସ୍ ହେବ। ଯାହା ନାମରେ କେସ୍ ନାହିଁ ସେ ରାଜନୀତି କରିବା ପାଇଁ ଅନଫିଟ୍। ବିରୋଧୀ ଦଳରେ ଥିବା ସମୟରେ ଲୋକଙ୍କ ପାଇଁ ସ୍ୱର ଉତ୍ତୋଳନ କରୁଥିଲି, ରାଜ୍ୟ ସରକାରକୁ ଘେରୁଥିଲି। ରାଜନୈତିକ ଆନ୍ଦୋଳନ କଲେ ବି ପୋଲିସ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି କରି ମୋ ନାମରେ ମାମଲା ରୁଜୁ କରୁଥିଲା। ସେଥିପାଇଁ ମୋ ନାମରେ କେଉଁଠି କ'ଣ ମାମଲା ଅଛି ମୁଁ ତା'ର ହିସାବ ରଖିନାହିଁ। ପୋଲିସ ତତ୍କାଳୀନ ସରକାର ଚାପରେ ମୋ ନାମରେ କେସ୍ କରୁଥିଲା । ସେଥିପାଇଁ ମୁଁ ଆଦୌ ଚିନ୍ତିତ ନୁହେଁ ବୋଲି କହିଛନ୍ତି ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର।

